# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୬/୨୦୨୪ (୨୦ ପୃଷ୍ଠା) | Bhubaneswar, Tuesday, January 16/2024 | Page 20 | ₹ 7.00

୫୦ଶ ଭାଗ ୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 54 | ମୂଲ୍ୟ ₹୭/-





ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୬/୨୦୨୪ | Bhubaneswar,Tuesday, January 16/2024



DSPL-544

ODISHA NEW OPPORTUNITIES | 5T | CII Confederation of Indian Industry | ଆମ ଓଡ଼ିଶା ନବୀନ ଓଡ଼ିଶା

## JOIN ODISHA'S ECONOMIC ENGINE

## ATTEND THE 24TH EDITION

CII 24th enterprise Odisha At Jharsuguda



"Explore the abundant and flourishing investment opportunities in the state."

COME. JOIN THE JUGGERNAUT.

### HIGHLIGHTS

- 2 DAYS CONFERENCE
- 3 DAYS EXHIBITION
- 700+ COMPANIES
- B2B INTERACTION
- B2B AND B2G MEETINGS
- 100+ CEOS & 300+ CXOS
- 1000+ OPPORTUNITIES

### FOCUS SECTORS

- TECHNOLOGY PROVIDERS, IT/ITES
- RENEWABLE ENERGY
- FOOD PROCESSING
- DEFENCE
- LOGISTICS & INFRASTRUCTURE
- SAFETY SOLUTIONS
- MANUFACTURING
- SUSTAINABILITY

### UNLEASH A WEALTH OF OPPORTUNITIES

**Find Ideal Partners:** From job work and contract manufacturing to technology solutions and logistics services.

**Meet Purchase Managers:** Network with 100+ Purchase Managers to secure lucrative deals and propel your business.

**Presence of global partners** from Australia, Myanmar, Germany, and Nepal.

### PROGRAMME OUTLINE

| DAY-1: 19 JANUARY 2024 |
|---|
| Inaugural Session |
| Exhibition Inauguration |
| Opportunities in Odisha |
| Valedictory Session |

| DAY-2: 20 JANUARY 2024 |
|---|
| Session on Skill Development<br>Theme: Odisha - Pioneer in churning out demographic dividend |
| Session on Agriculture and Food Processing<br>Theme: Agrarian Odisha |
| Session on Startups (Hall 2 – Mayfair)<br>Theme: CII YI - INNOVEX |
| Session on Mission Shakti & Women Empowerment<br>Theme: From SHG to SME |
| Startup Pitching Session |

| DAY-3: 21 JANUARY 2024 | EXHIBITION |
|---|---|

### EVENT VENUE

Circuit House Road, Jharsuguda, Odisha.

Online registration required, scan to register

ScarecrowM&CSaatchi/2024/Jan

HELPLINE NUMBERS: 98300 29606 | 94059 86282

Email us: ciiodisha@cii.in

Follow us on @investInOdisha /InvestOdisha

OIPR-14005/13/0037/2324

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୬/୨୦୨୪ | Bhubaneswar, Tuesday, January 16/2024 | ପୃଷ୍ଠା-୧




**ଅଯୋଧ୍ୟାରେ ଜାଗା କିଣିଲେ ବିଗ୍ ବି**

ଅଯୋଧ୍ୟାରେ ଶ୍ରୀରାମ ମନ୍ଦିରଠାରୁ ଅଳ୍ପ କିଛି ଦୂରରେ ମେଗାଷ୍ଟାର ଅମିତାଭ ବଚ୍ଚନ ଏକ ଜାଗା କିଣିଛନ୍ତି।

୧୨

୧୮

**ଯୁବରାଜଙ୍କ ରେକର୍ଡ ଭାଙ୍ଗିଲେ ପ୍ରଖର**

୧୯ ବର୍ଷରୁ କମ୍ କୁଚବିହାର ଟ୍ରଫି ଫାଇନାଲରେ ସର୍ବୋଚ୍ଚ ସ୍କୋର କରି ଯୁବରାଜ ସିଂଙ୍କ ରେକର୍ଡ ଭାଙ୍ଗିଛନ୍ତି ପ୍ରଖର ଚତୁର୍ବେଦୀ।





ମକର ସଂକ୍ରାନ୍ତି ଉତ୍ସବ ଅବସରରେ ବେଙ୍ଗାଲୁରୁରେ ସୋମବାର ନିଆଁ ଉପରେ ଗାଈ ଡେଇଁବା ପରମ୍ପରା ପାଳନ କରାଯାଉଛି।

# ଫସଲ ଉଜୁଡ଼ିବାରୁ ଚାଷୀଙ୍କ ଆତ୍ମହତ୍ୟା

**ବଲାଙ୍ଗୀର, ୧୫।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ଫସଲ ପାଇଁ ଋଣରେ ବୁଡ଼ିଥିବା ବଲାଙ୍ଗୀର ଜିଲାର ଜଣେ ଚାଷୀ ସୋମବାର ବିଷପିଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଫସଲ ଉଜୁଡ଼ି ଯିବାରୁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ମୃତ ଚାଷୀ ହେଲେ ଲରମ୍ବା ଥାନା ଅନ୍ତର୍ଗତ ମୁଦଲସର ଗାଁର ସନ୍ତୋଷ ଜେନା (୪୫)। ରବିବାର ସନ୍ତୋଷ ନିଜ ଚାଷ ଜମିରେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ସେଠାରୁ ଉଦ୍ଧାର କରି ପ୍ରଥମେ ଘସିଏନ୍ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ



ମୃତ ଚାଷୀ ସନ୍ତୋଷ ଜେନା

ପାଟଣାଗଡ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ଉନ୍ନତର ଚିକିତ୍ସା ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ରାତିରେ ସନ୍ତୋଷଙ୍କର ମୃତ୍ୟୁ ହୋଇଯାଇଥିଲା। ସନ୍ତୋଷ ଧାରଉଧାର କରି ନିଜ ଗାଁରେ ୪ଏକର ଜମିରେ ଧାନ, ମୁଗ ଓ ଝୁଡଙ୍ଗ ଚାଷ କରିଥିଲେ। ରୋଗପୋକ ଲାଗି ଫସଲ ନଷ୍ଟ ହେବାରୁ ସେ ଚିନ୍ତାରେ ଥିଲେ। ଏଥିପାଇଁ ତାଙ୍କ ବାପା ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିବା ମୃତ ଚାଷୀଙ୍କ ପୁଅ ଭାଗବତ ଜେନା ଅଭିଯୋଗ କରିଛନ୍ତି। ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।


**ଆଜିର ସମ୍ପାଦକୀୟ**

ଭିକାରି କେତେ


# ଝିଅ ବେଶରେ ବାନ୍ଧବୀଙ୍କ ପାଇଁ ପରୀକ୍ଷା ଦେଇ ଯୁବକ ଗିରଫ

**ନୂଆଦିଲ୍ଲୀ, ୧୫।୧**

ପଞ୍ଜାବ ଫରିଦକୋଟ୍‌ର ଏକ ପରୀକ୍ଷା କେନ୍ଦ୍ରରେ ଜଣେ ଯୁବକ ଝିଅ ବେଶ ଧାରଣ କରି ତାଙ୍କ ବାନ୍ଧବୀଙ୍କ ପାଇଁ ପରୀକ୍ଷା ଦେଉଥିବାବେଳେ ଧରାପଡ଼ିଛନ୍ତି। ଏହି ଘଟଣା ପରୀକ୍ଷା କେନ୍ଦ୍ରରେ ହାସ୍ୟରୋଳ ସୃଷ୍ଟି କରିଥିଲା। କୋଟକପୁରାର ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ଗତ ୭ ତାରିଖରେ ସ୍ୱାସ୍ଥ୍ୟକର୍ମୀ ପରୀକ୍ଷା ଚାଲିଥିବାବେଳେ ଫାଜିଲ୍‌କାର ଆଗ୍ରେଜ ସିଂ ତାଙ୍କ ଗର୍ଲଫ୍ରେଣ୍ଡ ପରମଜିତ୍‌ଙ୍କ ଭଳି ବେଶରେ ପରୀକ୍ଷା ଦେଉଥିଲେ। ସେ ନାଲି ଚୁଡ଼ି, ବିନ୍ଦି, ଲିପ୍‌ଷ୍ଟିକ୍ ଲଗାଇବା ସହ ମହିଳା ପରିଧାନ ପିନ୍ଧିଥିଲେ।





ପରୀକ୍ଷା ହଲ୍‌ରେ ନିୟୋଜିତ ଥିବା ୟୁନିଭର୍ସିଟି କର୍ମଚାରୀ ଜାଲିଆତି ସନ୍ଦେହ କରି ପୋଲିସରେ ଅଭିଯୋଗ କରିଥିଲେ। ଆଗ୍ରେଜ ନିଜକୁ ପରମଜିତ ଭାବେ ପ୍ରମାଣିତ କରିବା ପାଇଁ ଜାଲ ଭୋଟର ଏବଂ ଆଧାର କାର୍ଡ ବ୍ୟବହାର କରିଥିଲେ। ତେବେ ବାୟୋମେଟ୍ରିକ୍ ଉପକରଣରେ ତାଙ୍କ ଆଙ୍ଗୁଠି ଛାପ ମେଳ ନ ଖାଇବାରୁ ସେ ଧରାପଡ଼ିଯାଇଥିଲେ। ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

**ଲଞ୍ଚ୍ ହେଲା ମୌସମ ପୋର୍ଟାଲ**

# ଓଡ଼ିଆରେ ଉପଲବ୍ଧ ହେବ ପାଣିପାଗ ସୂଚନା

**ନୂଆଦିଲ୍ଲୀ, ୧୫।୧**

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପ୍ରତିଷ୍ଠାର ୧୫୦ତମ ବର୍ଷ ଅବସରରେ କୃଷକମାନଙ୍କ ପାଇଁ ପାଣିପାଗ ପୂର୍ବାନୁମାନ ପୋର୍ଟାଲ 'ପଞ୍ଚାୟତ ମୌସମ ସେବା'ର ଶୁଭାରମ୍ଭ କରାଯାଇଛି। ଏହା ଚାଷୀଙ୍କୁ ଠିକ୍ ସମୟରେ ପାଣିପାଗ ଏବଂ କୃଷି କାର୍ଯ୍ୟ ସମ୍ପର୍କିତ ଯୋଜନା ସମ୍ପର୍କରେ ସତର୍କ କରାଇବ। ଉକ୍ତ ପୋର୍ଟାଲରେ ଇଂଲିଶ, ହିନ୍ଦୀ ଏବଂ ଓଡ଼ିଆ ସମେତ ୧୨ଟି ଆଞ୍ଚଳିକ ଭାଷାରେ କୃଷି ସୂଚନା ଉପଲବ୍ଧ ହେବ। ପ୍ରତି ପଞ୍ଚାୟତର ମୁଖ୍ୟ ଏବଂ ପଞ୍ଚାୟତ ସମ୍ପାଦକଙ୍କୁ ଏହି ପୋର୍ଟାଲ ଜରିଆରେ ପାଣିପାଗ ସୂଚନା ଯୋଗାଇଦିଆଯିବା ସହ ସବୁ ଗ୍ରାମରେ ପହଞ୍ଚାଇବାକୁ କୁହାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଆଇଏମ୍‌ଡି, ଭୂବିଜ୍ଞାନ ମନ୍ତ୍ରଣାଳୟ, ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଗ୍ରୀନ୍ ଆଲର୍ଟ ମୌସମ ସେବା ମିଳିତ ଭାବରେ ପଞ୍ଚାୟତ ମୌସମ ସେବା ପୋର୍ଟାଲକୁ ବିକଶିତ କରିଛନ୍ତି। ପାଣିପାଗ ସୂଚନା, ସତର୍କତା ଆଦି ସମ୍ପର୍କରେ ଚାଷୀଙ୍କୁ ଜଣାଇଦିଆଯିବା ସହ ବିହନ ବୁଣା, ତଳି ରୁଆଁ, ଜଳସେଚନ, ସାର ଓ କୀଟନାଶକ ପ୍ରୟୋଗ ସମ୍ପର୍କରେ ସୂଚନା ଦିଆଯିବ। ଫଳରେ ସେମାନଙ୍କର କୃଷି ବ୍ୟୟ ହ୍ରାସ ପାଇବା ସହ ଉତ୍ପାଦନ ଏବଂ ଆୟ ବୃଦ୍ଧି ପାଇବ। ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ଉକ୍ତ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଭୂବିଜ୍ଞାନ ମନ୍ତ୍ରୀ କିରେନ ରିଜିଜୁ, ଭୂବିଜ୍ଞାନ ସଚିବ ଏମ୍. ରବିଚନ୍ଦ୍ରନ, ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର, ମନ୍ତ୍ରଣାଳୟର ପୂର୍ବତନ ସଚିବ ଏବଂ ଆଇଏମ୍‌ଡିର ପୂର୍ବତନ ଡିଜି ଯୋଗଦେଇଥିଲେ।

# ଜୟ ଜଗନ୍ନାଥ

## ସମସ୍ତଙ୍କୁ ନମସ୍କାର

ଆପଣମାନଙ୍କୁ ସମସ୍ତଙ୍କୁ ମକର ସଂକ୍ରାନ୍ତି ଅବସରରେ ମୋର ଅଭିନନ୍ଦନ ଜଣାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଶ୍ରେଷ୍ଠ ପରିଚୟ। ପ୍ରତି ଓଡ଼ିଆ ଜଗନ୍ନାଥଙ୍କୁ ସ୍ମରଣ କରି ଶୁଭ କାର୍ଯ୍ୟ ଆରମ୍ଭ କରିଥାନ୍ତି। ସେ ଜଗତର ନାଥ। ସାରା ବିଶ୍ୱ ତାଙ୍କର ସୃଷ୍ଟି। ସବୁ ଧର୍ମ ସମନ୍ୱୟର ସେ ହେଉଛନ୍ତି ପ୍ରତୀକ।

ଆମ ସଂସ୍କୃତି, ଆମ ପରମ୍ପରା, ଆମ ଚେତନା – ସବୁର ଆଧାର ହେଉଛନ୍ତି ମହାପ୍ରଭୁ। ଜଗନ୍ନାଥ ସଂସ୍କୃତି ହେଉଛି ଓଡ଼ିଶାର ସଂସ୍କୃତି। ଓଡ଼ିଶା ଇତିହାସ ଜଗନ୍ନାଥ ମନ୍ଦିରର ଇତିହାସ ସହ ଯୋଡ଼ିହୋଇ ରହିଛି। ତାଙ୍କ ଚରଣରେ ମୋର କୋଟି କୋଟି ପ୍ରଣାମ।

ମହାପ୍ରଭୁଙ୍କ ଇଚ୍ଛାରେ ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବାକୁ ଯାଉଛି। ମହାପ୍ରଭୁ ସକଳ ଶକ୍ତିର ଆଧାର। ତାଙ୍କ ବିନା ଇଚ୍ଛାରେ ପତ୍ରଟିଏ ମଧ୍ୟ ହଲେନାହିଁ। ଆମମାନଙ୍କର ପରମ ସୌଭାଗ୍ୟ ଆମ ଜୀବନକାଳ ମଧ୍ୟରେ ଆମେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବର ସାକ୍ଷୀ ହୋଇପାରିଛୁ।

ଶହ ଶହ ବର୍ଷ ଧରି ସାଧୁସନ୍ଥ, ରାଜା ମହାରାଜାମାନେ ଶ୍ରୀମନ୍ଦିରକୁ ସୁରକ୍ଷା ଦେଇ ଆସିଥିଲେ। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ରାଜା ମହାରାଜାମାନେ ଶ୍ରୀମନ୍ଦିର ସୁରକ୍ଷା ଉପରେ ବିଶେଷ ଧ୍ୟାନ ରଖିଥିଲେ। ସାଧୁସନ୍ଥମାନେ, ସାଧାରଣ ଭକ୍ତ ଓ ଲୋକମାନେ ଏହି ମାର୍ଗରେ ପରିକ୍ରମା କରୁଥିଲେ। ଶାନ୍ତି ଓ ଦିବ୍ୟ ଆନନ୍ଦର ସହ ଭକ୍ତମାନେ ଯେପରି ଶ୍ରୀମନ୍ଦିର ପରିକ୍ରମା କରିବେ, ତାହା ହେଉଛି ଆମ ଏହି ପ୍ରକଳ୍ପର ଲକ୍ଷ୍ୟ।

ଗଜପତି ମହାରାଜାଙ୍କ ଭାଷାରେ, '୭୦୦ ବର୍ଷ ଭିତରେ ଶ୍ରୀମନ୍ଦିର ପାଇଁ ଏମିତି କାମ ହୋଇନାହିଁ।'

ଏହା ହେଉଛି ସାରା ଓଡ଼ିଆ ଜାତି ପାଇଁ ଏକ ଉତ୍ସବର ଦିନ। ତେଣୁ ମୋର ଅନୁରୋଧ, ଆମେ ସମସ୍ତେ ଏହି ଦିନଟିକୁ, ଏହି ଉତ୍ସବଟିକୁ ମହାପ୍ରଭୁଙ୍କୁ ସମର୍ପଣ କରି ପାଳନ କରିବା। ନିଜ ନିଜ ଭାବରେ ଭକ୍ତି ପ୍ରକାଶ କରିବା। ଦୀପ ଜାଳିବା, ଶଙ୍ଖ ଫୁଙ୍କିବା, ଘଣ୍ଟ ବଜାଇବା, ପୂଜା କରିବା, ଭଜନ ଗାନ କରିବା, କୀର୍ତ୍ତନ କରିବା ଓ ପ୍ରଭୁଙ୍କ ନାମ ଜପ କରିବା। ସାରା ଓଡ଼ିଶାର ଘରେ ଘରେ ଭକ୍ତି, ସମର୍ପଣ, ଆନନ୍ଦ ଓ ଉତ୍ସାହର ସହ ଏହି ଦିନଟିକୁ ଆମେ ପାଳନ କରିବା।

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ନାଥ। ସାରା ବିଶ୍ୱର କୋଣ ଅନୁକୋଣରେ ତାଙ୍କର ଅନେକ ଭକ୍ତ ଓ ଜଗନ୍ନାଥପ୍ରେମୀ ରହିଛନ୍ତି। ସବୁ ଧର୍ମର ସେ ହେଉଛନ୍ତି ଠାକୁର। ସମସ୍ତଙ୍କର ଆସ୍ଥା ଓ ବିଶ୍ୱାସ ସହ ସେ ଯୋଡ଼ି ହୋଇ ରହିଛନ୍ତି।

ଦେଶ ବିଦେଶରେ ରହୁଥିବା ସବୁ ଜଗନ୍ନାଥପ୍ରେମୀଙ୍କୁ



ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ

ମୋର ଅନୁରୋଧ, ଆପଣମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ନିଜ ନିଜ ଭାବରେ ଆନନ୍ଦ, ଭକ୍ତି ଓ ସମର୍ପଣ ଭାବ ସହ ପାଳନ କରନ୍ତୁ। ବିଶ୍ୱ ନିୟନ୍ତାଙ୍କ ଏହି ଉତ୍ସବରେ ପରିବାର ସହ ନିଜକୁ ସାମିଲ କରନ୍ତୁ।

ଶ୍ରୀମନ୍ଦିରର ସୁରକ୍ଷା ସହିତ ଭକ୍ତମାନଙ୍କୁ ଏକ ଦିବ୍ୟ ଅନୁଭବ ଦେବା ହେଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବାକୁ ଯାଉଛି। ଓଡ଼ିଆ ଜାତିର ଇତିହାସରେ ଏହା ଏକ ଗୌରବମୟ ମୁହୂର୍ତ୍ତ। ସେହିପରି ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥାନ୍ତି। ସମସ୍ତେ ଯେପରି ଏକ ଦିବ୍ୟ ଅନୁଭବ ନେଇ ଫେରିବେ, ତାକୁ ଦୃଷ୍ଟିରେ ରଖି ପରିକ୍ରମା ପ୍ରକଳ୍ପରେ ବିଭିନ୍ନ ସୁବିଧା ସୁଯୋଗର ବିକାଶ ମଧ୍ୟ କରାଯାଇଛି।

ଏହା ଦ୍ୱାରା ମହାପ୍ରଭୁଙ୍କ ବାହାର ଯାନିଯାତ୍ରା ମଧ୍ୟ ସୁନ୍ଦର ଭାବରେ ହୋଇପାରିବ। ଜନ୍ମଜନ୍ମର ପୁଣ୍ୟ ବଳରେ ଏହି ଐତିହାସିକ ମୁହୂର୍ତ୍ତରେ ସାମିଲ ହେବାକୁ ମହାପ୍ରଭୁ ଆମକୁ ସୁଯୋଗ ଦେଇଛନ୍ତି, ଆଶୀର୍ବାଦ କରିଛନ୍ତି। ଓଡ଼ିଆ ଜାତିକୁ ତାଙ୍କ କୃପା ଓ କରୁଣା ବଳରେ ଧନ୍ୟ କରିଛନ୍ତି।

ଏହି ଅବସରରେ ପରିକ୍ରମା ପ୍ରକଳ୍ପ ପାଇଁ ତ୍ୟାଗ କରିଥିବା ସମସ୍ତଙ୍କ ପାଖରେ ମୋର କୃତଜ୍ଞତା ଜଣାଉଛି। ଜମି ଦାନ କରିଥିବା ଲୋକମାନଙ୍କୁ ମୋର କୃତଜ୍ଞତା ଜଣାଉଛି। ମୁଁ ଧନ୍ୟବାଦ ଜଣାଉଛି ସେବାୟତମାନଙ୍କୁ। ମହାପ୍ରଭୁଙ୍କ ଏହି କାର୍ଯ୍ୟରେ ନିୟୋଜିତ ନିର୍ମାଣ ଶ୍ରମିକ, କାରିଗର ଓ ଶିଳ୍ପୀ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ମହାପ୍ରଭୁଙ୍କ ଇଚ୍ଛା ଯୋଗୁ ଏହା ସମ୍ଭବ ହୋଇପାରିଛି। ସବୁରି ଉପରେ ମହାପ୍ରଭୁଙ୍କ ଇଚ୍ଛା।

ଆସନ୍ତୁ, ଆମେ ସମସ୍ତେ ଆଜିର ଏହି ପବିତ୍ର ଅବସରରେ ତାଙ୍କ ଆଶୀର୍ବାଦ ପାଇଁ ପ୍ରାର୍ଥନା କରିବା। ମହାପ୍ରଭୁଙ୍କ ଆଶିଷ ଲାଭ କରିବା।

**ଜୟ ଜଗନ୍ନାଥ**

# ଏଟିଏମ୍ ଲୁଟ୍‌ରେ ହରିୟାଣା ଗ୍ୟାଙ୍ଗ, ୫ ଗିରଫ

**ବାଲେଶ୍ୱର, ୧୫।୧ (ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲାର ସୋର ଓ ଖଇରା ଅଞ୍ଚଳର ଏଟିଏମ୍ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ହରିୟାଣାର ଏକ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ପୋଲିସ ସଫଳ ହୋଇଛି। ଏହି ଗ୍ୟାଙ୍ଗରେ ୫ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଏସ୍‌ପି ଅଫିସ ପରିସରରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି।

ଗତ ୧୦ତାରିଖ ବିଳମ୍ବିତ ରାତିରେ ଖଇରା ଥାନା ଅଧୀନ ତୁଡ଼ିଗଡ଼ିଆ ବଜାରରେ ଥିବା ଆକ୍ସିସ ବ୍ୟାଙ୍କ ଓ ସୋର ଥାନା ଅଧୀନ ମଙ୍ଗଳପୁର ଅଞ୍ଚଳରେ ଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏଟିଏମ୍‌କୁ ଗ୍ୟାସ କଟରରେ କାଟି ଦୁର୍ବୃତ୍ତମାନେ ୧୦ଲକ୍ଷ ୭୧ହଜାର ୯ଶହ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଲୁଟ୍ ଘଟଣା ପରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଗୋଟିଏ ଧଳା ରଙ୍ଗର କାର୍‌ରେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ମାତ୍ର ପୋଲିସ ଟିମ୍ ଦୁର୍ବୃତ୍ତଙ୍କୁ ପିଛା କରି ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ରାଣୀବନ୍ଧ ପଞ୍ଚାୟତର ଗଙ୍ଗାହାର ବାଉଁଶପୋଲ ଉପରେ ଫସି ଯାଇଥିବା କାର୍‌କୁ ଠାବ କରିଥିଲେ। କାର୍‌ଟି ଆଉ ଆଗକୁ ଯାଇ ନ ପାରିବାରୁ ଲୁଟେରାମାନେ ସେଠାରୁ ଫେରାର ହୋଇଯାଇଥିବା ପୋଲିସ ସନ୍ଦେହ କରିଥିଲା। ଗାଡ଼ି ଭିତରୁ ଗ୍ୟାସ କଟର, ସ୍ପ୍ରେ, ମାସ୍କ ଓ ପିନ୍ଧା ଲୁଗା ସହ ଏଟିଏମ୍ ଭାଙ୍ଗିବାରେ ବ୍ୟବହୃତ ବିଭିନ୍ନ ସାମଗ୍ରୀକୁ ପୋଲିସ ଜବତ କରିଥିଲା। ପରେ ସାଇଣ୍ଟିଫିକ୍ ଟିମ୍, ଡଗ୍ ସ୍କ୍ୱାଡ୍, ☞ପୃଷ୍ଠା–୨

# କେୱାଇସି ସମ୍ପୂର୍ଣ୍ଣ ନ ଥିଲେ ୩୧ରୁ ଫାସ୍‌ଟାଗ୍ ଅଚଳ

**ନୂଆଦିଲ୍ଲୀ, ୧୫।୧**

ବୈଧ ବାଲାନ୍ସ ଥାଇ ମଧ୍ୟ କେୱାଇସି ସମ୍ପୂର୍ଣ୍ଣ ହୋଇ ନ ଥିଲେ ଜାନୁଆରୀ ୩୧ ପରେ ବ୍ୟାଙ୍କଗୁଡ଼ିକ ଫାସ୍‌ଟାଗ୍‌କୁ ଅକାମୀ କରିଦେବେ କିମ୍ବା ଏହାକୁ କଳା ତାଲିକାଭୁକ୍ତ କରିବେ। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏହା ଘୋଷଣା କରାଯାଇଛି। ଏହି ଅସୁବିଧାରୁ ବର୍ତ୍ତିବା ପାଇଁ ହେଲେ ୟୁଜରମାନେ ସେମାନଙ୍କର ସଦ୍ୟତମ ଫାସ୍‌ଟାଗ୍‌ର କେୱାଇସି ସମ୍ପୂର୍ଣ୍ଣ ହୋଇଥିବା ନେଇ ନିଶ୍ଚିତ ହେବାକୁ ପରାମର୍ଶ ଦିଆଯାଇଛି। ୟୁଜରମାନେ 'ଗୋଟିଏ ଗାଡ଼ି, ଗୋଟିଏ ଫାସ୍‌ଟାଗ୍' ନିୟମ ଅନୁପାଳନ କରିବାକୁ ବାଧ୍ୟ। ପୂର୍ବରୁ ଜାରି ହୋଇଥିବା ଅନ୍ୟ ସମସ୍ତ ଫାସ୍‌ଟାଗ୍‌କୁ ବ୍ୟାଙ୍କ ଜରିଆରେ ବାତିଲ କରିଦେବାକୁ ମନ୍ତ୍ରଣାଳୟ କହିଛି। ୨୦୨୪ ଜାନୁଆରୀ ୩୧ ପରେ ପୂର୍ବ ଟ୍ୟାଗ୍‌ଗୁଡ଼ିକ ଡିଆକ୍ଟିଭେଟ୍ କିମ୍ବା କଳା ତାଲିକାଭୁକ୍ତ ହେବ ଏବଂ କେବଳ ସଦ୍ୟତମ ଫାସ୍‌ଟାଗ୍ ଆକାଉଣ୍ଟ ସଚଳ ରହିବ ବୋଲି କୁହାଯାଇଛି। ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଫାସ୍‌ଟାଗ୍ ୟୁଜରମାନଙ୍କୁ ନିକଟବର୍ତ୍ତୀ ଟୋଲ୍ ପ୍ଲାଜାରେ ପହଞ୍ଚିବାକୁ କିମ୍ବା ସମ୍ପୃକ୍ତ ବ୍ୟାଙ୍କର ଦେୟମୁକ୍ତ କଷ୍ଟମର କେୟାର ନମ୍ବରରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏକ ନିର୍ଦ୍ଦିଷ୍ଟ ଯାନ ପାଇଁ ଏକାଧିକ ଫାସ୍‌ଟାଗ୍ ☞ପୃଷ୍ଠା–୨




**ଆଜିର ମନ୍ତବ୍ୟ** "ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ସମସ୍ତଙ୍କ ପାଖରେ ପହଞ୍ଚିପାରିଲେ ଦେଶର ବିକାଶ ହୋଇପାରିବ। ଦେଶର ଦୁର୍ଗମ ଅଞ୍ଚଳରେ ରହୁଥିବା ପ୍ରତ୍ୟେକଙ୍କ ପାଖରେ ଯୋଜନାର ସୁବିଧା ପହଞ୍ଚାଇବାର ଗ୍ୟାରେଣ୍ଟି ଦେଉଛି। – **ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ନାଆ।**
**ପାର ହୋଇଗଲେ ଭୁଲି ଯା।**

ସାଧାରଣତଃ ନଈଟିକୁ ପାରହେବା ନିମନ୍ତେ ନୌକାର ଆବଶ୍ୟକତା ପଡ଼ିଥାଏ। ତେବେ ଥରେ ନଈ ପାରହୋଇଗଲାପରେ ପୁନଶ୍ଚ ନୌକାଟିକୁ ଖୋଜା ନ ଯିବା ଭଳି ସ୍ୱାର୍ଥପର ବ୍ୟକ୍ତିମାନେ ସାହାଯ୍ୟ ପାଇ ସାରିଲା ପରେ ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ଭୁଲିଯାଉଥିବା ଦେଖିବାକୁ ମିଳିଥାଏ। ସ୍ୱାର୍ଥୀ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିତି ମୂଲିଆ ନିତି ଯାଏ,**
**ଦିନେ ନ ଗଲେ ଉପାସେ ଶୁଏ।**

ସାଧାରଣତଃ ମୂଲିଆ ପ୍ରତିଦିନ ମୂଲ ଖଟିବାକୁ ଯାଇଥାଏ। ଯେଉଁଦିନ ସେ କାମକୁ ନ ଯାଏ ସେଦିନ ତା'ର ରୋଜଗାର ହୋଇପାରି ନ ଥାଏ। ଫଳରେ ଅର୍ଥାଭାବ ଯୋଗୁ ସେ ନିଜର ଓ ନିଜ ପରିବାରର ଖର୍ଚ୍ଚ ତୁଲାଇବାରେ ଅସମର୍ଥ ହେବା ସହ ଭୋକ ଉପାସରେ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

**ପ୍ରଥମ ପୃଷ୍ଠାରୁ...**

## ଏଟିଏମ୍ ଲୁଟ୍‌ରେ...

ସାଇବର ସେଲ୍, ସିସିଟିଭି ଫୁଟେଜ୍ ସହିତ ଗୋଇନ୍ଦା ବିଭାଗ ସହଯୋଗରେ ଦୁଇଟି ଏଟିଏମ୍ ଲୁଟ୍ ଘଟଣାରେ ଗୋଟିଏ ଗ୍ୟାଙ୍ଗ ସାମିଲ ଥିବା ଜଣାପଡ଼ିଥିଲା। ଅଭିଯୁକ୍ତମାନେ ରାଜ୍ୟ ବାହାରକୁ ଖସି ପଳାଉଥିବା ବେଳେ ଭୁବନେଶ୍ୱରରୁ ଧରାପଡ଼ିଥିଲେ। ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ ଅନିଶ ଖାନ, ଅରିଫ ଖାନ, ମହମ୍ମଦ ତାରିକ, ମହମ୍ମଦ ଅଫଜଲ ଓ ମହମ୍ମଦ ହାସନ। ହରିୟାଣାର ମେୱାତ୍ ବା ନୁହ୍ ଜିଲାର ୬ଜଣିଆ ଗ୍ୟାଙ୍ଗର ମୁଖ୍ୟ ନରେଶ ଓରଫ ନର୍ଷୁ ଫେରାର ଅଛନ୍ତି। ତେବେ ପୋଲିସ ତାଙ୍କ ଠିକଣା ପାଇଛି, ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ। ଦିଲ୍ଲୀରୁ ଚୋରି ହୋଇଥିବା କାର୍ ସହିତ ସେମାନଙ୍କ ନିକଟରୁ ଗୋଟିଏ ଚୋରା ପିସ୍ତଲ, ୪ ଜୀବନ୍ତ ଗୁଳି, ନଗଦ ୬ଲକ୍ଷ ୧୩ହଜାର ୭ଶହ ଟଙ୍କା, ସ୍ପ୍ରେ ପେଣ୍ଟ, ତାରକଟା ଯନ୍ତ୍ର, ଜିଓ ହଟ ସ୍ପଟ, ସ୍କ୍ରୁଡାଇଭର, ୩ ସ୍ମାର୍ଟ ଫୋନ, ଏଟିଏମ୍‌ର ଭଙ୍ଗା କ୍ୟାଶ ଟ୍ରେ, ୫ ଅଭିଯୁକ୍ତଙ୍କ ଭୋଟ୍ ପରିଚୟ ପତ୍ର ଆଦି ଜବତ ହୋଇଛି। ୬ଜଣଙ୍କ ମଧ୍ୟରୁ ଜଣେ ଲୁଟ୍ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ବୁଲି ସ୍ଥିତି ଅନୁଧ୍ୟାନ କରନ୍ତି। ଅନ୍ୟ ଜଣେ ଗ୍ୟାସ କଟରରେ ଏଟିଏମ୍ କାଟନ୍ତି, ଗ୍ୟାଙ୍ଗର ମୁଖ୍ୟ ଏଟିଏମ୍‌କୁ କେଉଁଭଳି କଟାଯିବ ସେ ସମ୍ପର୍କରେ ଗ୍ୟାସ କଟିଂରେ ପାରଙ୍ଗମ ଗ୍ୟାଙ୍ଗର ସଦସ୍ୟଙ୍କୁ ନିର୍ଦ୍ଦେଶ ଦେଇଥାଏ। ଅଭିଯୁକ୍ତମାନେ ଆସାମ, ଦିଲ୍ଲୀ, ହରିୟାଣା, ପଞ୍ଜାବ ଆଦି ରାଜ୍ୟରେ ଏକାଧିକ ଏଟିଏମ୍ ଲୁଟ୍ ଘଟଣାରେ ସାମିଲ ଅଛନ୍ତି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେହୁରା, ସଦର ଥାନା ଆଇଆଇସି ଜୟନ୍ତ ବେହେରାଙ୍କ ସମେତ ପୋଲିସ ଟିମ୍‌ରେ ସାମିଲ ବହୁ ଅଧିକାରୀ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## କେୱାଇସି ସମ୍ପୂର୍ଣ୍ଣ...

ଇସ୍ୟୁ ହେବା ଏବଂ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରାଯାଇ ବିନା କେୱାଇସିରେ ଫାସ୍‌ଟାଗ୍ ଜାରି ହେଉଥିବା ଜଣାପଡ଼ିବା ପରେ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଉପରୋକ୍ତ ପଦକ୍ଷେପ ନେଇଛନ୍ତି। ଏହା ବ୍ୟତୀତ ବେଳେବେଳେ ଜାଣିଶୁଣି ଯାନର ୱିଣ୍ଡସ୍କ୍ରିନ୍‌ରେ ଫାସ୍‌ଟାଗ୍‌କୁ ଲଗାଯାଉ ନାହିଁ। ଫଳରେ ଟୋଲ୍ ପ୍ଲାଜାରେ ଅଯଥା ବିଳମ୍ବ ହେଉଛି ଓ ଅନ୍ୟମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଟୋଲ୍ ପ୍ଲାଜାଗୁଡ଼ିକରେ ପ୍ରବେଶ ହାର ୯୮ ପ୍ରତିଶତ ରହିଥିବାବେଳେ ୮ କୋଟି ୟୁଜର ଅଛନ୍ତି। ଦେଶରେ ଇଲେକ୍ଟ୍ରୋନିକ୍ ଭାବେ ଟୋଲ୍ ସଂଗ୍ରହ ବ୍ୟବସ୍ଥାରେ ଫାସ୍‌ଟାଗ୍ ବିପ୍ଳବ ଆଣିଛି। 'ୱାନ୍ ଭେହିକିଲ୍, ୱାନ୍ ଫାସ୍‌ଟାଗ୍'ବ୍ୟବସ୍ଥା ଟୋଲ୍ ସଂଗ୍ରହକୁ ଅଧିକ ପ୍ରଭାବୀ ଏବଂ ସହଜ କରିବା ସହ ଜାତୀୟ ରାଜପଥ ବ୍ୟବହାରକାରୀମାନଙ୍କ ଯାତ୍ରାକୁ ଆରାମଦାୟକ କରିଛି। ଦେଶର ବର୍ଦ୍ଧିତ ଜାତୀୟ ରାଜପଥ ନେଟ୍‌ୱର୍କ ପାଇଁ ଏକ 'ଗ୍ରୀନ୍ କଭର ଇଣ୍ଡେକ୍ସ'ର ବିକାଶ ନିମନ୍ତେ ଏନ୍‌ଏଚ୍‌ଏଆଇ ନ୍ୟାଶନାଲ ରିମୋଟ୍ ସେନ୍ସିଂ ସେଣ୍ଟର (ଏନ୍‌ଆର୍‌ଏସ୍‌ସି) ସହ ଚୁକ୍ତି ସ୍ୱାକ୍ଷର କରିଥିଲା। ଏନ୍‌ଏଚ୍‌ଏଆଇ ବ୍ୟବହାର କରୁଥିବା ଟେକ୍ନୋଲୋଜିର ସାମର୍ଥ୍ୟକୁ ଉପଯୋଗ କରି ଏନ୍‌ଆର୍‌ଏସ୍‌ସି ହାଇ ରିଜଲ୍ୟୁଶନ ସାଟେଲାଇଟ୍ ପରିକଳ୍ପନା ସହାୟତାରେ ଗ୍ରୀନ୍ କଭରର ଏକ ବିସ୍ତୃତ ପାନ୍–ଇଣ୍ଡିଆ ଆକଳନ ପ୍ରସ୍ତୁତ କରିବ ବୋଲି ଏକ ବିବୃତିରେ କୁହାଯାଇଛି।

## ସ୍ୱତନ୍ତ୍ର ଟ୍ରେନ୍, ଷ୍ଟେଶନ ନାମକରଣ ଦାବି

**ବ୍ୟାସକବିଙ୍କ ଜୟନ୍ତୀ ପାଳିତ**



ଉତ୍ସବରେ ବିଧାୟକ ବକ୍ତବ୍ୟ ରଖୁଛନ୍ତି।

**ବାଲେଶ୍ୱର, ୧୫।୧ (ମାନସ ବିଶ୍ୱାଳ)**

ବାଲେଶ୍ୱର ରେଲଷ୍ଟେଶନ ପରିସରରେ ଥିବା ପୁଣ୍ୟାତ୍ମା ସଂକ୍ରାନ୍ତି ପୁରୁଷ ତଥା କଥାସମ୍ରାଟ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୨ତମ ଜୟନ୍ତୀ ବାଲେଶ୍ୱର ଜନଜାଗରଣ ମଞ୍ଚ ପକ୍ଷରୁ ସୋମବାର ପାଳିତ ହୋଇଛି। ଆୟୋଜିତ ଉତ୍ସବରେ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ ସଭାପତିତ୍ୱ କରି ଫକୀରମୋହନଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ତ୍ରାଣକର୍ତ୍ତା ଫକୀରମୋହନ ସେନାପତିଙ୍କୁ ବିଶ୍ୱ ଦରବାରରେ ପରିଚିତ କରିବା ପାଇଁ ସଙ୍ଗଠନର ଏଭଳି ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହାସହ ବାଲେଶ୍ୱର ରେଲଷ୍ଟେଶନର ନାମ ସହ ଫକୀରମୋହନ ସେନାପତିଙ୍କ ନାଁ ଯୋଡ଼ିବାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରସ୍ତାବ ଦେବା ପାଇଁ କହିଥିଲେ। ଅନ୍ୟତମ ଅତିଥି ଭାବେ ମଞ୍ଚର ସମ୍ପାଦକ ଲକ୍ଷ୍ମୀନାରାୟଣ ମହାନ୍ତି ବ୍ୟାସକବିଙ୍କ ନାଁରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ପାଇଁ ପ୍ରୟାସ କରାଯିବ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବେ ଜିଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ହରିଶଚନ୍ଦ୍ର ବେହେରା, ସାମାଜିକ କର୍ମୀ ଅଞ୍ଜଳି ପଣ୍ଡା, ଖବରଦାତା କିଶୋର ଦାସ, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ନାରୀନେତ୍ରୀ ସିପ୍ରାରେଖା ମହାପାତ୍ର, ଆଇନ୍‌ଜୀବୀ ପ୍ରଜ୍ଞାପାରମିତା ମହାନ୍ତି, ସୌରୀ ବାରିକ୍ ପ୍ରମୁଖ ଯୋଗଦେଇ ବ୍ୟାସକବି ଲେଖିଥିବା ଛ'ମାଣ ଆଠଗୁଣ୍ଠ, ରେବତୀ, ମାମୁଁ, ଲଛମାରେ ତତ୍କାଳୀନ ସାମାଜିକ ବ୍ୟବସ୍ଥାର ପ୍ରତିଛବି ଆଜି ମଧ୍ୟ ଜୀବନ୍ତ ହୋଇରହିଛି।

**ଗୁଡ଼ି ମାଞ୍ଜାସୁତାରେ ଦୁଇ ବାଇକ୍ ଆରୋହୀ ଗୁରୁତର**




# ବେଦମନ୍ତ୍ରରେ କମ୍ପୁଛି ଶ୍ରୀକ୍ଷେତ୍ର

**ମହାଯଜ୍ଞ ଆରମ୍ଭ**

**ପୁରୀ, ୧୫।୧ (ଅଜିତ ମହାନ୍ତି)**


ଫଟୋ: ଯଜ୍ଞେଶ୍ୱର ମହାନ୍ତି
ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅବସରରେ ସୋମବାର ଯଜ୍ଞଶାଳାରେ ବ୍ରାହ୍ମଣମାନେ ଯଜ୍ଞ କରୁଛନ୍ତି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଏବେ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। ୧୨ ତାରିଖରେ ଶ୍ରୀନହରରେ ଗଜପତି ମହାରାଜା ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କୁ ଗୁଆଟେକା ଓ ବରଣ କରିବା ପରେ ପ୍ରକଳ୍ପ ଲୋକାର୍ପଣ ଉତ୍ସବର ଆଦ୍ୟପର୍ବ ଆରମ୍ଭ ହୋଇଥିଲା। ବରଣ ହୋଇଥିବା ବ୍ରାହ୍ମଣମାନେ ଯଜ୍ଞସ୍ଥଳକୁ ଯାଇ ଅଙ୍କୁରା ରୋପଣ, ଅଙ୍କୁର ପୂଜନ, ଅଧିବାସ ସହ ଅନ୍ୟାନ୍ୟ ନୀତି ସାରିବା ପରେ ସୋମବାରଠାରୁ ମହାଯଜ୍ଞ ଆରମ୍ଭ ହୋଇଛି। ଏହା ୩ ଦିନ ଧରି ଚାଲିବ।

ବ୍ରାହ୍ମଣମାନଙ୍କ ମନ୍ତ୍ରଧ୍ୱନି ସାଙ୍ଗକୁ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦପାଠରେ ଶ୍ରୀକ୍ଷେତ୍ର କମ୍ପୁଛି। ଶ୍ରୀକ୍ଷେତ୍ରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଐଶାନ୍ୟ କୋଣରେ ସ୍ଥାପନ କରାଯାଇଥିବା ଯଜ୍ଞବେଦି ସହ ଚାରିଦ୍ୱାରକୁ ସୁନ୍ଦର ଭାବେ ସଜାଯାଇଛି। ସିଂହଦ୍ୱାର ଅର୍ଥାତ୍ ପୂର୍ବଦ୍ୱାରରେ ଋକ୍ ବେଦ, ଦକ୍ଷିଣ ଦ୍ୱାରରେ ଅଥର୍ବ ବେଦ, ପଶ୍ଚିମ ଦ୍ୱାରରେ ସାମ୍ ବେଦ ଓ ଉତ୍ତର ଦ୍ୱାରରେ ଯଜୁର୍ବେଦ ପାଠରେ କମ୍ପୁଛି ଶ୍ରୀମନ୍ଦିର ଚାରିଦ୍ୱାର। ସୋମବାର ଅଖଣ୍ଡ ଦୀପ ସ୍ଥାପନ, ପଞ୍ଚକର୍ମ, ଆଚାର୍ଯ୍ୟଙ୍କ ଦ୍ୱାରା ବ୍ରାହ୍ମଣ ବରଣ, ମଣ୍ଡଳ ପୂଜନ ସହ ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଂକୀର୍ତ୍ତନ କରାଯାଇଥିଲା। ତେବେ ଯଜ୍ଞ ହେବା ପୂର୍ବରୁ ଲୋକାର୍ପଣ ହେବାକୁ ଥିବା ଶିଳାକୁ ବ୍ରାହ୍ମଣମାନେ ପୂଜାର୍ଚ୍ଚନା କରି ଚାରିପାଖରେ ଅଭିମନ୍ତ୍ରିତ ଜଳ ସିଞ୍ଚନ କରିଥିଲେ। ସକାଳେ ଅଖଣ୍ଡ ଦୀପ ସ୍ଥାପନ କରାଯାଇ ପଞ୍ଚକର୍ମ, ବ୍ରାହ୍ମଣ ବରଣ ସହ ମଣ୍ଡଳ ପୂଜନ ହୋଇଥିଲା। ପରେ ଅପରାହ୍ନରେ ବୈଷ୍ଣବାଗ୍ନି ସଂସ୍କାର, ହବନ, ଆରତି, ପୁଷ୍ପାଞ୍ଜଳି, ପ୍ରଦକ୍ଷିଣ ଅନୁଷ୍ଠିତ ହୋଇଥିଲା। ମକର ସଂକ୍ରାନ୍ତି ଭଳି ଏକ ପବିତ୍ର ଦିବସରେ ମହାଯଜ୍ଞ ଆରମ୍ଭ ହୋଇଥିବାରୁ ଏହା ସମସ୍ତଙ୍କ ପାଇଁ ପରମ ସୌଭାଗ୍ୟର ବିଷୟ ବୋଲି ଆଚାର୍ଯ୍ୟ ବ୍ରାହ୍ମଣମାନେ କହିଛନ୍ତି। ପ୍ରଶାସନ ପକ୍ଷରୁ ନିର୍ଦ୍ଧାରଣ କରାଯାଇଥିବା ପୌଷ ଶୁକ୍ଳ ସପ୍ତମୀ ତିଥିରେ ବୁଧବାର ଗଜପତି ମହାରାଜା ଦିବ୍ୟସିଂହ ଦେବ ଯଜ୍ଞର ପୂର୍ଣ୍ଣାହୁତି ଦେବେ। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପକୁ ଭକ୍ତଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ।

ପରିକ୍ରମା ପ୍ରକଳ୍ପ ଅପୂର୍ବ ଦିବ୍ୟ ଅନୁଭୂତି ପ୍ରଦାନ କରୁଛି। ସମଙ୍ଗ ପାର୍କିଂ, ଶ୍ରୀସେତୁ, ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ୍ ସେଣ୍ଟର ଏବଂ ଶ୍ରୀମାର୍ଗ ପ୍ରସ୍ତୁତ ସରିଛି। କାର୍ଯ୍ୟକ୍ରମରେ ପ୍ରାୟ ୯ଶହ ଅତିଥି ଓ ସେବାୟତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅତିଥିମାନେ ପୁରୀରେ ପହଞ୍ଚିବାରେ ଲାଗିଛନ୍ତି। ସେମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ସେହିପରି ଓବିସିସି ଅଧିକାରୀ ପ୍ରଭାତ କୁମାର ପାଣିଗ୍ରାହୀ କହିଛନ୍ତି, ଶ୍ରୀସେତୁଠାରୁ ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର ଓ ସେଠାରୁ ଶ୍ରୀମାର୍ଗ ଦେଇ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଭକ୍ତଙ୍କ ଯାତାୟାତ ପାଇଁ ବ୍ୟାଟେରିଚାଳିତ ବସ୍ ଏବଂ ଅଟୋ ଚଳାଚଳ ସୁବିଧା ହୋଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିସରରେ ସୁନ୍ଦର ବଗିଚା, ପ୍ରଶସ୍ତ ପ୍ରଦକ୍ଷିଣ ରାସ୍ତା, ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା, ସୁନ୍ଦର କଳାକୃତି ପ୍ରଭୃତି ଭକ୍ତମାନଙ୍କୁ ଏକ ନୂଆ ଅନୁଭୂତି ଦେବ।

# ଆଜିଠୁ ପାଣି ପଞ୍ଚାୟତ ପକ୍ଷ

**ଜଳର ବ୍ୟବହାରିକ ବାର୍ତ୍ତା ପ୍ରଚାର କରିବ ପାଣି ପଞ୍ଚାୟତ ରଥ**

**ଭୁବନେଶ୍ୱର, ୧୫।୧ (ଅନିଲ ଦାସ)**

ମଙ୍ଗଳବାରଠାରୁ ରାଜ୍ୟରେ ଜାନୁଆରୀ ୩୦ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ–୨୦୨୪ ପାଳିତ ହେବ। ଏହାର ପ୍ରଥମ ପର୍ଯ୍ୟାୟରେ ମଙ୍ଗଳବାର ରାଜ୍ୟରେ ଥିବା ବୃହତ୍, ମଧ୍ୟମ, କ୍ଷୁଦ୍ର ଏବଂ ଉଠା ଜଳସେଚନ ଅନ୍ତର୍ଭୁକ୍ତ ହେବ। ୧୧୭ଟି ଜଳସେଚନ ଡିଭିଜନରେ ଡିଭିଜନସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଜାନୁଆରୀ ୨୪ରେ ଜିଲାସ୍ତରୀୟ ଓ ଜାନୁଆରୀ ୩୦ରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ଡିଭିଜନ ସ୍ତରରେ ଆରମ୍ଭ ହେବାକୁ ଥିବା ପାଣି ପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମରେ ମନ୍ତ୍ରୀ, ସ୍ଥାନୀୟ ଏମ୍‌ପି, ବିଧାୟକ, ନିର୍ବାଚିତ ପଞ୍ଚାୟତିରାଜ ତଥା ପୌରାଞ୍ଚଳ ଜନପ୍ରତିନିଧି ପାଣିପଞ୍ଚାୟତ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ପାଣି ପଞ୍ଚାୟତ ସମାବେଶ, ସୂଚନା, ଶିକ୍ଷା ଓ ଯୋଗାଯୋଗ, ଜଳର ସାମାଜିକ ବ୍ୟବହାରିକ ପରିବର୍ତ୍ତନ ଆଦି ସମ୍ପର୍କିତ କାର୍ଯ୍ୟକ୍ରମକୁ ନେଇ ପ୍ରଦର୍ଶନୀ, ପାଣି ପଞ୍ଚାୟତ ରଥ ପରିଭ୍ରମଣ ଜରିଆରେ ସୂଚନା ପ୍ରଦାନ ଓ ସଚେତନତା ବାର୍ତ୍ତାର ପ୍ରଚାର ପ୍ରସାର କରାଯିବ। ପୁସ୍ତିକା ବଣ୍ଟନ, ବ୍ୟାନର ଓ ଲୋଗୋ ପ୍ରଦର୍ଶନ, ସ୍ଲୋଗାନ, ଟ୍ୟାଗ୍ ଲାଇନ୍ ବ୍ୟବହାର ସହ ସଙ୍ଗୀତ, ଶପଥ ପାଠ ଇତ୍ୟାଦି କାର୍ଯ୍ୟକ୍ରମ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି।

ସୂଚନାଯୋଗ୍ୟ ଯେ ୧୯୯୫–୨୦୦୨ରେ ରାଜ୍ୟରେ ପ୍ରାୟ ୭୦୦ ଜଳ ଉପଭୋକ୍ତା ସଂଘ ଥିବାବେଳେ ଏବେ ୩୯,୨୮୯ରୁ ଅଧିକ ପାଣି ପଞ୍ଚାୟତକୁ ନେଇ ପାଣି ପଞ୍ଚାୟତ ଆନ୍ଦୋଳନ ଜାରି ରହିଛି। ଇତିମଧ୍ୟରେ ଓଡ଼ିଶା ପାଣି ପଞ୍ଚାୟତ ଆଇନ–୨୦୦୨ରେ ସଂଶୋଧନ କରାଯାଇ ଏଥିରେ କିପରି ଅଧିକରୁ ଅଧିକ କୃଷକମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ ପାଣି ପଞ୍ଚାୟତ ଗଠନ, ପାଣି ପଞ୍ଚାୟତରେ ମହିଳାମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇଁ ଚାଷ ଜମି ଥିବା କୃଷକଙ୍କ ଜୀବନସାଥୀଙ୍କୁ ଅନ୍ତର୍ଭୁକ୍ତ କରିବା ଇତ୍ୟାଦି ରହିଛି। ଜଳବାୟୁ ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ପ୍ରକଳ୍ପ (ଓଆଇଆଇପିସିଆରଏ) ମାଧ୍ୟମରେ ମଧ୍ୟ ଫସଲ ଉତ୍ପାଦନରେ ଉନ୍ନତି ଆଣିବା, ଜଳବାୟୁକୁ ସୁହାଇଲା ଭଳି ସହନଶୀଳ କୃଷି ପଦ୍ଧତି ଏବଂ ଜ୍ଞାନକୌଶଳର ଉପଯୋଗ, ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଫସଲ ବିବିଧୀକରଣକୁ ଆପଣାଇବା, ଜଳର ଦକ୍ଷ ବ୍ୟବହାର ପୂର୍ବକ ଉତ୍ତମ ଗୁଣବତ୍ତା, ଉତ୍ତମ ଅମଳ ଏବଂ ଜଳବାୟୁ ସହନଶୀଳ ବିହନ ଇତ୍ୟାଦିର ବ୍ୟବହାର ଆଦିକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ପାଣି ପଞ୍ଚାୟତ କାର୍ଯ୍ୟକାରୀ ନିମନ୍ତେ ପଦକ୍ଷେପ ନିଆଯାଇଛି।

## ସୁନାବେଶରେ ଦର୍ଶନ ଦେଲେ ମା'



**ଘଟଗାଁ, ୧୫।୧ (ରାଜେନ୍ଦ୍ର କୁମାର ପଟ୍ଟନାୟକ)**

କେନ୍ଦୁଝର ଘଟଗାଁ ମା' ତାରିଣୀପୀଠରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ସୋମବାର ୩୦ ହଜାର ଭକ୍ତଙ୍କ ସମାଗମ ହୋଇଛି। ଏଥି ସହିତ ମା' ସୁନାବେଶରେ ଦର୍ଶନଦେବା ସହିତ ମକର ଚାଉଳ ଭୋଗ ଲାଗିଥିଲା। ପ୍ରତ୍ୟୁଷରୁ ମା'ଙ୍କର ମାଜଣା, ବଡସିଂହାରବେଶ ସହିତ ମା'ଙ୍କ ସମସ୍ତ ନୀତିକାନ୍ତି କରାଯାଇ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରି ସୁନାବେଶ ହୋଇଥିଲା। ମୁଖ୍ୟ ଫାଟକ ସକାଳ ୬ ଟାରେ ଖୋଲାଯାଇଥିବା ବେଳେ ମନ୍ଦିର ବରିଷ୍ଠ ପୂଜକ ଶ୍ୟାମସୁନ୍ଦର ଦେହୁରୀ, ପ୍ରଦୀପ ଦେହୁରୀ, ଖଗେଶ୍ୱର ଦେହୁରୀ, ନଟବର ଦେହୁରୀ ମା'ଙ୍କର ନିକଟରେ ନୂଆ ଅରୁଆ ଚାଉଳ, ଖିର, ମହୁଗୁଡ଼, କଦଳୀ, ଘିଅ, ଆଖୁ ଦ୍ୱାରା ପ୍ରସ୍ତୁତି ମକରଚାଉଳ ଭୋଗଲାଗି କରିଥିଲେ। ମକର ଚାଉଳ ସମସ୍ତ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ରାହୁଯୁକ୍ତ ଦ୍ୱାଦଶ ଚନ୍ଦ୍ର ହେତୁ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ଏବଂ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା ବଶତଃ କାମ ସ୍ଥଗିତ ରହିଯିବା ଆଶଙ୍କା ରହିଛି।

**ବୃଷ** ଧନଭାବ ପ୍ରତି ଧନାଧିପତିଙ୍କ ଦୃଷ୍ଟି ହେତୁ ଆର୍ଥିକ ଅଭିବୃଦ୍ଧି ଘଟିବ। ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ ଓ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ପରିବାରରେ ଛୋଟ କଥାକୁ ବଡ଼ ଆକାରରେ ଚିନ୍ତାକରି ଆଶଙ୍କାଗ୍ରସ୍ତ ହୋଇପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ।

**ମିଥୁନ** ବୁଧ ସହ ମଙ୍ଗଳଙ୍କ ସଂଯୋଗ କାରଣରୁ ଦୈହିକ ଦୁର୍ବଳତା ଦେଖାଦେବ। ପାରିବାରିକ ସମସ୍ୟା ସୁଧାରିବାରେ ଅସୁବିଧା ରହିବ ନାହିଁ। ଆରଦ୍ରା ନକ୍ଷତ୍ର ସକାଶେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। କାମରୁ ଓହରି ନ ଯାଇ ବାରମ୍ବାର ଚେଷ୍ଟାକଲେ ଅବଶ୍ୟ ସଫଳତା ପାଇପାରିବେ।

**କର୍କଟ** ପାପଗ୍ରହଯୁକ୍ତ ଚନ୍ଦ୍ର ପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ ଉଦ୍‌ଯୋଗ ହାନି ମାନସିକ ଅଶାନ୍ତିର କାରଣ ହେବ। ଶତ୍ରୁତା ଲାଗି ରହିଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ସେପରି ହେବନାହିଁ। ବ୍ୟବସାୟ, ସଭାସମିତି ପ୍ରଭୃତିରେ ସଫଳତା ହାସଲ କରିବେ।

**ସିଂହ** ଚତୁର୍ଥସ୍ଥ ଶୁକ୍ରଙ୍କ ଯୋଗୁ ପାରିବାରିକ ସ୍ଥିତି ଭଲ ରହିବ ଏବଂ ବିଳାସ ଉପକରଣ କ୍ରୟ କରିବାକୁ ମନ ବଳିବ। କେତୁ ପ୍ରଭାବରୁ ଅଭାବ ଅସୁବିଧାରେ ଗୁରୁଜନଙ୍କ ସାନ୍ତ୍ୱନା ମନରେ ଆଶ୍ୱସ୍ତି ଭରିପାରେ। କର୍ମକ୍ଷେତ୍ରରେ ଏବଂ ଶିଳ୍ପ, ବାଣିଜ୍ୟ ତଥା ପରିବହନରେ ଲାଭବାନ ହେବେ। ଭ୍ରାତୃବିବାଦଜନିତ ସମସ୍ୟାକୁ କେନ୍ଦ୍ରକରି ଅଶାନ୍ତ ରହିପାରନ୍ତି।

**କନ୍ୟା** ରାହୁ ଓ କେତୁ ମଧ୍ୟସ୍ଥ ସମସ୍ତ ଗ୍ରହ ହେତୁ କୌଣସି କାମ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବନାହିଁ। ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଗୁରୁତର ନ ହୋଇପାରେ। ନିଜ ଲୋକ ବିଶ୍ୱାସଘାତକତା କରିପାରନ୍ତି । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ତୁଳା** ଶୁକ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟି କାରଣରୁ ନିଜ ଲୋକଙ୍କ ଅସହଯୋଗଜନିତ ସୁଯୋଗ ହାତମୁଠାରୁ ଖସିଯାଇପାରେ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ , ଅନ୍ୟଥା ଚିନ୍ତା କରିବାକୁ ପଡ଼ିପାରେ। ଦ୍ରବ୍ୟଲାଭରୁ ଖୁସି ହେବେ, କିନ୍ତୁ ଈର୍ଷାପର ବନ୍ଧୁମାନେ କ୍ରମଶଃ ଦୂରେଇଯିବେ।

**ବିଛା** କର୍ମାଧିପ ଭାଗ୍ୟସ୍ଥ ଯୋଗୁ କାର୍ଯ୍ୟସିଦ୍ଧି ହେତୁ ମନ ପ୍ରଫୁଲ୍ଲ ରହିବ। ମାନସିକ ଅସ୍ଥିରତା ଦେଖାଦେଲେ ମଧ୍ୟ ସନ୍ତାନ ହେତୁକ ଖୁସିରେ ଆତ୍ମହରା ହୋଇପାରନ୍ତି। ମିଥ୍ୟା ପ୍ରତିଶ୍ରୁତି ଦେଇ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ଚତୁର୍ଥସ୍ଥାନରେ ଅଷ୍ଟମାଧିପତି ପାପଗ୍ରହଯୁକ୍ତ ଯୋଗୁ ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ସମସ୍ତ ସୁବିଧା ଥିଲେ ମଧ୍ୟ କଳୁଷିତ ଚିନ୍ତା ମନକୁ ବିବ୍ରତ କରିପାରେ। ବ୍ୟବସାୟ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ, କିନ୍ତୁ ହାତପାହାନ୍ତାରେ ସୁଯୋଗ ପାଇବେ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ।

**ମକର** ରାଶିରେ ରବି ରହିବା କାରଣରୁ ବିବାଦୀୟ କଥା ମାନସିକ ଅଶାନ୍ତିର କାରଣ ହୋଇପାରେ। ଅଫିସିଆଲି କାମରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଆନୁଷ୍ଠାନିକ କ୍ଷେତ୍ରରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ।

**କୁମ୍ଭ** କର୍ମସ୍ଥାନରେ ଶୁକ୍ର ରହିଥିବା ହେତୁ ନୂଆ ଯୋଜନାର ରୂପରେଖ ଉପରେ ଗୁରୁତ୍ୱ ଦେବେ ଓ ସଫଳତା ଦିଗକୁ ମୁହାଁଇବେ। ପାରିବାରିକ କ୍ଷେତ୍ର, ବ୍ୟବସାୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାମରେ ବ୍ୟସ୍ତ ରହିବେ। ସରକାରୀ ସ୍ତରରୁ ଅର୍ଥଲାଭର ସୂଚନାରୁ ମନ ଖୁସି ହୋଇଯିବ।

**ମୀନ** ରାଶିରେ ଚନ୍ଦ୍ର ପାପଗ୍ରହଯୁକ୍ତ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ତଥାପି ବୃହସ୍ପତି ପ୍ରଭାବରୁ ପୂର୍ବ ସମସ୍ୟାଗୁଡ଼ିକର ସରଳ ସମାଧାନ ପାଇଁ ରାସ୍ତା ଖୋଲିଯିବ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି। ଅନ୍ୟ ମାନଙ୍କ କାନକୁହା କଥା ଶୁଣି ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

ଆଜି ଜାନୁଆରୀ ୧୬ ତାରିଖ, ଜାତୀୟ ଷ୍ଟାର୍ଟଅପ୍ ଦିବସ, ପୌଷ ଶୁକ୍ଳ ଷଷ୍ଠୀ ମଙ୍ଗଳବାର। ରାଶି ନକ୍ଷତ୍ର–ଉତ୍ତର ଭାଦ୍ରପଦ/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣି ଗ୍ରହଣ। ଦିବା ଘ. ୦୯।୧୨ ଗତେ, ଘ.୧୦।୫୦ ମଧ୍ୟେ, ଘ.୦୧।୦୧ ଗତେ, ଘ.୦୧।୧୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୪୦ ଗତେ, ଘ.୦୪।୦୨ ମଧ୍ୟେ ରାହୁକାଳ।

# 'ଜନଜାତିଙ୍କ ବିକାଶ ବିନା ରାଜ୍ୟ, ଦେଶର ବିକାଶ ଅସମ୍ପୂର୍ଣ୍ଣ'

## ପିଏମ୍ ଜନଜାତି ନ୍ୟାୟ ମହାଅଭିଯାନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ

ଦେବଗଡ଼,୧୫।୧
(ଶଶାଙ୍କ ଶେଖର ଝାଙ୍କର)

ମୋଦି ସରକାର ସମଗ୍ର ଭାରତବର୍ଷରେ ଜନଜାତି ସମାଜକୁ ଉନ୍ନତମାନର ଜୀବନଶୈଳୀ ପ୍ରଦାନ କରିବା ପାଇଁ ଗ୍ୟାରେଣ୍ଟି ଦେଇଛନ୍ତି। ୨୪,୦୦୦ କୋଟି ଟଙ୍କା ଖର୍ଚ୍ଚ କରି ଆଦିମ ଜନଜାତି ତଥା ୭୫ ପ୍ରକାରର ପିଭିଟିଜି ଗୋଷ୍ଠୀଙ୍କୁ ସରକାରୀ ସୁବିଧା ଉପଲବ୍ଧ କରାଇବା ଦିଗରେ ପିଏମ୍ ଜନମନ ଏକ ମହାଭିଯାନ ବୋଲି ସୋମବାର ଦେବଗଡ଼ ଜିଲା ବାରକୋଟ ବ୍ଲକ ଉଆଁରାଠାରେ ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ(ପିଏମ୍ -ଜନମନ) କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ମକର ସଂକ୍ରାନ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଏମ୍-ଜନମନର ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ


କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅତିଥି ଓ ଗ୍ରାମବାସୀ।

ସେମାନଙ୍କର ଅନୁଭୂତି ଶୁଣିଥିଲେ କେନ୍ଦ୍ରମନ୍ତ୍ରୀ। ଜଳ ଜୀବନ ମିଶନରେ ଘରକୁ ପାନୀୟ ଜଳ, ପିଏମ କିଷାନ ସମ୍ମାନ ନିଧି ଏବଂ ଜନଧନ ଯୋଜନାରେ ଆର୍ଥିକ ସହାୟତା ପାଇ ସେମାନେ ସଶକ୍ତ ଓ ଆତ୍ମନିର୍ଭର ହୋଇଥିବା ହିତାଧିକାରୀମାନେ ମତ ପ୍ରକାଶ କରିଥିଲେ। ସେମାନଙ୍କ ସହ ଆଲୋଚନା କରିବା ଅବସରରେ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ କଳ୍ପନାରେ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କୁ ସଶକ୍ତ କରିବା ପାଇଁ ଅନ୍ତ୍ୟୋଦୟର ଲକ୍ଷ୍ୟ ଦିଗରେ ପିଏମ୍-ଜନମନର ଶୁଭାରମ୍ଭ କରାଯାଇଛି। ଓଡ଼ିଶା ଏକ ଜନଜାତିବହୁଳ ରାଜ୍ୟ। ଜନଜାତିଙ୍କ ବିକାଶ ବିନା ରାଜ୍ୟ ଓ ଦେଶର ବିକାଶ ଅସମ୍ପୂର୍ଣ୍ଣ। ମୋଦି ଗ୍ୟାରେଣ୍ଟିରେ ବାଦ ବିବାଦର ଜାଗା ନାହିଁ। ମୋଦି ସରକାରରେ ଶତ ପ୍ରତିଶତ ଲୋକେ ଯୋଜନାର ଲାଭ ପାଇବାର ଲକ୍ଷ୍ୟ ରଖାଯାଇଛି। ପ୍ରଧାନ ଆହୁରି କହିଛନ୍ତି ଯେ, ପିଏମ୍ ଜନମନ ବିକଶିତ ଭାରତର ସଂକଳ୍ପର ଏକ ପ୍ରମୁଖ ଆଧାର। ତାଳଚେର ବିମଳାଗଡ ରେଳ ଲାଇନର ଦ୍ରୁତ କାମ ଆରମ୍ଭ ହୋଇଛି। ଝାରସୁଗୁଡ଼ାରୁ ବାରକୋଟ୍ ପର୍ଯ୍ୟନ୍ତ ନୂଆ ରେଳ ଲାଇନ ତିଆରି କରିବା ପାଇଁ ସର୍ଭେ ଆରମ୍ଭ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଉଲ୍ଲେଖନୀୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭିଡିଓ କନଫରେନ୍ସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ (ପିଏମ୍ଏୱାଇ - ଜି) ର ୧ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରିବା ସହ ପ୍ରଧାନମନ୍ତ୍ରୀ-ଜନମନର ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାରକୋଟ ବ୍ଲକ ଉଆଁରାରୁ ଜନଜାତି ଲୋକମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଭିସି ଜରିଆରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ନୂଆଦିଲ୍ଲୀସ୍ଥିତ ଜନଜାତି ମନ୍ତ୍ରଣାଳୟର ନିର୍ଦ୍ଦେଶିକା ସଂଗୀତା ଗୁପ୍ତା, ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ନୂଆଦିଲ୍ଲୀରୁ ଆସିଥିବା ଅଧିକାରୀମାନେ ଉପସ୍ଥିତ ଥିଲେ।

# କନିଷ୍ଠ ଶିକ୍ଷକ ପରୀକ୍ଷାଫଳ ପ୍ରକାଶ

## ମାସ ସୁଦ୍ଧା ନିଯୁକ୍ତି ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,
୧୫।୧(ଅସମାପିକା ସାହୁ)

କନିଷ୍ଠ ଶିକ୍ଷକ(ସ୍କିମାଟିକ୍) ଲିଖିତ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ୱେବ୍‌ସାଇଟ୍‌ରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ଫଳ ତାଲିକାରେ କଳା, ବିଜ୍ଞାନ, ତେଲୁଗୁ, ଉର୍ଦ୍ଦୁ ଓ ବଙ୍ଗଳା ଶିକ୍ଷକ ପାଇଁ ମୋଟ ୧୮,୭୮୮ଜଣ ସ୍ଥାନ ପାଇଛନ୍ତି। ବିଭିନ୍ନ ବର୍ଗ ପାଇଁ ସଂରକ୍ଷିତ ସିଟ୍ ପୂରଣ ହୋଇ ନ ଥିବାରୁ ସେସବୁ ପଦ ଖାଲି ରହିଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କନିଷ୍ଠ ଶିକ୍ଷକ ପଦ ପାଇଁ ମୋଟ ୯,୯୮୨ଜଣ କୃତିତ୍ୱ ଅର୍ଜନ କରିଛନ୍ତି। ତନ୍ମଧ୍ୟରୁ ବିଜ୍ଞାନରେ ୫,୯୧୬ଜଣ ସ୍ଥାନ ପାଇଥିବାବେଳେ କଳାରେ ୩,୭୯୯, ତେଲୁଗୁରେ ୧୬, ଉର୍ଦ୍ଦୁରେ ୧୫୯ ଏବଂ ବଙ୍ଗଳାରେ ୧୨ଜଣ ସ୍ଥାନ ପାଇଛନ୍ତି। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଶିକ୍ଷକ ପାଇଁ ମୋଟ ୮,୮୦୬ଜଣ କୃତକାର୍ଯ୍ୟ ହୋଇଥିବାବେଳେ ବିଜ୍ଞାନରେ ୫,୦୧୪ଜଣ, କଳାରେ ୩,୭୦୫, ତେଲୁଗୁରେ ୧୧, ଉର୍ଦ୍ଦୁରେ ୨୪ ଏବଂ ବଙ୍ଗଳାରେ ୭ଜଣ କୃତକାର୍ଯ୍ୟ ହୋଇଛନ୍ତି। ଆସନ୍ତା ବୁଧବାର ମଧ୍ୟରେ ଡକ୍ୟୁମେଣ୍ଟ ଭେରିଫିକେଶନ ପ୍ରକ୍ରିୟା ଆରମ୍ଭ କରାଯିବ। ସପ୍ତାହେ ମଧ୍ୟରେ ଏହି ପ୍ରକ୍ରିୟା ସାରିବାକୁ ଲକ୍ଷ୍ୟ ମଧ୍ୟ ଧାର୍ଯ୍ୟ ହୋଇଛି। ଏହାସହ ଚଳିତ ମାସ ଶେଷ ସୁଦ୍ଧା କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ସମସ୍ତ ପ୍ରସ୍ତୁତି କରାଯାଇଛି। ନିଯୁକ୍ତି ପାଇଁ ଓସେପା ପୂର୍ବରୁ ପ୍ରସ୍ତୁତି ଚଳାଇଛି। ଇତିମଧ୍ୟରେ ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ)ମାନେ ପ୍ରାଥମିକତା ଭିତ୍ତିରେ ଶିକ୍ଷକ ଆବଶ୍ୟକ କରୁଥିବା ବିଦ୍ୟାଳୟର ତାଲିକା ପ୍ରଦାନ କରିଛନ୍ତି। ସେହି ତାଲିକା ଭିତ୍ତିରେ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ଦିଆଯିବ ବୋଲି ସୂଚନା ଦିଆଯାଇଛି।




# ବରଗଡ଼ ଧନୁଯାତ୍ରା ଉଦ୍‌ଘାଟିତ, କଂସରାଜ୍ ଆରମ୍ଭ

ମଥୁରାନଗରୀ,୧୫।୧
(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ସୋମବାର ସନ୍ଧ୍ୟା ୭ଟା ୪୫ମିନିଟ୍‌ରେ ଉଦ୍‌ଘାଟିତ ହୋଇଛି। ପରମ୍ପରା ଦୃଷ୍ଟିରୁ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଏବଂ ବିଧାୟକ ଦେବେଶ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମାରୋହରେ ଧନୁଯାତ୍ରା ମହୋତ୍ସବ ସଭାପତି ତଥା ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ, କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ପି.ଏସ୍ ମୀନା, ସମ୍ପାଦକ ସୁରେଶ୍ୱର


ଅତିଥିମାନେ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ଶତପଥୀ, ରାଜଦରବାର କମିଟିର ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ମହୋତ୍ସବ ଉଦ୍‌ଘାଟିତ ହେବା ପରେ ମହାରାଜା ଉଗ୍ରସେନଙ୍କ ଉପସ୍ଥିତିରେ ସ୍ଥାନୀୟ ରାମଜୀ ମନ୍ଦିରରେ ବସୁଦେବଙ୍କ ସହିତ ଦେବକୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଦେବକୀଙ୍କ ଅଷ୍ଟମ ସନ୍ତାନ କଂସଙ୍କ ମୃତ୍ୟୁର କାରଣ ହେବ ବୋଲି ଦୈବବାଣୀ ଶୁଣି କଂସ ବିଚଳିତ ହୋଇ ପଡ଼ିଥିଲେ। ଏହାପରେ ଉଗ୍ରସେନ ମହାରାଜଙ୍କୁ ଗାଦିଚ୍ୟୁତ କରିବା ସହିତ ଯୁବରାଜ କଂସ ଶାସନ ଡୋରି ନିଜ ହାତକୁ ନେଇଥିଲେ। ଶାସନ ଭାର ହାତେଇବା ପରେ କଂସ ମହାରାଜା ଦେବକୀ, ବସୁଦେବଙ୍କୁ କାରାଗାର (ସମଲେଶ୍ୱରୀ ମଣ୍ଡପ)କୁ ପଠାଇ ଦେଇଥିଲେ। କଂସଙ୍କ ଏଭଳି ରାଜୁତି ପରେ ସମଗ୍ର ମଥୁରା ନଗରୀ ଅଶାନ୍ତ ହୋଇ ପଡ଼ିଛି। ସେହିପରି ଦୈବବାଣୀ ପରଠାରୁ ଯୁବରାଜ କଂସ ବିଚଳିତ ହୋଇପଡ଼ିଛନ୍ତି। ମନକୁ ଶାନ୍ତ କରିବା ପାଇଁ କଂସଙ୍କ ନିର୍ଦ୍ଦେଶରେ ରାଜଦରବାରରେ ନୃତ୍ୟ ପରିବେଷିତ ହୋଇଥିଲା।

# ୧୪ ଜିଲାରେ ପ୍ରବଳ କୁହୁଡ଼ି ସମ୍ଭାବନା

## ଆଉ ବଢ଼ିବନି ଶୀତ

ଭୁବନେଶ୍ୱର,
୧୫।୧ (ଅନିଲ ଦାସ)

ରାଜ୍ୟରେ ଆଉ ଶୀତର ପ୍ରକୋପ ବଢ଼ିବ ନାହିଁ। ଆସନ୍ତା ୨୪ ତାରିଖ ଯାଏ ହାଲୁକା ଶୀତ ରହିବ। ସର୍ବନିମ୍ନ ତାପମାତ୍ରା ୯ରୁ ୧୦ ଡିଗ୍ରୀ ସେଲ୍‌ସିୟସ ରହିବ। ଫେବୃୟାରୀ ପ୍ରଥମ ସପ୍ତାହରୁ ଦିନର ତାପମାତ୍ରା ବୃଦ୍ଧି ପାଇବା ଆରମ୍ଭ କରିବ। ତେବେ ରାତ୍ରିରେ ସର୍ବନିମ୍ନ ତାପମାତ୍ରା ୧୦ରୁ ୨୦ ଡିଗ୍ରୀ ମଧ୍ୟରେ ରହିବ।

ଆସନ୍ତା ୪ ଦିନ ରାଜ୍ୟରେ ପାଗ ଶୁଖିଲା ରହିବ। ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର ଏବଂ କୋରାପୁଟ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ କୁହୁଡ଼ି ହେବ। ଉକ୍ତ ଜିଲାଗୁଡ଼ିକ ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

୧୭ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ମୟୂରଭଞ୍ଜ ଜିଲାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୮ରେ ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ଭଦ୍ରକ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।

# ସୀମାନ୍ତ ପୁଷନାରରେ ଯୁବକଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି,୧୫।୧
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାର ଗଙ୍ଗାଲୁର ଥାନା ଅଞ୍ଚଳରେ ଥିବା ପୁଷନାର ଗ୍ରାମର ଜଣେ ଯୁବକଙ୍କୁ ମାଓବାଦୀମାନେ ସୋମବାର ହତ୍ୟାକରି ମୃତଦେହ ପୁଷନାର ରାସ୍ତାରେ ଫିଙ୍ଗିଦେଇଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ପୁଷନାର ଗ୍ରାମର ରିଷୁ ପୁନେମ(୧୯)। ରିଷୁ ନିଜ ଘରକୁ ଯାଉଥିବା ବେଳେ ରାସ୍ତାରେ ମାଓବାଦୀ ମାନେ ତାଙ୍କ ଉପରକୁ ଆକ୍ରମଣକରି ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ମୃତ ରିଷୁ ପରିବାର ଲୋକେ ଗଙ୍ଗାଲୁର ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।










ବାହାର ଜଗତରେ ଘୁରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। -ଶ୍ରୀମା

-ବରଗଡ଼ରେ ଧନୁ ଯାତ୍ରା



# ଭିକାରି କେତେ

ଭିକ୍ଷାବୃତ୍ତି ଜଣେ ବ୍ୟକ୍ତିର ଦୁର୍ବଳ ଆର୍ଥିକ ଓ ସାମାଜିକ ସ୍ଥିତିକୁ ଦର୍ଶାଏ। ଭିକାରିଟିଏ ଏହି ବୃତ୍ତିରେ ବଞ୍ଚେ। ବହୁ ସମୟରେ ଦେଖାଯାଏ ଅନେକ ସକ୍ଷମ ବ୍ୟକ୍ତି ଭିକମାଗନ୍ତି, ଯାହା ସେମାନଙ୍କ କାର୍ଯ୍ୟ କ୍ଷମତା ଉପରେ ପ୍ରଶ୍ନ ଉଠାଏ। ଭିକାରିଙ୍କ ସଂଖ୍ୟା ଭାରତ ପାଇଁ ସବୁବେଳେ ଚିନ୍ତାଜନକ ହୋଇରହିଛି। ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ମୋଟ ୪,୧୩,୬୭୦ ଭିକାରି ଥିଲେ। ପଶ୍ଚିମବଙ୍ଗରେ ସବୁଠୁ ଅଧିକ ଓ ତା' ପଛକୁ ଥିଲା ଉତ୍ତରପ୍ରଦେଶ । ଏବେ ଦେଶରେ ଭିକାରି ସଂଖ୍ୟା ହ୍ରାସ ବୃଦ୍ଧିର ତଥ୍ୟ ପ୍ରକାଶ ପାଉଥିଲେ ବି ତାହା ସନ୍ଦେହ ସୃଷ୍ଟିକରେ। କାରଣ, ଭାରତ ବୈଶ୍ୱିକ ଦାରିଦ୍ର୍ୟ ସୂଚକାଙ୍କକୁ ଗ୍ରହଣ କରିବାକୁ ନାରାଜ। ତେବେ ଓଡ଼ିଶାରେ ୬,୯୭୦ ଜଣ ଭିକାରି ଠାବହୋଇଥିବା ୨୦୨୧ରେ ବିଧାନସଭାରେ ସରକାର ସ୍ପଷ୍ଟ କରିଥିଲେ। ରାଜ୍ୟକୁ ଭିକାରି ମୁକ୍ତ କରିବାକୁ ସହାୟ ଯୋଜନା ମଧ୍ୟ ଆରମ୍ଭ କରାଯାଇଛି। ତେବେ ଭୁବନେଶ୍ୱରକୁ ଭିକାରିମୁକ୍ତ କରିବା ପାଇଁ ୨୦୨୩ରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଭିଯାନ ଆରମ୍ଭ କରିଥିଲା। ଏଥିରେ ବିଏମ୍‌ସି ପୂର୍ଣ୍ଣ ସଫଳତା ପାଇପାରି ନ ଥିଲେ ବି ଅନେକାଂଶରେ ଏହାକୁ ନିୟନ୍ତ୍ରଣ କରାଯାଇଛି। କିନ୍ତୁ ଏବେ ସୁଦ୍ଧା ରେଳଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳ କିମ୍ବା ଆଉ କିଛି ସ୍ଥାନରେ ଏମାନଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। ଭିକାରିମାନଙ୍କୁ ଉଦ୍ଧାର କରାଯାଇ ଅନେକଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଉଥିବାବେଳେ ଯାଯାବର ଗୋଷ୍ଠୀର ଭିକାରି (ବଞ୍ଜାରା) ବିଭିନ୍ନ ହସ୍ତକଳା ଜିନିଷ ତିଆରି ଓ ବିକ୍ରି କରିବା ଆଳରେ ଏଣେତେଣେ ରହିଥିବା ଜଣାପଡ଼ିଛି। ଏଯାବତ ପାଖାପାଖି ୨୫୦ ବଞ୍ଜାରାଙ୍କୁ ଉଦ୍ଧାର କରାଯାଇଛି। ଭୁବନେଶ୍ୱର ସହରକୁ ଭିକାରିମୁକ୍ତ କରାଯାଉଥିଲେ ମଧ୍ୟ ରାଜ୍ୟର ଅନ୍ୟ ପ୍ରମୁଖ ସହରଗୁଡ଼ିକରେ ଏମାନଙ୍କୁ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁଛି।

**ଭୁବନେଶ୍ୱର ନୁହେଁ, ରାଜ୍ୟର ସବୁ ସ୍ଥାନରେ ଥିବା ଭିକାରିଙ୍କୁ ଠାବକରି ଉପଯୁକ୍ତ ପ୍ରଶିକ୍ଷଣ ଓ କୌଶଳ ଶିକ୍ଷା ଦେଇ ରୋଜଗାର ସୁଯୋଗ ସୃଷ୍ଟି କରିବାକୁ ପ୍ରଚେଷ୍ଟା ଆରମ୍ଭ କରାଯିବା ଦରକାର। ଏହା ମଧ୍ୟ ଦେଖିବାକୁ ହେବ ଯେ, ସେହି ଉଦ୍ଧାର କରାଯାଇଥିବା ତଥାକଥିତ ଭିକାରିଙ୍କ ମଧ୍ୟରୁ କେତେଜଣ ଏକ ନିୟମିତ ଜୀବନଯାପନ କରି ରୋଜଗାର ପନ୍ଥା ଧରିବାକୁ ଇଚ୍ଛୁକ ହେବେ।**

ଦେଶରେ ଭିକାରିମୁକ୍ତ ଅଭିଯାନର ସଫଳତା ହାର ବହୁତ କମ୍। କେନ୍ଦ୍ର ସରକାର ୨୦୨୧ରେ ଦିଲ୍ଲୀ ସମେତ ମୁମ୍ବାଇ, ବେଙ୍ଗାଲୁରୁ ଏବଂ ଚେନ୍ନାଇ ଆଦି ୧୦ଟି ସହରକୁ ଭିକାରି ମୁକ୍ତ କରିବାକୁ ଏକ ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। କିନ୍ତୁ ଗତ ବର୍ଷ ଦିଲ୍ଲୀରେ ଅନୁଷ୍ଠିତ ଜି୨୧ ସମ୍ମିଳନୀ ପୂର୍ବରୁ ପୁନର୍ବାର ଭିକାରିଙ୍କୁ ଠାବ କରାଯାଇଥିଲା । ଏଥିରୁ ବୁଝାପଡୁଛି , ଭିକାରି ମୁକ୍ତ ଯୋଜନା ଆରମ୍ଭ କରିଦେଇ ରାତାରାତି ସଫଳତା ମିଳିପାରିବ ବୋଲି ଦାବି କରାଯାଇପାରିବ ନାହିଁ। ଏଠାରେ ମନେରଖିବାକୁ ହେବ ଯେ, ଭିକାରି ସୃଷ୍ଟି ହେବା ପଛରେ ଅର୍ଥନୈତିକ କାରଣ ରହିଥିବା କଥା ସମସ୍ତେ ଜାଣନ୍ତି। ତେବେ ସବୁକଥା କେବଳ ଅର୍ଥରେ ଶେଷ ହୋଇଯାଉନାହିଁ। ଭିକାରି ଗୋଷ୍ଠୀଙ୍କର ମଧ୍ୟ ଏକ ଚାପ ରହିଥିବା ଦେଖିବାକୁ ମିଳେ। ନିର୍ଦ୍ଧାରିତ ସ୍ଥାନରେ ସେଠାକାର ନିର୍ଦ୍ଦିଷ୍ଟ ଭିକାରି ଗୋଷ୍ଠୀ ଭିକ ମାଗିପାରନ୍ତି। ସାମାଜିକ ସମସ୍ୟା ସହିତ ଏଥିରେ ଏକ ଆଇନଶୃଙ୍ଖଳା ଦିଗ ମଧ୍ୟ ରହିଛି।

ବିଶ୍ୱରେ ଜାପାନ, ଇଣ୍ଡୋନେସିଆ, ସିଙ୍ଗାପୋର, ନରୱେ, ଫିନ୍‌ଲାଣ୍ଡ, ଦକ୍ଷିଣ କୋରିଆ, ୟୁଏଇ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଭିକାରି ସଂଖ୍ୟା ବହୁତ କମ୍। ସେହିସବୁ ଦେଶରେ ଲୋକସଂଖ୍ୟା ମଧ୍ୟ କମ୍। ଏହି ଦେଶଗୁଡ଼ିକ ଉଚିତ ମାର୍ଗରେ ଦାରିଦ୍ର୍ୟ ଦୂରୀକରଣ ଯୋଜନା କିମ୍ବା କଠିନ ଆଇନ ପ୍ରଣୟନକରି ବହୁ ଚେଷ୍ଟାରେ ଏହାକୁ ନିୟନ୍ତ୍ରଣକୁ ଆଣିପାରିଛନ୍ତି। ବାସ୍ତବରେ ଭିକାରିମୁକ୍ତ ଯୋଜନା ସମୟ ସାପେକ୍ଷ । କିନ୍ତୁ ଭାରତରେ ଏହାର କାର୍ଯ୍ୟକାରିତା ସମ୍ପୂର୍ଣ୍ଣ ଧିମା ଲକ୍ଷ୍ୟ କରାଯାଏ, ଯାହାଫଳରେ ଏହାର ପୂର୍ଣ୍ଣ ସଫଳତା ଉପରେ ପ୍ରଶ୍ନ ଉଠୁଛି। ଉଦ୍ଧାର କରାଯାଉଥିବା ଭିକାରିମାନଙ୍କ ପାଇଁ ସ୍ଥାୟୀ ଥଇଥାନ ବ୍ୟବସ୍ଥା କରାଯିବା ଦରକାର, ଯାହା ଏଯାବତ କେନ୍ଦ୍ର ପକ୍ଷରୁ ସମ୍ପୂର୍ଣ୍ଣ କରାଯାଇନାହିଁ। ଏହା ନିଶ୍ଚିତ ଯେ, ସେମାନଙ୍କ ଜୀବିକା ପାଇଁ ମହତ୍ତ୍ୱାକାଂକ୍ଷୀ ଯୋଜନା କରାଯିବା ଜରୁରୀ। ରାଜ୍ୟ ପରିପ୍ରେକ୍ଷୀରେ ବିଚାରକଲେ ଭୁବନେଶ୍ୱରରୁ ଭିକାରିଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାର କିମ୍ବା ରାଜ୍ୟକୁ ଫେରାଇଦେବା ହୁଏତ ସହଜ ହୋଇପାରେ। ଭୁବନେଶ୍ୱର ନୁହେଁ, ରାଜ୍ୟର ସବୁ ସ୍ଥାନରେ ଥିବା ଭିକାରିଙ୍କୁ ଠାବକରି ଉପଯୁକ୍ତ ପ୍ରଶିକ୍ଷଣ ଓ କୌଶଳ ଶିକ୍ଷା ଦେଇ ରୋଜଗାର ସୁଯୋଗ ସୃଷ୍ଟି କରିବାକୁ ପ୍ରଚେଷ୍ଟା ଆରମ୍ଭ କରାଯିବା ଦରକାର। ଏହା ମଧ୍ୟ ଦେଖିବାକୁ ହେବ ଯେ, ସେହି ଉଦ୍ଧାର କରାଯାଇଥିବା ତଥାକଥିତ ଭିକାରିଙ୍କ ମଧ୍ୟରୁ କେତେଜଣ ଏକ ନିୟମିତ ଜୀବନଯାପନ କରି ରୋଜଗାର ପନ୍ଥା ଧରିବାକୁ ଇଚ୍ଛୁକ ହେବେ।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 1 | 6 | | 5 | | | | | |
| 3 | | | | | | | | 7 |
| | | | | 8 | | | 4 | |
| | | | | | | | 8 | 4 |
| | 8 | 5 | | | 7 | | | 1 |
| | | | | 6 | | 3 | | |
| 7 | | | 4 | | | 9 | | |
| | 5 | 6 | | 7 | | | | |
| | | | | 5 | 8 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 1 | 5 | 6 | 2 | 4 | 7 | 9 |
| 4 | 6 | 7 | 3 | 8 | 9 | 2 | 5 | 1 |
| 2 | 5 | 9 | 1 | 4 | 7 | 6 | 8 | 3 |
| 7 | 4 | 8 | 6 | 1 | 3 | 5 | 9 | 2 |
| 5 | 2 | 3 | 8 | 9 | 4 | 1 | 6 | 7 |
| 9 | 1 | 6 | 7 | 2 | 5 | 8 | 3 | 4 |
| 6 | 9 | 5 | 4 | 7 | 1 | 3 | 2 | 8 |
| 8 | 7 | 4 | 2 | 3 | 6 | 9 | 1 | 5 |
| 1 | 3 | 2 | 9 | 5 | 8 | 7 | 4 | 6 |

ଗତକାଲିର ଉତ୍ତର

# ଜୀବନର ଶ୍ରେଣୀ ବିଚାର



ଡ.ସତ୍ୟନାରାୟଣ ମିଶ୍ର

ବିଶ୍ୱାସ, ଭକ୍ତି ଓ ସମର୍ପଣରେ ଭଗବାନଙ୍କର ସ୍ଥିତିକୁ ଉପଲବ୍ଧି କରିହୁଏ, ଯେଉଁଠି ମଣିଷ ମନରେ ନ ଥାଏ ଗ୍ଳାନି, ଅହଂକାର ଓ ଗର୍ବ। ସୃଷ୍ଟିର ମଣିଷ ହିଁ ଏକମାତ୍ର ପ୍ରାଣୀ, ଯିଏ ଭଲ ମନ୍ଦର ବିଚାର ଅବିଚାର, ଠିକ୍ ଭୁଲ ଆଦିର ତର୍ଜମା କରିଥାଏ ଓ ସିଦ୍ଧାନ୍ତରେ ଉପନୀତ ହୋଇଥାଏ ବାସ୍ତବତାର ରୂପରେଖକୁ ଚରିତାର୍ଥ କରିବା ପାଇଁ। ବର୍ଗୀକରଣ, ବିଭକ୍ତୀକରଣ, ସାମାଜିକ, ଅର୍ଥନୈତିକ ପାର୍ଥକ୍ୟ ଆଦି ମଣିଷହିଁ ସୃଷ୍ଟି କରିଥାଏ ମଣିଷଙ୍କ ପାଇଁ। ଧରାପୃଷ୍ଠରେ ଅନ୍ୟ ଜୀବଜଗତ ଯେତେବେଳେ ବଞ୍ଚିବା ପାଇଁ ସଂଗ୍ରାମ ବା ଇଚ୍ଛା କରିଥାଏ, ସେତେବେଳେ ମଣିଷ ସମାଜ ନିଜ ନିଜ ମଧ୍ୟରେ ପାତର ଅନ୍ତର ବିଭେଦ ଆଦି ସୃଷ୍ଟି କରି ସାମାଜିକ ତାରତମ୍ୟର ଏକ ବିଶେଷ ବଳୟ ସୃଷ୍ଟି କରିଥାଏ। ସେହି ବଳୟ ମଧ୍ୟରେ କିଏ ନିଷ୍ପେଷିତ ହୋଇଥାଏ ତ ପୁଣି କିଏ ଏହା ଏକ ସୁଯୋଗର ଭରପୂର ଲାଭ ଉଠାଇଥାଏ। ଭଗବାନଙ୍କ ସୃଷ୍ଟିରେ ଯେତେବେଳେ ସମସ୍ତ ଜୀବଜଗତ ଏକକ ନିର୍ଦ୍ଦେଶ ଦ୍ୱାରା ପରିଚାଳିତ ହୋଇଥାଏ ବୋଲି ବିଶ୍ୱାସ କରାଯାଏ, ସେହି ଦୃଷ୍ଟିରେ ମଣିଷ କିନ୍ତୁ ମଣିଷକୁ ଈର୍ଷା କରେ, ଘୃଣା କରେ, ଭୟ କରେ, ଅନ୍ୟର ଦୁଃଖରେ ସୁଖୀ ହୁଏ, ଅନ୍ୟର ସୁଖରେ ଦୁଃଖୀ ହୁଏ, ଅନ୍ୟର ଉତ୍କର୍ଷରେ ଅସହିଷ୍ଣୁ ହୋଇଥାଏ ଇତ୍ୟାଦି ଇତ୍ୟାଦି। ଉକ୍ତ ପାର୍ଥକ୍ୟ, ବୈଷମ୍ୟ, ବିଭେଦ ଆଦି କରି ମଣିଷ ସମାଜ ନିଜ ନିଜ ମଧ୍ୟରେ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରି ବର୍ଗୀକରଣ କରିଥାଏ ଜୀବନର ସୁନ୍ଦର ମୁହୂର୍ତ୍ତକୁ, ଯେଉଁଠି ସେ କେବଳ ପାଇଥାଏ କିଛି ଅହଂକାର, ଗର୍ବ, ଈର୍ଷା ଓ ସାମାଜିକ ପ୍ରତିପତ୍ତି। ସମାଜରେ ବର୍ଗୀକରଣ ହେବା ପରେ ଯେଉଁମାନଙ୍କ ନିକଟରେ ଅଧିକ ଧନ, ପ୍ରତିପତ୍ତି କ୍ଷମତା ଆଦି ରହିଥାଏ, ସେମାନେ ହୋଇଥାନ୍ତି ସମାଜର ଉଚ୍ଚଶ୍ରେଣୀର ବ୍ୟକ୍ତିବିଶେଷ। ଯେଉଁମାନଙ୍କଠାରେ ଉକ୍ତ ସ୍ଥିତି ସ୍ୱଳ୍ପମାତ୍ରାରେ ଥାଏ ବା ଜୀବନ ନିର୍ବାହ ପାଇଁ ଆବଶ୍ୟକତାକୁ ସମ୍ମୁଖୀନ ହେବା ଲାଗି ସାମର୍ଥ୍ୟ ଥାଏ, ସେମାନେ ହୋଇଥାନ୍ତି ମଧ୍ୟମ ଶ୍ରେଣୀର। ଯେଉଁମାନଙ୍କ ନିକଟରେ ଉକ୍ତ ସ୍ଥିତି କିଛି ନ ଥାଏ, ସେମାନେ ନିଃସ୍ୱ, ଦରିଦ୍ର ଶ୍ରେଣୀର ପର୍ଯ୍ୟାୟଭୁକ୍ତ ହୋଇଥାନ୍ତି ଓ ଉକ୍ତ ଶ୍ରେଣୀର ବ୍ୟକ୍ତିମାନଙ୍କର ସମାଜରେ କୌଣସି ଆଧିପତ୍ୟ ନ ଥାଏ। ମନୁଷ୍ୟ ଉକ୍ତ ଶ୍ରେଣୀଭୁକ୍ତ ସମାଜ ସୃଷ୍ଟିକରି ତାହାକୁ ସାମ୍ବିଧାନିକ ବିଧି ବ୍ୟବସ୍ଥା ବା ଗଣତାନ୍ତ୍ରିକ ବିଚାରଧାରାରେ ସ୍ୱୀକୃତି ଦେଇଥାଏ, ଯାହାକୁ ଏ ସମାଜ ବାଧ୍ୟବାଧକତାରେ ମାନିନେଇଥାଏ। ଶ୍ରେଣୀଭୁକ୍ତ ସମାଜ ସୃଷ୍ଟିକରି ମଣିଷ ନିଜର ପତିଆରା ଓ ଆଭିଜାତ୍ୟର ଅଭିମାନ ଆଦିକୁ ସାବ୍ୟସ୍ତ କରିଥାଏ କେବଳ ଅନ୍ୟମାନଙ୍କ ଉପରେ, ଯେଉଁମାନଙ୍କ ନିକଟରେ ଉକ୍ତ ପ୍ରତିପତ୍ତି, କ୍ଷମତା, ଧନ ଓ ପ୍ରାଚୁର୍ଯ୍ୟ ନ ଥାଏ।

ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ମଣିଷ ସାମାଜିକ



ଅର୍ଥରେ ବିଶିଷ୍ଟ ବ୍ୟକ୍ତି, ଅତିବିଶିଷ୍ଟ ବ୍ୟକ୍ତିର ମୋହରର ମର୍ଯ୍ୟାଦାକୁ ଆଧାର କରି ଜୀବନ ଅତିବାହିତ କରିଥାଏ। ଯେଉଁ ସୃଷ୍ଟିରେ ଭଗବାନ ନିଜର ସୃଷ୍ଟିର ଅବୟବମାନଙ୍କୁ ନିଜର ସନ୍ତାନ ବୋଲି ମନେ କରନ୍ତି ଓ କୌଣସି ପାର୍ଥକ୍ୟ, ବିଭେଦ କରି ନ ଥାନ୍ତି, ତାଙ୍କରି ସନ୍ତାନ ହୋଇ ମଣିଷ ନିଜକୁ ମଣିଷ ଠାରୁ ବର୍ଗୀକରଣ ଓ ଶ୍ରେଣୀଭୁକ୍ତ ହୋଇ ନିଜର ପ୍ରତିଷ୍ଠା ଓ ଅହଂକାରର ଦୃଢ଼ୋକ୍ତିରେ ସେ ଭଗବାନଙ୍କୁ ମଧ୍ୟ ଶ୍ରେଣୀଭୁକ୍ତ କରିଥାଏ। ଅନେକ ସମୟରେ ସମାଜରେ ପରିଲକ୍ଷିତ ହୋଇଥାଏ ଯେ ଯେଉଁ ରାସ୍ତାରେ ବିଶିଷ୍ଟ ବା ଅତିବିଶିଷ୍ଟ ବ୍ୟକ୍ତିମାନେ ଯାତାୟାତ କରିବେ, ସେମାନଙ୍କ ଯାତାୟାତ ସମୟରେ ଉକ୍ତ ରାସ୍ତା ଦେଇ ସାଧାରଣ ଜନତା ଯାତାୟାତ କରି ପାରି ନ ଥାନ୍ତି, ତାହା ଥାଏ ସମାଜଠାରୁ ଭିନ୍ନ ବ୍ୟକ୍ତିମାନଙ୍କ ପାଇଁ ସେବା। ସରକାରୀ ବା ବେସରକାରୀ କାର୍ଯ୍ୟରେ, ସଭା ସମିତିରେ, ଧାର୍ମିକ ଅନୁଷ୍ଠାନ ଆଦିରେ ଉକ୍ତ ଶ୍ରେଣୀର ବ୍ୟକ୍ତିମାନେ ସର୍ବାଗ୍ରେ ବନ୍ଦନୀୟ ଓ ପୂଜନୀୟ ହୋଇଥାନ୍ତି। ଜଣେ ବିଶିଷ୍ଟ ବା ଅତି ବିଶିଷ୍ଟ ବ୍ୟକ୍ତି ଯଦି କୌଣସି ଧର୍ମାନୁଷ୍ଠାନ ଆଦିକୁ ପରିଦର୍ଶନ ପାଇଁ ଇଚ୍ଛା ପ୍ରକଟ କରିଥାନ୍ତି, ତେବେ ସେହି ସମୟରେ ଭଗବାନଙ୍କୁ ଉକ୍ତ ବିଶିଷ୍ଟଙ୍କ ପାଇଁ ଭଗବାନଙ୍କୁ ମଧ୍ୟ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିଥାଏ। କାରଣ ସେତେବେଳେ ଉକ୍ତ ସମୟରେ ଯଦି ଜଣେ ସମାଜର ସାଧାରଣ ଦୀନ ଦରିଦ୍ର ବ୍ୟକ୍ତି, ଯିଏ ଭଗବାନଙ୍କର ଅତି ପ୍ରିୟ ଭକ୍ତ ହୋଇଥାଏ, ସେ ଯଦି ଭଗବାନଙ୍କୁ ପରିଦର୍ଶନ କରିବାକୁ ଉତ୍ସୁକ ଥାଏ, ତେବେ ବିଶିଷ୍ଟ ଓ ଅତିବିଶିଷ୍ଟ ବ୍ୟକ୍ତିମାନଙ୍କଙ୍କର ସୁରକ୍ଷା ବଳୟ ଭେଦ କରିପାରି ନ ଥାଏ। ଭଗବାନ ସେଠାରେ ନିରୁପାୟ ହୋଇଥାନ୍ତି। କାରଣ ଏ ମଣିଷ ଭଗବାନଙ୍କୁ ମଧ୍ୟ ନିଜ ଭଳି ଶ୍ରେଣୀରେ ବିଭକ୍ତ କରିସାରିଛି। ଉକ୍ତ ସମୟରେ ଭଗବାନ କେବଳ ବିଶିଷ୍ଟ ଓ ଅତିବିଶିଷ୍ଟ ବ୍ୟକ୍ତି ପାଇଁ ଦର୍ଶନାର୍ଥେ ଉଭା ହୋଇଥାନ୍ତି ଓ ଉକ୍ତ ଶ୍ରେଣୀର ବ୍ୟକ୍ତି ସେଥିରେ ଅନେକ ଗର୍ବ ଅନୁଭବ କରିଥାନ୍ତି ଯେ, ସେମାନେ ଭଗବାନଙ୍କର ପ୍ରିୟ। ଗର୍ବ ଓ ଦାମ୍ଭିକତାରେ ମଣିଷ ଭଗବାନଙ୍କୁ ଯେତେବେଳେ ପରିଦର୍ଶନ କରିଥାଏ, ସେତେବେଳେ ଭଗବାନ କେବଳ ନିର୍ବାକ ହୋଇ ଅପେକ୍ଷା କରିଥାନ୍ତି ପରବର୍ତ୍ତୀ ସମୟକୁ। ଏକ ଘଟଣାକୁ ଅନୁଧ୍ୟାନ କଲେ ମଣିଷ ସମାଜରେ କିପରି ବିଶିଷ୍ଟ, ଅତିବିଶିଷ୍ଟ ଓ ସାଧାରଣ ମଣିଷର ଜୀବନଶୈଳୀ ଓ ଜୀବନ ପରେ ଅର୍ଥାତ ମୃତ୍ୟୁ ପରେ ତାହା କିପରି ବିଦ୍ୟମାନ ତାହା ଅନୁମାନ କରାଯାଇପାରେ।

ବିଶାସ, ଭକ୍ତି ଓ ଗ୍ରହଣର ତରାଜୁରେ ହିନ୍ଦୁ ଧର୍ମାବଲମ୍ବୀ ବ୍ୟକ୍ତିର ମୃତ୍ୟୁ ପରେ ଓଡ଼ିଶାର ଆରାଧ୍ୟ ଭଗବାନ ଜଗନ୍ନାଥଙ୍କ ସ୍ୱର୍ଗ ଦ୍ୱାରରେ ଉକ୍ତ ଶରୀରକୁ ଦାହ କରିଥାନ୍ତି । ବିଶ୍ୱାସ ଥାଏ ଏଠାରେ ସ୍ୱର୍ଗକୁ ମୁକ୍ତି ମାର୍ଗ ସୁଗମ ହୋଇଥାଏ। ପୁରୀ ସ୍ୱର୍ଗଦ୍ୱାରରେ ସାଧାରଣ ମଣିଷର ମୃତଦେହକୁ ଦାହ କରିବା ପାଇଁ ଯେଉଁ ସ୍ଥାନ ନିରୂପଣ ହୋଇଥାଏ, ସେଠାରେ ବିଶିଷ୍ଟ କିମ୍ବା ଅତିବିଶିଷ୍ଟ ବ୍ୟକ୍ତିମାନଙ୍କର ମୃତଦେହକୁ ଦାହ କରାଯାଇ ନ ଥାଏ। ସେମାନଙ୍କର ମୃତଦେହ ଦାହ କରିବା ପାଇଁ ସଂରକ୍ଷିତ ଓ ନିରୂପିତ ସ୍ଥାନ ନିରୂପଣ ହୋଇଥାଏ, କାରଣ ସେମାନେ ବିଶିଷ୍ଟ ଓ ଅତିବିଶିଷ୍ଟ। ଯେତେବେଳେ ସାଧାରଣ ମୃତଦେହ ଦାହ କରିବା ପାଇଁ ସ୍ଥାନର ଅଭାବରୁ ଅନେକ ଭିଡ ଥାଏ, ମାତ୍ର ବିଶିଷ୍ଟ ଓ ଅତିବିଶିଷ୍ଟ ସ୍ଥାନ ଉକ୍ତ ସମୟରେ ଖାଲିଥିଲେ ମଧ୍ୟ ଶ୍ରେଣୀଭୁକ୍ତ ସମାଜର କଠୋର ନୀତି ନିୟମ ପାଇଁ ସାଧାରଣ ବ୍ୟକ୍ତିଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରି ଭଗବାନଙ୍କ ନିକଟକୁ ଯିବା ପାଇଁ ବା ସ୍ୱର୍ଗତ ହେବା ପାଇଁ ଅପେକ୍ଷା କରିବାକୁ ପଡ଼ିଥାଏ। କିନ୍ତୁ ସେହି କ୍ଷେତ୍ରରେ ବିଶିଷ୍ଟ ଓ ଅତିବିଶିଷ୍ଟ ମୃତଦେହ ପାଇଁ ଯଥା ଶୀଘ୍ର କାର୍ଯ୍ୟ ସମ୍ପାଦନ ହୋଇଥାଏ। ଅର୍ଥାତ ଜୀବିତାବସ୍ଥାରେ ଓ ମୃତ୍ୟୁପରେ ବା ମୃତଦେହରେ ମଧ୍ୟ ବିଶିଷ୍ଟ ଓ ଅତିବିଶିଷ୍ଟର ଅହେତୁକ ସୁବିଧା ସୁଯୋଗ ମଧ୍ୟ ହାତଛଡ଼ା ଏ ମଣିଷ କରି ନ ଥାଏ। ମାତ୍ର ଏ ଶ୍ରେଣୀଭୁକ୍ତ ସମାଜ ମଣିଷର ମୃତ୍ୟୁ ପରେ ଆଉ ସୁରକ୍ଷାବଳୟ ବିଶିଷ୍ଟ ବା ଅତି ବିଶିଷ୍ଟଙ୍କର ସଂଜ୍ଞାକୁ ନେଇ ଭଗବାନଙ୍କ ଦ୍ୱାରରେ ଆପତ୍ତି ଅଭିଯୋଗ କରିପାରି ନ ଥାଏ, କାରଣ ସେଠାରେ ଆଉ ଭଗବାନଙ୍କୁ ମନୁଷ୍ୟକୃତ ଶ୍ରେଣୀଭୁକ୍ତର ବଳୟରେ ବନ୍ଦୀ ହେବାକୁ ପଡ଼ି ନଥାଏ। ଅତଏବ ସେଇଟା ଭଗବାନଙ୍କ କ୍ଷେତ୍ରର ସମାନତାର ପରିବ୍ୟାପକ କ୍ଷେତ୍ର। ମଣିଷ ଭଗବାନଙ୍କୁ ଶ୍ରେଣୀଭୁକ୍ତ କରିଥାଏ, ହେଲେ ମଣିଷର ମୃତ୍ୟୁ ପରେ ଯେଉଁଠାରେ ସମାଜର ସମସ୍ତ ବର୍ଗ ଶ୍ରେଣୀ ବା ବ୍ୟକ୍ତିଙ୍କର ସୂକ୍ଷ୍ମ ଆତ୍ମା ରହିଥାଏ, ସେଠାରେ ନ ଥାଏ ବିଶିଷ୍ଟ ଅତିବିଶିଷ୍ଟ ସାଧାରଣ ପାତର ଅନ୍ତର ବା ବୈଷମ୍ୟ। ସେଠାରେ ଥାଏ କେବଳ ଜୀବଦ୍ଦଶା ମଧ୍ୟରେ କର୍ମର ଫଳାଫଳର ଏକ ଅଦୃଶ୍ୟ ଲିଖିତ ନଥି। ସେହି ନଥିରୁ ଯେଉଁ ବିଚାର ନିର୍ଦ୍ଦେଶ ହୋଇଥାଏ ତାହାକୁ ବ୍ୟକ୍ତି ମାନିବାକୁ ବାଧ୍ୟ ହୋଇଥାଏ ଓ ସେଠାରେ ଅଭିମାନ, ଅହଂକାର, ଗର୍ବ ଆଦିର ବିଲୋପ ହୋଇ କେବଳ ଜୟ ହୋଇଥାଏ ସମାନତାର ନୀତି ନିୟମ। ଉକ୍ତ ମଣିଷଙ୍କର ଆତ୍ମା ଓ ସ୍ଥିତିରେ ସମସ୍ତ ଆତ୍ମାର ସମାହାର ହୋଇ ସୃଷ୍ଟି ହୋଇଥାଏ ଶ୍ରେଣୀହୀନ ସମାଜ। ଅତଏବ ସମାଜରେ ମଣିଷର ଜୀବଦ୍ଦଶା ମଧ୍ୟରେ ନିଜକୁ ସ୍ୱୟଂ ଶୃଙ୍ଖଳିତ କରି ଗଢ଼ିତୋଳିବାକୁ ଚାହେଁ, ତେବେ ଈଶ୍ୱରଙ୍କ ଦ୍ୱାରରେ ଭିକ୍ଷୁକ ହୋଇ ଭିକ୍ଷା ନିବେଦନ କରି ସମର୍ପଣ ହେବା ଆବଶ୍ୟକ, ତେବେ ଯାଇ ଭଗବାନଙ୍କ ସ୍ୱର୍ଗଦ୍ୱାରର ପଥ ଉନ୍ମୁକ୍ତ ହୋଇପାରେ।

**ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ଭୁବନେଶ୍ୱର**
**ମୋ : ୯୯୩୭୩୪୫୯୦୦**

# କିମ୍ ଜଙ୍ଗ୍ ଉନ୍‌ଙ୍କ କାନ୍ଦ



ଲଳିତେନ୍ଦୁ ପଲାଉରୀ

କାନ୍ଦିଲେ ଉତ୍ତର କୋରିଆ ତାନାଶାହ ସୁପ୍ରିମ ଲିଡର କିମ୍ ଜଙ୍ଗ୍ ଉନ୍। ଜାତୀୟ ମାତୃ ଦିବସରେ ମହିଳାମାନଙ୍କୁ ସମ୍ବୋଧନ କରି ଭାବପ୍ରବଣ ହୋଇ ଲୁହ ଗଡ଼ାଇଲେ ଏହି ଶାସକ। ଦେଶବାସୀଙ୍କୁ ବାରମ୍ବାର ଭୟ ଓ ଆଶଙ୍କା ଭିତରେ ରଖିଆସୁଥିବା କିମ୍ ଜଙ୍ଗ୍ ଉନ୍ କାହିଁକି କାନ୍ଦିଲେ ତାହା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ତର୍ଜାତୀୟ ନିୟମକାନୁନର ପରିପନ୍ଥୀ ତଥା ନିଜ ନାଗରିକଙ୍କ ଇଚ୍ଛାକୁ ଗୁରୁତ୍ୱ ନ ଦେଇ ନିଜ ଇଚ୍ଛାରେ ଦେଶକୁ ପରିଚାଳନା କରୁଥିବା ଏକଚ୍ଛତ୍ରବାଦୀ ଶାସକ କିମ୍‌ଙ୍କ ଏଭଳି ଭାବପ୍ରବଣତାର କାନ୍ଦ ଉତ୍ତର କୋରିଆବାସୀଙ୍କୁ ମଧ୍ୟ ଭାବୁକ କରି ଦେଇଥିଲା। ଆଉ କିମ୍‌ଙ୍କ କାନ୍ଦର କାରଣ ଥିଲା ଉତ୍ତର କୋରିଆର ଜନସଂଖ୍ୟା ଆଶାନୁରୂପକ ହ୍ରାସ, ଯାହାକି କିମ୍‌ଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଦେଶରେ ବୟସ୍କମାନଙ୍କ ସଂଖ୍ୟା ବଢୁଥିବା ବେଳେ ମହିଳାମାନେ ଅଧିକରୁ ଅଧିକ ସନ୍ତାନ ଜନ୍ମ ଦେବାକୁ କିମ୍ ପରାମର୍ଶ ଦେଇଛନ୍ତି।

ଜାତିସଂଘର ଆକଳନ ବିଭିନ୍ନ ଅନ୍ତର୍ଜାତୀୟ କଟକଣା ଦେଇ ଯାଉଥିବା ଏହି ଦେଶରେ ମହିଳାମାନଙ୍କ ସନ୍ତାନ ଉତ୍ପନ୍ନ କ୍ଷମତା ୧.୭୯% ରହିଛି। ତେବେ ଦେଶରେ ଜନସଂଖ୍ୟାରେ ସ୍ଥିରତା ଆଣିବା ପାଇଁ ସେମାନଙ୍କ ପ୍ରଜନନ ହାର ୨.୧% ରହିବା ଜରୁରୀ ବୋଲି ଜାତିସଂଘ ରିପୋର୍ଟରେ ଦର୍ଶାଇଛି, ଯାହାକି କିମ୍ ଜଙ୍ଗ୍ ଉନ୍‌ଙ୍କୁ ବ୍ୟସ୍ତ କରିଦେଇଛି। ତେବେ ପଡ଼ୋଶୀ ଦକ୍ଷିଣ କୋରିଆରେ ମଧ୍ୟ ଜନସଂଖ୍ୟା ସ୍ଥିତି ଉଦ୍‌ବେଗଜନକ ରହିଛି। ଦକ୍ଷିଣ କୋରିଆରେ ପ୍ରଜନନ ହାର ୦.୭୮କୁ ହ୍ରାସ ପାଇଛି। ଜାପାନ ଭଳି ବିକଶିତ ଦେଶରେ ବୃଦ୍ଧାବୃଦ୍ଧଙ୍କ ସଂଖ୍ୟା ବୃଦ୍ଧି ଚିନ୍ତାର କାରଣ ପାଲଟିଥିବା ବେଳେ ଚାଇନାର ଏକ ସନ୍ତାନ ନୀତି ମଧ୍ୟ ସେମାନଙ୍କ ପାଇଁ ନକାରାତ୍ମକ ସାବ୍ୟସ୍ତ ହୋଇଛି। ତେଣୁ ନିଜ ଦେଶର ଜନସଂଖ୍ୟାକୁ ନେଇ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କ ଉଦ୍‌ବେଗ ପ୍ରକାଶ ସ୍ୱାଭାବିକ। ତେବେ କିମ୍‌ଙ୍କ କାନ୍ଦ ଉତ୍ତର କୋରିଆବାସୀଙ୍କ ପାଇଁ ଏକ ନୂଆ ଘଟଣା ହୋଇଥିବା ବେଳେ ଅନେକ ଭିନ୍ନ ଢଙ୍ଗ ପାଇଁ ସବୁବେଳେ ଚର୍ଚ୍ଚାରେ ରୁହନ୍ତି କିମ୍। ତିନି ପିଢ଼ି ଧରି ଉତ୍ତର କୋରିଆକୁ ଶାସନ କରି ଆସୁଥିବା କିମ୍ ଜଙ୍ଗ୍ ଉନ୍‌ଙ୍କ ପରିବାର ବା ବାପା କିମ୍ ଜଙ୍ଗ୍-ଇଲ୍‌ଙ୍କ ପରେ ୱାର୍କର୍ସ ପାର୍ଟି ଅଫ୍ କୋରିଆର ସର୍ବମୟ କର୍ତ୍ତା ହୋଇଛନ୍ତି କିମ୍। ୨୦୧୨ରେ ଦେଶର ସାମରିକ ଓ ବେସାମରିକ କ୍ଷମତା ହାତକୁ ନେଇ ନିଜକୁ ସୁପ୍ରିମ୍ ଲିଡରର ଆଖ୍ୟା ଦେଇଛନ୍ତି । ତାଙ୍କ ବିରୋଧରେ ଅନ୍ତର୍ଘାତୀ କାର୍ଯ୍ୟର ସୂଚନା ପାଇ ୨୦୧୩ରେ ନିଜର ପିଇସା ଜଙ୍ଗ୍-ସଙ୍ଗ୍-ଥାକେଙ୍କୁ ଫାୟାରିଂ ସ୍କ୍ୱାଡ୍ ଦ୍ୱାରା ହତ୍ୟା କରିବା ହେଉ କିମ୍ବା ସାବତ ଭାଇ କିମ୍-ଜଙ୍ଗ୍ ନାମଙ୍କୁ ୨୦୧୭ରେ କୋରିଆ ଏଜେଣ୍ଟମାନଙ୍କ ଦ୍ୱାରା ମାଲେସିଆରେ ହତ୍ୟା ପଛରେ କିମ୍ ଜଙ୍ଗ୍ ଉନ୍‌ଙ୍କ ହାତଥିବା ଚର୍ଚ୍ଚା ହୁଏ। ଏପରିକି ନିଜ ଦେଶର ଅନେକ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ହଠାତ୍ ଗାଏବ କରାଇବା ଓ ପରେ ସେମାନଙ୍କୁ ହତ୍ୟା ପଛରେ



ମଧ୍ୟ କିମ୍ ଜଙ୍ଗ୍ ଉନ୍‌ଙ୍କ ସ୍ୱତନ୍ତ୍ର ଟିମ୍ କାମ କରିଥାଏ। ସେଥିପାଇଁ ଜାତିସଂଘର ମାନବାଧିକାର ପରିଷଦ କିମ୍‌ଙ୍କ ବିରୋଧରେ ନିଷ୍ଠୁର ମାନବବାଦର ଉଲ୍ଲଂଘନ ମାମଲା ରୁଜୁ କରି ତାଙ୍କୁ ଚେତାବନୀ ଦେଇଛି।

ଏହା ମଧ୍ୟ ଚର୍ଚ୍ଚା ହୁଏ କି, କିମ୍ ଆପଣାଉଥିବା କୌଣସି ଅଭ୍ୟାସ କିମ୍ବା ଫ୍ୟାଶନ ଦେଶରେ କେହି ବି ନକଲ କଲେ କିମ୍ବା ଅନୁସରଣ କଲେ ତାଙ୍କୁ ମଧ୍ୟ ପ୍ରାଣଦଣ୍ଡ ଦେବାର ପ୍ରାବଧାନ କରନ୍ତି କିମ୍। ବିଶେଷକରି ନିଜେ ପିନ୍ଧୁଥିବା କଳା କୋର୍ଟ, ବାଳକଟା ଷ୍ଟାଇଲ ଯେପରି ଜଣେ ବି ଦେଶବାସୀ ଅନୁକରଣ ନ କରନ୍ତି, ସେଥିପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି କିମ୍। କିମ୍‌ଙ୍କର ପରିବାର ସମ୍ପର୍କରେ ବେଶି କିଛି ତଥ୍ୟ ବାହାରକୁ ଆସୁ ନ ଥିବା ବେଳେ ତାଙ୍କର ସବୁଠାରୁ ବିଶ୍ୱସ୍ତ ଦ୍ୱିତୀୟ କ୍ଷମତା କେନ୍ଦ୍ର ହେଉଛନ୍ତି କିମ୍‌ଙ୍କ ସାନ ଭଉଣୀ କିମ୍ ୟୋ ଜୋଙ୍ଗ୍। ଜାତିସଂଘ ପ୍ରଦତ୍ତ ନିୟମକାନୁନ ହେଉ କିମ୍ବା ଶକ୍ତିଶାଳୀ ଆମେରିକା ଧମକକୁ ମଧ୍ୟ କିମ୍‌ଙ୍କର ସାମାନ୍ୟ ଖାତିର ନାହିଁ । ୨୦୧୮ରେ ଜାତିସଂଘର ବାରଣ ସତ୍ତ୍ୱେ ପରମାଣୁ କାର୍ଯ୍ୟକ୍ରମ ଜାରି ରଖି ଚର୍ଚ୍ଚାକୁ ଆସିଥିଲେ ଉତ୍ତର କୋରିଆର ଏହି ଲିଡର। ତେଣୁ ଦେଶରେ ପରମାଣୁ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେବା ହେଉ, ମହାକାଶକୁ ଗୁପ୍ତଚର ସାଟେଲାଇଟ ପ୍ରେରଣ ହେଉ କିମ୍ବା ବୁଲେଟ୍ ପ୍ରୁଫ୍ ଟ୍ରେନରେ ନିଜର ଯାତାୟାତ ହେଉ ଏସବୁ ପଛରେ କେବଳ କିମ୍‌ଙ୍କ ନିର୍ଦ୍ଦେଶ ହିଁ କାମ କରିଥାଏ। ଆଣବିକ ନିରସ୍ତ୍ରୀକରଣ ପ୍ରସଙ୍ଗରେ ୨୦୧୮ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ପଡ଼ୋଶୀ ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ ଜାଇ ଇନଙ୍କ ସହ ସିଙ୍ଗାପୁର ସମିଟ୍‌ରେ ଯୋଗ ଦେଇଥିଲେ ; ଯାହାକୁ ଦେଖି ବିଶ୍ୱ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସିଙ୍ଗାପୁର ବୈଠକରେ ନିଆଯାଇଥିବା ସମ୍ମିଳିତ ନିଷ୍ପତ୍ତିକୁ କିମ୍ କାର୍ଯ୍ୟରେ ଲାଗୁ କରି ନ ଥିଲେ। ସାରା ବିଶ୍ୱର ନୀତି ନିୟମକୁ ବେଖାତିର କରି ଏକ ଭିନ୍ନ ଦୃଷ୍ଟିଭଙ୍ଗୀକୁ ବିଶ୍ୱାସ କରୁଥିବା କିମ୍ ଜଙ୍ଗ୍ ଉନ୍ ୨୦୧୧ ରେ ନିଜ ବାପାଙ୍କ ମୃତ୍ୟୁ ପରେ ଉତ୍ତର କୋରିଆ ଶାସନ ଭାର ସମ୍ଭାଳି ଆସୁଛନ୍ତି। ବିଶ୍ୱ କଟକଣାକୁ ବେଖାତିର କରି ନିଜ ଦେଶରେ ଅଣୁଅସ୍ତ୍ର ନିର୍ମାଣ ନିଷ୍ପତ୍ତି ନେଇଛନ୍ତି। ଏହା ସହ ଉତ୍ତର କୋରିଆକୁ ବିଶ୍ୱର ଏକମାତ୍ର କରୋନା ସଂକ୍ରମଣ ମୁକ୍ତ ଦେଶ ବୋଲି ଗ୍ୟାରେଣ୍ଟି ସହ ଘୋଷଣା କରିଛନ୍ତି କିମ୍। ତେବେ ନର୍ଥ କୋରିଆରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ନ ହେବାର ସତ୍ୟତା ଉପରେ ପ୍ରଶ୍ନବାଚୀ ରହିଥିବା ବେଳେ କିନ୍ତୁ କରୋନା ଆକ୍ରାନ୍ତଙ୍କୁ ଚିକିତ୍ସା ବଦଳରେ ଗୁପ୍ତ ସ୍ଥାନରେ ହତ୍ୟା କରାଯାଉଥିବା ଖବର ଚର୍ଚ୍ଚାରେ ଥିଲା। ୨୦୧୮ରେ ଫୋର୍ବସ ମାଗାଜିନରେ ବିଶ୍ୱର ପ୍ରଭାବଶାଳୀ ବ୍ୟକ୍ତି ଭାବେ ସ୍ଥାନ ପାଇଛନ୍ତି। ଶେଷରେ ଏତିକି କୁହାଯାଇପାରେ, ଉତ୍ତର କୋରିଆ ଓ କିମ୍ ଜଙ୍ଗ୍ ଉନ୍‌ଙ୍କ ସ୍ୱଭାବକୁ ନେଇ ଆମେରିକା ଓ ପଡ଼ୋଶୀ ରାଷ୍ଟ୍ର ଦକ୍ଷିଣକୋରିଆ ଖୁସି ନାହାନ୍ତି। ଆମେରିକା ପଟୁ ଯୁଦ୍ଧ ଆଶଙ୍କା କରି କୋରିଆ ନ୍ୟାଶନାଲ ପାର୍ଟିକୁ ସମ୍ବୋଧନ କରି ଯୁଦ୍ଧ ପ୍ରସ୍ତୁତ ସହ ନିଜକୁ ପ୍ରସ୍ତୁତ ରଖିବାକୁ କୋରିଆ ସୈନ୍ୟ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି କିମ୍ ଜଙ୍ଗ୍ ଉନ୍।

**ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ**
**ମୋ: ୯୭୭୮୬୯୭୦୩୬**

## ଏଇ ଭାରତରେ

ଅଗଣାରେ ଉଦ୍ୟାନ ଯାହାଙ୍କ ପାଇଁ ସମ୍ମାନ ଆଣି ଦେଇଛି ସେ ହେଉଛନ୍ତି ହାଇଦ୍ରାବାଦର ପିନ୍ନାକା ପଦ୍ମା। ସେ ତାଙ୍କ ଘର ଅଗଣାକୁ ଏକ ଛୋଟ ଜଙ୍ଗଲରେ ପରିଣତ କରିଦେଇଛନ୍ତି। ୬୦୦ କୁଣ୍ଡରେ ୧୦୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇଛନ୍ତି। ପଦ୍ମାଙ୍କୁ ଏବେ ବୟସ ୫୯। ପିଲାଦିନରୁ ବଗିଚା ପ୍ରତି ତାଙ୍କର ଆକର୍ଷଣ ରହିଥିଲା , ଯାହା ଏବେ ପ୍ରତିଫଳିତ ହୋଇଛି। ସେ ବଗିଚାର ଗଛଗୁଡ଼ିକୁ ପ୍ରାକୃତିକ ଉପାୟରେ ବଢ଼ାଇଛନ୍ତି। ଗଛରେ ପ୍ରାକୃତିକ ପଦ୍ଧତିରେ ପ୍ରସ୍ତୁତ ଜୈବିକ ଖତ ଓ କୀଟନାଶକ ବ୍ୟବହାର କରିଥାନ୍ତି। ଏଥିରେ ସେ ବିଭିନ୍ନ ପନିପରିବା ଓ ଫଳମୂଳ ଆଦି ଉତ୍ପାଦନ କରିବାକୁ ସକ୍ଷମ ହୋଇପାରିଛନ୍ତି। ଔଷଧୀୟ ବୃକ୍ଷ ମଧ୍ୟ ଲଗାଇଛନ୍ତି। ଏହି ବଗିଚା କରିବାକୁ ତାଙ୍କୁ ୧ଦଶନ୍ଧିରୁ ଅଧିକ ସମୟ ଲାଗିଛି। ଏଭଳି ବଗିଚା ପାଇଁ ସେ କୃଷି ବିଭାଗ ତରଫରୁ ସମ୍ମାନିତ ହୋଇଛନ୍ତି। ବଗିଚାକୁ ନେଇ ଆରମ୍ଭ କରିଥିବା 'ପତନମ୍ ଲୁ ପାଲେତରୁ' ୟୁଟ୍ୟୁବ୍ ଚାନେଲର ଏବେ ୪ ଲକ୍ଷରୁ ଅଧିକ ସବ୍‌ସ୍କ୍ରାଇବର ଅଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୬ ଜାନୁଆରୀ ୧୯୭୫**

- ଭାରତ ଓ ପାକିସ୍ତାନ ମଧ୍ୟରେ ପୁନଃ ଜାହଜ ଚଳାଚଳ ପାଇଁ ଏକ ରାଜିନାମା ସ୍ୱାକ୍ଷରିତ।
- ଭାରତ ମହାସାଗରରେ ଆମେରିକାର ପରମାଣୁ ଶକ୍ତିଚାଳିତ ବିମାନବାହୀ ନୌଜାହଜ 'ଏଣ୍ଟରପ୍ରାଇଜ'ର ପ୍ରବେଶ।
- ଭାରତର ଶାନ୍ତିପୂର୍ଣ୍ଣ ଆଣବିକ ନୀତିକୁ ଦକ୍ଷିଣ ଏସିଆର କ୍ଷୁଦ୍ରତମ ଦେଶ ମଳଦ୍ୱୀପ ଓ ମରିସସ୍‌ର ଦୃଢ଼ ସମର୍ଥନ।

## ଚିରନ୍ତନୀ

ଚଖାଇ ଯାଏ ସେ ଗୋ ତପତି ହୀନ ଆଶା,
ରଖାଇ ଯାଏ ପ୍ରାଣେ ପ୍ରକାଶ-ହୀନ ଭାଷା।
ମରମେ ରହେ ମରି
ସଦା ଯେ ମରମରି
ତୃପତିହୀନ ଆଶା
ପ୍ରକାଶହୀନ ଭାଷା।

-(ଆଶ୍ୱାସନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସଂସଦ କ'ଣ ଏକା କେନ୍ଦ୍ର ସରକାରଙ୍କର

ମହାଶୟ,

ନିକଟ ଅତୀତରେ ଆଦାନୀ ଗ୍ରୁପରେ ଜମା ହୋଇଥିବା କୋଟିଏ ହଜାର ଟଙ୍କା କେଉଁଠୁ ଆସିଲା ବୋଲି ପଚାରିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସଂସଦରୁ ବହିଷ୍କାର କରାଯାଇଥିଲା। ଦେଶର ଉଚ୍ଚତମ ନ୍ୟାୟାଳୟ ସେଥିରେ ହସ୍ତକ୍ଷେପ କରି ଆଦେଶର ରହିତାଦେଶ କରିଥିଲେ। ପୁଣି ସେଇ ଏକା କଥା। ଆଦାନୀ ଗ୍ରୁପ କଥା ପଚାରିବାରୁ ତୃଣମୂଳ ସାଂସଦ ମହୁଆ ମିତ୍ରଙ୍କୁ ସଂସଦରୁ ବହିଷ୍କାର କରାଯାଇଛି। ତାଙ୍କ ବିରୋଧରେ ଥିବା ଅଭିଯୋଗକୁ ବିଚାର ନ କରି ବହିଷ୍କାର କରିବା କ'ଣ ଉଚିତ୍। ସଂସଦ କେବଳ କେନ୍ଦ୍ର ସରକାରଙ୍କର ନୁହେଁ। ଏଥିରେ ସବୁ ଦଳର ସାଂସଦମାନଙ୍କର ଅଧିକାର ଅଛି। ଏଭଳି ଏକଚ୍ଛତ୍ରବାଦୀ ଶାସନ ଗଣତନ୍ତ୍ରକୁ ହତ୍ୟା କଲାଣି।

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

सत्यमेव जयते
Govt. of India

# ଆଧୁନିକ ପ୍ରଶିକ୍ଷଣ ଏବଂ କ୍ଷମତା ବିକାଶ

## ଅଭିମୁଖେ ଅଭୂତପୂର୍ବ ପଦକ୍ଷେପ



" ଆଜି ଆମ ପାଖରେ ସାଧନ ଅଛି, ଆମ ପାଖରେ ସାମର୍ଥ୍ୟ ଅଛି, ଆମ ପାଖରେ ଦୁନିଆର ସବୁଠାରୁ ଉତ୍କୃଷ୍ଟ ଟ୍ୟାଲେଣ୍ଟ ଅଛି । "

– ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ରାଷ୍ଟ୍ରୀୟ ସୀମା ଶୁଳ୍କ, ପରୋକ୍ଷ ଟିକସ ଏବଂ ନାର୍କୋଟିକ୍ସ ଏକାଡେମୀ, ପାଲସମୁଦ୍ରମ୍‌ର

ଉଦ୍‌ଘାଟନ

## ପ୍ରଧାନମନ୍ତ୍ରୀ

# ନରେନ୍ଦ୍ର ମୋଦୀଙ୍କ

ଦ୍ୱାରା

୧୬ ଜାନୁଆରୀ, ୨୦୨୪ | ସନ୍ଧ୍ୟା ୪.୦୦ ଘ. | ପାଲସମୁଦ୍ରମ୍

**ରାଷ୍ଟ୍ରୀୟ ସୀମା ଶୁଳ୍କ, ପରୋକ୍ଷ ଟିକସ ଏବଂ ନାର୍କୋଟିକ୍ସ ଏକାଡେମୀ (ଏନ୍‌ଏସିଆଇଏନ୍), ପାଲସମୁଦ୍ରମ୍‌ର ବୈଶିଷ୍ଟ୍ୟ**

- ପରୋକ୍ଷ କରାଧାନ କ୍ଷେତ୍ରରେ ସାମର୍ଥ୍ୟ ନିର୍ମାଣ ପାଇଁ ଭାରତ ସରକାରଙ୍କ ଶିଖର ସଂସ୍ଥାନ
- କେନ୍ଦ୍ରୀୟ ରାଜସ୍ୱ ସହିତ ସହଯୋଗୀ କେନ୍ଦ୍ରୀୟ ସେବା, ରାଜ୍ୟ ସରକାର ଏବଂ ଭାଗୀଦାର ଦେଶର ଅଧିକାରୀମାନଙ୍କର ପ୍ରଶିକ୍ଷଣ
- ଅଗମେଣ୍ଟେଡ୍ ତଥା ଭର୍ଚୁଆଲ୍ ରିୟାଲିଟି, ବ୍ଲକ୍-ଚେନ୍ ସହିତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ମାଧ୍ୟମରେ ଗହନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ
- ଡବ୍ଲ୍ୟୁସିଓ, ୟୁଏନ୍‌ଇପି, ୟୁଏନ୍‌ଓଡିସି ତଥା ଏସ୍‌ଏଏସ୍‌ଇସି ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏକାଡେମୀ
- ସୀମା ଶୁଳ୍କ, ଜିଏସ୍‌ଟି, କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ, ଡ୍ରଗ୍ ଆଇନ, ଆଣ୍ଟି ମନି-ଲଣ୍ଡରିଂ, ଜାଲ୍ ନୋଟ୍, ବୌଦ୍ଧିକ ସମ୍ପତ୍ତି ଅଧିକାର ଏବଂ ଅନ୍ୟାନ୍ୟ ବିଷୟ ଉପରେ ପ୍ରଶିକ୍ଷଣ
- ଆନ୍ଧ୍ରପ୍ରଦେଶର ଶ୍ରୀ ସତ୍ୟ ସାଇ ଜିଲ୍ଲାରେ ଅବସ୍ଥିତ ୫୦୦ ଏକରର ପରିବେଶ ଅନୁକୂଳ ସବୁଜିମାଭରା ପରିସର
- ଜନସାଧାରଣଙ୍କ ପାଇଁ ପରିସରରେ ଡାକଘର, ବ୍ୟାଙ୍କ ଶାଖା, ସୁପରମାର୍କେଟ୍, ବିଦ୍ୟାଳୟ, ଚିକିତ୍ସାଳୟ ଆଦି ସୁବିଧା
- ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ-ଆର୍ଥିକ ସଶକ୍ତୀକରଣ ତଥା ପାରିପାର୍ଶ୍ୱିକ କ୍ଷେତ୍ରର ବିକାଶ ଉପରେ ଗୁରୁତ୍ୱ




ଏନ୍‌ଏସିଆଇଏନ୍, ପାଲସମୁଦ୍ରମ୍ ସମ୍ପର୍କରେ ଅଧିକ ସୂଚନା ପାଇଁ ଦୟାକରି ସ୍କାନ୍ କରନ୍ତୁ

cbc 15502/13/0027/2324

DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜ ମନ୍ଦିରରେ ମକରବେଢ଼ା

ପୁରୁଣା ଭୁବନେଶ୍ୱର,୧୫।୧(ସୁବାସ ଚନ୍ଦ୍ର ପ୍ରଧାନ): ମକର ସଂକ୍ରାନ୍ତି ଅବସରରେ ସୋମବାର ଶ୍ରୀଲିଙ୍ଗରାଜ ମନ୍ଦିରରେ ମକରବେଢ଼ା ଅନୁଷ୍ଠିତ ହୋଇଯାଇଛି। ଦୈନିକ ନୀତି ଭୋଗ ମଣ୍ଡପ ସରିବା ପରେ ପୁନଃ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା କରାଯାଇ ବେହରଣ ମଣ୍ଡପରେ ପାଳିଆ ପୂଜାପଣ୍ଡା ଅଧିବାସ ପୂଜା କରିଥିଲେ। ଏଥିରେ ଶ୍ରୀଜୀଉଙ୍କ ନୂତନ ବସ୍ତ୍ର, ତ୍ରିପଣ୍ଡ, ଫୁଲମାଳ, ଦାମୋଦର ମୁଖା ସହ ମକର ଚାଉଳ ପାଇଁ ବ୍ୟବହୃତ ଦ୍ରବ୍ୟ ୮ଥର ବେଢ଼ା ପରିକ୍ରମା କରିସାରିବା ପରେ ବେହରଣ ମଣ୍ଡପରେ ରଖାଯାଇଥିଲା। ଏହାପରେ ଉକ୍ତ ଦ୍ରବ୍ୟ, ଅଳଙ୍କାର ଓ ବସ୍ତ୍ରକୁ ଅଧିବାସ ପୂଜା କରାଯାଇଥିଲା। ପରେ ଶ୍ରୀଜୀଉଙ୍କୁ ନୂତନବସ୍ତ୍ର, ତ୍ରିପଣ୍ଡ ଫୁଲମାଳ ପିନ୍ଧାଯାଇ ବେଶ କରାଯାଇଥିଲା। ପୂର୍ବ ଦିନରୁ ତିଆରି କରାଯାଇଥିବା ଘୃତ କମଳକୁ ପୂଜାପଣ୍ଡା ସେବକ ଶ୍ରୀଜୀଉଙ୍କୁ ଲାଗି କରିସାରିବା ପରେ ଯାତ୍ରାପୂଜା କରାଯାଇଥିଲା। ଏହାପରେ ଅନ୍ୟାନ୍ୟ ନୀତି ହୋଇଥିଲା।

### ଗୋଖିବାବାଙ୍କ ପୀଠରେ ମକରମେଳା ଆରମ୍ଭ

ପୁରୁଣା ଭୁବନେଶ୍ୱର,୧୫।୧(ସୁବାସ ଚନ୍ଦ୍ର ପ୍ରଧାନ): ମକର ସଂକ୍ରାନ୍ତି ଅବସରରେ ସୋମବାର ସୁନ୍ଦରପଦାସ୍ଥିତ ଗୋଖୀବାବାଙ୍କ ପୀଠରେ ମକର ମେଳା ଆରମ୍ଭ ହୋଇଛି। ପ୍ରାତଃ ୪ଟାରେ ଗାଦିପୂଜା ହୋଇ ପୂର୍ବାହ୍ନ ୧୦ଟାରେ ଘୃତ ଯଜ୍ଞ ଅରମ୍ଭ ହୋଇଥିଲା। ଏହି ଅବସରରେ ଧାଡିରେ ଅପେକ୍ଷାରତ ଶ୍ରଦ୍ଧାଳୁମାନେ ମାନସିକ ନଡିଆ ବାଡେଇଥିଲେ। ରାତି ୮ଟା ୩୦ ସୁଦ୍ଧା ୨୪୨ଜଣ ଶ୍ରଦ୍ଧାଳୁ ନଡିଆ ବାଡେଇଥିବା ଗୋଖିବାବା ମେଳା କମିଟି ପକ୍ଷରୁ କୁହାଯାଇଛି। ପୀଠରେ ଏହି ମେଳାକୁ ପୃଥକ ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ମେୟର ସୁଲୋଚନା ଦାସ, ମୋ ଓଡ଼ିଶା ପରିବାର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ, ଭାଜପା ନେତା ବାବୁସିଂଙ୍କ ସମେତ କର୍ପୋରେଟରମାନେ ଯୋଗଦେଇଥିଲେ। ଏହି ମେଳା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। କମିଟି ସଭାପତି ଅର୍ଜ୍ଜୁନ ନାୟକ, ପୂର୍ବତନ ସଭାପତି ନୀଳମଣି ମିଶ୍ର, ସମ୍ପାଦକ ମଣ୍ଟୁ ମଙ୍ଗରାଜ, ଜିତେନ୍ଦ୍ର ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବ୍ରାଉନସୁଗାର ଜବତ, ବ୍ୟବସାୟୀ ଗିରଫ

ନିମାପଡ଼ା,୧୫।୧(ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଥାନା ପୋଲିସ ଅରିଷଣ୍ଡ ପଞ୍ଚାୟତର ତାଳ ପଡ଼ିଆଠାରେ ସୋମବାର ଚଢ଼ାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ମୁରାରୀପୁର ଗ୍ରାମର ଦୁଃଶାସନ ସ୍ୱାଇଁ(୩୮)। ତାଙ୍କଠାରୁ ପୋଲିସ ୧୨ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଏନେଇ ପୋଲିସ ୨୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କମୁନି ଅଳିଆ, ବଢ଼ିଚାଲିଛି ଟିଟିଏସ୍ ଆକାର

## ପ୍ରକ୍ରିୟାକରଣ ପ୍ରହସନ, ଯୋଉ ଗନ୍ଧକୁ ସେଇ ଗନ୍ଧ : ସ୍ଥାନୀୟ ଲୋକେ



ଭୁବନେଶ୍ୱର, ୧୫।୧ (ବନ୍ଦନା ସେଠୀ)

କାହିଁକି ଆଉ ସେ ଫଟୋ ଉଠାଉଛ। ଯେତେ ଫଟୋ ଉଠାଇଲେ, କି ଲୋକଙ୍କ ଅଭିଯୋଗ ଶୁଣିଲେ କିଛି ତ ଫଳ ମିଳୁନି। ଯୋଉ ଗନ୍ଧକୁ ସେଇ ଗନ୍ଧ ହଉଛି। ବରଂ ଦିନରାତି ମେଶିନ୍ ଲଗାଇ ଅଳିଆ ଘାଣ୍ଟୁଥିବାରୁ ଆମେ ବେଶି ହଇରାଣ ହେଉଛୁ। ଏଭଳି କିଛି କଥା କହି ନିଜର କ୍ଷୋଭ ପ୍ରକାଶ କରିଛନ୍ତି ସ୍ଥାନୀୟ ମହାବୀର ବସ୍ତି ଓ ଭିଏସ୍ଏସ୍ ନଗରବାସୀ। ସୈନିକ ସ୍କୁଲ ନିକଟ ଟିଟିଏସ୍ (ଟେମ୍ପରାରି ଟ୍ରାନ୍‌ଜିଟ୍ ଷ୍ଟେଶନ)ରୁ ଅଳିଆ ପାହାଡ଼ କମିବାର ନାଁ ଧରୁନି। ଯେତେ ଖୋଳିଲେ ସେତେ ଆବର୍ଜନା ବାହାରୁଛି। ଆବର୍ଜନା ପ୍ରକ୍ରିୟାକରଣ ନାମରେ ଏବେ ଟିଟିଏସ୍‌ର କଳେବର ବୃଦ୍ଧି ପାଇ ଗାଡ଼କଣ ଛୁଇଁଲାଣି। ମାତ୍ର ଆବର୍ଜନା ପାହାଡ଼ର ଉଚ୍ଚତା କିଛି କମାଇ ପାରିଥିବାରୁ ବିଏମସି ନିଜକୁ ସାବାସି ଦେବାକୁ ପଛଘୁଞ୍ଚା ଦେଉନାହିଁ। ସେହିପରି



ଜାନୁଆରୀ ଶେଷ ସୁଦ୍ଧା ଟିଟିଏସ୍‌ରେ ଆବର୍ଜନା ପରିମାଣ ଆଖିଦୃଶିଆ କମ୍ ହେବ ବୋଲି ପୂର୍ବରୁ ମେୟର ସୁଲୋଚନା ଦାସ ଏବଂ କମିଶନର ବିଜୟ ଅମୃତା କୁଲାଙ୍ଗେ ଦେଇଥିବା ପ୍ରତିଶ୍ରୁତି ପାଣିରେ ପଡ଼ିବା ଭଳି ମନେ ହେଉଛି। କାରଣ ଏବେ ବି ସମ୍ପୃକ୍ତ ଅଞ୍ଚଳ ତଥା ଆଖପାଖ ଅଞ୍ଚଳରେ ଦୁର୍ଗନ୍ଧର ବାତାବରଣ ରହିଥିବାବେଳେ ଆବର୍ଜନାର ପରିମାଣ କମିନାହିଁ। ପ୍ରତିଦିନ ଟିଟିଏସ୍‌ରେ ଆବର୍ଜନା ପକାଇବା ପାଇଁ ଗେଟ୍ ପାଖରେ ସଫେଇ ଗାଡ଼ିର ଲମ୍ବା ଧାଡ଼ି ଲାଗି ରହୁଛି। ଟ୍ରମେଲ ଓ ଟେରେକ୍ସ ମେଶିନ୍ ଯୋଗେ ଦୈନିକ ୨ହଜାରରୁ ୨୪ଶହ ଟନ୍ ଆବର୍ଜନା ପ୍ରକ୍ରିୟାକରଣ ହେଉଥିବାବେଳେ ଦୈନିକ ୫ଶହ ଟନ୍‌ରୁ ଊର୍ଦ୍ଧ୍ୱ ଆବର୍ଜନା ଗଦା କରାଯାଉଛି। ତେଣୁ ଗୋଦରା କୋଢ଼େ ଯେତେ ମାଢ଼େ ସେତେ ଭଳି ସ୍ଥିତି ସୃଷ୍ଟି ହୋଇଛି। ପ୍ରାୟ ୭ଏକର ଜମିରେ ପ୍ରଥମେ ଟିଟିଏସ୍ କାର୍ଯ୍ୟକ୍ଷମ ହୋଇଥିଲା। ପରେ ଭୁଆସୁଣିକୁ ଆବର୍ଜନା ଯିବା ବନ୍ଦ ହେବାପରେ ଏକମାତ୍ର ବିକଳ୍ପ ଭାବେ ଟିଟିଏସ୍ ରହିଥିଲା। ତେଣୁ ଏହାର କଳେବର ବଢାଇବା ପାଇଁ ବିଏମ୍‌ସି ଜିଏ ବିଭାଗକୁ ରିକ୍ୟୁଜିସନ୍ ପଠାଇଥିଲା। ପରେ ଜିଏରୁ ଅନୁମତି ମିଳିବା ପରେ ଟିଟିଏସ୍ ଏବେ ୭ରୁ ୧୨ଏକର ପରିମିତ ଜମିରେ କାର୍ଯ୍ୟକ୍ଷମ ହେଉଛି। ତେଣୁ ଅସ୍ଥାୟୀ ଭାବେ ଆରମ୍ଭ ହୋଇଥିବା ଏହି ଡମ୍ପିୟାର୍ଡ ଏବେ ଅଘୋଷିତ ସ୍ଥାୟୀ ଡମ୍ପିୟାର୍ଡରେ ପରିଣତ ହୋଇଛି।

### ରାଜଗାଙ୍ଗପୁରକୁ ଯାଉଛି ଆର୍‌ଟିଏଫ୍



ଟିଟିଏସ୍‌ରେ ଗଦା ହୋଇଥିବା ଆବର୍ଜନାରୁ ବାହାରୁଥିବା ପ୍ଲାଷ୍ଟିକ୍, ପଲିଥିନ୍ ଭଳି ଆର୍‌ଟିଏଫ୍‌କୁ ରାଜଗାଙ୍ଗପୁରକୁ ପଠାଯାଉଛି। ଗୋଟେ ଗାଡ଼ିରେ ପ୍ରାୟ ୨୦ଟନ୍ ଲେଖାଏ ଆରଟିଏଫ୍ ସ୍ଥାନାନ୍ତର ହେଉଥିବାବେଳେ ଦୈନିକ ୧୫ରୁ ୨୦ ଟ୍ରିପ୍ ଗାଡ଼ି ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ କାରଖାନାକୁ ଯାଉଛି। ଏଥିପାଇଁ ଡାଲମିଆ ଓ ବିଏମ୍‌ସି ମଧ୍ୟରେ ଏମ୍‌ଓୟୁ ହୋଇଥିବା ସୂଚନା ରହିଛି। ଏପରିକି ଆବର୍ଜନା ନେଇ ଟ୍ରକ୍ ଯିବା ଆସିବା ପାଇଁ ଟିଟିଏସ୍ କଡ଼ରେ ବିଏମ୍‌ସି ପକ୍ଷରୁ ପାଥ୍‌ୱେ ନିର୍ମାଣ କରାଯାଇଛି।

### ଭିତ୍ତିଭୂମି ସଜାଡି ପାରୁନି ବିଏମ୍‌ସି

ଆବର୍ଜନା ପ୍ରକ୍ରିୟାକରଣ ତଥା ଏହାର ପରିଚାଳନା ବିଏମ୍‌ସି ପାଇଁ ମୁଖ୍ୟ ସମସ୍ୟା ହୋଇ ଉଭା ହୋଇଥିଲେ ବି ଏବେସୁଦ୍ଧା ଭିତ୍ତିଭୂମି ସଜାଡି ହୋଇପାରୁନାହିଁ। ଫଳରେ ଯେତେ ଯୋଜନା କଲେ ବି ଫେଲ୍ ମାରୁଛି। ସହରରୁ ଦୈନିକ ବାହାରୁଥିବା ପ୍ରାୟ ୧ହଜାର ଟନ୍ ଆବର୍ଜନାର ପରିଚାଳନା ପାଇଁ ପ୍ରତି ୱାର୍ଡରେ ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏମ୍‌ସିସିରେ ଆବର୍ଜନା ପ୍ରକ୍ରିୟାକରଣ କରାଯିବା ସହ ଆଉ ଟିଟିଏସ୍ ଉପରେ ନିର୍ଭର କରିବାକୁ ପଡିବ ନାହିଁ ବୋଲି ଯୋଜନା କରାଯାଇଥିଲା। ମାତ୍ର ଏବେସୁଦ୍ଧା ସହରରେ ମାତ୍ର ୩୫ଟି ଏମ୍‌ସିସି ନିର୍ମାଣ କରାଯାଇଥିବାରୁ ଏହା ସମ୍ଭବ ହୋଇପାରୁନାହିଁ। ଦୈନିକ ୧୫ଟିପିଡି ବର୍ଜ୍ୟ ପ୍ରକିୟାକରଣ ଲକ୍ଷ୍ୟ ଟିଟିଏସ୍ ନିକଟରେ ମେଗା ଏମ୍‌ସିସି ନିର୍ମାଣ ହେଉଥିଲେ ବି ଏବେ ସୁଦ୍ଧା ତାହା ସରିପାରି ନାହିଁ। ସେହିପରି ଓଦା ବର୍ଜ୍ୟକୁ ପ୍ରକ୍ରିୟାକରଣ କରିବା ତଥା ଏମ୍‌ସିସି ଉପରେ ଚାପ କମାଇବା ପାଇଁ ହେବାକୁ ଥିବା ବାୟୋ ମିଥେନ୍ ପ୍ଲାଣ୍ଟ ମଧ୍ୟ ଏବେସୁଦ୍ଧା ଆଗେଇ ପାରିନାହିଁ।

### ଆବର୍ଜନା ଯେତିକି, ଗୁଡ୍‌ଆର୍ଥ ସେତିକି

ଆବର୍ଜନା ପ୍ରକ୍ରିୟାକରଣ ହୋଇ ସେଥିରୁ ଗୁଡ୍‌ଆର୍ଥ ବାହାରିବା ପରେ ସେଗୁଡିକୁ ସହରର ଖାଲୁଆ ସ୍ଥାନରେ ପକାଇ ସମତଳ କରାଯିବ ବୋଲି ଅଧିକାରୀମାନେ କହିଥିଲେ। ମାତ୍ର ସହରର ଖାଲୁଆ ସ୍ଥାନ ଚିହ୍ନଟ କରିବା ପାଇଁ ଅଧିକାରୀଙ୍କୁ ସମୟ ହେଉନାହିଁ। କେବଳ ଭରତପୁର ଏମ୍‌ସିସି ପାଖରେ ଥିବା ଖାଲ ଜାଗାରେ କିଛି ଗୁଡ୍‌ଆର୍ଥକୁ ପକାଯାଇଥିଲା। ଫଳରେ ଦୈନିକ ବାହାରୁଥବା ଶହଶହ ଟନ୍ ଗୁଡ୍‌ଆର୍ଥରେ ଟିଟିଏସ୍‌ରେ ହିଁ ପକାଯାଉଛି। ଗୋଟେପଟେ ଆବର୍ଜନା ଏବଂ ଅନ୍ୟପଟେ ଗୁଡ୍‌ଆର୍ଥର ପାହାଡ଼ ସୃଷ୍ଟି ହେବାରେ ଲାଗିଛି। ଅପରପକ୍ଷେ ଭବିଷ୍ୟତରେ ଏହାକୁ ଖତ ଭାବେ ବ୍ୟବହାର କରାଯାଇ ପାରିବ କି ନାହିଁ ତାହା ଜାଣିବା ପାଇଁ ମାଟିର କ୍ୟାଲୋରୀ ଭ୍ୟାଲି ଟେଷ୍ଟ କରିବା ପାଇଁ ଓୟୁଏଟିକୁ ସାମ୍ପଲ ପଠା ଯାଇଥିବାବେଳେ ସେଠାରୁ କିଛି ରିପୋର୍ଟ ମିଳିନାହିଁ। ତେଣୁ ଏବେ ଗୁଡ୍‌ଆର୍ଥକୁ କିଭଳି ଭାବେ ପରିଚାଳନା କରାଯିବ ତାହା ଅଧିକାରୀଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି।

## ବିଏମ୍‌ସି ଅଞ୍ଚଳରେ ଅର୍ପଣ ରଥ ପରିକ୍ରମା ସରିଲା



ଶେଷ ଦିବସରେ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଅର୍ପଣ ରଥର ଶୁଭାରମ୍ଭ କରାଯାଉଛି।

ଭୁବନେଶ୍ୱର, ୧୫।୧ (ବନ୍ଦନା ସେଠୀ)

ଆସନ୍ତା ୧୭ ତାରିଖରେ ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ‘ଅର୍ପଣ ରଥ’ ପରିକ୍ରମା ସୋମବାର ଶେଷ ହୋଇଛି। ୮ ତାରିଖରୁ ବିଏମ୍‌ସି ପକ୍ଷରୁ ୬୭ଟି ୱାର୍ଡରେ ଏହି ରଥ ପରିକ୍ରମା କରାଯାଇଥିଲା। ଏହି ସମୟରେ ଝାଞ୍ଜ, ଖୋଳ, କରତାଳି, ସଂକୀର୍ତ୍ତନ ସହ ହୁଳହୁଳି ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ପ୍ରକଳ୍ପ ଉଦ୍ଦେଶ୍ୟରେ ଲୋକେ ଅକ୍ଷତ, ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ଶେଷଦିନରେ ଅର୍ପଣ ରଥ ପୁରୁଣା ଭୁବନେଶ୍ୱର ଅଞ୍ଚଳ ପରିକ୍ରମା କରିଥିଲା। ମେୟର ସୁଲୋଚନା ଦାସ ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ସମ୍ମୁଖରେ ଅର୍ପଣ ରଥର ଶୁଭାରମ୍ଭ କରିଥିଲେ। ବିଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର ଓ ଅମରେଶ ଜେନା, ବଡ଼ଗଡ଼ କର୍ପୋରେଟର ଅଜିତ୍ କୁମାର ବେହେରା, ମଳୟ ମହାପାତ୍ର, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁଙ୍କ ସହ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁମାନେ ଗୁଆ ଓ ଅରୁଆ ଚାଉଳ ଦେବା ସହ ମହାପ୍ରଭୁଙ୍କୁ ଭକ୍ତି ନିବେଦନ କରିଥିଲେ। ଜୟ ଜଗନ୍ନାଥ ଧ୍ୱନିରେ ଏକାମ୍ର କ୍ଷେତ୍ର ପ୍ରକମ୍ପିତ ହୋଇଥିଲା। ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ସହ ଘୋଡ଼ା ନାଚ ଶୋଭାଯାତ୍ରାରେ ମହାପ୍ରଭୁ ଜଗନ୍ନାଥଙ୍କ ଅର୍ପଣ ରଥ ବିଭିନ୍ନ ସ୍ଥାନ ପରିକ୍ରମା କରାଯାଇଥିଲା।

### ୬୦ ଲିଟର ଦେଶୀ ମଦ ଜବତ

ବାରଙ୍ଗ,୧୫।୧(ଲିଙ୍ଗରାଜ ରାଉତ): ବେଆଇନ ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଗୋଡ଼ିସାହି ଫାଣ୍ଡି ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ଗୋଡ଼ିସାହି ଫାଣ୍ଡି ଅଧୀନ ବଡ଼ମୁଣ୍ଡଳୀ ଗ୍ରାମର ରବୀନ୍ଦ୍ର ସାହୁ(୩୯)। ପୋଲିସ ତାଙ୍କଠାରୁ ୬୦ ଲିଟର ଦେଶୀ ମଦ ଜବତ କରିବା ସହ ୨୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗୋଡ଼ିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ରବିବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଦେଶୀ ମଦ ବିକ୍ରି ନେଇ ଖବର ପାଇଥିଲେ। ସେ ମୁଣ୍ଡଳୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ଥିବା ଖୋଲା ପଡ଼ିଆରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ମିଳିଥିବା ସୂଚନାନୁସାରେ, ଭୁବନେଶ୍ୱରର ସାଲିଆସାହି ସମେତ ବିଭିନ୍ନ ବସ୍ତିରେ ବେଆଇନ ଭାବେ ଦେଶୀ ମଦ ତିଆରି ହେଉଛି। ସେହିଭଳି କଟକ ଖୁଣ୍ଟୁଣୀ ଓ ଆଠଗଡ଼ ଅଞ୍ଚଳରୁ ମଧ୍ୟ ଏଠାକୁ ଚୋରାରେ ଦେଶୀ ମଦ ଆସୁଛି।

## ମଦଭାଟି ଭାଙ୍ଗିଲା ପୋଲିସ, ୩ ଗିରଫ



ଜବତ ମଦ ସହ ଗିରଫ ୩ ଅଭିଯୁକ୍ତ।

ଭୁବନେଶ୍ୱର,୧୫।୧(ସୂର୍ଯ୍ୟକାନ୍ତ ବେହେରା)

କମିଶନରେଟ୍ ପୋଲିସ ଓ ଅବକାରୀ ବିଭାଗ ଯେତେ ଚଢ଼ାଉକଲେ ମଧ୍ୟ ସାଲିଆସାହିରେ ବେଆଇନ ଭାବେ ଦେଶୀମଦ କାରବାର ବନ୍ଦ ହେଉନାହିଁ। ସାଲିଆସାହି ଇଡ୍‌କୋ ସାହିରେ ଘରେ ଦେଶୀ ମଦ ତିଆରି କରି ବିକ୍ରି କରୁଥିବା ଖବର ପାଇ ସ୍ଥାନୀୟ ପୋଲିସ ସେଠାରେ ଚଢ଼ାଉ କରିଥିଲା। ମଦ ଭାଟିକୁ ଭାଙ୍ଗିବା ସହ ୩୦୦ ଲିଟର ନକଲି ଦେଶୀ ବିଷାକ୍ତ ମଦ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫକରି କୋର୍ଟ ଚାଲଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର ରାଣୀ ମାରଡ଼ି, ଭାଗବତ ହାଁସଦା ଓ ରଘୁନାଥ ବିରୁଆ। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ସାରସ୍ୱତ ସାଧନାରେ ବ୍ୟାସକବି ଅଦ୍ୱିତୀୟ ଥିଲେ

ଭୁବନେଶ୍ୱର, ୧୫।୧ (ବନ୍ଦନା ସେଠୀ)

ବ୍ୟାସକବି ଫକୀରମୋହନ ସେନାପତି ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ ମଧ୍ୟ ସେ ସାରସ୍ୱତ ସାଧନାରେ ଅଦ୍ୱିତୀୟ ଥିଲେ। ୧୮୪୩ରେ ଜନ୍ମ ଗ୍ରହଣ କରିଥିବା ଫକୀରମୋହନ ସେତେବେଳେ ‘ଛ ମାଣ ଆଠଗୁଣ୍ଠ’ ଓ ‘ପେଟେଣ୍ଟ ମେଡିସିନ’ ଲେଖି ମଦ ଓ ଜମିଦାର ପ୍ରଥାକୁ ବିରୋଧ କରିଥିଲେ। ସେହିପରି ‘ରେବତୀ’ ଓ ‘ଡାକ ମୁନ୍‌ସୀ’ ଭଳି ଗପ ଲେଖି ନାରୀ ଓ ବରିଷ୍ଠମାନଙ୍କୁ ଗୁରୁତ୍ୱ ଦେଇଥିଲେ ବୋଲି ମତ ପ୍ରକାଶ ପାଇଛି। ସୋମବାର ଫକୀରମୋହନଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକରି ଅତିଥିମାନେ ଏହା କହିଥିଲେ। ଉତ୍କଳ ସମ୍ମିଳନୀର ମଞ୍ଚେଶ୍ୱର ଶାଖା ସଭାପତି ଦିଲୀପ ଦାଶଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମିଳନୀ ସଭାପତି ଅନନ୍ତ ପ୍ରସାଦ ଜେନା, ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର, ଶାଖା ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି ଓ ସୀତାକାନ୍ତ




ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରେ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା।

ମହାପାତ୍ର, ବରିଷ୍ଠ ସଦସ୍ୟ ପର୍ଶୁରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରସନ୍ନ ଦ୍ୱିବେଦୀ, ଶାଖା ଉପଦେଷ୍ଟା ନିମାଇଁ ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

## ‘ଶିକ୍ଷା ଦ୍ୱାରା ସମ୍ମାନ, ଅଧିକାର ପାଇହେବ’

### ବିଜେଇଏମ୍ ସ୍କୁଲର ୫୧ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୫।୧(ଅସମାପିକା ସାହୁ)

ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲର ୫୧ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିସହିତ ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ସିବିଏସ୍‌ଇର ଆଞ୍ଚଳିକ ଅଧିକାରୀ କେ. ଶ୍ରୀନିବାସନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଶିକ୍ଷା ହିଁ ଏକମାତ୍ର ମାଧ୍ୟମ, ଯାହାଦ୍ୱାରା ସମସ୍ତେ ସମ୍ମାନ ଓ ଅଧିକାର ପାଇପାରିବେ। ପିଲାମାନେ ନିଜ ସ୍ୱପ୍ନକୁ ସଫଳ କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଘୁନାଥ ମିଶ୍ର ଯୋଗଦେଇ ବିଦ୍ୟାଳୟର ୫୦ବର୍ଷର କାର୍ଯ୍ୟପନ୍ଥା




ସୋମବାର ମକର ସଂକ୍ରାନ୍ତିରେ ପୋଡ଼ପିଠା କଟାଯାଇ ଅତିଥିମାନେ ବିଜେଇଏମ୍ ସ୍କୁଲର ପ୍ରତିଷ୍ଠା ଦିବସ ପାଳନ କରୁଛନ୍ତି। (ଫଟୋ: ବିକାଶ ନାୟକ)

ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳକ ପ୍ରତାପ କୁମାର ଜେନା ଯୋଗଦେଇ ବିଦ୍ୟାଳୟ ସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କ କର୍ତ୍ତବ୍ୟପରାୟଣତାକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଡ. ଅଶ୍ୱିନୀ କୁମାର ତିୱାରୀ, ବିଦ୍ୟାଳୟର ଉପପରିଚାଳକ ସଂଗ୍ରାମ କେଶରୀ ନାୟକ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଧାମୋହନ ଗ୍ରନ୍ଥାଗାରର ନାମକରଣ ଏବଂ ଓ’ ଲିଟିଲ ଉଡ୍ ହଲ୍ ଉଦ୍‌ଘାଟିତ ହୋଇଥିଲା। ବିଦ୍ୟାଳୟ ପ୍ରତିଷ୍ଠା ଦିବସ ଉପଲକ୍ଷେ ପୋଡ଼ ପିଠା କଟାଯାଇଥିଲା। ଏଥିସହ ଦଶମ ଓ ଦ୍ୱାଦଶ ଶ୍ରେଣୀର ବିଗତ ୫୦ବର୍ଷରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ନାଟକ ‘ଅଲୋଡ଼ା ସମ୍ପର୍କ’ ଓ ପାଇକନୃତ୍ୟ ପରିବେଷଣ କରାଯାଇଥିଲା।

# ଦହଲରୁ ଗୁଆ ଖୋଜିଲେ ମାନସିକଧାରୀ


ହଟକେଶ୍ୱରଙ୍କ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଧାଡ଼ି।


ଦହଲରୁ ଜଣେ ମହିଳା ଗୁଆ ଖୋଜୁଛନ୍ତି।

## ଅତ୍ରିରେ ମକର ମେଳା ଓ ମହୋତ୍ସବ ଆରମ୍ଭ

■ବୁଡ଼ ପକାଇଲେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ଖୋର୍ଦ୍ଧା, ୧୫।୧ (ପ୍ରଭାତ ପାଣିଗ୍ରାହୀ)

ମକର ସଂକ୍ରାନ୍ତି ଅବସରରେ ସୋମବାର ଖୋର୍ଦ୍ଧା ବାଘମାରୀ ଅତ୍ରିସ୍ଥିତ ଶ୍ରୀହଟକେଶ୍ୱରଙ୍କ ପୀଠରେ ଆରମ୍ଭ ହୋଇଛି ମକର ମେଳା। ଏହା ମାଘ ସପ୍ତମୀ ପର୍ଯ୍ୟନ୍ତ ଚାଲିବ। ଏଥିସହିତ ଉଷ୍ମ ପ୍ରସ୍ରବଣଠାରେ ମକର ମହୋତ୍ସବ ୫ଦିନ ବ୍ୟାପୀ ଚାଲିବ। ଚଳିତବର୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉଷ୍ମ ପ୍ରସ୍ରବଣରେ ବୁଡ଼ ପକାଇବା ପରେ ହଟକେଶ୍ୱରଙ୍କ ଦର୍ଶନ କରିଥିଲେ। ଏଥିସହିତ ମାନସିକ ପୂରଣ ପରେ ବହୁ ମାନସିକଧାରୀ ସନ୍ତାନଙ୍କୁ ଆଣି ପୀଠରେ ମୁଣ୍ଡନ କରିଛନ୍ତି। ୧ହଜାରରୁ ଊର୍ଦ୍ଧ୍ୱ ଅପୁତ୍ରକନାରୀ ଉଷ୍ମ ପ୍ରସ୍ରବଣ ଦହଲ (ମାନସିକ କୁଣ୍ଡ)ରୁ ମାନସିକ ଗୁଆ ଖୋଜିଥିଲେ। ଗୁଆ ଖୋଜି ପାଇବା ପରେ ଶ୍ରୀହଟକେଶ୍ୱରଙ୍କୁ ସ୍ମରଣ କରି ଗୁଆ ଭକ୍ଷଣ କରିଥିଲେ।

ସୋମବାର ଭୋର ୩ଟାରେ ଦ୍ୱାରଫିଟା ନୀତି ପରେ ଅତ୍ରି ଦଳବେହେରାଙ୍କ ଘରୁ ଆସିଥିବା ପହିଲି ଭୋଗ, ମାଜଣା ସାମଗ୍ରୀରେ ଠାକୁରଙ୍କ ନୀତିକାନ୍ତି ପରେ ଚନ୍ଦନଲାଗି କରାଯାଇ ବେଶ ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ପୂର୍ବଦିନରୁ ଠାକୁରଙ୍କ ନିକଟରେ ସଙ୍କଳ୍ପ କରିଥିବା ଅପୁତ୍ରକ ନାରୀମାନେ ଠାକୁରଙ୍କ ଲେଉଟା ସ୍ନାନ ଜଳ ପାଇ ଏକମୁହାଁ ହୋଇ ଉଷ୍ମ ପ୍ରସ୍ରବଣରେ ପହଞ୍ଚି ଦହଲରୁ ଗୁଆ ଖୋଜିଥିଲେ। ଜଳରେ ସମର୍ପିତ ଗୁଆ ଭକ୍ଷଣ କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ଉଷ୍ମ ପ୍ରସ୍ରବଣ କୁଣ୍ଡରେ ସ୍ନାନ କଲେ ଚର୍ମରୋଗ ଆରୋଗ୍ୟ ହୋଇଥାଏ ବୋଲି କୁହାଯାଏ। ଓଡ଼ିଶା ତଥା ରାଜ୍ୟ ବାହାରୁ ଆସିଥିବା ଶ୍ରଦ୍ଧାଳୁମାନେ ପରିବାର ସହ ଉଷ୍ମ ପ୍ରସ୍ରବଣରେ ସ୍ନାନ କରିବା ପରେ ହଟକେଶ୍ୱରଙ୍କୁ ଦର୍ଶନ କରିଥିଲେ। ଉଷ୍ମ ପ୍ରସ୍ରବଣ କୁଣ୍ଡ( କୁଆକୁଣ୍ଡ)ରେ ଗରମ ଜଳର ଉବୁକା ଦର୍ଶନ ସହ ଶ୍ରଦ୍ଧାଳମାନେ କୁଣ୍ଡରେ ମୁଦ୍ରା, ଚାଉଳ, ପୁଷ୍ପ, ଚନ୍ଦନ, ଦୁବ, ତୁଳସୀ ବରକୋଳି ପତ୍ର ଆଦି ନିକ୍ଷେପ କରିଥାନ୍ତି। ଏହାର ଜଳ ପ୍ରଭୁ ହଟକେଶ୍ୱରଙ୍କୁ ସମର୍ପିତ କରାଯାଏ। ଏହି ପାଦୁକା ସେବନ କଲେ ପେଟରୋଗ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ଠାକୁରଙ୍କ ମଧ୍ୟାହ୍ନ ଆଳତି ପରେ ସଖୁଡ଼ି ଭୋଗ ଲାଗି କରାଯାଇଥିଲା। ଅପରାହ୍ନ ୨ଟାରେ ଠାକୁର ବିମାନକୁ ବିଜେ କରି ଉଷ୍ମ ପ୍ରସ୍ରବଣ ଅଭିମୁଖେ ବାହାରିଥିଲେ। ଠାକୁର ଉଷ୍ମ ପ୍ରସ୍ରବଣରେ ପହଞ୍ଚି କୁଆ କୁଣ୍ଡ ୩ଥର ପରିକ୍ରମା କରି ବିଜେ ମଣ୍ଡପରେ ବିଜେ କରିଥିଲେ। ସେଠାରେ ଭକ୍ତଙ୍କୁ ଦର୍ଶନ ଦେଇ ପଙ୍କି ଭୋଗ ଖାଇ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସନ୍ଧ୍ୟାରେ ଗଜପତିଙ୍କ ଦ୍ୱାରା ଖଞ୍ଜା କଲ୍ୟାଣପୁର ଗ୍ରାମରୁ ମକର ଚାଉଳ ପହଞ୍ଚିଥିଲା। ସନ୍ଧ୍ୟା ଆଳତି ପରେ ମକର ଚାଉଳ ଲାଗି କରାଯାଇଥିଲା। ରାତି ୮ଟାରେ ବେଶ ଲାଗି, ଧୂପ ନୀତି ସମ୍ପନ୍ନ ହେବା ପରେ ୯ଟାରେ ବଡ଼ସିଂହାର ବେଶ ହୋଇ ସିହାର ଖଜା ଅର୍ପଣ ପରେ ୧୦ଟାରେ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ, ସେବାୟତମାନେ ଶୃଙ୍ଖଳିତ ଭାବେ ନୀତିକାନ୍ତି ସମ୍ପନ୍ନ କରିଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

### ଏମାନେ ଯାହା କୁହନ୍ତି...

"ହଟକେଶ୍ୱର ହେଉଛନ୍ତି ଏକାଦଶ ରୁଦ୍ର। ଦିବ୍ୟସିଂହଦେବ ଗଜପତି ମହାରାଜ ଏହି ପୀଠ ସ୍ଥାପନା କରିଥିଲେ। ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମ ଚନ୍ଦ୍ର ଏହାକୁ ପୁନଃ ପ୍ରତିଷ୍ଠା କରିଛନ୍ତି। ଏହା ହେଉଛି ଏକାମ୍ର କାନନ। ଏକାମ୍ର କାନନରେ ବିଖ୍ୟାତ ହେଉଛନ୍ତି ବାବା ଲିଙ୍ଗରାଜ ଏବଂ ହଟକେଶ୍ୱର। ତେବେ ଲିଙ୍ଗରାଜଙ୍କଠାରୁ ହଟକେଶ୍ୱର ହଜାରେ ବର୍ଷରେ ବଡ଼। ତେଣୁ ଏହି ପୀଠର ଅପୂର୍ବ ମହିମା ରହିଛି। ହଟକେଶ୍ୱରଙ୍କ ଆଶୀର୍ବାଦରୁ ବହୁ ବନ୍ଧ୍ୟାନାରୀଙ୍କ ମୁହଁରେ ହସ ଫୁଟିଥାଏ।

**- ଦିଲୀପ ପଣ୍ଡା, ବରିଷ୍ଠ ସେବାୟତ**

"ଆଧୁନିକତା ସତ୍ତ୍ୱେ ଦେବଦେବୀଙ୍କ ପ୍ରତି ଲୋକଙ୍କ ମଧ୍ୟରେ ଗଭୀର ବିଶ୍ୱାସ ଏଠାକୁ ଟାଣି ଆଣିଥାଏ। ବିଜ୍ଞାନକୁ ମାନୁଥିବା ବ୍ୟକ୍ତି, ଇଞ୍ଜିନିୟର, ଡାକ୍ତର, ପ୍ରତିଷ୍ଠିତ ବ୍ୟବସାୟୀମାନେ ମଧ ଏଠାରେ ମାନସିକ କରିଥାନ୍ତି। ଯିଏ ଭକ୍ତିର ସହ ମାନସିକ କରିଛି, ସେ ନିଶ୍ଚିତ ଫଳ ପାଇଛି।

**- ରଞ୍ଜନ ମହାପାତ୍ର, ମନ୍ଦିର ସେବାୟତ**

"ଏହା ଏକ ପ୍ରସିଦ୍ଧ ଶୈବପୀଠ। ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ହେଉଛନ୍ତି ହଟକେଶ୍ୱର। ଠାକୁରଙ୍କ ଆଶୀର୍ବାଦରୁ ମାନସିକଧାରୀଙ୍କ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହା ଏକ ପ୍ରାଚୀନ ପରମ୍ପରା ଚାଲି ଆସିଛି। ଏହି ପୀଠର ବିକାଶ, ଭିତିଭୂମି, ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଉଛି।

**-ରାଜେନ୍ଦ୍ର ସାହୁ, ବେଗୁନିଆ ବିଧାୟକ**

"ମକରସଂକ୍ରାନ୍ତିଠାରୁ ହଟକେଶ୍ୱରଙ୍କ ମକର ମେଳା ଆରମ୍ଭ ହୋଇ ମାଘ ସପ୍ତମୀ ପର୍ଯ୍ୟନ୍ତ ଚାଲିଥାଏ। ଦୁଇ କିମି ବ୍ୟାପୀ ମେଳା, ବିଭିନ୍ନ ଦୋକାନ, କୃଷି ସାମଗ୍ରୀ ପସରା ମେଲିଥାଏ। ଏକ କୋଳାହଳ ପୂର୍ଣ୍ଣ ବାତାବରଣ ରହିଥାଏ।

**- ପ୍ରଦୀପ ସାହୁ, ଜନନେତା**

# ଗିରି ଗୋବର୍ଦ୍ଧନ ପୀଠରେ ମକର ମହୋତ୍ସବ



ଟାଙ୍ଗୀ, ୧୫।୧ (ରଘୁନାଥ ସାହୁ)

ମକର ସଂକ୍ରାନ୍ତି ଅବସରରେ ଟାଙ୍ଗୀସ୍ଥିତ ଗିରି ଗୋବର୍ଦ୍ଧନ ପୀଠରେ ମକର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗିରି ଗୋବର୍ଦ୍ଧନ କମିଟି ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଗିରି ଗୋବର୍ଦ୍ଧନ ପାହାଡ଼ ଶୀର୍ଷରେ ପୂଜା ପାଉଥିବା ପ୍ରଭୁ ଶ୍ରୀକୃଷ୍ଣଙ୍କୁ ନୂତନ ବସ୍ତ୍ର ପରିଧାନ, ଆଳତି କରାଯିବା ସହ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ଓ ଶଙ୍ଖଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଭଜନ କୀର୍ତ୍ତନ ଦିନ ସାରା ଲାଗି ରହିଥିଲା। ଟାଙ୍ଗୀ ଓ ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିବା ପୂଜାର୍ଚ୍ଚନା କରୁଥିଲେ। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟମ ବାବାଙ୍କ ପୀଠରେ ପଞ୍ଚ ମେଳା



ଟାଙ୍ଗୀ, ୧୫।୧ (ରଘୁନାଥ ସାହୁ)

ମକର ସଂକ୍ରାନ୍ତି ଅବସରରେ ଟାଙ୍ଗୀ ଟମ ବାବାଙ୍କ ପୀଠରେ ବାର୍ଷିକ ପଞ୍ଚ ମେଳା ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟ ସକଳ ଶକ୍ତିର ଆଧାର। ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ ଆସିବା ଦିବସକୁ ମକର ସଂକ୍ରାନ୍ତି ଭାବେ ପାଳନ କରାଯାଏ। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହୋଇଥାଏ। ଏହି ଦିବସରେ ମକର ଚାଉଳ ପ୍ରସ୍ତୁତି କରାଯାଇ ସମସ୍ତଙ୍କୁ ବଣ୍ଟା ହୋଇଥାଏ। ସଂସ୍କୃତି ପରମ୍ପରାରେ ମକର ସଂକ୍ରାନ୍ତିଠାରୁ ଶୁଭ ଦିନ ଆରମ୍ଭ ହୋଇଥାଏ। ତେଣୁ ଏହି ଦିବସକୁ ଆଡମ୍ବରରେ ପାଳନ ହୋଇଥାଏ। ଟମ ବାବାଙ୍କ ପୀଠସ୍ଥିତ ତ୍ରିନାଥ ଠାକୁରଙ୍କ ନିକଟରେ ସନ୍ଧ୍ୟାରେ ଭଜନ କୀର୍ତ୍ତନ କରାଯିବା ସହ ସମସ୍ତ ଶ୍ରଦ୍ଧାଳୁଙ୍କୁ ପୂଜା କରାଯାଇଥିବା ମକର ଚାଉଳ ଖାଇବାକୁ ଦିଆଯାଇଥିଲା। ହରିବୋଲ ହୁଳହୁଳି ଓ ଶଙ୍ଖଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚୌରାସୀ ବେଶ

ପୁରୀ, ୧୫।୧ (ଅଜିତ୍ ମହାନ୍ତି)

ପବିତ୍ର ମକର ସଂକ୍ରାନ୍ତିରେ ସୋମବାର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିଅନୁଷ୍ଠିତ ହୋଇଛି। ପ୍ରାତଃରେ ଦ୍ୱାରଫିଟା, ଭିତରଶୋଧ ପରେ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ, ଅନ୍ୟାନ୍ୟ ନୀତି ସରି ବେଶ ପରେ ଗୋପାଳବଲ୍ଲଭ ପୂଜା ଓ ଭୋଗ କରାଯାଇ ଥିଲା। ସକାଳ ଧୂପ ପରେ ନୂଆଲୁଗା, ବୃଳ, ମାଳ, ଛଅମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ସରିଥିଲା। ଦ୍ୱିପ୍ରହର ଧୂପ ସହିତ ଯାତ୍ରାଙ୍ଗୀ ଭୋଗ ରୋଷଘରୁ ଘଣ୍ଟ, ଛତା କାହାଳୀ ସହ ସେବକଙ୍କ ପଟୁଆରରେ ଆସିଥିଲା। ଷୋଡ଼ଶ ଉପଚାରରେ ମଣୋହି ହୋଇଥିଲା। ଟେରା ପଡ଼ିବା ପରେ ମନ୍ଦିର ଚାରିପାଖରେ ଦିଗବଳି ପ୍ରଦାନ କରାଯାଇଥିଲା। ଭୋଗ ଶେଷ ହୋଇ ଆଳତି ବଢ଼ି, ଧୋପଖାଳ ହୋଇ ଟେରାବନ୍ଧା ପରେ ଅଧିବାସ ହୋଇଥିବା ମକର ଚାଉଳ ଅଣାଯାଇ ୩ ରୁପାଥାଳିରେ ରଖାଯାଇଥିଲା। ପଣ୍ଡିବନ୍ଧୁମାନେ ବାଘମୁହଁ ବାନ୍ଧି ଘଣ୍ଟ, ଛତା, କାହାଳୀ ସହିତ ତଳିଛ ପଟୁଆର କରି ବଡ଼ଦେଉଳକୁ ତିନିବେଢ଼ା ବୁଲି ଭିତରେ ଚାଉଳ ରଖିଥିଲେ। ରୋଷଘରୁ ମକରଚୌରାସୀ ଭୋଗ ଛାମୁକୁ ଆସିଥିଲା। ମହାଭୋଇମାନେ ବାଘମୁହଁ ବାନ୍ଧି, ଘଣ୍ଟ, ଛତା କାହାଳୀ ସହ ନିର୍ଦ୍ଦିଷ୍ଟ ସେବକଙ୍କ ଦୁଗ୍ଧ ଜାତୀୟ ଦ୍ରବ୍ୟ ଧରି ଶ୍ରୀମନ୍ଦିର ପରିକ୍ରମା କରି ଜୟବିଜୟ ଦ୍ୱାରଠାରେ ମହାସୁଆରଙ୍କ ଜିମା ଦେଇଥିଲେ। ସେ ତାହାକୁ ମହାପ୍ରଭୁଙ୍କ ନିକଟରେ ବାଢ଼ିଥିଲେ। ଗଜପତି ମହାରାଜାଙ୍କ ପ୍ରତିନିଧି ଭାବେ ମୁଦିରଥ ସେବକ ପ୍ରସାଦ ଲାଗି କଲା ପରେ ପୂଜାପଣ୍ଡାମାନେ ତିନିବାଡ଼ରେ ପଞ୍ଚଉପଚାର ପୂଜା ସମ୍ପନ୍ନ କରିଥିଲେ।

# ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

## କାଳିଜାଈ ପୀଠରେ ମକର ମେଳା

ବାଲୁଗାଁ/କୃଷ୍ଣପ୍ରସାଦ, ୧୫।୧ (ସଂଗ୍ରାମ ପାଇକରାୟ/କୈଳାସ ଚନ୍ଦ୍ର ପଟ୍ଟନାୟକ)



ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା'କାଳିଜାଈଙ୍କ ପୀଠରେ ସୋମବାର ମକରମେଳା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ମେଳାରେ ୨୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଧ୍ୟାହ୍ନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଏହି ପର୍ବର ମୁଖ୍ୟ ପୁରୋଧା ତଥା ପାରିକୁଦ ଯୁବରାଜ ସନ୍ତୋଷ କୁମାର ମାନସିଂହ ଏକ ସୁସଜ୍ଜିତ ବୋଇତରେ ପାରିକୁଦ ରାଜପ୍ରାସାଦରୁ ବାହାରି ମା'ଙ୍କ ପୀଠରେ ପହଞ୍ଚିଥିଲେ। ଏହାପରେ ପରମ୍ପରାନୁକ୍ରମେ ଢ଼ୋଲ, ଭେରୀ, ତୂରୀ, ମହୁରୀ, କାହାଳୀ ଆଦି ଧ୍ୱନିରେ ତାଙ୍କୁ ମନ୍ଦିରକୁ ପାଛୋଟି ନିଆଯାଇଥିଲା। ମା'ଙ୍କ ପୀଠରେ ଯୁବରାଜ ଛେରାପହଁରା କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏଥିସହ ମକର ଭୋଗ ଲାଗି ହୋଇଥିଲା। ଏହି ଅବସରରେ ଉପସ୍ଥିତ ଶତାଧିକ ମତ୍ସ୍ୟଜୀବୀ କାଳିଜାଈଙ୍କ ଆଶୀର୍ବାଦ କାମନା କରି ନିଜ ଡଙ୍ଗାରେ ବିଜୟ ବାନା ଉଡ଼ାଇଥିଲେ। ଦିନତମାମ ମା'ଙ୍କ ପୀଠରେ ଭଜନ ସମାରୋହ ଏବଂ ମା'କାଳିଜାଈ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା କରାଯାଇଥିଲା । ଯାତ୍ରୀ ପରିବହନ ନିମନ୍ତେ ବାଲୁଗାଁ ଚିଲିକା କୂଳସ୍ଥିତ ମା'କାଳିଜାଈ ବୋଟ ଆସୋସିଏଶନ, ବଡ଼କୂଳ ସ୍ଥିତ ଘରୋଇ ଡଙ୍ଗା ମାଲିକ ସଂଘ ଓ ଓଟିଡିସି ପକ୍ଷରୁ ବହୁ ସଂଖ୍ୟାରେ ଡଙ୍ଗା ଏବଂ ଲଞ୍ଚ ବ୍ୟବସ୍ଥା କରାଯାଇଥିଲା। ଚିଲିକାରେ ଯାତ୍ରୀ ପରିବହନ ବେଳେ ଯେପରି ଅଘଟଣ ନ ଘଟେ ସେନେଇ ଓଡ୍ରାଫ୍ ଟିମ୍, ଅଗ୍ନିଶମ କର୍ମଚାରୀ ଏବଂ ନୌସେନା ବିଭାଗ କର୍ମଚାରୀ ପଇଁତରା ମାରୁଥିବା ଦେଖିବାକୁ ମିଳିଥିଲା । ବାଲୁଗାଁ ପୋଲିସ ପକ୍ଷରୁ ବଡ଼କୂଳ ଏବଂ ବାଲୁଗାଁ ଜେଟିଠାରେ ବ୍ୟାପକ ପୋଲିସ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଭିଡ଼ ନିୟନ୍ତ୍ରଣ କରିଥିଲେ। ପୁରୀ ଜିଲା ପ୍ରଶାସନ ପକ୍ଷରୁ କାଳିଜାଈଙ୍କ ପୀଠରେ ଶାନ୍ତିଶୃଙ୍ଖଳା ପାଇଁ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଥିଲା।ସେହିପରି ବାଲୁଗାଁ ନିକଟ ମା'ମେଘାମ୍ବରୀ ପୀଠ, ମା'ନାରାୟଣୀ, ବାଣପୁର ମାଳଅଞ୍ଚଳସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଈ, ମା'ତାରିଣୀ, ଶାଳିଆ ଡ୍ୟାମସ୍ଥିତ ମା'ଡୋମଣୀ, ଘଣ୍ଟଶିଳା ପାଦ ଦେଶରେ ଅବସ୍ଥାପିତ ମହାବୀରଙ୍କ ପୀଠ, ପଲଟଣ ପଡ଼ିଆସ୍ଥିତ ବ୍ରହ୍ମେଶ୍ୱର ଦେବ ପୀଠ ଓ ଗମ୍ଭାରୀମୁଣ୍ଡା ନିକଟ ବାଙ୍କନିଧି ଦେବଙ୍କ ପୀଠରେ ମଧ ମକର ମେଳା ଆଡମ୍ବରରେ ପାଳିତ ହୋଇଯାଇଛି । ସମସ୍ତ ପୀଠରେ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇଥିଲେ।

# କାଳୁପଡ଼ାରେ ଅକ୍ଷତ କରପତ୍ର ବଣ୍ଟନ କାର୍ଯ୍ୟକ୍ରମ



ଟାଙ୍ଗୀ, ୧୫।୧ (ରଘୁନାଥ ସାହୁ)

ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାରୁ ଆସିଥିବା ଅକ୍ଷତ କରପତ୍ର ଘରେ ଘରେ ପହଞ୍ଚିବା ନିମନ୍ତେ କାର୍ଯ୍ୟକ୍ରମ ଜାରି ରହିଛି। କାଳୁପଡାର ଜରିପଡା, ପାଣିଗୱାର, ଜଗନ୍ନାଥପୁରପାଟଣା, କଳକଳେଶ୍ୱର ପଞ୍ଚୁପାଟିଆ, ତାରିମି ରାଜେନ୍ଦ୍ରପୁର, ହାଣ୍ଡିଓଳ, ଖଡିପଦର, ଉଆସପଦର ଆଦି ଗ୍ରାମରେ ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ କରି ଜୟଶ୍ରୀରାମ ନାରାଦେଇ ଶୋଭାଯାତ୍ରାରେ ସାହି ପରିକ୍ରମାକରି ଅକ୍ଷତ କରପତ୍ର ଘରେ ଘରେ ପହଞ୍ଚାଯାଇଥିଲା। ହରିବୋଲ, ହୁଳହୁଳି ସହ ଜୟ ଶ୍ରୀରାମ ଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଖୋର୍ଦ୍ଧା ଜିଲା ସଂଘଚାଳକ ଲଳିତ ନାରାୟଣ ମହାପାତ୍ର, ଧର୍ମଜାଗରଣ ପ୍ରମୁଖ ପ୍ରଭାକର ବିଶ୍ୱାଳ, ନନ୍ଦକିଶୋର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ସୁକାନ୍ତ ବେହେରା, ପ୍ରଫୁଲ୍ଲ ବେହେରା, ପ୍ରହଲ୍ଲାଦ ସାହୁ, ଗୌରାଙ୍ଗ ପ୍ରଧାନ, କପିଳାସ ସାହୁ, ଶୁକଦେବ ପ୍ରଧାନ, ସୁକାନ୍ତ ପଲେଇ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ରମେଶ ବେହେରା, ଲକ୍ଷ୍ମୀଧର ବେହେରା, ବଳରାମ ବେହେରା, ମଠୁ ବେହେରା, ମନୁ ବେହେରା, ଭିକାରୀ ବେହେରା, ଗୋପାଳି ବେହେରା, କାଳୁ ସାହୁ, କବିରାଜ ପ୍ରଧାନ, ଲୁବୁନୁ ପ୍ରଧାନ ପ୍ରମୁଖ ସଂକୀର୍ତ୍ତନ ମଣ୍ଡଳୀରେ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ମନ୍ଦିରରେ ପ୍ରସ୍ତୁତ କରାଯାଇଥିବା ମକର ଚାଉଳକୁ ସମସ୍ତେ ସେବନ କରିଥିଲେ।

# ଲକ୍ଷାଧିକ ଟଙ୍କାର ପାଇପ୍ ଜାଳିଦେଲେ ଦୁର୍ବୃତ୍ତ

ଡେଲାଙ୍ଗ, ୧୫।୧ (ରଶ୍ମିରଞ୍ଜନ ପ୍ରଧାନ)

ଲୁଣାନଦୀ ଖନନ କାର୍ଯ୍ୟ କରୁଥିବା ଡ୍ରେଜର ତଥା ନଦୀ ଖୋଳା ମେଶିନ ପାଇପ୍ ସୋମବାର ମଧ୍ୟାହ୍ନରେ ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। କଣାସ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଲକ୍ଷାଧିକ ଟଙ୍କାର ପାଇପ୍ ପୋଡ଼ି ଯାଇଥିବା ଖନନ କାର୍ଯ୍ୟରେ ନିୟୋଜିତ କଲିକତାର ରିଚ୍ କମ୍ପାନୀ ପକ୍ଷରୁ କଣାସ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଡେଲାଙ୍ଗ ବ୍ଲକର ଜୁଇଲୁଣ୍ଡାଠାରୁ ସାନ ମୁନିନ୍ଦା ପର୍ଯ୍ୟନ୍ତ ଲୁଣାନଦୀ ଖୋଳା କାମ କରୁଥିବା ଡ୍ରେଜର ମେଶିନ ଦ୍ୱାରା ମାଟି ଓ ପଙ୍କ ବାହାରକୁ ନିଷ୍କାସନ ପାଇଁ ପାଇପ୍ ବ୍ୟବହାର ହୋଇଥାଏ। ଖନନ କାର୍ଯ୍ୟବେଳେ ଅଧିକ ୧୨ଟି ପାଇପ୍ ନଦୀକୂଳରେ ବ୍ୟବହାର ପାଇଁ ତ୍ରିପୁରି ନୂଆଗାଁ ଗ୍ରାମ ନିକଟରେ ରଖାଯାଇଥିଲା। ନଦୀପଠାରେ ଥିବା ୧୦ଟି ପାଇପ୍‌ରେ ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଥିବାରୁ କମ୍ପାନୀର ଲକ୍ଷାଧିକ ଟଙ୍କାର ପାଇପ ପୋଡ଼ିଯାଇଛି। ନଦୀ ଖନନ ପାଇଁ ନୀଳାଚଳ କୃଷକ ମହାସଂଘ ଦୀର୍ଘଦିନ ଧରି ଆନ୍ଦୋଳନ କରିବା ପରେ ରାଜ୍ୟ ସରକାର ନଦୀ ଖନନ ଲାଗି ଅର୍ଥ ମଞ୍ଜୁର କରିଥିଲେ। କମ୍ପାନୀର ଲକ୍ଷାଧିକ ଟଙ୍କାର ପାଇପ୍ ପୋଡ଼ିଯିବା ଦ୍ୱାରା କୃଷକ ମହାସଂଘ ସଭାପତି ଗୋପୀନାଥ ମିଶ୍ର ଦୁଃଖ ପ୍ରକାଶ ସହିତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# 'କବି ମନର କଥା କହେ କବିତା'

ବୋଲଗଡ଼, ୧୫।୧ (ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ର କଳା, ସାହିତ୍ୟ, ସଂସ୍କୃତି ବିକାଶର ପ୍ରତିଷ୍ଠାନ ନନ୍ଦିଘୋଷର ବାର୍ଷିକ ସାରସ୍ୱତ ସମାରୋହ ସ୍ଥାନୀୟ ନନ୍ଦିଘୋଷ ଭବନ ପ୍ରେକ୍ଷାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ସାହିତ୍ୟିକ ଓ ସଂସ୍କୃତିପ୍ରେମୀ ମକର ମିଳନ ପର୍ବରେ ସାମିଲ ହୋଇଥିଲେ। ସମାରୋହର ପ୍ରଥମ ପର୍ଯ୍ୟାୟ କବିତା ପାଠୋତ୍ସବ ଅବସରପ୍ରାପ୍ତ ପ୍ରାଧାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ଏଥିରେ କ୍ଷଣପ୍ରଭା କର ଓ ଅଧାପିକା ନିଳୀମା ନନ୍ଦଙ୍କ ସଂଯୋଜନାରେ ୫୮ଜଣ କବୟିତ୍ରୀ ଓ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ପରେ ଅନୁଷ୍ଠିତ ସାଧାରଣ ସଭାରେ ଅନୁଷ୍ଠାନର ଉପସଭାପତି ହରିବନ୍ଧୁ ସାହୁଙ୍କ ପୌରୋହିତ୍ୟରେ ଅତିଥିଭାବେ ଗ୍ରନ୍ଥକାର ଅମୀୟ ପାଣ୍ଡବ ଯୋଗଦେଇ କହିଥିଲେ, କବି ମନର ଅଭିବ୍ୟକ୍ତି ଶବ୍ଦର ରୂପ ନେଇ କବିତା ସୃଷ୍ଟି କରିଥାଏ। କବିତା କବି ମନର କଥାକୁ ସହଜ ଭାଷାରେ କହିଥାଏ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କଥାଶିଳ୍ପୀ ଡ.ସୁରେଶ ଛୋଟରାୟ, ନୟାଗଡର ପରମ୍ପରା ଅନୁଷ୍ଠାନର ସମ୍ପାଦକ ନିର୍ମଳ ଚନ୍ଦ୍ର ଶୁରଦେଓ, ନନ୍ଦିଘୋଷ ସମ୍ପାଦକ ଗୁଣନିଧି ହୋତା, ଐତିହାସିକ ରବୀନ୍ଦ୍ର ପରିଡ଼ା ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଅଭିଭାଷଣ ପ୍ରଦାନ କରିଥିଲେ। ଅବିନାଶ ସୁବୁଦ୍ଧିଙ୍କ ନିର୍ଦ୍ଦେଶନାରେ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରଫୁଲ୍ଲ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସଦସ୍ୟ ଓ ସାମାଜିକକର୍ମୀ ଲଲାଟେନ୍ଦୁ କେଶରୀ ସିଂହ, ରଘୁନାଥ ଦଳବେହେରା, ଧିରେଶ ମହାପାତ୍ର, ଭକ୍ତବଲଭ ପଟ୍ଟନାୟକ, ସନ୍ତୋଷ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସନାତନ ପାଟ୍ଟଶାଣୀ ଧନ୍ୟବାଦ ଦେଇଥିଲେ।


ନନ୍ଦିଘୋଷର ବାର୍ଷିକ ସାରସ୍ୱତ ସମାରୋହରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# 'ଓଡ଼ିଆ ସାହିତ୍ୟକୁ ଫକୀରମୋହନ ସମୃଦ୍ଧ କରିଛନ୍ତି'

ଖୋର୍ଦ୍ଧା, ୧୫।୧ (ପ୍ରଭାତ ପାଣିଗ୍ରାହୀ)


ସମାବେଶରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ମକର ସଂକ୍ରାନ୍ତି ଏବଂ ବ୍ୟାସକବି ଫକୀରମୋହନ ଜୟନ୍ତୀ ପାଳିତ ହୋଇଯାଇଛି। ସଂସଦ ସଭାପତି ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ସମ୍ପାଦକ ବିଭୁ ପ୍ରସାଦ ହରିଚନ୍ଦନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ବିଶିଷ୍ଟ କଥାଶିଳ୍ପୀ ଡ. ପଦ୍ମଜ ପାଳ ଫକୀରମୋହନଙ୍କ ସାହିତ୍ୟରେ ପ୍ରତିଫଳିତ ପ୍ରଗତିଶୀଳ ଚେତନା ଓ ଦାର୍ଶନିକ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ସାହିତ୍ୟକୁ ଫକୀରମୋହନଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ମୁଖ୍ୟ ବକ୍ତା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ.ସୁନୀତା ତ୍ରିପାଠୀ କହିଥିଲେ, ଫକୀରମୋହନ ଓଡ଼ିଆ ଭାଷାକୁ ଜୀବନ ଦେଇଥିଲେ। ଫକୀରମୋହନଙ୍କ ସାହିତ୍ୟରେ କିପରି ସମାଜ ସଚେତନମୂଳକ ଦୃଷ୍ଟିଭଙ୍ଗୀ, ନାରୀ ମନସ୍ତତ୍ତ୍ୱ ପ୍ରତିପାଦିତ ହୋଇଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଅଧାପକ ଡ.ଅରବିନ୍ଦ ପ୍ରଧାନ, ଡ.ଲକ୍ଷ୍ମଣ ସାହୁ, ବରିଷ୍ଠ ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, ପ୍ରାଧ୍ୟାପକ ତୁଷାର ପାଲଟାସିଂହ, ଗାଳ୍ପିକ ତପନ ମହାପାତ୍ର, ଡ. କୈଳାସ ଚନ୍ଦ୍ର ମହାରଣା, ଗୀତାଞ୍ଜଳି ମହାପାତ୍ର, ଡ.ବୃନ୍ଦାବନ ପଣ୍ଡା ପ୍ରମୁଖ ଫକୀରମୋହନଙ୍କ ସାହିତ୍ୟ ସଂରଚନା ଉପରେ ଆଲୋକପାତ କରିଥିଲେ। ପୂର୍ବାହ୍ନରେ ଉପସଭାପତି ଇତିଶ୍ରୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କବିତା ପାଠୋତ୍ସବରେ ଚପଳା ପଣ୍ଡା ଓ ସସ୍ମିତା ପଟ୍ଟନାୟକ ସଂଯୋଜନା କରିଥିଲେ। ଆରତି ମଞ୍ଜରୀ ଦାଶ, ବାସୁଦେବ ସାହୁ, ଲକ୍ଷ୍ମୀଧର ବଡ଼ଜେନା, ନାରାୟଣ ଦାସ, ଦିବ୍ୟଲୋଚନ ଭାରିମଲ୍ଲ, ଗୋବିନ୍ଦ ଚନ୍ଦ୍ର ମହାରଣା, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଫକୀର ସାମନ୍ତରାୟ, ଗୀତାଞ୍ଜଳି ମହାପାତ୍ର, ପ୍ରିୟଦର୍ଶିନୀ ମହାରାଣା, ସୌଦାମିନୀ ପଟ୍ଟନାୟକ, ବଂଶୀଧର ଦାସ, ବିଧାନ ଚନ୍ଦ୍ର ମହାନ୍ତି, ଭକ୍ତ ବଲ୍ଲଭ ପଟ୍ଟନାୟକ, ଜ୍ୟୋତିପ୍ରଭା ପଟ୍ଟନାୟକ ପ୍ରମୁଖ କବିତା ପାଠ କରିଥିଲେ। ଉପସଭାପତି ଡ.ଯୋଗେଶ ଚନ୍ଦ୍ର ରଥ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମକର ସଂକ୍ରାନ୍ତି ଉପଲକ୍ଷେ ମାଧବାନନ୍ଦ ପୀଠ ଚଳଚଞ୍ଚଳ

କାକଟପୁର, ୧୫।୧ (ଶୁଭଦର୍ଶନ ମିଶ୍ର): ପ୍ରାଚୀନଦୀ ଉପକୂଳରେ ଅଷ୍ଟଶମ୍ଭୁ ସହିତ ଦ୍ୱାଦଶ ମାଧବ ବିଦ୍ୟମାନ। କାକଟପୁର ନିକଟ ବଲରାଠାରେ ଅବସ୍ଥିତ ମାଧବାନନ୍ଦ ଜୀଉଙ୍କ ମନ୍ଦିର ବହୁ ପୁରାତନ। ମକର ସଂକ୍ରାନ୍ତି ଅବସରରେ ସୋମବାର ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁ ରୁଣ୍ଡ ହୋଇ ପୂଜାର୍ଚ୍ଚନା କରିବା ସହିତ ପରିବାରର ଶୁଭ ମନାସିଥିଲେ। ଅପରାହ୍ନରେ ଜୀଉଙ୍କୁ ମକର ଚାଉଳ ଲାଗି ହେବା ସହିତ ମକର ବେଢା ଅନୁଷ୍ଠିତ ହୋଇଥିଲା। ମକର ସଂକ୍ରାନ୍ତିରେ ମାଧବାନନ୍ଦଙ୍କୁ ଦର୍ଶନ କଲେ କୋଟି ଜନ୍ମରୁ ପୁଣ୍ୟ ମିଳେ ବୋଲି ପୁରାଣ ଆଖ୍ୟାନ ରହିଛି।

### କଣାସ ବ୍ଲକରେ ଅର୍ପଣ ରଥ

କଣାସ, ୧୫।୧ (ବିଭୂତି ଭୂଷଣ ତ୍ରିପାଠୀ): ଜୟ ଜଗନ୍ନାଥଙ୍କ ଅର୍ପଣ ରଥ ସାରା ରାଜ୍ୟରେ ବୁଲୁଥିବାବେଳେ କଣାସ ବ୍ଲକର ୨୮ ଗ୍ରାମ ପଞ୍ଚାୟତରେ ଏହି ରଥ ୭ ଦିନ ହେଲା ବୁଲୁଛି। ରଥ ବୁଲିବାକୁ ନେଇ ଅନେକ ପଞ୍ଚାୟତରେ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ଗାଳିଗୁଲଜ, ପାଟିତୁଣ୍ଡ, ମାରପିଟ ହେବା, ରଥ ଅଟକ ରହିବା ନଜିର ରହିଛି। ସୋମବାର କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଏବଂ କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀ ଗଣ୍ଡଗୋଳ ଘଟିଥିବା ପଞ୍ଚାୟତରେ କର୍ମୀଙ୍କୁ ବୁଝାଇ ଶୁଝାଇ ରଥ ବୁଲାଇଥିଲେ।

### ଠାକୁର ଶ୍ରୀଅନୁକୂଳଚନ୍ଦ୍ରଙ୍କ ଅଷ୍ଟମ ବାର୍ଷିକ ଶ୍ରୀବିଗ୍ରହ ପ୍ରତିଷ୍ଠା ଉତ୍ସବ

କାକଟପୁର, ୧୫।୧ (ଶୁଭଦର୍ଶନ ମିଶ୍ର): ଠାକୁର ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଅଷ୍ଟମ ବାର୍ଷିକ ଶ୍ରୀ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସ୍ଥାନୀୟ ସୋମେଶ୍ୱରସ୍ଥିତ ସତ୍‌ସଙ୍ଗ ବିହାରଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ କାଳରୁ ଅନୁକୂଳଚନ୍ଦ୍ରଙ୍କ ଶ୍ରୀ ବିଗ୍ରହକୁ ଭକ୍ତ ଓ ଅନୁଗାମୀ ଏକ ସୁସଜ୍ଜିତ ରଥରେ ବସାଇ କାକଟପୁର ବଜାର ପରିକ୍ରମା କରିବା ସହିତ ସାରା ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ପରେ ତହସିଲ ପଡ଼ିଆଠାରେ ଏକ ଆଧ୍ୟାତ୍ମିକ ସଭାର ଆୟୋଜନ ହୋଇଥିଲା। ସମସ୍ତ ଭକ୍ତ ଓ ଅନୁଗାମୀମାନେ ଉତ୍ସବରେ ଯୋଗଦେଇ ଠାକୁର ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଧର୍ମୀୟ ଭାବନାର ବାର୍ତ୍ତା ସିଞ୍ଚନ କରିଥିଲେ। ଏହି ଧର୍ମସଭାରେ ଶତାଧିକ ମୁସଲିମ ଭଉଣୀ ଭାଇ ଯୋଗଦେଇ ଉକ୍ତ ଧର୍ମୀୟ ସଭା ଭାଇଚାରାର ନିଦର୍ଶନ ବୋଲି ମିର୍ଜା ଆକବର ଉଦ୍ଦିନ ପ୍ରକାଶ କରିଥିଲେ। ପରେ ସମସ୍ତ ଭକ୍ତ ପଂକ୍ତି ଭୋଜନରେ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ସତ୍‌ସଙ୍ଗ ବିହାର ପକ୍ଷରୁ ପ୍ରମୋଦ ପୃଷ୍ଟି, ଚନ୍ଦ୍ରକାନ୍ତ ଓଝା, ରାଜକିଶୋର ଖଟୋଇ, ଚକ୍ରଧର ସାହୁ, ହରିହର ସାହୁ, ଭିକାରୀ ଚରଣ ମୁଦୁଲି, ବରେଣ୍ୟ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚୌରାଶୀ ବେଶ

ପୁରୀ, ୧୫।୧ (ଅଜିତ୍ ମହାନ୍ତି): ପବିତ୍ର ମକର ସଂକ୍ରାନ୍ତିରେ ସୋମବାର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଛି। ପ୍ରାତଃରେ ଦ୍ୱାରଫିଟା, ଭିତରଶୌଧ ପରେ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ, ଅନ୍ୟାନ୍ୟ ନୀତି ସରି ବେଶ ପରେ ଗୋପାଳବଲ୍ଲଭ ପୂଜା ଓ ଭୋଗ କରାଯାଇ ଥିଲା। ସକାଳ ଧୂପ ପରେ ନୂଆଲୁଗା, ଚୂଳ, ମାଳ, ଛଅମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ସରିଥିଲା। ଦ୍ୱିପ୍ରହର ଧୂପ ସହିତ ଯାତ୍ରାଙ୍ଗୀ ଭୋଗ ରୋଷଘରୁ ଘଣ୍ଟ, ଛତା କାହାଳୀ ସହ ସେବକଙ୍କ ପଟୁଆରରେ ଆସିଥିଲା। ଷୋଡ଼ଶ ଉପଚାରରେ ମଣୋହୀ ହୋଇଥିଲା। ଟେରା ପଡ଼ିବା ପରେ ମନ୍ଦିର ଚାରିପାଖରେ ଦିଗବଳି ପ୍ରଦାନ କରାଯାଇଥିଲା। ଭୋଗ ଶେଷ ହୋଇ ଆଳତି ବଢ଼ି, ଧୋପଖାଳ ହୋଇ ଟେରାବନ୍ଧା ପରେ ଅଧିବାସ ହୋଇଥିବା ମକର ଚାଉଳ ଅଣାଯାଇ ୩ ରୁପାଥାଳିରେ ରଖାଯାଇଥିଲା। ପନ୍ତିବଡୁମାନେ ବାଘମୁହଁ ବାନ୍ଧି ଘଣ୍ଟ, ଛତା, କାହାଳୀ ସହିତ ତଳିଛ ପଟୁଆର କରି ବଡ଼ଦେଉଳକୁ ତିନିବେଢ଼ା ବୁଲି ଭିତରେ ଚାଉଳ ରଖିଥିଲେ। ରୋଷଘରୁ ମକରଚୌରାସୀ ଭୋଗ ଛାମୁକୁ ଆସିଥିଲା। ମହାଭୋଇମାନେ ବାଘମୁହଁ ବାନ୍ଧି, ଘଣ୍ଟ, ଛତା କାହାଳୀ ସହ ନିର୍ଦ୍ଦିଷ୍ଟ ସେବକଙ୍କ ଦୁଗ୍ଧ ଜାତୀୟ



### ମକର ନୀତି

ଦ୍ରବ୍ୟ ଧରି ଶ୍ରୀମନ୍ଦିର ପରିକ୍ରମା କରି ଜୟବିଜୟ ଦ୍ୱାରଠାରେ ମହାସୁଆରଙ୍କ ଜିମା ଦେଇଥିଲେ। ସେ ତାହାକୁ ମହାପ୍ରଭୁଙ୍କ ନିକଟରେ ବାଢିଥିଲେ। ଗଜପତି ମହାରାଜାଙ୍କ ପ୍ରତିନିଧି ଭାବେ ମୁଦିରଥ ସେବକ ପ୍ରସାଦ ଲାଗି କଲା ପରେ ପୂଜାପଣ୍ଡାମାନେ ତିନିବାଡ଼ରେ ପଞ୍ଚଉପଚାର ପୂଜା ସମ୍ପନ୍ନ କରିଥିଲେ। ଶ୍ରୀଜୀଉଙ୍କୁ ବନ୍ଦାପନା କରାଯାଇଥିଲା। ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ମକର ଚୌରାସୀ ବେଶ, ଦର୍ଶନ ଓ ମକର ବେଢା ପାଇଁ ସହସ୍ରାଧିକ ଭକ୍ତ ଦୀର୍ଘ ସମୟ ଅପେକ୍ଷା କରି ରହିଥିଲେ। ଏହି ବେଶରେ ଗେଣ୍ଡୁ ଫୁଲର ମାଳ, ତୁଳସୀ ଗେଣ୍ଡୁଫୁଲର ଚୂଳ ଲାଗି ହେଉଥିବାରୁ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା।





ପବିତ୍ର ମକର ସଂକ୍ରାନ୍ତି ଅବସରରେ ସୋମବାର ପୁରୀ ରାଧାବଲ୍ଲଭ ମଠ ଏବଂ ଉତ୍ତର ପାର୍ଶ୍ୱ ମଠ ପକ୍ଷରୁ ମକର ଚାଉଳ ପ୍ରସ୍ତୁତ କରାଯାଉଛି ।

## ମା'ଙ୍କୁ ଧାନରେ ପ୍ରସ୍ତୁତ ହାର ଅର୍ପଣ

ଅସ୍ତରଙ୍ଗ/କାକଟପୁର, ୧୫।୧ (ପ୍ରଦୀପ୍ତ କୁମାର ଦୀକ୍ଷିତ): ପବିତ୍ର ମକର ସଂକ୍ରାନ୍ତିରେ ଚଳଚଞ୍ଚଳ ପୁରୀ ଜିଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା. ମା ମଙ୍ଗଳାଙ୍କୁ ଦର୍ଶନ କରିବାକୁ ରାଜ୍ୟର କୋଣ ଅନୁକୋଣରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମା' ମଙ୍ଗଳା ସେବାୟତ ରୁଦ୍ର ନାରାୟଣ ଦୀକ୍ଷିତ ଦୀର୍ଘ ୪ ବର୍ଷ ହେବ ଏହି ଦିନରେ ମା'ଙ୍କୁ ନିଜ ହାତରେ ପ୍ରସ୍ତୁତ କରି ଧାନ ହାର ପିନ୍ଧାଇ ଥାଆନ୍ତି। ସଂକ୍ରାନ୍ତିର ୧୦ ଦିନ ପୂର୍ବରୁ ରୁଦ୍ର ନାରାୟଣ ନିଜ ଘରେ କାର୍ଡ ବୋର୍ଡ, ଅଠା ଓ ଧାନରେ ହାର ତିଆରି କରି ମା' ମଙ୍ଗଳାଙ୍କୁ ଅର୍ପଣ କରିଛନ୍ତି।



## ଶ୍ରୀଲୋକନାଥଙ୍କ ମନ୍ଦିରକୁ ଗଲା ମକର ଚୂଳ, ମୁଆଁ

ପୁରୀ, ୧୫।୧ (ଅଜିତ୍ ମହାନ୍ତି): ଶ୍ରୀଜଗନ୍ନାଥ ମନ୍ଦିରର ନୀତିକାନ୍ତି ସହିତ ଶ୍ରୀକ୍ଷେତ୍ରର ପ୍ରମୁଖ ଶୈବପୀଠ ଶ୍ରୀଲୋକନାଥ ମହାଦେବଙ୍କ ନୀତି ପ୍ରାୟତଃ ଜଡ଼ିତ ରହିଥିବା ଦେଖିବାକୁ ମିଳିଥାଏ। ସୋମବାର ପବିତ୍ର ମକର ସଂକ୍ରାନ୍ତିରେ ଶ୍ରୀଲୋକନାଥ ଦେବଙ୍କ ପୀଠରେ ମକର ପର୍ବ ପାଳିତ ହୋଇଛି। ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ମା' ପାର୍ବତୀ ତାଙ୍କ ବାପଘରକୁ ଯାଇଥିଲେ। ତେବେ ମକର ସଂକ୍ରାନ୍ତିରେ ମା' ପାର୍ବତୀ ବାପଘରୁ ଶ୍ରୀମନ୍ଦିରକୁ ଫେରିଛନ୍ତି। ଫେରିବା ସମୟରେ ମହାଦେବଙ୍କ ପାଇଁ ପାର୍ବତୀ ଆଭୂଷଣ ଓ ବ୍ୟଞ୍ଜନ ଧରି ଆସିଥିଲେ। ପରମ୍ପରା ସ୍ୱରୂପ ବାଲିସାହିସ୍ଥିତ ମା' ବରାହୀ ମନ୍ଦିରରୁ ୨ଟି ମକର ଚୂଳ ଏବଂ ମୁଆଁ ଲୋକନାଥଙ୍କ ପାଖକୁ ଯାଇଥିଲା। ମଧ୍ୟାହ୍ନ ଧୂପ ଏବଂ ବଡ଼ସିଂହାର ବେଶରେ ଠାକୁରଙ୍କୁ ମକର ଚୂଳ ଲାଗି ହୋଇଥିଲା। ସେହିପରି ବରାହୀଙ୍କ ପୀଠରୁ ଯାଇଥିବା ମକର ମୁଆଁ ଲୋକନାଥଙ୍କ ନିକଟରେ ଭୋଗ କରାଯାଇଥିଲା। ସେବାୟତଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା।

## ଗୋଲାପ ଫୁଲ, ଚକୋଲେଟ୍ ଦେଇ ଗାଡ଼ି ଚାଳକଙ୍କୁ ସଚେତନତା

ନିମାପଡ଼ା, ୧୫।୧ (ବିଚିତ୍ରାନନ୍ଦ ସାହୁ): ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ସ୍ୱେଚ୍ଛାସେବୀ ସଂସ୍ଥା ନୟାସବେରା ୟୁଥ୍ ଟ୍ରଷ୍ଟ ଓ ନିମାପଡ଼ା ଥାନା ପୋଲିସର ମିଳିତ ଆନୁକୂଲ୍ୟରେ ରବିବାର ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଦୋଳବେଦୀ ଛକଠାରେ ଆୟୋଜିତ ଏହି ସମାରୋହରେ ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ଥାନା ଆଇଆଇସି ବାମଦେବ ସ୍ୱାଇଁ, ଟ୍ରଷ୍ଟ ସଭାପତି ବିଶ୍ୱରଞ୍ଜନ ତ୍ରିପାଠୀ, ସମ୍ପାଦକ ନିର୍ମଳ ପରିଜା, ଉପଦେଷ୍ଟା ଜୀବନଜ୍ୟୋତି ଶତପଥୀ, ଶିକ୍ଷାବିତ୍ ପ୍ରତାପଚନ୍ଦ୍ର ସାବୁତ୍, ସୋନିତା ଭାଟିଆ, ଶ୍ରଦ୍ଧାଞ୍ଜଳି ଓଝା, ସୁଲଗ୍ନା ସାହୁ, ଅମିତ ପରିଜା ପ୍ରମୁଖ ଟ୍ରଷ୍ଟର ବହୁ ସଦସ୍ୟ ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ ଓ ଚକୋଲେଟ୍ ବାଣ୍ଟି ସଚେତନ କରିଥିଲେ। ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବା, ସିଟ୍‌ବେଲ୍ଟ ଓ ହେଲମେଟ୍ ବାନ୍ଧିବା, ଗାଡ଼ି ଚାଳନାବେଳେ ଫୋନରେ ମୋବାଇଲ୍ ଫୋନରେ କଥା ନ ହେବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା ଆଦି ସମ୍ପର୍କରେ ଟ୍ରଷ୍ଟର ସଦସ୍ୟ ହାତରେ ପ୍ଲା କାର୍ଡ ଧରି ନାରା ଦେଇ ଗାଡ଼ି ଚାଳକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟର ୪୦ ଜଣ ସଦସ୍ୟ ସହାୟତା କରିଥିଲେ।

# ସାରସ୍ୱତ ସମାରୋହ, 'ନୀଳଚକ୍ର ବାନା' ପତ୍ରିକା ଲୋକାର୍ପିତ

ପୁରୀ, ୧୫।୧ (ଅଜିତ୍ ମହାନ୍ତି): ଆଧ୍ୟାତ୍ମିକ ପତ୍ରିକା 'ନୀଳଚକ୍ର ବାନା'ର ଲୋକାର୍ପଣ ଉତ୍ସବ ସୋମବାର ସ୍ଥାନୀୟ ଚକ୍ରତୀର୍ଥରୋଡସ୍ଥିତ ୟୁଥ୍ ହଷ୍ଟେଲରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଉଦ୍‌ଘାଟକ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକା ପ୍ରତିଭା ମହାରଥୀ ସମ୍ମାନିତ ଅତିଥି ଭାବେ କବି ଶଙ୍କର୍ଷଣ ପରିଡ଼ା ଏବଂ ପ୍ରତିମାରାଣୀ ଷଡଙ୍ଗୀ ଯୋଗଦେଇ ନୀଳଚକ୍ର ବାନା ପତ୍ରିକାକୁ ଲୋକାର୍ପଣ କରିଥିଲେ। କମଳାକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପତ୍ରିକା ସମ୍ପାଦିକା ପୌର୍ଣ୍ଣମାସୀ ଦେବୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସଙ୍ଗଠକ ଶ୍ୟାମ ପ୍ରକାଶ ସେନାପତି ମକର ସଂକ୍ରାନ୍ତି ଦିବସର ମାହାତ୍ମ୍ୟ ବର୍ଣ୍ଣନା କରିଥିଲେ। ଏହି ଅବସରରେ ପ୍ରତିମାରାଣୀଙ୍କ 'ଆସ ପ୍ରାର୍ଥନା କରିବା' ଏବଂ ସୁବାସିନୀ ଧଳଙ୍କ କବିତା ସଂକଳନ 'ମନ ମହ୍ଲାର' ଲୋକାର୍ପିତ ହୋଇଥିଲା। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଶକୁନ୍ତଳା ବଳିଆରସିଂଙ୍କୁ ନୀଳଚକ୍ର ବାନା ଲେଖିକା ଗୌରବ ସମ୍ମାନ, ପ୍ରାବନ୍ଧିକ ସତ୍ୟ ନାରାୟଣ ମିଶ୍ରଙ୍କୁ ଲେଖକ ଗୌରବ ସମ୍ମାନ, ସୁଲେଖା ସମ୍ପାଦକ ସଦାଶିବ ମିଶ୍ରଙ୍କୁ ଆଦର୍ଶ ସମ୍ପାଦକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ୨୦ଜଣ ପ୍ରତିଭାଙ୍କୁ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେବା ସହ ସଭା କାର୍ଯ୍ୟ ସଂଚାଳନ କରିଥିଲେ। ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ୬୦ ଜଣ କବି କବିତା ପାଠ କରିଥିଲେ। କବି କ୍ରିଷ୍ଣା ମହାପାତ୍ର, ଅନାମ ଚନ୍ଦ୍ର ସାହୁ, ପ୍ରବାସିନୀ ମିଶ୍ର, ତୃପ୍ତି ପଣ୍ଡା, ରାଜେଶ କୁମାର ନନ୍ଦ, ସୁରେଶ କୁମାର ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିମାନେ ନୀଳଚକ୍ର ବାନା ପତ୍ରିକାକୁ ଲୋକାର୍ପଣ କରୁଛନ୍ତି ।

## ଭ୍ରାମ୍ୟମାଣ କବିତା ଆସର, ଆଲୋଚନାଚକ୍ର

ବଲଙ୍ଗା, ୧୫।୧ (କେଦାରେଶ୍ୱର ନନ୍ଦ): ବଲଙ୍ଗା ନିକଟ ଉଳଚୈକା ଗ୍ରାମରେ ଥିବା ଭଗବତୀ ଠାକୁରାଣୀଙ୍କ ପୀଠରେ ଭାର୍ଗବୀ ସାହିତ୍ୟ ସଂସଦ ପକ୍ଷରୁ ଭ୍ରାମ୍ୟମାଣ କବିତା ଆସର ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସୁରକ୍ଷା ଓ ବିକାଶ ଦିଗରେ ସଫଳତା ପାଇପାରିବ କି' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କୃପାସିନ୍ଧୁ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଈଶ୍ୱର ଚନ୍ଦ୍ର ନାୟକ, ମନୋହର ସାହୁ, ଲକ୍ଷ୍ମୀଧର ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କବି ଗଙ୍ଗାଧର ପ୍ରଧାନ, ମୋନାଲିସା ପଣ୍ଡା, ରୋଜାଲିନ ପରିଡା, ଭରତ କୁମାର ମିଶ୍ର, ପ୍ରସନ୍ନ କୁମାର ଶତପଥୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସରକାରୀ ଓ ବେସରକାରୀ ଚାକିରିରେ ଯେଉଁ ଚୟନ ପ୍ରକ୍ରିୟା କରାଯାଉଛି, ତାହା ଓଡ଼ିଆ ଭାଷାରେ ହେବା ସହିତ ପ୍ରତ୍ୟେକ ଚୟନ ପ୍ରକ୍ରିୟାରେ ଓଡ଼ିଆ ବିଷୟରେ ସର୍ବାଧିକ ନମ୍ବର ରଖିଥିବା ଆବେଦନକାରୀଙ୍କୁ ଗୁରୁତ୍ୱ ଦିଆଗଲେ ଯୁବପିଢ଼ି ଅଧିକରୁ ଅଧିକ ଓଡ଼ିଆ ଭାଷା ପ୍ରତି ଧ୍ୟାନ ଦେଇପାରନ୍ତେ ବୋଲି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଛି।

## ବ୍ଲକର ୬ ସେକ୍ଟରରେ ସବଳା ଯୋଜନା ଉଦ୍‌ଘାଟିତ

ଗୋପ, ୧୫।୧ (ଭାରତୀ ଭୂଷଣ ଉପାଧ୍ୟାୟ): ଗୋପ ବ୍ଲକରେ ସରକାରଙ୍କ ଦ୍ୱାରା ସବଳା ଯୋଜନା ଏକ ଦୀର୍ଘସ୍ଥାୟୀ ଅଙ୍ଗ। ଶନିବାର ଗୋପ ବ୍ଲକ ଅଧୀନ ଗଣେଶ୍ୱରପୁର ପଞ୍ଚାୟତର ସୁବର୍ଣ୍ଣପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ସବଳା ଯୋଜନାର ଶୁଭାରମ୍ଭ ଶନିବାର ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି ଯୋଗଦେଇ ଏହା କହିଥିଲେ। କାର୍ଯ୍ୟକ୍ରମରେ ଗଣେଶ୍ୱରପୁର ସରପଞ୍ଚ ପ୍ରଭାତ ବେହେରା, ସୁପରଭାଇଜର ରାଧାମଣି ପରିଡ଼ାଙ୍କ ସମେତ ବହୁ ବରିଷ୍ଠ ଅତିଥିମାନେ ଯୋଗଦେଇଥିଲେ। ସରକାରଙ୍କ ଏହି ସବଳା ଯୋଜନା ବ୍ଲକର ୬ ଗୋଟି ଅଙ୍ଗନୱାଡ଼ି ସେକ୍ଟରରେ ଶୁଭାରମ୍ଭ ହୋଇଥିବା ସିଡିପିଓ ମୀନାକ୍ଷୀ ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବ୍ଲକରେ ଥିବା ୧୮୭ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ର ଅଧୀନରେ ଥିବା ୫ ହଜାର ୩୫୬ ଜଣ ସବଳାଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ପ୍ରତ୍ୟେକ ମାସର ଶନିବାର ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯିବ। ଗୋପ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଅଧୀନରେ ଥିବା ୧୨ ଗୋଟି ସେକ୍ଟର ମଧ୍ୟରୁ ଏହି ଯୋଜନା ଗଣେଶ୍ୱରପୁର, ଶାରଡ଼ା, ବଡତରା, ସୁତନ ସହିତ ୬ ଗୋଟି ଅଙ୍ଗନୱାଡ଼ି ସେକ୍ଟରରେ ଶୁଭାରମ୍ଭ ହୋଇଛି। ଏହି ଯୋଜନାରେ ଯୋଗଦେଇଥିବା ସବଳାଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ବାବା ବଟେଶ୍ୱରଙ୍କ ମକର ମେଳା

କୋଣାର୍କ, ୧୫।୧ (ଜ୍ୟୋତିରାଜ ମହାନ୍ତି): ପବିତ୍ର ମକର ସଂକ୍ରାନ୍ତି ପର୍ବ ଉପଲକ୍ଷେ ନିକଟସ୍ଥ ବାବା ବଟେଶ୍ୱରଙ୍କ ପବିତ୍ର ମକର ବୁଡ଼ ତଥା ମକର ମେଳା ମହା ସମାରୋହରେ ସୋମବାର ପାଳିତ ହୋଇଯାଇଛି। ପ୍ରାତଃରୁ ବାବାଙ୍କ ବିଭିନ୍ନ ନୀତି ପାଳନ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ନିକଟସ୍ଥ ୬ଟି ଗ୍ରାମ ଗୋଧନପଡ଼ା, ଛଡ଼ାସିଂହ, କାକରପୁଟ, ରଇତିଶାହି, ଗୟଳ ଓ ଖଦୋଳ ଗ୍ରାମର ଆରାଧ୍ୟ ଦେବ ସୁସଜ୍ଜିତ ବିମାନରେ ମହାଦେବଙ୍କ ପ୍ରାଙ୍ଗଣରେ ପହଞ୍ଚି ଯଥାବିଧି ପୂଜା ଆରମ୍ଭ ହୋଇଥିଲା। ଅପରାହ୍ନରେ ମହାଦେବଙ୍କ ମକର ମିଳନ ନୀତି ଆୟୋଜିତ ହୋଇଥିଲା। ମନ୍ଦିର ଚୂଡ଼ାରେ ପୂଜାପଣ୍ଡାମାନେ ନୂତନ ପତାକା ବାନ୍ଧିବା ସହିତ ଠାକୁରଙ୍କ ମକର ମିଳନ କରାଯାଇଥିଲା। ମକର ଭୋଗ ପରେ ଠାକୁରମାନେ ମନ୍ଦିର ପରିକ୍ରମା କରି ବିମାନ ଯୋଗେ ନିଜ ଆସ୍ଥାନକୁ ଫେରିଥିଲେ। ଶ୍ରଦ୍ଧାଳୁଙ୍କୁ ମକର ଚାଉଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ମକର ମେଳା ପଡ଼ିଥିଲା। ନିକଟ ୨ଟି ପଞ୍ଚାୟତର ହଜାର ହଜାର ଶ୍ରଦ୍ଧାଳୁ ବାବାଙ୍କ ଦର୍ଶନ ପାଇଁ ଭିଡ଼ ଜମାଇଥିଲେ। ଏହି ମକର ଉତ୍ସବକୁ ଛଡା ସିଂହର ବ୍ରାହ୍ମଣମାନେ ପରିଚାଳନା କରିଥିବାବେଳେ ବାବା ବଟେଶ୍ୱର ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ସହଯୋଗ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ୫ ରାତି ଧରି ମୁକ୍ତମଞ୍ଚ ନାଟକ ମଞ୍ଚସ୍ଥ କରାଯିବା ନେଇ ସୂଚନା ମିଳିଛି।



ମେଳାରେ ସୁସଜ୍ଜିତ ବିମାନ ।

# ସାକ୍ଷୀଗୋପାଳଙ୍କୁ ଲାଗିହେଲା ମକର ଚାଉଳ ଭୋଗ

ସାକ୍ଷୀଗୋପାଳ, ୧୫।୧ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ): ପବିତ୍ର ମକର ସଂକ୍ରାନ୍ତି ଅବସରରେ ସୋମବାର ସାକ୍ଷୀଗୋପାଳ ମନ୍ଦିରରେ ବର୍ଷକୁ ଥରେ ପରମ୍ପରା ଅନୁଯାୟୀ, ପ୍ରଭୁ ସାକ୍ଷୀଗୋପାଳଙ୍କୁ ମକର ଚାଉଳ ଭୋଗ ଲାଗି କରାଯାଇଛି। ରବିବାର ମହାଲକ୍ଷ୍ମୀଙ୍କ ବାପଘରୁ ଆସିଥିବା ମକର ଭାରରେ ମନ୍ଦିର ମାଳି ସେବାୟତମାନେ ମକର ଚାଉଳ ପ୍ରସ୍ତୁତ କରିଥିଲେ। ମକରଭାର ସହିତ ଆସିଥିବା ନୂତନ ବସ୍ତ୍ର, ଫୁଲମାଳ ସାକ୍ଷୀଗୋପାଳ ଓ ରାଧାରାଣୀଙ୍କୁ ଲାଗି ହୋଇଥିଲା। ମନ୍ଦିର ଚୂଡ଼ାରେ ନେତ ବନ୍ଧା ଯାଇଥିଲା। ଚୂନପାଣି ପକାଯାଇ ବେଢ଼ା ଶୋଧ କରାଯିବା ପରେ ରୁପା ପିଙ୍ଗଳରେ ମକର, ସାକର, ଦଧି ଓ ନଳିପାନ ଏପରି ଚାରିବେଢ଼ା ଅନୁଷ୍ଠିତ ହୋଇଥିଲା। ଛତିଡ୍ରାସ, ବାଜା, ମହୁରୀ, କାହାଳୀ, ଘଣ୍ଟ ବଜାଇ ଠାକୁରଙ୍କୁ ଆଳତି ଓ ଉପଚାର କରି ପୂଜାପଣ୍ଡା ବନ୍ଦପନା କରିଥିଲେ। ମକର ଭାରରେ ପ୍ରସ୍ତୁତ ମକର ଚାଉଳ ପ୍ରଥମେ ଠାକୁର ଓ ଠାକୁରାଣୀଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରାଯାଇ ବଳି ଆଟିକାରେ ନବାଙ୍କ ଚଣ୍ଡ ପ୍ରଦାନ କରାଯାଇଥିଲା। ମନ୍ଦିର ବେଢ଼ା ମଧ୍ୟରେ ଶ୍ରଦ୍ଧାଳୁମାନେ ମକର ଚାଉଳ ଭୋଗ ପ୍ରସ୍ତୁତ କରି ଠାକୁରଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ। ବର୍ଷକୁ ଥରେ ଏହି ସୁଯୋଗରେ ଶ୍ରଦ୍ଧାଳୁମାନେ ନୂଆ ହାଣ୍ଡିରେ ମକର ଚାଉଳ ଭୋଗ ପ୍ରସ୍ତୁତ କରିଥିଲେ।



## ସଂକ୍ଷେପରେ

### ଚୋରି ଅଭିଯୋଗରେ ୨ ବଙ୍ଗୀୟ ଯୁବତୀ ଗିରଫ

**ଖୁଣ୍ଟୁଣୀ,୧୫।୧(ସଚ୍ଚିଦାନନ୍ଦ ପଣ୍ଡା):** ମକର ସଂକ୍ରାନ୍ତିରେ ଆଠଗଡ଼ ବାବା ଧବଳେଶ୍ୱରଙ୍କ ପୀଠରେ ଭକ୍ତଙ୍କ ଗହଳି ସୁଯୋଗରେ ଶ୍ରଦ୍ଧାଳୁଙ୍କଠୁ ମୋବାଇଲ ଓ ମନିପର୍ସ ଚୋରି ଅଭିଯୋଗରେ ଗୁରୁଡ଼ିଝାଟିଆ ପୋଲିସ ୨ ବଙ୍ଗୀୟ ଯୁବତୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ୨ ଯୁବତୀ ହେଲେ ପଶ୍ଚିମବଙ୍ଗର ସାବିତ୍ରୀ ସିଂ ଓ କସ୍ତୁରୀ ସିଂ। ଏନେଇ ପୋଲିସ ୧୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ତାଙ୍କଠାରୁ ମୋବାଇଲ ଓ ପର୍ସ ଜବତ କରିଛି। ସୂଚନା ମୁତାବକ, ଭିଡ଼ର ସୁଯୋଗ ନେଇ ଏହି ୨ ବଙ୍ଗୀୟ ଯୁବତୀ ପ୍ରଥମେ କଟକ ମଧୁପାଟଣାର ଶାଶ୍ୱତୀ ଦଳେଇଙ୍କ ପର୍ସରେ ଥିବା ଟଙ୍କା ଓ କେତେକ ଜରୁରୀ ଡକ୍ୟୁମେଣ୍ଟକୁ ଚୋରି କରିଥିଲେ। ପରେ କଟକ ଜିଲା ମାହାଙ୍ଗା ଗ୍ରାମର ସରିତା ପରିଡ଼ାଙ୍କ ଏକ ମୋବାଇଲ ଫୋନ ଚୋରି କରି ସେଠାରେ ଭକ୍ତଙ୍କ ଭଳି ବୁଲୁଥିଲେ। ଚୋରି ହୋଇଥିବା ସାମଗ୍ରୀ ବାବଦରେ ୨ ମହିଳା ପୀଠରେ ଉପସ୍ଥିତ ଥିବା ପୋଲିସଙ୍କୁ ଜଣାଇଥିଲେ। ଏସ୍‌ଆଇ ଖିଲାର ଓ ତାଙ୍କ ସହଯୋଗୀ ଏଏସ୍‌ଆଇ ଦେବାଶିଷ ମିଶ୍ର ଓ ସୁଧାକର ଭୋଇ ମିଳିତ ଭାବେ ୨ ବଙ୍ଗୀୟ ଯୁବତୀଙ୍କୁ କାବୁ କରିଥିଲେ।

### ଚଢ଼ାଉରେ ୩୮୫ ଲିଟର ଦେଶୀ ମଦ, ୬୯୩୦ ଲିଟର ପୋଚ ଜବତ

**ଖୁଣ୍ଟୁଣୀ,୧୫।୧(ସଚ୍ଚିଦାନନ୍ଦ ପଣ୍ଡା):** ଗତ ୨ଦିନ ତଳେ ଗୁରୁଡ଼ିଝାଟିଆ ଥାନା ଅଧୀନ ଡବାଗାଡ଼ିଆ ଗ୍ରାମରୁ ଏକ ଚୋରା ମଦ ଡିପୋରୁ ଦେଶୀ ମଦ ଜବତ ହୋଇଥିବାବେଳେ ସୋମବାର ଖୁଣ୍ଟୁଣୀ ଥାନା ଅଧୀନ ଡାଲୁଆ ଓ ଖଣ୍ଡୁଆଳି ଗ୍ରାମ ସଂଲଗ୍ନ ସଂରକ୍ଷିତ ଜଙ୍ଗଲରୁ ପୁଣି ୩୮୫ ଲିଟର ଦେଶୀ ମଦ ଓ ୬୯୩୦ ଲିଟର ପୋଚ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପ୍ରମୋଦ ପଣ୍ଡା କହିଛନ୍ତି। ଚଢ଼ାଉବେଳେ ୨ଜଣ ଫେରାର ହୋଇଯାଇଥିଲେ। ସେମାନେ ମଦକୁ ବଡ଼ବଡ଼ ଗାତ ମଧ୍ୟରେ ଜାରକିନ ରଖି ଲୁଚାଇଥିବା ଦେଖିବାକୁ ମିଳିଥିଲା। ସୂଚନା ମୁତାବକ, କଟକ ଜିଲା ଅବକାରୀ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ନେତୃତ୍ୱରେ ଆଠଗଡ଼ ଅବକାରୀ ଡେପୁଟି ସୁପରିନଟେଣ୍ଡେଣ୍ଟ ପଣ୍ଡା, ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ଏସପି ସିଦ୍ଧେଶ୍ୱର ବେସ୍ରା, ଜିଲା ମୋବାଇଲ ଷ୍ଟାଫ ମିଳିତ ଭାବେ ଚଢ଼ାଉରେ ସାମିଲ ହୋଇଥିଲେ। ସମସ୍ତ ଚୋରା ମଦକୁ ଅବକାରୀ ଏସ୍‌ପିଙ୍କ ଉପସ୍ଥିତିରେ ଜଙ୍ଗଲ ମଧ୍ୟରେ ନଷ୍ଟ କରାଯିବା ସହ ଜାରକିନଗୁଡ଼ିକୁ ହାଣି ନଷ୍ଟ କରାଯାଇଥିଲା।

### ୩୨ ନଂ. ୱାର୍ଡ଼ କଂଗ୍ରେସ ସଭାପତି ହେଲେ ମନ୍ମୟ ଚୌଧୁରୀ



**କଟକ,୧୫।୧(ଶିଳ୍ପା ପ୍ରିୟଦର୍ଶିନୀ):** କଲେଜ ଛକସ୍ଥିତ କଟକ ନଗର (ଜିଲା) କଂଗ୍ରେସ କାର୍ଯ୍ୟାଳୟଠାରେ ୩୨ ନମ୍ବର ୱାର୍ଡ କଂଗ୍ରେସ କମିଟିର ସାଙ୍ଗଠନିକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ନେତା ମାନସ ନାୟକ ସଭାପତିତ୍ୱ କରିଥିବାବେଳେ କଟକ ନଗର କଂଗ୍ରେସ କମିଟି ସଭାପତି ସୁରେଶ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୩୨ ନମ୍ବର ୱାର୍ଡର ମୌଳିକ ସମସ୍ୟା ଓ ତୃଣମୂଳରୁ ସଙ୍ଗଠନ କିପରି ମଜଭୁତ ହୋଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ସର୍ବସମ୍ମତିକ୍ରମେ ୩୨ ନମ୍ବର ୱାର୍ଡ କଂଗ୍ରେସ ସଭାପତି ଭାବେ ମନ୍ମୟ ଚୌଧୁରୀଙ୍କୁ ଚୟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସେକ୍ ସର୍ଫରାଜ ଫିରଦାସ, ସନ୍ମୟ ଚୌଧୁରୀ, ମହମ୍ମଦ ଆରୟେସ୍, ଚିନ୍ମୟ ଚୌଧୁରୀ, ସୁନିଲ୍ କୁମାର ଦେବ, ଆନନ୍ଦ ସାହୁ, ପ୍ରଶାନ୍ତ ବେହେରା, ବିପନ ପଶାୟତ, ସୁକାନ୍ତ ରାଉତ, ବରଦା ସାହୁ ଉପସ୍ଥିତ ଥିଲେ। ସହଦେବ ବେହେରା ଧନ୍ୟବାଦ ଦେଇଥିଲେ।

# କଟକଣା, ସଚେତନତା ମାନୁନାହାନ୍ତି

**ମାଞ୍ଜାସୂତା ବ୍ୟବହାର ରୋକିପାରୁନି ପୋଲିସ**
**ମକରରେ ଅଘଟଣ: ମାଞ୍ଜାସୂତା ଲାଗି ୨ ଆହତ**

କଟକ,୧୫।୧ (କାର୍ତ୍ତିକ ସାହୁ)



କମିଶନରେଟ ପୋଲିସ୍‌ର କଟକଣା ସତ୍ତ୍ୱେ ମାଞ୍ଜାସୂତା ବ୍ୟବହାରକୁ ରୋକାଯାଇ ପାରିନାହିଁ। ଗୁଡ଼ିଉଡ଼ାର ପର୍ବ ମକର ସଂକ୍ରାନ୍ତିରେ ସୋମବାର ସକାଳୁ ଅଘଟଣ ଦେଖିବାକୁ ମିଳିଛି। ମାଞ୍ଜାସୂତା ଲାଗି ପୁଣି ୨ ଯୁବକ ଆହତ ହୋଇଛନ୍ତି। ଯୁବକଦ୍ୱୟଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେମାନଙ୍କ ଘର ନିଆଳି ଅଞ୍ଚଳରେ ବୋଲି ଜଣାପଡ଼ିଛି। ମାଞ୍ଜାସୂତା ଲାଗି ଜଣେ ଯୁବକଙ୍କ ବେକ କଟି ଯାଇଥିବାବେଳେ ଅନ୍ୟ ଜଣଙ୍କ ପାପୁଲି କଟି ରକ୍ତାକ୍ତ ହୋଇଛି।

ସୂଚନା ଅନୁସାରେ, ଯୁବକଦ୍ୱୟ କୌଣସି କାମରେ ବାଇକ ଯୋଗେ ନିଆଳିରୁ କଟକ ଅଭିମୁଖେ ଆସୁଥିଲେ। ଗୋପାଳପୁର ନିକଟରେ ସେମାନଙ୍କ ବେକ ଓ ପାପୁଲିରେ ମାଞ୍ଜାସୂତା ଲାଗି କ୍ଷତାକ୍ତ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ମାଞ୍ଜାସୂତାଜନିତ ଅଘଟଣ ଘଟୁଥିଲେ ବି ଲୋକେ ସଚେତନ ହେଉନାହାନ୍ତି। ଲୋକଙ୍କ ଜୀବନ ସଙ୍କଟରେ ପଡ଼ୁଛି। ଏଥର ବି ଅନୁରୂପ ଘଟଣା ଗତ ସପ୍ତାହରୁ ଘଟିସାରିଲାଣି। ମର୍କତନଗର ସେକ୍ଟର-୧୦ ଅଞ୍ଚଳର ପ୍ରମୋଦ ସାମନ୍ତରାୟ ଓ ବିରିବାଟୀ ଅଞ୍ଚଳର ଭୋଳାଶଙ୍କର ପରିଡ଼ାଙ୍କ ବେକରେ ମାଞ୍ଜାସୂତା ଲାଗି କଟିଯାଇଥିଲା। ସେମାନେ ଜୀବନହାନିରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ବି ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ପୋଲିସ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରୁଥିଲେ ବି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ। ଗତ କିଛିଦିନ ଧରି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। କଟକ ଡିସିପିଙ୍କ ପକ୍ଷରୁ କଟକ ସହରାଞ୍ଚଳର ସବୁ ଥାନା ଆଇଆଇସିଙ୍କୁ ମାଞ୍ଜାସୂତା ବିକ୍ରି ରୋକିବା ନିମନ୍ତେ ନିଜ ଅଞ୍ଚଳରେ ଚଢ଼ାଉ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସତର୍କ କରାଉଛି। ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଗୁଡ଼ି ନ ଉଡ଼ାଇବା ଓ ମାଞ୍ଜାସୂତା ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ଏପରିକି ନିୟମ ଖିଲାପକାରୀଙ୍କୁ ଗିରଫ କରାଯିବ ବୋଲି କଡ଼ା ଚେତାବନୀ ଦିଆଯାଇଛି। ପୋଲିସ ଟିମ୍ ରବିବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ମାଞ୍ଜାସୂତା ଜବତ ବି କରିଛି। ତଥାପି ଲୋକେ ଚେତୁନାହାନ୍ତି।




କଟକ ଶତାବ୍ଦୀ ଭବନରେ ସୋମବାର ସ୍ଥଳସେବା ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ୧୯୭୧ ଯୁଦ୍ଧବୀରଙ୍କୁ ସମ୍ମାନିତ କରାଯାଇଛି।

### ଚୌଦ୍ୱାରରେ ୨ ଅର୍ପଣ ରଥ

**ମଙ୍ଗୁଳି– ଜଗତପୁର,୧୫।୧(ମାନସ ସାମଲ)**

ଚୌଦ୍ୱାରରେ ୨ଟି ଅର୍ପଣ ରଥ ବୁଲୁଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖିବାକୁ ମିଳିଛି। ଏନେଇ ଚୌଦ୍ୱାର ପୌର ପ୍ରଶାସନ ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ କରି ଲିଫଲେଟ୍ ଜରିଆରେ ଅର୍ପଣ ରଥର କାର୍ଯ୍ୟସୂଚୀ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ସୂଚନା ମୁତାବକ, ୩ ଦିନ ଧରି ୧୯ଟି ୱାର୍ଡରେ ଅର୍ପଣ ରଥ ବୁଲି ଅଞ୍ଚଳବାସୀଙ୍କଠାରୁ ଗୁଆ, ଚାଉଳ ସଂଗ୍ରହ କରିବା ପରେ ରବିବାର ଏହା ସରିଥିଲା। ପୁଣି ସୋମବାର ଅବିକଳ ଅର୍ପଣ ରଥ ଭଳି ଦେଖାଯାଉଥିବା କୌଣସି ଅନୁଷ୍ଠାନର ନାମ ଲେଖା ନ ଥିବା ରଥ ଚୌଦ୍ୱାର ପୌରପାଳିକା ଅଧୀନ ୧୦ ଓ ୧୯ ନମ୍ବର ୱାର୍ଡ ପରିଭ୍ରମଣ କରିବା ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ଚାଉଳ, ଗୁଆ ଦେବାକୁ ଆସିଥିବା ଲୋକେ କେଉଁ ରଥକୁ ଚାଉଳ ଦେବେ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦିଆଯାଉଥିବା ଗୁଆ, ଚାଉଳ କୁଆଡେ ଯିବ ବୋଲି ସ୍ଥାନୀୟ ବାସିନ୍ଦା ରାଜୀବ ମହାନ୍ତି କହିଛନ୍ତି। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ଓ ଅର୍ପଣ ରଥ କମିଟି ସଦସ୍ୟ ବିଷ୍ଣୁଚରଣ ପରିଡ଼ାଙ୍କୁ ପଚାରିବାରେ, ଏହି ରଥ ସରକାରୀ ରଥ ନୁହେଁ। ଉପଯୁକ୍ତ ତଦନ୍ତ କରାଯିବା ସହ ଏଥିରେ ଖର୍ଚ୍ଚ ହୋଇଥିବା ଟଙ୍କା ପୌର ପ୍ରଶାସନ ଭରଣା କରିବ ନାହିଁ ବୋଲି କହିଥିଲେ। ଏ ସଂକ୍ରାନ୍ତରେ ପୌର ଉପାଧ୍ୟକ୍ଷଙ୍କୁ ପଚାରିବାରୁ, ଏହା ଏକ ବେସରକାରୀ କାର୍ଯ୍ୟକ୍ରମ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଚାଉଳ, ଗୁଆ, ଟଙ୍କା ସଂଗୃହୀତ ହୋଇଛି ବୋଲି ସେ କହିଥିଲେ।

## ‘ଅନୁଷ୍ଠାନ ମାଧ୍ୟମରେ ସାହିତ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ଦୃଢ଼ ହୁଏ’



ଶ୍ରୀରାମଚନ୍ଦ୍ର ଭବନଠାରେ ଶରତ ସାହିତ୍ୟ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଅତିଥି।

**ଶରତ ସାହିତ୍ୟ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବ**

କଟକ,୧୫।୧(କାର୍ତ୍ତିକ ସାହୁ)

ଶରତ ସାହିତ୍ୟ ଟ୍ରଷ୍ଟର ଊନବିଂଶତମ ପ୍ରତିଷ୍ଠା ଉତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ବୈଷ୍ଣବ ଚରଣ ସାମଲ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ସାହିତ୍ୟ ପ୍ରତି ଶରତ କୁମାରୀ ଆଚାର୍ଯ୍ୟଙ୍କ ଅନୁରାଗ ଉଲ୍ଲେଖଯୋଗ୍ୟ। ତାଙ୍କ ପ୍ରତିଟି ରଚନାରେ ଜୀବନ ଓ ସମୟର କଥା ରହିଛି। ଅନୁଷ୍ଠାନ ମାଧ୍ୟମରେ ସାହିତ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ଦୃଢ଼ ହୋଇଥାଏ। ମୁଖ୍ୟବକ୍ତା ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ କହିଲେ, ସାରସ୍ୱତ ପ୍ରତିଭାମାନଙ୍କୁ ସମ୍ମାନ, ସାରସ୍ୱତ କୃତୀ ପ୍ରକାଶନ ଓ ଉତ୍ତର ପିଢ଼ିକୁ ସାହିତ୍ୟ ସହିତ ଯୋଡ଼ିବା କ୍ଷେତ୍ରରେ ଟ୍ରଷ୍ଟର କାର୍ଯ୍ୟ ପ୍ରଶଂସନୀୟ। ସମ୍ମାନିତ ଅତିଥି ଇଂ. ନିଶୀଥ ରଞ୍ଜନ ନନ୍ଦ କହିଲେ, ନିଷ୍ଠାର ସହ ସାହିତ୍ୟ କାର୍ଯ୍ୟ କରିବା ପ୍ରତି ଶରତ ସାହିତ୍ୟ ଟ୍ରଷ୍ଟର ଅଙ୍ଗୀକାରବଦ୍ଧତା ରହିଛି। ପ୍ରଫେସର ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରି କହିଲେ, ନିରବଚ୍ଛିନ୍ନ ଭାବେ ସାହିତ୍ୟ ସେବା କରିଆସୁଥିବା ଶରତ କୁମାରୀ ଆଚାର୍ଯ୍ୟ ଟ୍ରଷ୍ଟ ମାଧ୍ୟମରେ ସାହିତ୍ୟକୁ ଅଧିକ ବ୍ୟାପକ କରିପାରିଛନ୍ତି। ଏହି ଅବସରରେ ପ୍ରିୟମ୍ବଦା ସାହୁଙ୍କୁ ଶରତ ସାରସ୍ୱତ ସମ୍ମାନ, ବନିତା ପତିଙ୍କୁ କସ୍ତୁରୀ ଚରଣ ନାୟକ ସ୍ମୃତି ସମ୍ମାନ, ଡ. ଅଭୟ କୁମାର ରାଉତଙ୍କୁ ଶରତ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅନୁଷ୍ଠାନର ମୁଖପତ୍ର ଶରତ ପ୍ରଭା, ବିଜୟିନୀ ପବ୍ଲିକେଶନ୍‌ସ ଦ୍ୱାରା ପ୍ରକାଶିତ ଡା. ନରେନ୍ଦ୍ର କୁମାର ନନ୍ଦଙ୍କ ସଂକଳିତ ପୁସ୍ତକ ଅମରବାଣୀ ଓ ଡ. ନଳିନୀ ନାୟକଙ୍କ ମନଛୁଆଁ ଗୀତି କବିତା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ଟ୍ରଷ୍ଟି ଶ୍ରେୟାନ୍ ନନ୍ଦଙ୍କ ବକ୍ତବ୍ୟକୁ ସଦସ୍ୟ ସ୍ଥିତପ୍ରଜ୍ଞା ନନ୍ଦ ପାଠ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷା ଶରତ କୁମାରୀ ଆଚାର୍ଯ୍ୟ ଅନୁଷ୍ଠାନର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ବ୍ରହ୍ମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ବ୍ୟାସକବି ଫକୀରମୋହନଙ୍କ ସମସ୍ତ ସୃଷ୍ଟି କାଳଜୟୀ




ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳନ।

ଚୌଦ୍ୱାର,୧୫।୧(ଆଶୁତୋଷ ଦାସ)

ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ସଂସଦ ସଭାପତି ବିଶ୍ୱ କଲ୍ୟାଣ ଦାସଙ୍କ ଅଧ୍ୟକ୍ଷତାରେ କପାଳେଶ୍ୱରସ୍ଥିତ ରୋଟାରୀ ଭବନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କବି ଅଧ୍ୟାପକ ପ୍ରସନ୍ନ ସ୍ୱାଇଁ, ସାରସ୍ୱତ ସାଧକ ଡ. ଭାଗବତ ଶୁକ୍ଳ, ହିନ୍ଦୁ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଫକୀରମୋହନଙ୍କ ସମସ୍ତ ସୃଷ୍ଟି କାଳଜୟୀ ବୋଲି ପ୍ରକାଶ କରିବା ସହିତ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶରେ ତାଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟିକ ତଥା ଶିକ୍ଷାବିତ୍ ରବୀନ୍ଦ୍ର ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଦିବ୍ୟଜ୍ୟୋତି ପାଣି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡାଳିଯୋଡ଼ା ସାହିତ୍ୟ ସଂସଦ ସମ୍ପାଦକ ଶ୍ରୀନିବାସ ବେହେରାଙ୍କ ସଭାପତିତ୍ୱ ଓ ଶିକ୍ଷାବିତ୍ ଅକ୍ଷୟ ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ କବୟିତ୍ରୀ, କବି ସ୍ୱରଚିତ କବିତା ପାଠ କରିଥିଲେ। ସଂଗଠନ ସମ୍ପାଦକ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ‘ଭାଷା ସୁରକ୍ଷାରେ ଫକୀରମୋହନଙ୍କ ଅବଦାନ ଅନନ୍ୟ’

କଟକ,୧୫।୧(କାର୍ତ୍ତିକ ସାହୁ)

ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ସହ ଓଡ଼ିଆ ଭାଷା ସୁରକ୍ଷାର କଥା ସମ୍ରାଟ ଫକୀରମୋହନ ସେନାପତିଙ୍କ ଅବଦାନ ଅନନ୍ୟ। ଉତ୍କଳ ସାହିତ୍ୟ ସମାଜର ସଭାପତି ଭାବେ ଫକୀରମୋହନ ଦାୟବଦ୍ଧ ଭୂମିକା ଗ୍ରହଣ କରିଥିଲେ ବୋଲି ଉତ୍କଳ ସାହିତ୍ୟ ସମାଜ ପରିସରରେ ସୋମବାର ଆୟୋଜିତ ବ୍ୟାସକବିଙ୍କ ଜୟନ୍ତୀରେ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ଉତ୍କଳ ସାହିତ୍ୟ ସମାଜ ପରିସରରେ ଅନୁଷ୍ଠାନର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ, ସଂଗଠନ ସମ୍ପାଦକ ସୁନାମଣି ରାଉତ, ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ସମେତ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟମାନେ ଫକୀରମୋହନଙ୍କ ଜୀବନୀ ଓ ସାହିତ୍ୟ ସଂପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିପରି ସାରଳା ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଉତ୍ସବ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ପ୍ରଜ୍ଞାରତ୍ନ ସହଦେବ ସାହୁ, ମୁଖ୍ୟବକ୍ତା ଡ. ସୁଲୋଚନା ଦାସ, ବରେଣ୍ୟ ଅତିଥି ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ଡା. ନିମାଇଁ ଚରଣ ପରିଜା, ଡା. ନୀରଦ କୁମାର ଗୋଚ୍ଛାୟତ ଏବଂ ବରେଣ୍ୟ ବକ୍ତା ଡ. ବିରଞ୍ଚି କୁମାର ସାହୁ ଫକୀରମୋହନଙ୍କ ଗୁଣଗାନ କରିଥିଲେ। ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ସାଧାରଣ ସମ୍ପାଦକ ସଞ୍ଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମର୍କତ ନଗର ସେକ୍ଟର-୭ଠାରେ ବ୍ୟାସକବିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବୈରାଗୀ ଚରଣ ଜେନା, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ମନୋରଞ୍ଜନ ଦାସ, ସୁଶାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଫକୀରମୋହନଙ୍କୁ ଓଡ଼ିଆ କଥା ସାହିତ୍ୟର ଆଦିସ୍ରଷ୍ଟା ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମ୍ବିକା ପ୍ରସାଦ ମହାପାତ୍ର, ଶିଶିର କୁମାର ମହାନ୍ତି, ପୁରୁଷୋତ୍ତମ ରାଉତ, ତ୍ରିବିକ୍ରମ ମହାରଣା, ନୃସିଂହ ଚରଣ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କେଶବ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ସେହିପରି କଟକ ଲେଖକ ସହଯୋଗ ସମିତି ପକ୍ଷରୁ ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଖାନନଗରସ୍ଥିତ ସମିତି ସଭାଗୃହରେ ଫକୀରମୋହନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ତରୁଣ କୁମାର ସାହୁ, ସମ୍ମାନିତ ଅତିଥି ନିରଞ୍ଜନ ସାହୁ ପ୍ରମୁଖ ବ୍ୟାସକବିଙ୍କ ସାହିତ୍ୟକୃତି ଆଲୋଚନା କରିଥିଲେ। ସଂଗଠନ ସମ୍ପାଦକ ନରସିଂହ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଚତୁର୍ଦ୍ଦଶ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ମକର ମିଳନ

କଟକ ସଦର,୧୫।୧(ସୁଶାନ୍ତ ଜେନା)

ଚତୁର୍ଦ୍ଦଶ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ୪୨ ମୌଜାସ୍ଥିତ ଦଧିବାମନପୁର ଭୁଆସୁଣୀ ପୀଠରେ ପାରମ୍ପରିକ ମକର ମିଳନ ମହାସମାରୋହରେ ସୋମବାର ପାଳିତ ହୋଇଯାଇଛି। ସର୍ବାଧିକାରୀ ସୁବାସ ଚନ୍ଦ୍ର ଦେବତା, ସର୍ବମହନ୍ତ ସୁରେନ୍ଦ୍ର ନାଥ ପଣ୍ଡା, ସମ୍ପାଦକ ନନ୍ଦ କିଶୋର ଜେନା, କୋଷାଧ୍ୟକ୍ଷ ଗଜେନ୍ଦ୍ର ନାଥ ସ୍ୱାଇଁ, କୃଷ୍ଣଚନ୍ଦ୍ର ଦାଶ, ଦୁର୍ଯ୍ୟୋଧନ ପଣ୍ଡା, ଗଣେଶ୍ୱର ଦାଶ, ବିପିନ୍ ବିହାରୀ ସାହୁ, ନିରଞ୍ଜନ ପଣ୍ଡା, ସୂର୍ଯ୍ୟମଣି ଦାସ, ଚନ୍ଦ୍ରମଣି ଦେବତା, ଯୋଗେନ୍ଦ୍ର ଦେବତା ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ମଣ୍ଡଳୀ ଦଧିବାମନପୁରର ମହାପାତ୍ର ସାହି, ଆଇତଲଙ୍ଗ, କଦମପଡ଼ା, ଝିଙ୍କିରିଆ, ବ୍ରହ୍ମପୁର କୁଲୁଦ, ଶ୍ରୀରାମ କାଉଡି ମଣ୍ଡଳ, ଶ୍ରୀରାମ ଦାସ ସାହି, ଶ୍ରୀରାମ ଆଚାର୍ଯ୍ୟ ସାହି, ବହଳପଡା, ଗୋପାଳପୁର କ ଓ ଖ, ପୋପରଡା କ ଓ ଖ, ଗଡିରାଉତ ପାଟଣା, ମତଗଜପୁର, ହାଟ ସାହି ଓ ଡିହ ସାହି ଦଳ ଅଂଶ ଗ୍ରହଣ କରିଥିଲେ।

## ୬ କୋଟି ଟଙ୍କା ବ୍ୟୟରେ ହେବ ଆନନ୍ଦପୁର-ରତାଗଡ଼ ରାସ୍ତା

ବାଙ୍କୀ,୧୫।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡା ଅଞ୍ଚଳ ଆନନ୍ଦପୁର ଠାରୁ ରତାଗଡ଼ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ସୋମବାର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଶୁଭଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସଚନ୍ଦ୍ର ପାଢୀ ଯୋଗଦେଇଥିଲେ। ଚାରିବାଟିଆ ପୂର୍ତ୍ତବିଭାଗ ଡିଭିଜନ୍‌ର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଶରତଚନ୍ଦ୍ର ମହାପାତ୍ର ଏହି ରାସ୍ତା ନିର୍ମାଣ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ରାସ୍ତା ୬କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ଗତିକୃଷ୍ଣ ସ୍ୱାଇଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ତରୁଣକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଆନନ୍ଦପୁର ଠାରୁ ରତାଗଡ଼ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ଭୂମିପୂଜନ ଉତ୍ସବରେ ଉପସ୍ଥିତ ଅତିଥି।




ତେଲେଙ୍ଗା ବଜାର ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ସୋମବାର କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ରାଜ୍ୟ ସ୍ତରୀୟ ରାମାୟଣ ଅଧିବେଶନରେ ମଞ୍ଚାସୀନ ଅତିଥି ଏବଂ ସମ୍ବର୍ଦ୍ଧିତ ବ୍ୟକ୍ତି।

## ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ସ୍ୱାସ୍ଥ୍ୟ ଶିବିର

କଟକ,୧୫।୧(କାର୍ତ୍ତିକ ସାହୁ)

ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ, କଟକ ଶାଖା ଦ୍ୱାରା ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ପ୍ରଫେସର ଜୟନ୍ତ କୁମାର ପଣ୍ଡା ଓ ତାଙ୍କ ସଂଗଠନର ପାରା-ମେଡିକାଲ କର୍ମଚାରୀମାନେ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମୁଖ୍ୟଅତିଥି ଭାବେ ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂ, ସମ୍ମାନିତ ଅତିଥି ବିଧାୟକ ମହମ୍ମଦ ମୋକିମ, ଶିଳ୍ପପତି ଗଣେଶ ପ୍ରସାଦ କାଣ୍ଡୋଇ, ଶାଖା ସଭାପତି ଦୀନେଶ ଯୋଶୀ ଯୋଗଦେଇଥିଲେ। ଲୋକମାନଙ୍କ ବିଏମ୍‌ଇ, ହେମୋଗ୍ଲୋବିନ, ସୁଗାର, ଲିପିଡ୍ ପ୍ରୋଫାଇଲ, ଇସିଜି, ଚକ୍ଷୁ, ଦାନ୍ତ ପରୀକ୍ଷା, ଫାଇବ୍ରୋ ସ୍କାନ, ନ୍ୟୁରୋପାଥି ଆଦି ପରୀକ୍ଷା କରାଯାଇଥିଲା। କଟକ ଶାଖା ସଭାପତି ଦୀନେଶ ଯୋଶୀ, କ୍ୟାମ୍ପ କନ୍‌ଭେନର ରାଜକୁମାର ଶର୍ମା, କ୍ୟାମ୍ପ କୋ-କନଭେନର ରମେଶ ଚୋଧୁରୀ, ଜନସମ୍ପର୍କ ଅଧିକାରୀ ନିର୍ମଳ ପୁରଭା, ମିଡିଆ ଇନଚାର୍ଜ ରବି ଶଙ୍କର ଶର୍ମା, ମଧୁ ଶର୍ମା, ଜ୍ୟୋତି ଚୌବେ, ସୁଜାତା ଶର୍ମା, ଗାୟତ୍ରୀ ଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାପ-ପୁଅଙ୍କୁ ଅପହରଣ, ଫ୍ୟାକ୍ଟ୍ରିରେ ରଖି ଆକ୍ରମଣ

## ଗୁରୁତର ଅବସ୍ଥାରେ ଉଦ୍ଧାର, ୨ ବ୍ୟବସାୟୀ ଗିରଫ

## ଘଟଣା ପଛରେ ଖଣି ବ୍ୟବସାୟ, ଟଙ୍କା କାରବାର



ଗିରଫ ଅଭିଯୁକ୍ତ ସତ୍ୟ ସ୍ୱରୂପ ଦାସ ଓ ନିରଞ୍ଜନ ସାମନ୍ତରାୟ।

ଭୁବନେଶ୍ୱର,୧୫।୧
(ସୂର୍ଯ୍ୟକାନ୍ତ ବେହେରା)

ଟଙ୍କା କାରବାରକୁ ନେଇ ବାପ-ପୁଅଙ୍କୁ ହୋଟେଲ ପରିସରରୁ ଅପହରଣ କରିନେବା ପରେ ଏକ ଫ୍ୟାକ୍ଟ୍ରିରେ ୨ଦିନ ରଖି ଆକ୍ରମଣ କରାଯାଇଛି। ସୂଚନା ପାଇବା ପରେ ଲକ୍ଷ୍ମୀସାଗର ଥାନା ପୋଲିସ ଉକ୍ତ ଫ୍ୟାକ୍ଟ୍ରିରେ ଚଢ଼ାଉ କରି ସେମାନଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରିଛି। ତେବେ ରବିବାର ପୋଲିସ ଅପହରଣକାରୀ ୨ ବ୍ୟବସାୟୀଙ୍କୁ ଗିରଫ କରିବା ପରେ ଘଟଣା ପଦାକୁ ଆସିଛି। ଅଭିଯୁକ୍ତମାନେ ହେଲେ କଟକର ସତ୍ୟ ସ୍ୱରୂପ ଦାସ ଓ ନିରଞ୍ଜନ ସାମନ୍ତରାୟ। ଗିରଫ ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ସହଯୋଗୀ ଫେରାର ଥିବାରୁ ସେମାନଙ୍କୁ ଗିରଫ ପାଇଁ ପୋଲିସ ଉଦ୍ୟମ ଚଳାଇଥିବା ସୂଚନା ଦେଇଛି।

ଅପହରଣର ଶିକାର ହୋଇଥିଲେ କଟକର ଅନ୍ୟତମ ବ୍ୟବସାୟୀ ଅଜୟ କୁମାର ଶର୍ମା ଓ ତାଙ୍କ ପୁଅ। ପୋଲିସ ସୂଚନାନୁସାରେ, ଅଜୟ ଅଭିଯୁକ୍ତ ଦ୍ୱୟଙ୍କ ସହଭାଗିତାରେ ଗତ କିଛିବର୍ଷ ହେବ ଖଣି ପରିବହନ ବ୍ୟବସାୟ କରିଆସୁଥିଲେ। କିଛିଦିନ ପରେ ଅଜୟ ସେମାନଙ୍କଠାରୁ ଟଙ୍କା ଆଣି ନ ଫେରାଇବାରୁ ସେମାନଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଏହାପରେ ଅଜୟ ସେମାନଙ୍କ ସହ ଆଉ ବ୍ୟବସାୟ କରି ନ ଥିଲେ କି ନେଇଥିବା ଟଙ୍କା ଫେରାଇ ନ ଥିଲେ। ଗତ ୩ ତାରିଖରେ ଅଜୟ ପରିବାର ବର୍ଗଙ୍କ ସହିତ ଭୁବନେଶ୍ୱର ବୁଲିବାକୁ ଆସି ଲକ୍ଷ୍ମୀସାଗର କଟକ ରୋଡ୍‌ସ୍ଥିତ ଏକ ହୋଟେଲରେ ରହିଥିଲେ। ଏହି ଖବର ପାଇବା ପରେ ପ୍ରତିଶୋଧ ପରାୟଣ ହୋଇ ଅଭିଯୁକ୍ତ ସତ୍ୟସ୍ୱରୂପ ଓ ନିରଞ୍ଜନ କେତେଜଣ ସହଯୋଗୀଙ୍କ ସହାୟତାରେ ୬ ତାରିଖରେ ଉକ୍ତ ହୋଟେଲରୁ ଅଜୟ ଓ ତାଙ୍କ ପୁଅଙ୍କୁ ଅପହରଣ କରିନେଇଥିଲେ। ସେମାନଙ୍କୁ ରସୁଲଗଡ ଶିଳ୍ପାଞ୍ଚଳସ୍ଥିତ ଏକ ଫ୍ୟାକ୍ଟ୍ରିରେ ୨ଦିନ ଅଟକ ରଖି ଲୁହା ଓ ପ୍ଲାଷ୍ଟିକ ପାଇପ୍‌ରେ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ବାପ-ପୁଅ ଗୁରୁତର ଆହତ ହୋଇଥିଲେ। ଏନେଇ ଅଜୟ ଫୋନ୍ ଯୋଗେ ଜଣାଇବା ପରେ ଗତ ୮ ତାରିଖରେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ସେମାନଙ୍କୁ ଉଦ୍ଧାର କରିଥିଲା। ହେଲେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ଅଜୟଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

# କ୍ଲବ୍‌ରେ ଯୁବତୀଙ୍କୁ ଦୁର୍ବ୍ୟବହାର, ଜଣେ ଗିରଫ

ଭୁବନେଶ୍ୱର,୧୫।୧(ସୂର୍ଯ୍ୟକାନ୍ତ ବେହେରା)

ପଟିଆ ଅଞ୍ଚଳରେ ଥିବା ଏକ କ୍ଲବରେ ଖାଉଥିବାବେଳେ ଯୁବତୀ ଏବଂ ତାଙ୍କ ବାନ୍ଧବୀଙ୍କୁ ଜଣେ ଯୁବକ ଦୁର୍ବ୍ୟବହାର କରିବା ସହ ଖରାପ ଭାଷାରେ ଗାଳିଗୁଲଜ କରି ମାରିଦେବାର ଧମକ ଦେଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଦିଲୀପ କୁମାର ରାଉତ। ତେବେ ଏହି ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଥିବା ସୂଚନା ଦେଇଛି।

# ନନ୍ଦନକାନନକୁ ଆସିଲା ୩ ଉଦ୍ଧାର କୋଚିଲାଖାଇ



ବାରଙ୍ଗ,୧୫।୧(ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ସୋମବାର ଉଦ୍ଧାର ହୋଇ କୋଚିଲାଖାଇ ପକ୍ଷୀ ଆସିଛି। ଏହି ୩ଟି ପକ୍ଷୀ ବାଲିପାଟଣା ଅଞ୍ଚଳର ଜଣଙ୍କ ଘରେ ପଶିଯାଇଥିବା ପରିବାର ଲୋକଙ୍କଠାରୁ ଖବରପାଇ ଖୋର୍ଦ୍ଧା ଡିଭିଜନର ବନ ବିଭାଗ କର୍ମଚାରୀ ସେଠାକୁ ଯାଇଥିଲେ। ବନ ବିଭାଗ କର୍ମଚାରୀ ସେଠାରୁ ୩ଟି ପକ୍ଷୀକୁ ଉଦ୍ଧାର କରି ନନ୍ଦନକାନନକୁ ହସ୍ତାନ୍ତର କରିଛନ୍ତି। ତେବେ ନନ୍ଦନକାନନରେ ପହଞ୍ଚିବା ପରେ ୩ ପକ୍ଷୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଚିକିତ୍ସାଳୟରେ ରଖାଯାଇଛି। ତେବେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧିପାଇ ଏବେ ୫ରେ ପହଞ୍ଚିଛି।






# କବିର ହାତଲେଖା କବିତା, ଦସ୍ତଖତ, ଚିତ୍ରର ସମ୍ମେଳନ

## ଓଡ଼ିଶାର ପ୍ରଥମ 'ପୋଷ୍ଟର ପୋଏମ୍' ଲୋକାର୍ପିତ



ଖଣ୍ଡଗିରିସ୍ଥିତ ଜେଡି ସେଣ୍ଟର ଅଫ୍ ଆର୍ଟଠାରେ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ କବି ଓ ଅତିଥିମାନେ 'ପୋଷ୍ଟର ପୋଏମ୍'ଗୁଡିକର ଲୋକାର୍ପଣ କରୁଛନ୍ତି। (ଫଟୋ-ମୌସମ ନନ୍ଦ)

**ଭୁବନେଶ୍ୱର,୧୫।୧(ଶର୍ମିଷ୍ଠା ପାଣିଗ୍ରାହୀ)**

ସହରଠୁ ଦୂରରେ ଏକ ଶାନ୍ତ ପରିବେଶ। ପାହାଡ଼, ଗଛ ଲତା ଭିତରେ ଭାଷା, କଳାକୁ ଜାବୁଡ଼ି ଧରିବାର ଏକ ନୂଆ ପ୍ରୟାସ। କବିର କବିତା ସହ ଦସ୍ତଖତ, ଚିତ୍ର ଏକତ୍ର ହୋଇ ରହିଛି ସେହି 'ପୋଷ୍ଟର ପୋଏମ୍'ରେ। ଓଡ଼ିଶାର ଏହି ପ୍ରଥମ ପୋଷ୍ଟର ପୋଏମ୍‌କୁ ଭୁବନେଶ୍ୱରସ୍ଥିତ ଜେଡି ଆର୍ଟ ସେଣ୍ଟରଠାରେ ସୋମବାର ଲୋକାର୍ପଣ କରାଯାଇଛି। ଜେଡି ସେଣ୍ଟର ଫର୍ ଆର୍ଟ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସହଯୋଗରେ ପ୍ରସ୍ତୁତ ୮ଟି ପୋଷ୍ଟର ପୋଏମ୍‌ରେ ୮ଜଣ ବିଶିଷ୍ଟ କବିଙ୍କ କବିତା ସହ ସେମାନଙ୍କ ଦସ୍ତଖତ ଓ ଚିତ୍ର ସ୍ଥାନ ପାଇଛି। ସେମାନେ ହେଲେ ମାୟାଧର ମାନସିଂହ, ଜୟନ୍ତ ମହାପାତ୍ର, ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ଜଗନ୍ନାଥ ପ୍ରସାଦ ଦାସ, ଦେବୀପ୍ରସନ୍ନ ପଟ୍ଟନାୟକ, ବିୟତ୍ ପ୍ରଜ୍ଞା ତ୍ରିପାଠୀ ଓ ଯତୀନ ଦାସ। ଏହି ଅବସରରେ ବିଶିଷ୍ଟ ଚିତ୍ରଶିଳ୍ପୀ ଯତୀନ ଦାସ କହିଲେ, ପୋଷ୍ଟର ପୋଏମ୍ ମାଧ୍ୟମରେ କବିର ହାତଲେଖା ସହ ଦସ୍ତଖତ ସବୁଦିନ ପାଇଁ ରହିବ। ଏହା ବିକ୍ରି ହେଲେ ପଇସା ଆସିବ ଓ ପରବର୍ତ୍ତୀ ସମୟରେ ପୁଣି କବିମାନଙ୍କର ପୋଷ୍ଟର କରାଯିବ। ତେବେ କଳା, ସଂସ୍କୃତି ମଧ୍ୟରେ ଥିବା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଏକ ସୁସମ୍ପର୍କ ଆଉ ଦେଖିବାକୁ ମିଳୁନି। ଚିତ୍ରଶିଳ୍ପୀ, କବି, ଲେଖକ, ନୃତ୍ୟଶିଳ୍ପୀ, କଣ୍ଠଶିଳ୍ପୀଙ୍କ ଭଳି ସମସ୍ତେ କିଭଳି ପରସ୍ପର ସହ ମିଶିବେ ଓ ସୂଚନା ପ୍ରଦାନ କରିବେ ସେ ସବୁର ବର୍ତ୍ତମାନ ଆବଶ୍ୟକତା ରହିଛି। ଆମର ବଡ଼ ବଡ଼ ଚିତ୍ରକର, ଲେଖକ ଅଛନ୍ତି। ସେମାନଙ୍କୁ ସମସ୍ତେ ଜାଣିବା ଦରକାର ବୋଲି ଡ. ଦାସ କହିଛନ୍ତି।

ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଏଥିରେ ପୌରୋହିତ୍ୟ କରି କହିଲେ, ସାହିତ୍ୟର ୨ଟି ରୂପ ରହିଛି। ବାକ୍ ରୂପ ଓ ଚିତ୍ର ରୂପ। ସମସ୍ତେ ଆଜି ସାହିତ୍ୟକୁ ଚିତ୍ର ମାଧ୍ୟମରେ ଦେଖିବାକୁ ପାଇବେ। କାଲିକୁ ଏହା ମୂଲ୍ୟବାନ୍ ହୋଇଯିବ। ସ୍ମୃତି ଭଳି ମନେହେବ, ଆଉ ସଂଗ୍ରହାଳୟରେ ସ୍ଥାନ ପାଇବ। ପୋଷ୍ଟର କବିତା ଚିତ୍ର ଅପେକ୍ଷା କବିତାକୁ ଅଧିକ ଗୁରୁତ୍ୱ ଦେଇଥାଏ ବୋଲି ସେ କହିଥିଲେ। ସାହିତ୍ୟିକ ସୀତାକାନ୍ତ ମହାପାତ୍ର ଓ ଯତୀନ ଦାସ ପୋଷ୍ଟର ପୋଏମ୍‌ରେ ସ୍ଥାନ ପାଇଥିବା ସେମାନଙ୍କ କବିତା ଆବୃତ୍ତି କରିଥିଲେ। ବିୟତ୍ ପ୍ରଜ୍ଞା ଓ ହୃଷୀକେଶ ମଲ୍ଲିକ ସେମାନଙ୍କ କବିତା ସହ ଅନୁପସ୍ଥିତ ଓ ପରଲୋକରେ ଥିବା କବିଙ୍କ କବିତା ଆବୃତ୍ତି କରିଥିଲେ। କବି ମାନସିଂହଙ୍କ ଅବର୍ତ୍ତମାନରେ ତାଙ୍କ ପୁତ୍ର ଲଳିତ ମାନସିଂହ ପୋଷ୍ଟର ଗ୍ରହଣ କରିଥିଲେ। ଚିତ୍ରଶିଳ୍ପୀ ରାମହରି ଜେନା ଅତିଥିଙ୍କୁ ସ୍ୱାଗତ କରିଥିଲେ।

## ଅଦା ଚା'କୁ ଆରିସା ପିଠା

ସଭା, ସମିତିରେ ଆଜିକାଲି ବିଭିନ୍ନ ପ୍ରକାରର ଖାଦ୍ୟପେୟ ଦିଆଯାଉଛି। ମାତ୍ର ଶୀତୁଆ ସନ୍ଧ୍ୟାରେ ଆତ୍ମାକୁ ତୃପ୍ତି ଦେଉଥିବା ଭଳି କପେ ଅଦା ଚା' ସାଙ୍ଗକୁ ଓଡ଼ିଆ ଘରର ସୁସ୍ୱାଦୁ ପିଠା ଆରିସା ସାଜିଥିଲା କାର୍ଯ୍ୟକ୍ରମର ଏକ ଅନନ୍ୟ ଆକର୍ଷଣ। ନିଆରା ଢଙ୍ଗରେ ଲୋକମାନଙ୍କୁ ଆତିଥ୍ୟ ମିଳିଥିଲା। ସେହିପରି ରଜନୀଗନ୍ଧାରେ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ପଡ଼ିଥିବା ଛୋଟ ଛୋଟ ପଥର ଉପରେ ଗଦି ରହିଥିଲା। ତା' ଉପରେ ଲୋକମାନେ ବସି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।




୧୫।୦୧।୨୦୨୪

| | |
|---|---|
| ୬,୪୦, ୬୩୧ ଟଙ୍କା | |
| ସୁନା | ୦.୭୦୦ ଗ୍ରାମ୍ |
| ରୁପା | ୧୫୭.୫୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ୨୧ତମ ସ୍ୱନକ୍ଷତ୍ର ଦିବସ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା।
- ଆମେ ଓଡ଼ିଆ ପକ୍ଷରୁ ମକର ମିଳନ ଉତ୍ସବ, ରେଡକ୍ରସ୍ ଭବନ, ଅପରାହ୍ନ ୫ଟା ୩୦।
- ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ 'କଥାସନ୍ଧି', ରୋଟାରୀ ଭବନ, ସନ୍ଧ୍ୟା ୬ଟା।

## ମକର ସଂକ୍ରାନ୍ତି ମହୋତ୍ସବ, ବନ୍ଧୁତ୍ୱ ଦିବସ

**ଭୁବନେଶ୍ୱର,୧୫।୧(ଶର୍ମିଷ୍ଠା ପାଣିଗ୍ରାହୀ):** ସଂଭାବନା ପକ୍ଷରୁ ସୋମବାର ଗୀତଗୋବିନ୍ଦ ସଦନରେ ମକର ସଂକ୍ରାନ୍ତି ମହୋତ୍ସବ ଓ ବନ୍ଧୁତ୍ୱ ଦିବସ ପାଳିତ ହୋଇଯାଇଛି। ମହୋତ୍ସବର ଅଷ୍ଟାଦଶ ସଂସ୍କରଣର ଉଦ୍‌ଘାଟନୀ ସନ୍ଧ୍ୟାରେ ଓଡ଼ିଆ ପରମ୍ପରା ଅନୁସାରେ ମକର ଚାଉଳ ବଣ୍ଟନ କରାଯାଇଥିଲା। ୨୦୨୩ର ଶ୍ରେଷ୍ଠ ଓଡ଼ିଆଣୀ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ବିଶିଷ୍ଟ ସାହିତ୍ୟିକ ଓ ବକ୍ତା ଦାଶ ବେନ୍ହୁର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସଂଭାବନା ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏହି ଅବସରରେ ବିଗତ ବର୍ଷଗୁଡିକରେ ଶ୍ରେଷ୍ଠ ଓଡ଼ିଆଣୀ ବାସନ୍ତି ପଟ୍ଟନାୟକ, ଡ. ସୁଜାତା ମହାନ୍ତି, ନିବେଦିତା ମଲ୍ଲିକ, ବିଜୟଲକ୍ଷ୍ମୀ ସା, ଲୋରିସ୍ମା ବିଶ୍ୱାଳ, ସୌଦାମିନୀ ସାମଲ, ମଧୁସ୍ମିତା ଦାସ , ରଶ୍ମି ସାହୁ, ବେବିରାଣୀ ଦାସ, ଚନ୍ଦ୍ରପ୍ରଭା ଦାସ, ସ୍ୱୟଂପ୍ରଭା ସାହୁ, ନିରୁପମା ଦାସ, ସୌଭାଗ୍ୟଲକ୍ଷ୍ମୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ଉପସ୍ଥାପନାରେ ଛନ୍ଦା ମିଶ୍ର ଗଳ୍ପ ଶୁଣାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଭ୍ୟା ମୀନାକ୍ଷୀ ପଟ୍ଟନାୟକ, ପ୍ରଫୁଲ୍ଲ ଦେ, ଅଭିରାମ ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଓଡ଼ିଆ ଜାତି ପାଇଁ ଉତ୍ସର୍ଗୀକୃତ ଥିଲେ ଫକୀରମୋହନ




ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର,୧୫।୧(ଶର୍ମିଷ୍ଠା ପାଣିଗ୍ରାହୀ)**

ବ୍ୟାସକବି ଫକୀରମୋହନ ସେନାପତି ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି, ଓଡ଼ିଆ ସାମାଜିକ ଜୀବନର ବିକାଶ ତଥା ଓଡ଼ିଆର ନିଜସ୍ୱ ପରିଚୟ ସୃଷ୍ଟି ପାଇଁ ଆଜୀବନ ସଂଗ୍ରାମ କରିଥିଲେ। ଏକାଧାରରେ ସେ ଥିଲେ ଜଣେ କୃତୀ ଶିକ୍ଷକ, ପାଠ୍ୟପୁସ୍ତକ ରଚୟିତା, ପତ୍ରିକା ସମ୍ପାଦକ ଏବଂ ସାହିତ୍ୟସ୍ରଷ୍ଟା । ସମସ୍ତ ଜୀବନକାଳ ସେ ଓଡ଼ିଆ ଭାଷା, ଓଡ଼ିଆ ଜାତୀୟ ଜୀବନର ବିକାଶ ପାଇଁ ଉତ୍ସର୍ଗ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀରମୋହନ ସ୍ମୃତି ସଂସଦ ପକ୍ଷରୁ ସୂଚନା ଭବନଠାରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ ଓ ସାହିତ୍ୟିକ ସଂଘମିତ୍ରା ମିଶ୍ର, ସଂସଦର ସାଧାରଣ ସମ୍ପାଦକ ଡ. ବିରାଜ ମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ଓ ସଂସଦ ସଭାପତି ଜୀବନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ତନୁଜା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସୂଚନା ଅଧିକାରୀ ପ୍ରମୋଦିନୀ ଟେଟେ, ସଂସଦର ସଦସ୍ୟ ରଜତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ଭାଷାକୁ ବଞ୍ଚାଇବାକୁ ଆମକୁ ଫକୀରମୋହନ ହେବାକୁ ପଡ଼ିବ

**ଭୁବନେଶ୍ୱର, ୧୫।୧ (ଅସମାପିକା ସାହୁ)**

ଉତ୍କଳ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ (ଉସାକା) ପକ୍ଷରୁ ସୋମବାର ଫକୀର ମୋହନ ଜୟନ୍ତୀ ପାଳିତ ହୋଇଯାଇଛି। ଉସାକା ଅଧ୍ୟକ୍ଷ ଗୌତମବୁଦ୍ଧ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଇତିହାସ ବିଭାଗର ପ୍ରଫେସର ଅଶୋକ ପଟ୍ଟନାୟକ ଯୋଗଦେଇ କହିଲେ, ଏବେବି ଓଡ଼ିଆ ଭାଷା ପ୍ରତି ବିପଦ ଟଳିନାହିଁ। ଏହି ସମୟରେ ଭାଷାକୁ ବଞ୍ଚାଇବା ପାଇଁ ଆମକୁ ଜଣେ ଜଣେ ଫକୀରମୋହନ ହେବାକୁ ପଡ଼ିବ। ତେବେ ରାଜ୍ୟ ସରକାର ଓଡ଼ିଶାରେ ବିଶ୍ୱସ୍ତରୀୟ ସାହିତ୍ୟ ଉତ୍ସବ ପାଇଁ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ପ୍ରଫେସର ପଟ୍ଟନାୟକ କହିଛନ୍ତି। ଉପାଧ୍ୟକ୍ଷ ଡ. ପ୍ରକାଶ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକାରୀ ସଭାପତି ବେଣୁଧର ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଅଶୋକ ସାହୁ, ଗୌତମ ରାୟ, ଗୌରୀଶଙ୍କର ପଣ୍ଡା, ମାନବାଧିକାର କର୍ମୀ ମନୀଷା ଦାସପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଉପାଧ୍ୟକ୍ଷ ରାମଜୀବନ ଗୋଚ୍ଛାୟତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ରଜନୀ ମହାନ୍ତି, ତାପସ ସେଠୀ, ସୌମ୍ୟରଞ୍ଜନ ପ୍ରଧାନ, ଇପ୍‌ସିତା ସାହୁ, ସାଗର ଦାସ, ଅଶୋକ ନାୟକ, ବିଶ୍ୱଜିତ ଜେନା, ରୋଜା ଘୋଷ, ସୁମନ୍ତ ବେହେରା, ସୌମ୍ୟ ମହାପାତ୍ର, ସତ୍ୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ ବ୍ୟବସାୟୀଙ୍କୁ ପିଟି ପିଟି ମାରିଥିଲେ ମହିଳା

**ବାଲକାଟୀ,୧୫।୧(ମନୋଜ ମଣ୍ଡଳ)**

ବାଲକାଟୀ ଫାଣ୍ଡି ଅଧୀନ ସାଗୁଆ ଗ୍ରାମର ଯୁବ ବ୍ୟବସାୟୀ ବିଶ୍ୱଜିତ୍ ନାୟକଙ୍କ ହତ୍ୟାକାଣ୍ଡ ପଛରେ ମହିଳା କେୟାରଟେକରଙ୍କ ହାତ ଥିବା ଜଣାପଡ଼ିଛି। ମହିଳା ଜଣଙ୍କ ବିଶ୍ୱଜିତ୍‌ଙ୍କୁ ଏକ କାଠଫାଳିଆରେ ପିଟି ପିଟି ହତ୍ୟା କରିଥିବା ପୋଲିସ ପଚରାଉଚରାବେଳେ ସ୍ୱୀକାର କରିଥିବା ଜଣାପଡ଼ିଥିବାବେଳେ ପୋଲିସ ଏନେଇ କୌଣସି ତଥ୍ୟ ପ୍ରକାଶ କରୁନାହିଁ।

ସୂଚନା ମୁତାବକ, ବିଶ୍ୱଜିତ୍‌ଙ୍କ ଗଳିତ ମୃତଦେହ ତାଙ୍କ ଘରୁ ପୋଲିସ ରବିବାର ସକାଳେ ଜବତ କରିଥିଲା। ତାଙ୍କ ପାଖରେ ରହୁଥିବା ମହିଳା କେୟାରଟେକର ଜଣଙ୍କ ସେଠାରୁ ଫେରାର ଥିଲେ। ବିଶ୍ୱଜିତ୍‌ଙ୍କୁ ଶନିବାର ଭଦ୍ରକ ଧାମରାରେ ରହୁଥିବା ସାନ ଭାଇ ରଞ୍ଜିତ ଫୋନ ଆଉ ମେସେଜ କରିଥିଲେ ମଧ୍ୟ ସେ ତା'ର କୌଣସି ଉତ୍ତର ଦେଇ ନ ଥିଲେ। ତାଙ୍କୁ ସନ୍ଦେହ ହେବାରୁ ସେ ପରିବାର ଲୋକଙ୍କୁ ଜଣାଇ ଯାଞ୍ଚ କରିବାରୁ ବିଶ୍ୱଜିତ୍‌ଙ୍କ ମୃତଦେହ କମ୍ବଳ ଘୋଡା ହୋଇଥିବା ଅବସ୍ଥାରେ ମିଳିଥିବା ବାଲିଅନ୍ତା ପୋଲିସକୁ ଜଣାଇଥିଲେ। ଶନିବାର ରାତିରେ ବାଲିଅନ୍ତା ପୋଲିସ ପହଞ୍ଚି ଯାଞ୍ଚ କରି ମୃତଦେହକୁ ଜଗି ରହିଥିଲେ। ସକାଳୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପ୍ରାରମ୍ଭିକ ତଦନ୍ତ ପରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ସନ୍ଧ୍ୟା ସୁଦ୍ଧା ଫେରାର ଥିବା ଉକ୍ତ ମହିଳାଙ୍କୁ ପୋଲିସ ପୁରୀରୁ ଧରି ପଚରାଉଚରା କରୁଥିଲା। ମହିଳା ଜଣକ ସମ୍ବଲପୁର ଅଞ୍ଚଳର ହୋଇଥିବାବେଳେ ସେ ପୂର୍ବରୁ ଏକ ହତ୍ୟାକାଣ୍ଡରେ ଅଭିଯୁକ୍ତ ଥାଇ ପ୍ରାୟ ୮ ବର୍ଷ ଜେଲଦଣ୍ଡ ଭୋଗିଥିବା ପୋଲିସ ଜାଣିବାକୁ ପାଇଥିଲା। ହତ୍ୟାକାଣ୍ଡରେ ସେ ସାମିଲ ଥିବା ନେଇ ଅନେକ ପଚରାଉଚରା ପରେ ପୋଲିସ ଆଗରେ ସତ ମାନିଥିଲେ।

## ମକର ସଂକ୍ରାନ୍ତିରେ ଧବଳେଶ୍ୱରଙ୍କୁ ଦର୍ଶନ କଲେ ୬୦ ହଜାର ଶ୍ରଦ୍ଧାଳୁ

**ଖୁଣ୍ଟୁଣୀ,୧୫।୧(ସଚ୍ଚିଦାନନ୍ଦ ପଣ୍ଡା)**

ପବିତ୍ର ମକର ସଂକ୍ରାନ୍ତି ଅବସରରେ ସୋମବାର ଆଠଗଡ଼ର ଆରାଧ୍ୟ ଦେବ ବାବା ଧବଳେଶ୍ୱରଙ୍କ ଦର୍ଶନ ପାଇଁ ରାଜ୍ୟର କୋଣ ଅନୁକୋଣରୁ ୬୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭୋର ୪ଟାରେ ମନ୍ଦିର ନୀତି ପାଳିଆ ସଞ୍ଜୟ ପତ୍ରି ଓ ସହଯୋଗୀ ପୂଜକ ବାବାଙ୍କ ପହୁଡ଼ ଖୋଲି ସମସ୍ତ ନୀତିକାନ୍ତି ସହ ବାଳଭୋଗ ନୀତି ସମ୍ପନ୍ନ କରିଥିଲେ। ପରେ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଧବଳେଶ୍ୱରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ସକାଳ ନୀତି ପରେ ମଧ୍ୟାହ୍ନ ୧୨ଟାରେ ସ୍ୱତନ୍ତ୍ର ମକର ଭୋଗ ଲାଗି କରାଯାଇଥିଲା। ଏଥିରେ ଅରୁଆ ଚାଉଳ, ଗୁଡ଼, ନଡ଼ିଆ, ମହୁ, କ୍ଷୀର, ଅଦା, ଗୋଲମରିଚ, ଛେନା, ଖୁଆ, ଗୁଜୁରାତି, ଅଳେଇଚ, ଲବଙ୍ଗ, ଯାଇତ୍ରୀ, ସେଓ, ଅଙ୍ଗୁର, ଖଜୁରି, ଖିସମିସ, ଗୁଆ ଘିଅ ଆଦି ୩୦ରୁ ଊର୍ଦ୍ଧ୍ୱ ସ୍ୱାଦିଷ୍ଟ ବ୍ୟଞ୍ଜନ ପଡ଼ି ପ୍ରସ୍ତୁତ ହୋଇଥିଲା। ଏହି ମକର ଭୋଗ ବଡ଼ପଣ୍ଡାଙ୍କ ଘରୁ ଆସି ବାବାଙ୍କ ନିକଟରେ ଲାଗି ହୋଇଥିଲା। ପରେ ଏହାକୁ ଭକ୍ତଙ୍କୁ ବଣ୍ଟାଯାଇଥିଲା। ପ୍ରବଳ ଜନଗହଳି ମଧ୍ୟରେ ଅପରାହ୍ନ ୨ ଟାରେ ମାତା ପାର୍ବତୀ ଓ ବାବା ଚନ୍ଦ୍ରଶେଖରଙ୍କୁ ପୂଜକସମାଜ ସୁସଜ୍ଜିତ ବିମାନରେ ଆଣି ମନ୍ଦିର ବେଢ଼ା ପରିକ୍ରମା କରାଇଥିଲେ। ଘଣ୍ଟା ଘଣ୍ଟି, ଖୋଳ ତାଳ, ହରିବୋଲ, ହୁଳହୁଳି ଧ୍ୱନିରେ ଧବଳେଶ୍ୱରଙ୍କ ପୀଠ ପ୍ରକମ୍ପିତ ହୋଇ ଉଠିଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ କଟକର ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳଙ୍କ ନେତୃତ୍ୱରେ ୩ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡ଼ିଝାଟିଆ ଥାନା ଅଧିକାରୀ ସୁମନ୍ତ କିଷାନ ପ୍ରମୁଖ ପୀଠରେ ଉପସ୍ଥିତ ରହି ଶୃଙ୍ଖଳା ରକ୍ଷା କରିଥିଲେ। ମାଜିଷ୍ଟ୍ରେଟ୍ ଭାବେ ସୌମେନ୍ଦ୍ର ଭଞ୍ଜ ଓ ମାନସ ବେହେରା ପ୍ରମୁଖ ସମସ୍ତ କାର୍ଯ୍ୟ ତଦାରଖ କରୁଥିଲେ।



ପୂଜା ପାଉଥିବା ବାବା ଧବଳେଶ୍ୱର (ବାମ)। ମା' ପାର୍ବତୀ ଓ ବାବା ଚନ୍ଦ୍ରଶେଖରଙ୍କୁ ବେଢ଼ା ପରିକ୍ରମା ପାଇଁ ଆଳତ କରାଯାଉଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବୁବୁ



@ ଅନିଲ



@ ଲିପ୍ସିତା



@ ଆଶିଷ



@ ବିଷ୍ଣୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ବାଲିଘାଟରୁ ଦାଦାବଟି: ଜଣେ ଗିରଫ, ଟଙ୍କା ଜବତ



ଜବତ ଟଙ୍କା , ଗିରଫ ଅଭିଯୁକ୍ତ ଛବୀନ୍ଦ୍ର ଲେଙ୍କା।

**ବାରଙ୍ଗ,୧୫।୧(ଲିଙ୍ଗରାଜ ରାଉତ)**

ନରଣପୁର ବାଲିଘାଟ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଦାଦାବଟି ଓ ହତ୍ୟା ଧମକ ଦେବା ଅଭିଯୋଗରେ ବାରଙ୍ଗ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ବେଲଗଛିଆ ଗ୍ରାମର ଛବୀନ୍ଦ୍ର ଲେଙ୍କା। ପୋଲିସ ତାଙ୍କଠାରୁ ନଗଦ ୩୦ ହଜାର ଟଙ୍କା ଜବତ କରିଛି। ଏନେଇ ପୋଲିସ ୨୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଛବୀନ୍ଦ୍ର ରବିବାର ରାତିରେ ତାଙ୍କ ସହଯୋଗୀଙ୍କ ସହିତ ବାଲିଘାଟକୁ ଯାଇ ଦାୟିତ୍ୱରେ ଥିବା କର୍ମଚାରୀ ପୁରୀ କୃଷ୍ଣପ୍ରସାଦ ଥାନା ଅଧୀନ ବଡ଼ଦାଣ୍ଡ ଗ୍ରାମର ପ୍ରକାଶଚନ୍ଦ୍ର ତରାଇଙ୍କୁ ୨ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ବାଲିଘାଟ ଚଳାଇବାକୁ ହେଲେ ଦାଦାବଟି ଦେବାକୁ ହେବ ବୋଲି ଧମକାଇବା ସହ ବଟି ନ ଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଆସିବାବେଳେ ପ୍ରକାଶଚନ୍ଦ୍ରଙ୍କ ପାଖରୁ ସେ ୪୦ ହଜାର ଟଙ୍କା ମଧ୍ୟ ଛଡ଼ାଇ ଆଣିଥିଲେ। ଅବଶିଷ୍ଟ ଟଙ୍କା ସୋମବାର ରାତିରେ ଆସି ନେବେ ବୋଲି କହିଥିଲେ। ତେବେ ଛବୀନ୍ଦ୍ରଙ୍କ ନାମରେ ବିଭିନ୍ନ ଥାନାରେ ୬ରୁ ଅଧିକ ହତ୍ୟା, ଚୋରି, ଡକାୟତି ଭଳି ସଙ୍ଗିନ ମାମଲା ରହିଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା।

## ସଂକ୍ଷେପରେ

### ଦହଲରୁ ଗୁଆ ଖୋଜିଲେ ମାନସିକଧାରୀ



ଖୋର୍ଦ୍ଧା, ୧୫।୧ (ପ୍ରଭାତ ପାଣିଗ୍ରାହୀ)

ମକର ସଂକ୍ରାନ୍ତି ଅବସରରେ ସୋମବାର ଖୋର୍ଦ୍ଧା ବାଘମାରୀ ଅଟ୍ରିସ୍ଥିତ ଶ୍ରୀହଟକେଶ୍ୱରଙ୍କ ପୀଠରେ ଆରମ୍ଭ ହୋଇଛି ମକର ମେଳା। ଏହା ମାଘ ସପ୍ତମୀ ପର୍ଯ୍ୟନ୍ତ ଚାଲିବ। ଏଥିସହିତ ଉଷ୍ମ ପ୍ରସ୍ରବଣଠାରେ ମକର ମହୋତ୍ସବ ୫ଦିନ ବ୍ୟାପୀ ଚାଲିବ। ଚଳିତବର୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉଷ୍ମ ପ୍ରସ୍ରବଣରେ ବୁଡ଼ ପକାଇବା ପରେ ହଟକେଶ୍ୱରଙ୍କ ଦର୍ଶନ କରିଥିଲେ। ଏଥିସହିତ ମାନସିକ ପୂରଣ ପରେ ବହୁ ମାନସିକଧାରୀ ସନ୍ତାନଙ୍କୁ ଆଣି ପୀଠରେ ମୁଣ୍ଡନ କରିଛନ୍ତି। ୧ହଜାରରୁ ଊର୍ଦ୍ଧ୍ୱ ଅପୁତ୍ରକନାରୀ ଉଷ୍ମ ପ୍ରସ୍ରବଣ ଦହଲ (ମାନସିକ କୁଣ୍ଡ)ରୁ ମାନସିକ ଗୁଆ ଖୋଜିଥିଲେ। ଗୁଆ ଖୋଜି ପାଇବା ପରେ ଶ୍ରୀହଟକେଶ୍ୱରଙ୍କୁ ସ୍ମରଣ କରି ଗୁଆ ଭକ୍ଷଣ କରିଥିଲେ।

### ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ଲୁଟ୍ ପାଇଁ ଯୋଜନା: ୫ ଗିରଫ

ପୁରୀ, ୧୫।୧ (ଅଜିତ୍ ମହାନ୍ତି)

ଚୋରି ଓ ଲୁଟ୍ ପାଇଁ ଯୋଜନାବେଳେ ୮ ଜଣଙ୍କୁ ସିଂହଦ୍ୱାର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ହୁଗୁଳି ଜିଲାର ତାରେକେଶ୍ୱର ସ୍ୱାମୀ, ପଶ୍ଚିମବଙ୍ଗର ଭାସ୍କର ସେରଓ୍ୱ, ଦିଲୀପ ମୁଦୁଲିଆର, ଗୁନା ସେରଓ୍ୱ, ଲଳିତା ମୁଦିଲିଆର, ଥିଆଗରାଜନ, ଛୋଟୁ ସୋ ଏବଂ ମୌସୁମୀ ମୁଦୁଲିଆର। ଏମାନଙ୍କଠାରୁ ୨ଟି କଟର ମେଶିନ, ୩ଟି ପନିପର୍ସ ଓ ନଗଦ ୪୭୦୦ ଟଙ୍କା ଜବତ କରାଯାଇଛି। ପୋଲିସ ଏନେଇ ଏକ କେସ୍ (ନଂ. ୪/୨୪) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଆସନ୍ତା ୧୭ ତାରିଖରେ ହେବାକୁ ଥିବା ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ଅଭିଯୁକ୍ତମାନେ ଭକ୍ତମାନଙ୍କଠାରୁ ଲୁଟ ଓ ଡକାୟତି କରିବା ପାଇଁ ଯୋଜନା କରିଥିଲେ। ତେଣୁ ଗତ ୧୩ ତାରିଖରୁ ପୁରୀ ଆସି ସାରଦାଦେବୀ ରୋଡସ୍ଥିତ ଏକ ହୋଟେଲରେ ରହୁଥିଲେ। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ କେତେଜଣ ଶ୍ରୀମନ୍ଦିର ନିକଟରେ ଚୋରି ଓ ଲୁଟ୍ କରିବା ପାଇଁ ଚେଷ୍ଟା କରୁଥିଲେ। ପୋଲିସର ସନ୍ଦେହ ହେବାରୁ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ସେମାନଙ୍କ ଯୋଜନା ସମ୍ପର୍କରେ ଜାଣିବାକୁ ପାଇଥିଲା। ପରେ ପୋଲିସ ସେମାନେ ରହୁଥିବା ହୋଟେଲରେ ଚଢାଉ କରି ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# ମାସିକିଆ ବଟିଦେଇ ଖଣିରୁ ଲୁଟ୍

ଖୋର୍ଦ୍ଧା, ୧୫।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଖଣି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ମାଫିଆମାନେ ବେଆଇନଭାବେ ପାହାଡ଼ ଖନନ କରିବା ସହ ଦୈନିକ ଶହ ଶହ ଟ୍ରକରେ ଲଘୁ ଖଣିଜ ସମ୍ପଦ ଜିଲା ତଥା ଜିଲା ବାହାରକୁ ଚାଲାଣ କରୁଛନ୍ତି। ମାଙ୍କଡ଼ା ପଥର, ମୋରମ, କଳାମୁଗୁନି ପଥର, ବଉଳାମାଳା ପଥର ଆଦି ଚାଲାଣ ହେଉଛି। ପ୍ରଶାସନର ଚଢ଼ାଉ ଏବଂ ଜରିମାନା ଆଦାୟ ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ। ଅନ୍ୟପଟେ ଚୋରାଚାଲାଣ ରୋକିବା ପରିବର୍ତ୍ତେ ମୋଟା ଅଙ୍କ ନେଇ ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀ ସେମାନଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛନ୍ତି। ମାସିକିଆ ବଟି ଦେଇ ଖଣି ମାଫିଆ ନିର୍ଭୟରେ ଖଣି ଲୁଟ୍ କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି।

ପ୍ରକାଶ ଯେ, ଶ୍ରୀମନ୍ଦିର ପ୍ରଶାସନର ଜମି, ସରକାରୀ ଏବଂ ଗୋଚର ଜମି ଉପରେ ଖଣି ମାଫିଆଙ୍କ ନଜର ରହିଛି। ପାଓ୍ୱାର ଟ୍ରିଲର, ମେଶିନ ସାହାର୍ଯ୍ୟରେ ଏକର ଏକର ଜମିରୁ ମାଙ୍କଡ଼ା ପଥର କାଟି ନେବା ସହ ମୋରମ ଚାଲାଣ କରୁଛନ୍ତି। ଏପରିକି କାଜୁ ଜଙ୍ଗଲରୁ ମୋରମ, ମାଙ୍କଡା ଚାଲଣ କରୁଛନ୍ତି। ଟାପଙ୍ଗ ମୁଣ୍ଡିଆ, ଟାଙ୍ଗୀ ଆରିଆପଡ଼ା ବୃଷବନ୍ଧ ପାହାଡ଼, ୧୬ନଂ. ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ରହିଥିବା ପାହାଡ଼କୁ ନଣ୍ଡା କରିସାରିଲେଣି। ଏପରିକି ରାଜପଥ ସମ୍ପ୍ରସାରଣ ଆଳରେ ଠିକାଦାରମାନେ ପଥର ଏବଂ ମୋରମ ଚାଲାଣ କରୁଛନ୍ତି। ଜାତୀୟ ରାଜପଥ ଗଳାବାଟ ସାଜିଥିବା ବେଳେ ରାତିସାରା ହାଇଓ୍ୱା, ଟ୍ରକରେ ଚାଲାଣ କରାଯାଉଛି। ଖୋର୍ଦ୍ଧାଠାରୁ ଟାଙ୍ଗୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ପାହାଡ଼ କଟାଯିବାରୁ ରାସ୍ତା ଖାଲଖମା ହୋଇ ବର୍ଷା ହେଲେ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ମେଶିନ, ଯନ୍ତ୍ରପାତି ଏବଂ ବିଭିନ୍ନ ପଥର ବୋଝେଇ ଟ୍ରକ ଜବତ କରାଯିବା ସହ ଜରିମାନା ଆଦାୟ କରାଯାଉଛି। ହେଲେ ଚଢ଼ାଉ ପୂର୍ବରୁ ସୂଚନା ପାଇ ଖଣି ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଉଛନ୍ତି। ଫଳରେ ପ୍ରଶାସନ ଖାଲି ହାତରେ ଫେରୁଛି। ତେବେ ଚଢ଼ାଉ ପୂର୍ବରୁ କିପରି ମାଫିଆମାନେ ସୂଚନା ପାଉଛନ୍ତି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରୁ ଏକାଧିକ ଗ୍ରାମବାସୀ ଜିଲା ପ୍ରଶାସନର କାର୍ଯ୍ୟାଳୟକୁ ଦୌଡୁଛନ୍ତି। ବେଆଇନ ପଥର ଖନନ, ବ୍ଲାଷ୍ଟିଂ, ପଥର ଚାଲାଣ ରୋକିବା ସହ ଗୋଚର, ଶ୍ରୀମନ୍ଦିର ପ୍ରଶାସନ ଜମିକୁ ସୁରକ୍ଷା ଦିଆଯାଉ ବୋଲି ଦାବି କରୁଛନ୍ତି। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଉଛି। କିନ୍ତୁ ଏଥିରେ କୌଣସି ଫରକ ପଡୁନାହିଁ। ରାଜନେତା ଏବଂ ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀଙ୍କ ଛତ୍ରଛାୟା ତଳେ ଖଣି ମାଫିଆଙ୍କ ରାଜୁତି ଚାଲିଛି ବୋଲି ଚର୍ଚ୍ଚା ହେଉଛି। ଖୋର୍ଦ୍ଧା ଅଞ୍ଚଳରେ ଥିବା ପଥର ଖଣି, ମାଙ୍କଡା ଚାଲାଣ ବାବଦକୁ ଦୈନିକ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଚାଲାଣ ହେଉଛି। ଖଣି ମାଫିଆଙ୍କ ଉପରେ ରୋକ ଲଗା ନ ଗଲେ ଆଗାମୀ ଦିନରେ ଲଘୁ ଖଣିଜ ସମ୍ପଦ ଲୋପ ପାଇଯିବ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ଲଘୁ ଖଣିଜ ଚୋରା ଚାଲାଣ ରୋକିବା ପାଇଁ ଗୁରୁତ୍ୱ ଦିଆଯାଇଛି। ବେଆଇନଭାବେ ଚାଲିଥିବା ପଥର ଖଣି ଏବଂ କ୍ରସର ୟୁନିଟ ଉପରେ ଚଢ଼ାଉ କରାଯାଉଛି। ଚୋରାଚାଲାଣରେ ବ୍ୟବହାର ଯାନବାହନ ଧରାପଡିଲେ ଜରିମାନା ସହ ଏହାର ଲାଇସେନ୍ସ ମଧ୍ୟ ରଦ୍ଦ କରାଯିବ। ଚୋରାଚାଲାଣକୁ ପ୍ରଶ୍ରୟ ଦିଆଯିବ ନାହିଁ। ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରାଯାଇ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ ସହ ଥାନାରେ ଏକାଧିକ ମାମଲା ରୁଜୁ ହୋଇଛ ବୋଲି ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି।

## ଖଣି ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ

ଖୋର୍ଦ୍ଧା, ୧୫।୧ (ପ୍ରଭାତ ପାଣିଗ୍ରାହୀ)



ଆହତ ଜଗନ ବେହେରା



ଭାଙ୍ଗିଯାଇଥିବା କାର୍।

ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ଗୁଡୁମ ପଥର ଖଣିରେ ରବିବାର ରାତିରେ ଚଢ଼ାଉ ବେଳେ ମାଇନିଂ(ଖଣି) ଅଧିକାରୀ ଜଗନ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିସହ ତାଙ୍କ କାରକୁ ଭାଙ୍ଗି ଚୁରମାର କରିଦେଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଜଗନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଗୁଡୁମ ପଥର ଖଣିରେ କିଛିଦିନ ହେବ ରାତିରେ ବେଆଇନଭାବେ ପଥର ଚାଲାଣ ହେଉଥିବା ନେଇ ଅଭିଯୋଗ ହେଉଥିଲା। କୌଣସି ସୁତ୍ରରୁ ଖବରପାଇ ଜଗନ ରବିବାର ରାତିରେ ଚଢ଼ାଉ କରିଥିଲେ। ଏହି ସମୟରେ ମୋରମ, ପଥର ଚୋରାଚାଲାଣ ହେଉଥିଲା। ଜଗନ ଆବଶ୍ୟକ ଡକ୍ୟୁମେଣ୍ଟ ଦେଖାଇବାକୁ କହିଥିଲେ। ଏହି ସମୟରେ ୭ରୁ ୮ଜଣ ଖଣି ମାଫିଆ ତାଙ୍କ କାରକୁ ଭାଙ୍ଗିବା ସହ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ଜଗନ ସେଠାରୁ ଖସିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ଗୋଡାଇ ଗୋଡାଇ ମାଡ଼ ମାରି ରାସ୍ତାପାର୍ଶ୍ୱକୁ ଫିଙ୍ଗି ମାଫିଆମାନେ ସେଠାରୁ ଫେରାର ହୋଇଯାଇଥିଲେ।

## ସାକ୍ଷୀଗୋପାଳଙ୍କୁ ଲାଗିହେଲା ମକର ଚାଉଳ ଭୋଗ

ସାକ୍ଷୀଗୋପାଳ, ୧୫।୧ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ):

ପବିତ୍ର ମକର ସଂକ୍ରାନ୍ତି ଅବସରରେ ସୋମବାର ସାକ୍ଷୀଗୋପାଳ ମନ୍ଦିରରେ ବର୍ଷକୁ ଥରେ ପରମ୍ପରା ଅନୁଯାୟୀ, ପ୍ରଭୁ ସାକ୍ଷୀଗୋପାଳଙ୍କୁ ମକର ଚାଉଳ ଭୋଗ ଲାଗି କରାଯାଇଛି। ରବିବାର ମହାଲକ୍ଷ୍ମୀଙ୍କ ବାପଘରୁ ଆସିଥିବା ମକର ଭାରରେ ମନ୍ଦିର ମାଳି ସେବାୟତମାନେ ମକର ଚାଉଳ ପ୍ରସ୍ତୁତ କରିଥିଲେ। ମକରଭାର ସହିତ ଆସିଥିବା ନୂତନ ବସ୍ତ୍ର, ଫୁଲମାଳ ସାକ୍ଷୀଗୋପାଳ ଓ ରାଧାରାଣୀଙ୍କୁ ଲାଗି ହୋଇଥିଲା। ମନ୍ଦିର ଚୂଡ଼ାରେ ନେତ ବନ୍ଧା ଯାଇଥିଲା। ଚୂନପାଣି ପକାଯାଇ ବେଢ଼ା ଶୋଧ କରାଯିବା ପରେ ରୁପା ପିଙ୍ଗଳରେ ମକର, ସାକର, ଦଧି ଓ ନଳିପାନ ଏପରି ଚାରିବେଢ଼ା ଅନୁଷ୍ଠିତ ହୋଇଥିଲା। ଛତିଡ୍ରାସ, ବାଜା, ମହୁରୀ, କାହାଳୀ, ଘଣ୍ଟ ବଜାଇ ଠାକୁରଙ୍କୁ ଆଳତି ଓ ଉପଚାର କରି ପୂଜାପଣ୍ଡା ବନ୍ଦପନା କରିଥିଲେ। ମକର ଭାରରେ ପ୍ରସ୍ତୁତ ମକର ଚାଉଳ ପ୍ରଥମେ ଠାକୁର ଓ ଠାକୁରାଣୀଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରାଯାଇ ବଳି ଆଟିକାରେ ନବାଙ୍କ ଚଣ୍ଡ ପ୍ରଦାନ କରାଯାଇଥିଲା। ମନ୍ଦିର ବେଢା ମଧ୍ୟରେ ଶ୍ରଦ୍ଧାଳୁମାନେ ମକର ଚାଉଳ ଭୋଗ ପ୍ରସ୍ତୁତ କରି ଠାକୁରଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ। ବର୍ଷକୁ ଥରେ ଏହି ସୁଯୋଗରେ ଶ୍ରଦ୍ଧାଳୁମାନେ ନୂଆ ହାଣ୍ଡିରେ ମକର ଚାଉଳ ଭୋଗ ପ୍ରସ୍ତୁତ କରିଥିଲେ।



ମକର ସଂକ୍ରାନ୍ତି ଅବସରରେ ସୋମବାର ଚନ୍ଦକା-ଡମପଡା ହସ୍ତୀ ଅଭୟାରଣ୍ୟ ପରିସରସ୍ଥିତ ଆଦିବାସୀପଲ୍ଲୀ କନ୍ଦଳେଇର ବନବାସୀମାନେ ଗୁଡ଼ିରେ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି।

# ଗୁଡ଼ିରେ ପରିବେଶ ସୁରକ୍ଷାର ବାର୍ତ୍ତା

ପୁରୁଣା ଭୁବନେଶ୍ୱର, ୧୫।୧ (ସୁବାସ ଚନ୍ଦ୍ର ପ୍ରଧାନ)

ମକର ସଂକ୍ରାନ୍ତି ଅବସରରେ ସୋମବାର ଚନ୍ଦକା-ଡମପଡା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଅବସ୍ଥିତ ଆଦିବାସୀପଲ୍ଲୀ କନ୍ଦଳେଇର ବନବାସୀମାନେ ଗୁଡ଼ିରେ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି। ଗୁଡ଼ି ଉପରେ ପରିବେଶ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ୍ ଲେଖି ସାରା ବିଶ୍ୱକୁ ଦେଇଥିଲେ ପରିବେଶ ସୁରକ୍ଷାର ବାର୍ତ୍ତା। ସାମାଜିକ ଅନୁଷ୍ଠାନ ବୁଲ୍‌ସଆଇ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପରିବେଶବିତ୍ ସୁଶାନ୍ତ ସାହୁ ଯୋଗଦେଇ ବନବାସୀଙ୍କ ଏଭଳି ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। ବୁଲ୍‌ସଆଇ ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ସମ୍ପାଦକ ବାପିନା ନାୟକ, କୋଷାଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝି, ଶିକ୍ଷକ ସୁବାସ ଓଝା ପ୍ରମୁଖ ଯୋଗଦେଇ ମକର ପର୍ବର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

### ଝିଙ୍କ ଉଦ୍ଧାର କରି ସଂରକ୍ଷିତ ଜଙ୍ଗଲରେ ଛାଡ଼ିଲା ବନବିଭାଗ

ଖୋର୍ଦ୍ଧା, ୧୫।୧ (ପ୍ରଭାତ ପାଣିଗ୍ରାହୀ):

ଜଙ୍ଗଲ କ୍ଷୟ ଓ ଖାଦ୍ୟ ଅଭାବରୁ ବନ୍ୟଜନ୍ତୁ ଗାଁମୁହାଁ ହେଉଛନ୍ତି। ସୋମବାର ବୋଲଗଡ଼ ବନାଞ୍ଚଳ ମାଣିବନ୍ଧ ଗ୍ରାମରୁ ଏକ ୪ଫୁଟ ଲମ୍ବର ୫ ବର୍ଷର ଝିଙ୍କକୁ ବନବିଭାଗ ଉଦ୍ଧାର କରିଛି। ସକାଳେ ମାଣିବନ୍ଧ ଗ୍ରାମର ଗଜେନ୍ଦ୍ର ଖଟୁଆଙ୍କ ଘରେ ଝିଙ୍କଟି ପଶି ଧାନ ଚାଉଳ ଖାଉଥିଲା। ଗଜେନ୍ଦ୍ରଙ୍କ ପରିବାର ଲୋକେ ଏନେଇ ଜଣାଇବା ପରେ ଗ୍ରାମବାସୀ ବୋଲଗଡ ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କୁ ଖବର ଦେଇଥିଲେ। ବନପାଳ ପଟ୍ଟନାୟକ ଏବଂ ବନରକ୍ଷକ ଅରୂପ ବେହେରା ଟିମ୍ ସହିତ ପହଞ୍ଚି ଝିଙ୍କଟିକୁ ଉଦ୍ଧାର କରିବା ପରେ ସ୍ଥାନୀୟ ସଂରକ୍ଷିତ ଜଙ୍ଗଲରେ ଛାଡିଥିଲେ।





ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ସୋମବାର ଅନୁଷ୍ଠିତ ନାରାୟଣ ନୃତ୍ୟ ମହୋତ୍ସବ ଓ ନୃତ୍ୟ ପ୍ରତିଯୋଗିତାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ମୌସମ ନନ୍ଦ)

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚୌରାଶୀ ବେଶ

ପୁରୀ, ୧୫।୧ (ଅଜିତ୍ ମହାନ୍ତି):

ପବିତ୍ର ମକର ସଂକ୍ରାନ୍ତିରେ ସୋମବାର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ସହ ଶ୍ରୀଜୀଉଙ୍କ ମକର ଚୌରାସୀ ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଦ୍ୱାରଫିଟା, ଭିତର ଶୌଧ ପରେ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ, ଅନ୍ୟାନ୍ୟ ନୀତି ସରି ବେଶ ପରେ ଗୋପାଳବଲ୍ଲଭ ପୂଜା ଓ ଭୋଗ କରାଯାଇ ଥିଲା। ସକାଳ ଧୂପ ପରେ ଛଅମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ସରିଥିଲା। ଦ୍ୱିପ୍ରହର ଧୂପ ସହିତ ଯାତ୍ରାଙ୍ଗୀ ଭୋଗ ରୋଷଘରୁ ଘଣ୍ଟ, ଛତା କାହାଳୀ ସହ ସେବକଙ୍କ ପଟୁଆରରେ ଆସିଥିଲା। ଷୋଡ଼ଶ ଉପଚାରରେ ମଣୋହି ହୋଇଥିଲା। ଟେରା ପଡ଼ିବା ପରେ ମନ୍ଦିର ଚାରିପାଖରେ ଦିଗବଳି ପ୍ରଦାନ କରାଯାଇଥିଲା। ଭୋଗ ଶେଷ ହୋଇ ଆଳତି ବଢ଼ି, ଧୋପଖାଳ ହୋଇ ଟେରାବନ୍ଧା ପରେ ଅଧିବାସ ହୋଇଥିବା ମକର ଚାଉଳ ଅଣାଯାଇ ୩ ରୁପାଥାଳିରେ ରଖାଯାଇଥିଲା। ପଣ୍ଡିତବଟୁମାନେ ବାଘମୁହଁ ବାନ୍ଧି ଘଣ୍ଟ, ଛତା, କାହାଳୀ ସହିତ ତଳିଛ ପଟୁଆର କରି ବଡ଼ଦେଉଳକୁ ତିନିବେଢ଼ା ବୁଲି ଭିତରେ ଚାଉଳ ରଖିଥିଲେ। ରୋଷଘରୁ ମକରଚୌରାସୀ ଭୋଗ ଛାମୁକୁ ଆସିଥିଲା। ମହାଭୋଇମାନେ ବାଘମୁହଁ ବାନ୍ଧି, ଘଣ୍ଟ, ଛତା କାହାଳୀ ସହ ନିର୍ଦ୍ଦିଷ୍ଟ ସେବକଙ୍କ ଦୁଗ୍ଧ ଜାତୀୟ ଦ୍ରବ୍ୟ ଧରି ଶ୍ରୀମନ୍ଦିର ପରିକ୍ରମା କରି ଜୟବିଜୟ ଦ୍ୱାରଠାରେ ମହାସୁଆରଙ୍କ ଜିମା ଦେଇଥିଲେ। ସେ ତାହାକୁ ମହାପ୍ରଭୁଙ୍କ ନିକଟରେ ବାଢିଥିଲେ। ଗଜପତି ମହାରାଜାଙ୍କ ପ୍ରତିନିଧି ଭାବେ ମୁଦିରଥ ସେବକ ପ୍ରସାଦ ଲାଗି କଲା ପରେ ପୂଜାପଣ୍ଡାମାନେ ତିନିବାଡ଼ରେ ପଞ୍ଚଉପଚାର ପୂଜା ସମ୍ପନ୍ନ କରିଥିଲେ। ଶ୍ରୀଜୀଉଙ୍କୁ ବନ୍ଦାପନା କରାଯାଇଥିଲା।

## ଆକର୍ଷଣ ସାଜିଲା ଛାତ୍ରୀଛାତ୍ରଙ୍କ ର୍‍ୟାମ୍ପ୍ ଓ୍ୱାକ୍ ସହ ନାଚଗୀତ



ଭୁବନେଶ୍ୱର, ୧୫।୧ (ଅନୁରାଧା ମହାରଣା)

### ସେଣ୍ଟ ଜାଭିୟର ଏଜୁକେଶନାଲ ଆଣ୍ଡ୍ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠା ଦିବସ

ସେଣ୍ଟ ଜାଭିୟର ଏଜୁକେଶନାଲ ଆଣ୍ଡ୍ ଚାରିଟେବୁଲ ଟ୍ରଷ୍ଟର ୩୮ତମ ପ୍ରତିଷ୍ଠା ଦିବସ ତଥା ଟ୍ରଷ୍ଟର ଅଧ୍ୟକ୍ଷ ବଦ୍ରିନାଥ ପଟ୍ଟନାୟକଙ୍କ ୫୮ତମ ଜନ୍ମୋତ୍ସବ ରେଳ ଅଡିଟୋରିୟମଠାରେ ପାଳିତ ହୋଇଯାଇଛି। ଅତିଥି ଭାବେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ବିଶିଷ୍ଟ ସାହିତ୍ୟିକ ଦେବୀ ପ୍ରସନ୍ନ ପଟ୍ଟନାୟକ, ସ୍ୱାମୀ ଶିବ ଚିଦାନନ୍ଦ, ସ୍ୱାମୀ ଜଗଦାନନ୍ଦ, ସ୍ୱାମୀ ବ୍ରହ୍ମାନନ୍ଦ, ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପ୍ରଫେସର ହରେକୃଷ୍ଣ ଶତପଥୀ, ଡ. ନିବେଦିତା ପଟ୍ଟନାୟକ, ଡ. ଜଗନ୍ନାଥ ପଟ୍ଟନାୟକ, ସ୍ୱାମୀ ବାସୁଦେବ ଦତ୍ତ ଦାଶ, ପ୍ରଫୁଲ୍ଲ ମହାରାଜ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଟ୍ରଷ୍ଟ ଅଧ୍ୟକ୍ଷଙ୍କୁ ଜନ୍ମଦିବସ ଶୁଭେଚ୍ଛା ଜଣାଇବା ସହ ଦୀର୍ଘାୟୁ କାମନା କରିଥିଲେ। ଶିକ୍ଷାକ୍ଷେତ୍ରରେ ଟ୍ରଷ୍ଟର ଅବଦାନକୁ ଅତିଥିମାନେ ପ୍ରଶଂସା କରିବା ସହ ଛାତ୍ରୀଛାତ୍ରଙ୍କ ଉତ୍ତମ ଶିକ୍ଷା ଦିଗରେ ମତ ରଖିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। କୁନି ପିଲାଙ୍କ ର୍‍ୟାମ୍ପ ଓ୍ୱାକ୍ ଦର୍ଶକଙ୍କ କରତାଳି ସାଉଣ୍ଟିଥିଲା। ଓଡ଼ିଶୀ ଏକକ ଓ ଦଳଗତ ନୃତ୍ୟ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଏଥିସହ ଆଧୁନିକ ଗୀତରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ତାଳେ ତାଳେ ଦର୍ଶକ ମଧ୍ୟ ଝୁମିଥିଲେ। ଡ. ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା କରିଥିଲେ।

## ବିକାଶ ପ୍ରକ୍ରିୟାରେ ପାରସ୍ପରିକ ସହଯୋଗ ଆବଶ୍ୟକ

### ଆଇନାର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

ଭୁବନେଶ୍ୱର, ୧୫।୧ (ଶର୍ମିଷ୍ଠା ପାଣିଗ୍ରାହୀ)



(ଫଟୋ- ବିକାଶ ନାୟକ)

ସାମାଜିକ ଅନୁଷ୍ଠାନ ଆଇନାର ୨ଦିନିଆ ରୌପ୍ୟଜୟନ୍ତୀ ଉତ୍ସବ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ସମ୍ପାଦିକା ସ୍ନେହ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ କହିଲେ, ସମାଜର ବିକାଶ ପ୍ରକ୍ରିୟାରେ ପାରସ୍ପରିକ ସହଯୋଗ ଆବଶ୍ୟକ। ଚିନ୍ତାଜନକ ବିଷୟପ୍ରତି ସମସ୍ତେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ତଥା ସିଓ୍ୱାଇଏସ୍‌ଡିର ମାର୍ଗଦର୍ଶକ ଜଗଦାନନ୍ଦ କହିଲେ, ନୂଆ ଭାବରେ ସମାଜର ସମସ୍ୟା ଚିହ୍ନଟ ଓ ତାହାର ନିରାକରଣ କରାଯିବା ଦିଗରେ ସରକାର ସାମାଜିକ ସଙ୍ଗଠନମାନଙ୍କୁ ସାମିଲ କରାଇବା ଉଚିତ। ମୁଖ୍ୟବକ୍ତା ପୂର୍ବତନ ପ୍ରଶାସକ ଏସ.ବି. ଅଗ୍ନିହୋତ୍ରୀ କହିଲେ, ନିରନ୍ତର ବିକାଶ ଲକ୍ଷ୍ୟରେ ଦିବ୍ୟାଙ୍ଗଙ୍କ ସମ୍ପୃକ୍ତିର ଆବଶ୍ୟକତା ରହିଛି। ଦିବ୍ୟାଙ୍ଗଙ୍କ ଲିଙ୍ଗଗତ ବିକାଶ ସୂଚକାଙ୍କର ମଧ୍ୟ ମୂଲ୍ୟାୟନ ହେବା ଦରକାର। ଅନ୍ୟତମ ଅତିଥି ପଦ୍ମଶ୍ରୀ ସାବରମତୀ କୃଷି ଓ ଦିବ୍ୟାଙ୍ଗ ଅଙ୍ଗାଙ୍ଗୀ ହେବାର ସକାରାତ୍ମକତା ଉପରେ ବକ୍ତବ୍ୟ ରଖିଥିଲେ। ସେ କହିଲେ, କାହାପ୍ରତି ଅଶାଳୀନ ବା ଆପତ୍ତିଜନକ ଭାଷାର ବ୍ୟବହାରରେ ରୋକ ଲଗାଇବା ଜରୁରୀ। ବରିଷ୍ଠ ପ୍ରଶାସକ ଜିଭିଭି ଶର୍ମା ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦିବ୍ୟାଙ୍ଗଙ୍କୁ କେହି ଯେପରି ହତାଦର ନ କରନ୍ତି, ସେମାନଙ୍କୁ ସମସ୍ତ କ୍ଷେତ୍ରରେ ପୂର୍ଣ୍ଣ ସ୍ୱାଧୀନତା ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇନା ପରିଚାଳନା ବୋର୍ଡ ସଭାପତି ଲଳିତା ମିଶାଲ, ଧ୍ୱନିର ନିର୍ଦ୍ଦେଶକ ଜିତେନ୍ଦ୍ର ବିଶ୍ୱାଳ, ଆଇନାର କାର୍ଯ୍ୟକ୍ରମ ପ୍ରବନ୍ଧକ ଦିଲୀପ ବିଶାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିମାନେ ରୌପ୍ୟଜୟନ୍ତୀ ସ୍ମରଣିକା 'ଲିଗାସୀ ଅନ୍‌ଫୋଲଡର'କୁ ଉନ୍ମୋଚନ କରିବା ସହ ଆଇନାର ୱେବସାଇଟ ଲୋକାର୍ପଣ କରିଥିଲେ। ଏଥିସହ ଜୀବନବ୍ୟାପୀ ସାଧନା ନିମନ୍ତେ ଡା. ସେବା ମହାପାତ୍ର, ଶିରୀଶଚନ୍ଦ୍ର ଦାସ, ପୁରୁଷୋତ୍ତମ ସାହୁ, ଗୌରୀଶ୍ୟାମ ପଣ୍ଡା, ବିଦ୍ୟୁତ ସିଂଦେଓ, ଡା. ଗାୟତ୍ରୀ ମହାନ୍ତି, ପ୍ରଭାତୀ ମିଶ୍ର, ଡ. ମମତା ପ୍ରଧାନ, ସ୍ନେହଲତା ମହାନ୍ତି, କୃଷ୍ଣଚନ୍ଦ୍ର ବେହେରା, ଡ. ଲେନିନ ମହାନ୍ତି ଏବଂ ନୃତ୍ୟଶିଳ୍ପୀ ହରିହର ଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶ୍ରୀ ରୀମା ଏବଂ ପ୍ରଣତି ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସମାଜସେବୀ ବିଶାଖା ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଜଗନ୍ନାଥ ସଂସ୍କୃତିରେ ମକର ସଂକ୍ରାନ୍ତି ଶୀର୍ଷକ ଆଲୋଚନାଚକ୍ର

ବାଙ୍କୀ,୧୫।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ମକର ସଂକ୍ରାନ୍ତି ଅବସରରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ଶ୍ରୀଜଗନ୍ନାଥ ସଂସ୍କୃତିରେ ମକର ସଂକ୍ରାନ୍ତି' ଶୀର୍ଷକ ଆଲୋଚନା ଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଏଥିରେ ସଭାପତିତ୍ୱ କରି ଶ୍ରୀଜଗନ୍ନାଥ ଓ ମକର ସଂକ୍ରାନ୍ତି ଉପରେ ବିଭିନ୍ନ ତଥ୍ୟ ଦେଇଥିଲେ। ମୁଖ୍ୟଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିରେ ମକର ମିଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରଶାସନିକ ଅଧିକାରୀ ଡ.ନିରଞ୍ଜନ ମହାନ୍ତି ଯୋଗଦେଇ ଶ୍ରୀଜଗନ୍ନାଥଙ୍କୁ ଆଦ୍ୟ ଦେବତା ଭାବେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପକ ତ୍ରୈଲୋକ୍ୟନାଥ ଦାଶ, ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଡ.ଅଭିମନ୍ୟୁ ରଣା, ଅଧ୍ୟାପକ ଆଶିଷ କୁମାର ପାଢୀ, ଅଧ୍ୟାପକ ଚିନ୍ମୟ ଚିତ୍ତରଞ୍ଜନ, ଅଧ୍ୟାପକ ଚିନ୍ମୟ କୁମାର ତ୍ରିପାଠୀ, ବୃନ୍ଦାବନ ପ୍ରଧାନ, ସୁବ୍ରତ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। ନକୁଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ରାମମନ୍ଦିର ପ୍ରତିଷ୍ଠା ଉତ୍ସବରେ ରାମଲୀଳା ପରିବେଷଣ କରିବେ ପାଟପୁର ଗ୍ରାମର କଳାକାର

ବାଙ୍କୀ,୧୫।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ଅନ୍ତର୍ଗତ ପାଟପୁର ଗ୍ରାମର କଳାକାରମାନେ ଅଯୋଧ୍ୟାର ରାମଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ରାମଲୀଳା ପରିବେଷଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଏଥିପାଇଁ ନାଟ୍ୟ ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ବେହେରା ନିଜର ସମସ୍ତ କଳାକାରମାନଙ୍କ ସହିତ ସକାଳୁ ଅଯୋଧ୍ୟାରେ ପହଞ୍ଚି ତୁଳସୀବଣଠାରେ ସେମାନଙ୍କ କଳା ପରିବେଷଣ କରିଛନ୍ତି। ଶ୍ରୀରାମ ନାଟ୍ୟ ସଂସଦର ଏହି ସଫଳତା ପାଇଁ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିଛି।

### ୩୮ ପଞ୍ଚାୟତରେ ଅକ୍ଷତ, ନିମନ୍ତ୍ରଣପତ୍ର ବଣ୍ଟନ ଶେଷ

ବଡ଼ମ୍ବା,୧୫।୧(ମାୟାଧର ମଲ୍ଲିକ)

ଅଯୋଧ୍ୟାରେ ହେବାକୁ ଥିବା ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ବଡ଼ମ୍ବା ମଣ୍ଡଳ କର୍ମକର୍ତ୍ତାଙ୍କ ଦ୍ୱାରା ଅକ୍ଷତ ଓ ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଶେଷ ହୋଇଯାଇଛି। ଏହା ବ୍ଲକର ୩୮ ପଞ୍ଚାୟତରେ ବଣ୍ଟନ କରାଯାଇଥିବା ସୂଚନା ମିଳିଛି। ମଣ୍ଡଳ ହିନ୍ଦୁ ସଙ୍ଗଠନ କର୍ମକର୍ତ୍ତା ସନ୍ତୋଷ ପଟ୍ଟନାୟକ ଓ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# 'ନଦୀକୂଳ ସଭ୍ୟତାର ଅନନ୍ୟ ନିଦର୍ଶନ ସିଂହନାଥ ପୀଠ'

### ସିଂହନାଥ ଦେବ ପୀଠରେ ମକରମେଳା

ବଡ଼ମ୍ବା,୧୫।୧(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମ ନିକଟସ୍ଥ ମହାନଦୀ ମଧ୍ୟ ଭାଗରେ ଥିବା ପ୍ରଭୁ ସିଂହନାଥ ଦେବଙ୍କ ୩ ଦିନିଆ ମକର ମେଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ମେଳାକୁ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନଦୀକୂଳ ସଭ୍ୟତାର ଅନନ୍ୟ ନିଦର୍ଶନ ସିଂହନାଥ ପୀଠ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ମେଳାର ପୂର୍ବ ପ୍ରସ୍ତୁତି ଅନୁଯାୟୀ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ୧୧ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ଏଥିସହ ଓଡ୍ରାଫ୍ ଟିମ, ଅଗ୍ନିଶମ ବିଭାଗ, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀଙ୍କ ସହ ଆମ୍ବୁଲାନ୍ସ ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଅନ୍ୟ ପକ୍ଷରେ ଟି -ବ୍ରିଜରେ ଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବାବେଳେ ମନ୍ଦିର ପ୍ରବେଶ ତଥା ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଧାଡି ବ୍ୟବସ୍ଥା ହୋଇଥିଲା ମେଳାରେ ବଡ଼ମ୍ବା, ନରସିଂହପୁର, ତିଗିରିଆ, ଆଠଗଡ଼, ବାଙ୍କୀ, କଳାପଥର, ଭାପୁର, ଖଣ୍ଡପଡା, ନୟାଗଡ଼, ଖୋର୍ଦ୍ଧା ଓ ବାଘମାରୀ, କରବର, ପଦ୍ମାବତୀ, ଫଟେଗଡ଼ ଇତ୍ୟାଦି ଅଞ୍ଚଳର ଲୋକମାନଙ୍କ ସମାଗମ ହୋଇଥିଲା। ଉଦଘାଟନ ଉତ୍ସବରେ ସମ୍ମାନିତ ଅତିଥିଭାବେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ଆତ୍ମାକମିଟି ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ସ୍ୱାଇଁ, ଆଇନଜୀବୀ ବାପି ନାୟକ, ଗୋପୀନାଥପୁର ପଞ୍ଚାୟତ ସରପଞ୍ଚ ଯଯାତି କେଶରୀ ନାୟକ, ସମିତି ସଭ୍ୟ ଜିତେନ୍ଦ୍ର କୁମାର ମଲ୍ଲିକ, ସାମାଜିକ କର୍ମୀ ରାମ ଚନ୍ଦ୍ର ନାୟକ, ସୁଶାନ୍ତ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ବଡ଼ମ୍ବା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଶାଶ୍ୱତ ରଞ୍ଜନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ପରିଚାଳନା କମିଟି କର୍ମକର୍ତ୍ତା ପ୍ରକାଶ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ। କଟକ ଜିଲା ଏସ୍‌ପି ମିହିର କୁମାର ପଣ୍ଡା, ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ, ଉପଖଣ୍ଡ ପୋଲିସ ଅଧିକାରୀ ରବୀନ୍ଦ୍ର କୁମାର ମଲ୍ଲିକ, ବଡ଼ମ୍ବା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର, ବୈଦେଶର ଥାନା ଅଧିକାରୀ କାଦମ୍ବିନୀ ପରିଡା, ବାଙ୍କି ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଶେଷରେ ମେଲୋଡି ଓ ଯୋଡ଼ିଶଙ୍ଖ ନୃତ୍ୟ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ସିଂହନାଥ ଦେବଙ୍କ ପୀଠରେ ପ୍ରଥମ ଦିବସ ମକର ମେଳାରେ ଜନସମାଗମ।

# ଡମଡମଣୀ ପୀଠରେ ମକର ମେଳା

ଚୌଦ୍ୱାର,୧୫।୧(ଆଶୁତୋଷ ଦାସ): ମକର ସଂକ୍ରାନ୍ତିରେ ମଙ୍ଗରାଜପୁର ପଞ୍ଚାୟତ ବେରେଣା-କୋଟିଲା ନୂଆଗାଁ ଗ୍ରାମ ନିକଟ ପାହାଡ଼ ଜଙ୍ଗଲ ଘେରା ପରିବେଶରେ ପ୍ରତିଷ୍ଠିତ ବନଦେବୀ ଡମଡମଣୀ ପୀଠରେ ପ୍ରସିଦ୍ଧ ମକର ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଦେବୀଙ୍କ ଦର୍ଶନ, ମାନସିକ ପୂରଣ ପାଇଁ ସୋମବାର ଭୋର ସମୟରୁ ପୀଠକୁ ମାନସିକଧାରୀ ଓ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ପୀଠରେ ଦିନସାରା ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ଚୌଦ୍ୱାର ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ନେତୃତ୍ୱରେ ବହୁ ପୋଲିସ ଅଧିକାରୀଙ୍କ ସମେତ ୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଚାରବାଟିଆ ଗାୟତ୍ରୀ ପ୍ରଜ୍ଞାପୀଠ ପକ୍ଷରୁ ବିଭିନ୍ନ ସେବା କାର୍ଯ୍ୟ ଓ ଯଜ୍ଞ ପରିଚାଳନା କରାଯାଇଥିଲା। ମେଳା ପରିଚାଳନା କମିଟି ପକ୍ଷରୁ ସୂଚନାକେନ୍ଦ୍ର ଖୋଲାଯାଇ ଶ୍ରଦ୍ଧାଳୁଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ହାତୀ ଭୟଥିବାରୁ ସନ୍ଧ୍ୟା ପୂର୍ବରୁ ପୀଠରୁ ଫେରିଯିବାକୁ ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଯାତ୍ରୀଙ୍କୁ ସଜାଗ କରାଯାଇଥିଲା। ପରିଚାଳନା କମିଟି ସଭାପତି ଜୟନ୍ତ ପାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ମେଳା ପରିଚାଳନା କରିଥିଲେ।


ଡମଡମଣୀ ପୀଠ ମକର ମେଳାରେ ଭକ୍ତଙ୍କ ଭିଡ଼।

# ମା'ବଡ଼ ବନ୍ଧିଆଣୀଙ୍କ ପୀଠରେ ଭକ୍ତ ସମାଗମ


ବଡ଼ ବନ୍ଧିଆଣୀଙ୍କ ପୀଠରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମା'ଙ୍କ ପୂଜାର୍ଚ୍ଚନା କରୁଛନ୍ତି।

ତିଗିରିଆ,୧୫।୧(ଜାଫର ଖାଁ)

ତିଗିରିଆ ଓ ବାଙ୍କୀ ବ୍ଲକର ମଧ୍ୟସ୍ଥଳରେ ମା'ବଡ଼ବନ୍ଧିଆଣୀଙ୍କ ପୀଠରେ ୨ ଦିନିଆ ମକର ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ତିଗିରିଆ, ବାଙ୍କୀ ଓ ଆଠଗଡ ବ୍ଲକର ମୋଟ ୮ ପଞ୍ଚାୟତର ମିଳିତ ସହଯୋଗରେ ଏହାକୁ ଆୟୋଜନ କରାଯାଇଛି।

ରାଜ୍ୟ କୃଷି ଓ କୃଷକ କଲ୍ୟାଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକଙ୍କ ସମେତ ତିଗିରିଆ ଓ ବାଙ୍କୀ ବ୍ଲକର ବହୁ ଜନପ୍ରତିନିଧି ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ମା'ଙ୍କ ଆର୍ଶୀବାଦ ଲାଭ କରିଥିଲେ। ସଂକ୍ରାନ୍ତି ଉପଲକ୍ଷେ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସକାଳ ରୀତିନୀତି ସମ୍ପନ୍ନ ହେବା ପରେ ମଧ୍ୟାହ୍ନରେ ଠାକୁରାଣୀଙ୍କ ଷୋଡଶ ଉପଚାର ପୂଜା ଓ ଚଣ୍ଡୀ ପାଠ ଅନୁଷ୍ଠିତ ହୋଇଥିଲା। ପରେ ଗୀତା ଯଜ୍ଞ ସହ ରୁଦ୍ର ଚଣ୍ଡୀ ଓ ଶୁକ୍ଳ ଯଜୁହ ବେଦ୍ୟ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଅନ୍ତିମ ଦିବସ ଉପଲକ୍ଷେ ମା'ଙ୍କ ପୀଠରେ ଚଣ୍ଡୀ ଯଜ୍ଞ, ରାଷ୍ଟ୍ର ହୋମ ଓ ପୂର୍ଣ୍ଣାହୁତି ସହ ଯାତ୍ରା ପରିସମାପ୍ତି ଘଟିବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପୂଜାର୍ଚ୍ଚନା କାର୍ଯ୍ୟରେ ପଣ୍ଡିତ ନିରୋଦ କୁମାର ଦାଶ,ପଣ୍ଡିତ ସୁଧାକର ଦାଶ ଶର୍ମା କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଯାତ୍ରା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଭଗବତୀ ପୀଠରେ ମକର ଉତ୍ସବ

ସାଲେପୁର,୧୫।୧(ଅରବିନ୍ଦ ଭୂୟାଁ)

ସାଲେପୁର ବଟେଶ୍ୱର ଗ୍ରାମସ୍ଥିତ ଚିତ୍ରୋତ୍ପଳା ଗୁପ୍ତଗଙ୍ଗା କୂଳରେ ଥିବା ମା'ଭଗବତୀଙ୍କ ପୀଠରେ ମକର ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳୁ ମା'ଙ୍କୁ ସ୍ୱତନ୍ତ୍ର ସ୍ନାନ କରାଯାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ନୂଆ ଧାନର ଚାଉଳ ଅର୍ପଣ କରାଯାଇଥିଲା। ଚିତ୍ରୋତ୍ପଳା ନଦୀରେ ବୁଡ଼ ପକାଇ ମା'ଭଗବତୀଙ୍କ ଦର୍ଶନ କଲେ ପାପ କ୍ଷୟ ହୋଇଥାଏ ବୋଲି ଭକ୍ତମାନଙ୍କ ବିଶ୍ୱାସ ରହିଛି। ଏଣୁ ବହୁ ଶ୍ରଦ୍ଧାଳୁ ଆସି ପୀଠରେ ବୁଡ଼ ପକାଇ ମା'ଙ୍କ ଦର୍ଶନ କରିଥିଲେ।


ମା' ଭଗବତୀ

# ଓହ୍ରେଶ୍ୱର ମହାଦେବ ମନ୍ଦିରରେ ମକର ଉତ୍ସବ

ମାହାଙ୍ଗା, ୧୫।୧(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଭେଡା ପଞ୍ଚାୟତ ଅନ୍ତର୍ଗତ ଲାପଟୁଆଁ ଓହ୍ରେଶ୍ୱର ମହାଦେବ ମନ୍ଦିର ପରିସରରେ ମକର ସଂକ୍ରାନ୍ତି ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତାଭାବେ ରାମଚନ୍ଦ ନାୟକ, କର୍ତ୍ତୀ ଭାବେ ଡଲି ନାୟକ ପୂଜା କାର୍ଯ୍ୟରେ ବସିଥିବାବେଳେ ବରିଷ୍ଠ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ଆଶୁତୋଷ ନନ୍ଦ,ସନ୍ତୋଷ ପଣ୍ଡା, ପ୍ରତାପ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ସକାଳୁ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନେ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଧିରେନ୍ଦ୍ର ଦାସ, ଚିନ୍ତାମଣି ଦାସ, ସନ୍ଦୀପ ନାୟକ, ପ୍ରଦୀପ ଦାସ, ଆଶୁତୋଷ ନାୟକ, ନୀହାର ରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ।



# ବୌଦ୍ଧ, ଶାକ୍ତ କ୍ଷେତ୍ରରେ ୨ ଦିବସୀୟ ମକର ମେଳା

ନରସିଂହପୁର ୧୫।୧ (ନିରଞ୍ଜନ ଦେବକୁମାର)

ନରସିଂହପୁର ତହସିଲ ଅନ୍ତର୍ଗତ ପଦାମାଳ ଗ୍ରାମ ନିକଟ ମହାନଦୀ କୂଳରେ ଅବସ୍ଥିତ ମଧ୍ୟଯୁଗୀୟ ବୌଦ୍ଧ କ୍ଷେତ୍ର ବାଣାସୁର ନାସି (ବାନେଶ୍ୱର ପାହାଡ଼) ଉପରେ ଥିବା ବୌଦ୍ଧ ଓ ଶାକ୍ତ କ୍ଷେତ୍ରରେ ୨ ଦିବସିୟ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ମନୋଜ କୁମାର ମାଝିଙ୍କ ତତ୍ତ୍ୱାବଧାନରେ ନରସିଂହପୁର କାନପୁଅ ଯୋଡୁମୁ ଥାନା ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମେଳାକୁ ଉପଭୋଗ କରିବାକୁ ବହୁ ଜନସମାଗମ ହୋଇଥିଲା। ସେହିଭଳି ନରସିଂହପୁର କଚେରି ଛକଠାରେ ଥିବା ଶନିଶ୍ଚର ମନ୍ଦିରରେ ବାର୍ଷିକ ଉତ୍ସବ ଉପଲକ୍ଷେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମିଟି ତରଫରୁ ମହିଳା ସଂକୀର୍ତ୍ତନ ଆୟୋଜନ କରାଯାଇ ଥିଲା।

# 'ବିଜେପୁର ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ'

ସାଲେପୁର,୧୫।୧(ଅରବିନ୍ଦ ଭୂୟାଁ)

ବିଜେପୁରର ଏକ କୋର୍ଟ ଉଦ୍‌ଘାଟନ ଉତ୍ସବରେ ଅତିଥି ଭାବେ ଯୋଗଦେବାକୁ ଯାଇଥିବା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତିଙ୍କୁ କେତେଜଣ ଅସାମାଜିକ ବ୍ୟକ୍ତି ବିରୋଧ କରିଥିଲେ। ଏହାପରେ ମୁଖ୍ୟ ବିଚାରପତି କୋର୍ଟ ଉଦ୍‌ଘାଟନ କରି ନ ପାରି ଫେରି ଆସିଥିଲେ। ଏହି ଘଟଣା ନ୍ୟାୟପାଳିକା ପ୍ରତି ଅପମାନ। ସାଲେପୁର ବାର ଆସୋସିଏଶନ୍ ଏହାକୁ ତୀବ୍ର ନିନ୍ଦା କରିଛି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆସୋସିଏଶନ ପକ୍ଷରୁ ଦାବି କରାଯାଇଛି।

ସୂଚନାଯୋଗ୍ୟ, ରବିବାର ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ.ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ବିଜେପୁରରେ ସିଭିଲ କୋର୍ଟର ଉଦ୍‌ଘାଟନ ପାଇଁ ଯାଇଥିଲେ। ମୁଖ୍ୟ ବିଚାରପତିଙ୍କ କାର୍ଯ୍ୟକ୍ରମରେ କେତେଜଣ ଅସାମାଜିକ ଯୁବକ ଗଣ୍ଡଗୋଳ କରିଥିଲେ। ଫଳରେ ସିଭିଲ୍ କୋର୍ଟ ଉଦ୍‌ଘାଟନ ନ କରି ବିଚାରପତି ଫେରିଆସିଲେ। ଏହା ଏକ ଲଜ୍ଜାଜନକ ଘଟଣା, ନ୍ୟାୟପାଳିକା ପ୍ରତି କୁଠାରଘାତ ବୋଲି ସାଲେପୁର ବାର ଆସୋସିଏଶନ୍‌ର ସଭାପତି ବିକ୍ରମ କେଶରୀ ବଳ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିବା ସହ ନ୍ୟାୟପାଳିକାର ସମ୍ମାନ ରଖିବା ସହ ଜନସାଧାରଣଙ୍କ ନ୍ୟାୟପାଳିକା ପ୍ରତି ଯେଉଁ ଆସ୍ଥା ରହିଛି, ତାହାକୁ ଅତୁଟ ରଖିବାପାଇଁ ଗଣ୍ଡଗୋଳ କରିଥିବା ଅସାମାଜିକ ଯୁବକମାନଙ୍କୁ ତୁରନ୍ତ ଗିରଫ ପାଇଁ ସେ ଦାବି କରିଛନ୍ତି। ସୋମବାର ସାଲେପୁର କୋର୍ଟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅସୋସିଏଶନ୍‌ର ପୂର୍ବତନ ସମ୍ପାଦକ ଭାସ୍କର ବେହେରା, ପୂର୍ବତନ ସଭାପତି ଡ.ଅରୁଣୋଦୟ ମହାନ୍ତି, ଗୌତମ ରାୟ ଚୌଧୁରୀ, ସହ ସମ୍ପାଦକ ହରପ୍ରସନ୍ନ ମିଶ୍ର, ମନୋଜ କୁମାର ସାମଲଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।


ବିଜେପୁରଠାରେ କୋର୍ଟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

### ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ

ମାଣିଆବନ୍ଧ, ୧୫।୧ (ଅଖିଳ କୁମାର ସାହୁ)

ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୨ ତମ ଜୟନ୍ତୀ ସୋମବାର ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ଦୋଳମଣ୍ଡପରେ ପାଳିତ ହୋଇଯାଇଛି। ମାଣିଆବନ୍ଧ ସମାଜ ପାଠକମଞ୍ଚ ଓ ଅଗ୍ରଣୀ ବୁଣାକାର ସଂସ୍ଥା ମହକର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପାଠକ ମଞ୍ଚର ସଭାପତି ଅରକ୍ଷିତ ଦେବତା ଏଥିରେ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମହକ ସମ୍ପାଦକ ଅରକ୍ଷିତ ସ୍ୱାଇଁ ଯୋଗଦେଇ ଫକୀର ମୋହନଙ୍କ କାଳଜୟୀ କୃତି ଛ ମାଣ ଆଠ ଗୁଣ୍ଠ, ପେଟେଣ୍ଟ ମେଡିସିନ୍, କ୍ଷୁଦ୍ରଗଳ୍ପ ରେବତୀ ଉପରେ ଆଲୋକପାତ କରିଥିଲେ। ପାଠକ ମଞ୍ଚର ସମ୍ପାଦକ ପ୍ରସନ୍ନ କୁମାର ଶତପଥୀ, ଉପ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ଦଳେଇ, ଉପଦେଷ୍ଟା ବିଜୟ କୁମାର ରାଉତ, ସହ ସଂପାଦକ ପ୍ରଭାକର ପ୍ରଧାନ, ରାଜ୍ୟ ଓ ଜାତୀୟ ପୁରସ୍କାର ପ୍ରାପ୍ତ ବାନ୍ଧଶିଳ୍ପୀ ଦେବରାଜ ଦେବତା ପ୍ରମୁଖ ଯୋଗଦେଇ ଫକୀର ମୋହନଙ୍କ ପଥ ଅନୁକରଣ ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହକର କୋଷାଧ୍ୟକ୍ଷ ଗଦାଧର ପାତ୍ର, ଉପସଭାପତି ଲକ୍ଷ୍ମୀଧର ପାତ୍ର, ବୟନଶ୍ରୀର ସଭାପତି ନାରାୟଣ ପତି, ଶିକ୍ଷାବିତ୍ ଲକ୍ଷ୍ମୀଧର ଚନ୍ଦ, ପୀତବାସ କରଣ ପ୍ରମୁଖ ଉପସ୍ଥିତ ଥିଲେ। ବଟକୃଷ୍ଣ ପ୍ରଧାନ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ପୁନର୍ଗଠନରେ ଯୁବଶକ୍ତି ଆଗେଇ ଆସନ୍ତୁ



ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

### ରାଜ୍ୟସ୍ତରୀୟ ଯୁବ ଶିବିର ଉଦ୍‌ଯାପିତ

ସାଲେପୁର, ୧୫।୧: ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ, ସତ୍ୟଭାମାପୁରରେ ଜାତୀୟ ଯୁବ ପ୍ରକଳ୍ପ, ବିଜୟାନନ୍ଦ ଯୁବ ପରିଷଦ ଓ କସ୍ତୁରବା ଗାନ୍ଧୀ ଜାତୀୟ ସ୍ମାରକ ଟ୍ରଷ୍ଟ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ଓଡ଼ିଶା ପୁର୍ନଗଠନ ରାଜ୍ୟସ୍ତରୀୟ ଯୁବ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜାତୀୟ ଯୁବ ପ୍ରକଳ୍ପ ଓଡ଼ିଶାର ଆବାହାକ ମଧୁସୂଦନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲୋକ ସେବକ ମଣ୍ଡଳର ଆଜୀବନ ସଦସ୍ୟ ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ ଯୁବକମାନଙ୍କ ଆଗାମୀ ଜୀବନ ଗଠନରେ ଏହି ଶିବିର ସହାୟକ ହେବ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଝାରସୁଗୁଡ଼ା ଜିଲା ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ବିକାଶ ଦାସ ଯୋଗଦେଇ ଯୁବକମାନେ ଦେଶର ଭବିଷ୍ୟତ। ଏଭଳି ଶିବିର ସେମାନଙ୍କ ଶାରିରୀକ, ମାନସିକ ଏବଂ ଚାରିତ୍ରିକ ପରିବର୍ତ୍ତନରେ ସହାୟକ ହେବ ବୋଲି କହିଥିଲେ। ବରେଣ୍ୟ ଅତିଥିଭାବେ ସିଓ୍ୱାଇଏସ୍‌ଡିର ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ, ଅନ୍ୟତମ ବରେଣ୍ୟ ଅତିଥି ଭାବେ ପୂର୍ବତଟ ରେଳପଥର ପ୍ରାକ୍ତନ ଲୋକ ସମ୍ପର୍କ ଅଧିକାରୀ ନିରାକାର ଦାସ, ସମ୍ମାନିତ ଅତିଥି ଭାବେ ନେହରୁ ଯୁବ କେନ୍ଦ୍ରର ଉପନିର୍ଦ୍ଦେଶକ ଅଶୋକ କୁମାର ଦାସ, ଡ. ମଧୁସ୍ମିତା ଦାସ, ସୁନନ୍ଦା ପ୍ରଧାନ, ଏନ୍‌ଏସ୍‌ଏସ୍‌ର ରାଜ୍ୟ ସଂଯୋଜକ ଡ. ବିଶ୍ୱମୋହନ ଜେନା, କସ୍ତୁରବା ଗାନ୍ଧିଜାତୀୟ ସ୍ମାରକ ଟ୍ରଷ୍ଟର ପ୍ରତିନିଧି ସନ୍ଧ୍ୟାରାଣୀ ମଲ୍ଲିକ ପ୍ରମୁଖ ଯୋଗଦେଇ ଥିଲେ। ଶିବିରର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଭେଷଜ ବିଭାଗୀୟ ମୁଖ୍ୟ ଡ. ଜୟନ୍ତ ପଣ୍ଡା ଯୋଗଦେଇ ଓଡ଼ିଶା ପୂନର୍ଗଠନରେ ଯୁବଶକ୍ତି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗାନ୍ଧିବାଦୀ ତଥା ଗ୍ରନ୍ଥକାର ପ୍ରହଲ୍ଲାଦ ସିଂହ, ସମ୍ମାନିତ ଅତିଥି ଭାବେ ମୃତ୍ୟୁଞ୍ଜୟ କର, ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଅନ୍ୱୟ ଅଭିନବ ଏବଂ ଓଡ଼ିଶା ପ୍ରାଇଡ୍‌ର ପ୍ରତିଷ୍ଠାତା ମାନସ ଦାସ ଯୋଗଦେଇଥିଲେ। ଶିବିରରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ୮୫ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଶ୍ୱରଞ୍ଜନ ସାହୁ, ପ୍ରକାଶ ଚନ୍ଦ୍ର ମହାପାତ୍ର, ସରୋଜ କୁମାର ମାଝି,ପ୍ରଭାସ କୁମାର ମହାପାତ୍ର ଓ ଅନନ୍ୟା ସାହୁପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଝିଙ୍କ ଉଦ୍ଧାର କରି ସଂରକ୍ଷିତ ଜଙ୍ଗଲରେ ଛାଡ଼ିଲା ବନବିଭାଗ

**ଖୋର୍ଦ୍ଧା,୧୫।୧(ପ୍ରଭାତ ପାଣିଗ୍ରାହୀ):** ଦିନକୁ ଦିନ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ଏହାର ପ୍ରଭାବ ଜୀବଜଗତ ଉପରେ ପଡୁଛି। ଖାଦ୍ୟ ଅଭାବରୁ ବନ୍ୟଜନ୍ତୁ ଗାଁମୁହାଁ ହେଉଛନ୍ତି। ସୋମବାର ବୋଲଗଡ଼ ବନାଞ୍ଚଳ ମାଣିବନ୍ଧ ଗ୍ରାମରୁ ଏକ ୪ଫୁଟ ଲମ୍ବର ୫ ବର୍ଷର ଝିଙ୍କକୁ ବନବିଭାଗ ଉଦ୍ଧାର କରିଛି। ସକାଳେ ମାଣିବନ୍ଧ ଗ୍ରାମର ଗଜେନ୍ଦ୍ର ଖଟୁଆଙ୍କ ଘରେ ଝିଙ୍କଟି ପଶି ଧାନ ଚାଉଳ ଖାଉଥିଲା। ଏହା ଦେଖି ଗଜେନ୍ଦ୍ରଙ୍କ ପରିବାର ଲୋକ ପାଟି କରିଥିଲେ। ଏନେଇ ଗ୍ରାମବାସୀ ବୋଲଗଡ ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କୁ ଖବର ଦେଇଥିଲେ। ଖବରପାଇ ବନପାଳ ପଟ୍ଟନାୟକ ଏବଂ ବନରକ୍ଷକ ଅରୂପ ବେହେରା ଟିମ୍ ସହିତ ପହଞ୍ଚି ଝିଙ୍କଟିକୁ ଉଦ୍ଧାର କରିବା ପରେ ସ୍ଥାନୀୟ ସଂରକ୍ଷିତ ଜଙ୍ଗଲରେ ଛାଡିଥିଲେ।

### ୩ ସାମାଜିକକର୍ମୀଙ୍କ ପରଲୋକ

**ବୋଲଗଡ,୧୫।୧(ଦେବବ୍ରତ ହୋତା)** ବୋଲଗଡ଼ ବ୍ଲକ ଅଞ୍ଚଳର ୩ଜଣ ସାମାଜିକ କର୍ମୀଙ୍କ ପରଲୋକ ହୋଇଯାଇଛି। ବୋଲଗଡ ପଞ୍ଚାୟତ ମର୍ଦାବାଡ଼ି ଗ୍ରାମର ଆଦର୍ଶ ଶିକ୍ଷକ ବାଲ୍ମୀକି ବଳିୟାରସିଂଙ୍କ ରବିବାର ରାତିରେ ହୃଦଘାତରେ ପରଲୋକ ଘଟିଛି। ବିଭିନ୍ନ ଅନୁଷ୍ଠାନ ସହ ସେ ଜଡିତ ଥିଲେ। ସେ ଏକାଧାରରେ ଜଣେ କବି, ସମାଜସେବୀ, ପରୋପକାରୀ ବ୍ୟକ୍ତି ଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସେହିପରି ମାଣିକାଗୋଡା ଚଣ୍ଡୀପାଟଣାର ବୈକୁଣ୍ଠ ଚରଣ ପୃଷ୍ଟିଙ୍କ ସୋମବାର ପରଲୋକ ହୋଇଯାଇଛି। ସେ ଦଳାଇସାହି ଗ୍ରାମପଞ୍ଚାୟତର ଜଣେ ଜନପ୍ରିୟ ସରପଞ୍ଚ ଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ପଞ୍ଚାୟତର ଅନେକ ବିକାଶ ହୋଇଥିଲା। ତାଙ୍କ ମୃତ୍ୟୁରେ ଚଣ୍ଡିପାଟଣା ମୌଜା ସଭାପତି ଇଂ.କର୍ପୂର ସାହୁ, ଦଳାଇସାହି ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟା, ସାମାଜିକ କର୍ମୀ ଭୀମସେନ ଦଳାଇ, ଶରତ କୁମାର ଦଳାଇ, ବୁଦ୍ଧିଜୀବୀ ରାଧାଚରଣ ପୃଷ୍ଟି, ଶ୍ୟାମ ସୁନ୍ଦର ଦଳାଇ, ଶିକ୍ଷକ ଶରତ ଚନ୍ଦ୍ର ସାହୁ, ଜୟକୃଷ୍ଣ ରାଉତରାୟ, କ୍ଷେତ୍ରମୋହନ ସୁବୁଦ୍ଧି, ମନୋରଞ୍ଜନ ମହାପାତ୍ର ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଅନୁରୂପ ଭାବେ ବୋଲଗଡ଼ ବ୍ଲକ ସାଗରଗୁଆଁ ପଞ୍ଚାୟତର ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର କୁମାର ଅଟଙ୍କ ପରଲୋକ ହୋଇଯାଇଛି। ସେ ଜଣେ ସାମାଜିକକର୍ମ ତଥା ସମବାୟ ପ୍ରେମୀ ଭାବେ ଅଞ୍ଚଳରେ ଜଣାଶୁଣା ଥିବା ବେଳେ ସ୍ଥାନୀୟ ସମବାୟ ସମିତିର ସଭାପତି ମଧ୍ୟ ଥିଲେ। ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର, କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ବିଜେଡି ନେତା ପ୍ରଦୀପ ସାହୁ, କଂଗେସ ଯୁବନେତା ସଦାଶିବ ମହାପାତ୍ର ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ବୋଲଗଡ଼ ବ୍ଲକ ଅଞ୍ଚଳରେ କଂଗ୍ରେସ ସଙ୍ଗଠନକୁ ଦୃଢ଼ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମାସିକିଆ ବଟିଦେଇ ଖଣିରୁ ଲୁଟ୍

**ଖୋର୍ଦ୍ଧା,୧୫।୧(ପ୍ରଭାତ ପାଣିଗ୍ରାହୀ** ଖୋର୍ଦ୍ଧା ଜିଲାରେ ଖଣି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ମାଫିଆମାନେ ବେଆଇନଭାବେ ପାହାଡ଼ ଖନନ କରିବା ସହ ଦୈନିକ ଶହ ଶହ ଟ୍ରକରେ ଲଘୁ ଖଣିଜ ସମ୍ପଦ ଜିଲା ତଥା ଜିଲା ବାହାରକୁ ଚାଲାଣ କରୁଛନ୍ତି। ମାଙ୍କଡ଼ା ପଥର, ମୋରମ, କଳାମୁଗୁନି ପଥର, ବଉଳାମାଳା ପଥର ଆଦି ଚାଲାଣ ହେଉଛି। ପ୍ରଶାସନର ଚଢ଼ାଉ ଏବଂ ଜରିମାନା ଆଦାୟ ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ। ଅନ୍ୟପଟେ ଚୋରାଚାଲାଣ ରୋକିବା ପରିବର୍ତ୍ତେ ମୋଟା ଅଙ୍କ ନେଇ ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀ ସେମାନଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛନ୍ତି। ମାସିକିଆ ବଟି ଦେଇ ଖଣି ମାଫିଆ ନିର୍ଭୟରେ ଖଣି ଲୁଟ୍ କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି।

ପ୍ରକାଶ ଯେ, ଶ୍ରୀମନ୍ଦିର ପ୍ରଶାସନର ଜମି, ସରକାରୀ ଏବଂ ଗୋଚର ଜମି ଉପରେ ଖଣି ମାଫିଆଙ୍କ ନଜର ରହିଛି। ପାୱାର ଟ୍ରିଲର, ମେଶିନ ସାହାର୍ଯ୍ୟରେ ଏକର ଏକର ଜମିରୁ ମାଙ୍କଡ଼ା ପଥର କାଟି ନେବା ସହ ମୋରମ ଚାଲାଣ କରୁଛନ୍ତି। ଏପରିକି କାଜୁ ଜଙ୍ଗଲରୁ ମୋରମ, ମାଙ୍କଡା ଚାଲଣ କରୁଛନ୍ତି। ତାପଙ୍ଗ ମୁଣ୍ଡିଆ, ଟାଙ୍ଗୀ ଆରିଆପଡ଼ା ବୃଷବନ୍ଧ ପାହାଡ଼, ୧୬ନଂ. ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ରହିଥିବା ପାହାଡ଼କୁ ନଣ୍ଡା କରିସାରିଲେଣି। ଏପରିକି ରାଜପଥ ସମ୍ପ୍ରସାରଣ ଆଳରେ ଠିକାଦାରମାନେ ପଥର ଏବଂ ମୋରମ ଚାଲାଣ କରୁଛନ୍ତି। ଜାତୀୟ ରାଜପଥ ଗଳାବାଟ ସାଜିଥିବା ବେଳେ ରାତିସାରା ହାଇୱା, ଟ୍ରକରେ ଚାଲାଣ କରାଯାଉଛି। ଖୋର୍ଦ୍ଧାଠାରୁ ଟାଙ୍ଗୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ପାହାଡ଼ କଟାଯିବାରୁ ରାସ୍ତା ଖାଲଖମା ହୋଇ ବର୍ଷା ହେଲେ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ମେଶିନ, ଯନ୍ତ୍ରପାତି ଏବଂ ବିଭିନ୍ନ ପଥର ବୋଝେଇ ଟ୍ରକ ଜବତ କରାଯିବା ସହ ଜରିମାନା ଆଦାୟ କରାଯାଉଛି। ହେଲେ ଚଢ଼ାଉ ପୂର୍ବରୁ ସୂଚନା ପାଇ ଖଣି ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଉଛନ୍ତି। ଫଳରେ ପ୍ରଶାସନ ଖାଲି ହାତରେ ଫେରୁଛି। ତେବେ ଚଢ଼ାଉ ପୂର୍ବରୁ କିପରି ମାଫିଆମାନେ ସୂଚନା ପାଉଛନ୍ତି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରୁ ଏକାଧିକ ଗ୍ରାମବାସୀ ଜିଲା ପ୍ରଶାସନର କାର୍ଯ୍ୟାଳୟକୁ ଦୌଡୁଛନ୍ତି। ବେଆଇନ ପଥର ଖନନ, ବ୍ଲାଷ୍ଟିଂ, ପଥର ଚାଲାଣ ରୋକିବା ସହ ଗୋଚର, ଶ୍ରୀମନ୍ଦିର ପ୍ରଶାସନ ଜମିକୁ ସୁରକ୍ଷା ଦିଆଯାଉ ବୋଲି ଦାବି କରୁଛନ୍ତି। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଉଛି। କିନ୍ତୁ ଏଥିରେ କୌଣସି ଫରକ ପଡୁନାହିଁ। ରାଜନେତା ଏବଂ ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀଙ୍କ ଛତ୍ରଛାୟା ତଳେ ଖଣି ମାଫିଆଙ୍କ ରାଜୁତି ଚାଲିଛି ବୋଲି ଚର୍ଚ୍ଚା ହେଉଛି। ଖୋର୍ଦ୍ଧା ଅଞ୍ଚଳରେ ଥିବା ପଥର ଖଣି, ମାଙ୍କଡା ଚାଲାଣ ବାବଦକୁ ଦୈନିକ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଚାଲାଣ ହେଉଛି। ଖଣି ମାଫିଆଙ୍କ ଉପରେ ରୋକ ଲଗା ନ ଗଲେ ଆଗାମୀ ଦିନରେ ଲଘୁ ଖଣିଜ ସମ୍ପଦ ଲୋପ ପାଇଯିବ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ଲଘୁ ଖଣିଜ ଚୋରା ଚାଲାଣ ରୋକିବା ପାଇଁ ଗୁରୁତ୍ୱ ଦିଆଯାଇଛି। ବେଆଇନଭାବେ ଚାଲିଥିବା ପଥର ଖଣି ଏବଂ କ୍ରସର ୟୁନିଟ ଉପରେ ଚଢ଼ାଉ କରାଯାଉଛି। ଚୋରାଚାଲାଣରେ ବ୍ୟବହାର ଯାନବାହନ ଧରାପଡିଲେ ଜରିମାନା ସହ ଏହାର ଲାଇସେନ୍ସ ମଧ୍ୟ ରଦ୍ଦ କରାଯିବ। ଚୋରାଚାଲାଣକୁ ପ୍ରଶ୍ରୟ ଦିଆଯିବ ନାହିଁ। ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରାଯାଇ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ ସହ ଥାନାରେ ଏକାଧିକ ମାମଲା ରୁଜୁ ହୋଇଛ ବୋଲି ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି।

## ଖଣି ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ


ଆହତ ଜଗନ ବେହେରା


ଭାଙ୍ଗିଯାଇଥିବା କାର୍।

**ଖୋର୍ଦ୍ଧା,୧୫।୧(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ଗୁଡୁମ ପଥର ଖଣିରେ ରବିବାର ରାତିରେ ଚଢ଼ାଉ ବେଳେ ମାଇନିଂ(ଖଣି) ଅଧିକାରୀ ଜଗନ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିସହ ତାଙ୍କ କାରକୁ ଭାଙ୍ଗି ଚୁରମାର କରିଦେଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଜଗନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଗୁଡୁମ ପଥର ଖଣିରେ କିଛିଦିନ ହେବ ରାତିରେ ବେଆଇନଭାବେ ପଥର ଚାଲାଣ ହେଉଥିବା ନେଇ ଅଭିଯୋଗ ହେଉଥିଲା। କୌଣସି ସୂତ୍ରରୁ ଖବରପାଇ ଜଗନ ରବିବାର ରାତିରେ ଚଢ଼ାଉ କରିଥିଲେ। ଏହି ସମୟରେ ମୋରମ, ପଥର ଚୋରାଚାଲାଣ ହେଉଥିଲା। ଜଗନ ଆବଶ୍ୟକ ଡକ୍ୟୁମେଣ୍ଟ ଦେଖାଇବାକୁ କହିଥିଲେ। ଏହି ସମୟରେ ୭ରୁ ୮ଜଣ ଖଣି ମାଫିଆ ତାଙ୍କ କାରକୁ ଭାଙ୍ଗିବା ସହ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ଜଗନ ସେଠାରୁ ଖସିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ଗୋଡାଇ ଗୋଡାଇ ମାଡ଼ ମାରି ରାସ୍ତାପାର୍ଶ୍ୱକୁ ଫିଙ୍ଗି ମାଫିଆମାନେ ସେଠାରୁ ଫେରାର ହୋଇଯାଇଥିଲେ।

## ହକ୍ ଦାବିରେ ଅନଶନ କରିବେ ପ୍ରଫୁଲ୍ଲ

**କୃଷ୍ଣପ୍ରସାଦ,୧୫।୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଟିଟିପରେ ଥିବା ଜଗାବଳିଆ ଧନ୍ଦାମୂଳକ ଉଚ୍ଚ ବିଦ୍ୟାଳୟରେ ତୃତୀୟ ପିଅନଙ୍କୁ ବହିଷ୍କାର ନେଇ ଅନଶନ କରିବେ ପ୍ରଫୁଲ୍ଲ ଜେନା। ଅଭିଯୋଗ ମୁତାବକ, ପ୍ରଫୁଲ୍ଲ ଜେନାଙ୍କୁ ଉକ୍ତ ବିଦ୍ୟାଳୟରେ ତୃତୀୟ ପିଅନଭାବେ ୨୭.୬.୧୯୯୪ ରେ ନିଯୁକ୍ତି ଦିଆଯାଇଥିଲା। କୌଣସି କାରଣ ନ ଥାଇ ତାଙ୍କୁ ୨୧.୯.୨୦୦୯ରେ କାର୍ଯ୍ୟରୁ ବହିଷ୍କାର କରାଯିବା ସହ ଅନ୍ୟ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ଫଳରେ ପ୍ରଫୁଲ୍ଲ ଆଇନର ଆଶ୍ରୟ ନେଇଥିଲେ। ପ୍ରଫୁଲ୍ଲଙ୍କୁ ପୁନଃ ନିଯୁକ୍ତି ପାଇଁ କୋର୍ଟ ୨୭.୧୦.୨୦୧୦ ରେ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ଆଦେଶକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅବମାନନା କରିବାରୁ ପ୍ରଫୁଲ ପୁନର୍ବାର କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଦୀର୍ଘ ବର୍ଷ ଅପେକ୍ଷା ପରେ କୋର୍ଟ ୨.୧୨.୨୦୨୩ ରେ ୨୦୧୦ ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀ ପ୍ରଧାନ ଶିକ୍ଷକଙ୍କୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। ୭ଦିନ ମଧ୍ୟରେ କୋର୍ଟର ଆଦେଶକୁ କାର୍ଯ୍ୟକାରୀ ନ ହେଲେ ବିଦ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ପ୍ରଫୁଲ୍ଲ କହିଛନ୍ତି।

## 'ପରିଚୟ ସୃଷ୍ଟି କରିବ ଗୁଣାତ୍ମକ ଶିକ୍ଷା'


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

**ବୋଲଗଡ଼,୧୫।୧(ଦେବବ୍ରତ ହୋତା)** ବୋଲଗଡ଼ ବ୍ଲକ ଅନ୍ତର୍ଗତ ଟାଙ୍ଗୀସାହି ସ୍ଥିତ ସରକାରୀ ରଘୁନାଥ ମଧୁସୂଦନ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ଶିକ୍ଷାବିତ୍ ଡ.ଗଣେଶ୍ୱର ସ୍ୱାଇଁ ଓ ସମ୍ମାନିତ ଅତିଥି ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ସମିତିସଭ୍ୟ ପ୍ରଦୀପ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ବିଜୟ ପ୍ରଧାନ, ପ୍ରଭାକର ସାହୁ, ବାସୁଦେବ ବେହେରା, ସତ୍ୟବାଦୀ ଦାସ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ସ୍ୱାଇଁ, ସ୍କୁଲ ପରିଚାଳନା କମିଟି ସଭାପତି ଶେଷଦେବ ସ୍ୱାଇଁ, ଆଲୁମ୍‌ନି କମିଟି ସଭାପତି ବାସୁଦେବ ସାମନ୍ତରାୟ, ବାଲ୍ମୀକି ବଳିୟାରସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାନାମ୍ବର ମାଝୀ ପ୍ରମୁଖ ଯୋଗଦେଇଥିଲେ।

କାର୍ଯ୍ୟକ୍ରମ ଉଦ୍‌ଘାଟନ ପରେ ଗୀତାଞ୍ଜଳି ମହାପାତ୍ର, ମିଳନ ସାହୁଙ୍କ ମିଳିତ ସହଯୋଗରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରତିଭା ରଣସିଂହ ବେଦ ପାଠ କରିଥିଲେ। ଶିକ୍ଷକ ମୁନା ଖଟୁଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ହିମାଦ୍ରି ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷକ ରବୀନ୍ଦ୍ରନାଥ ସେନାପତି, ପ୍ରଭାତ କୁମାର ନିଶଙ୍କ, ଶିକ୍ଷୟିତ୍ରୀ ମାନସୀବାଳା ସାହୁ, ବିନୋଦିନୀ ସାହୁ, ସୌଦାମିନୀ ଦାସ, ସରସ୍ୱତୀ ସାହୁ ଏବଂ କର୍ମଚାରୀ ବୁଦ୍ଧିବାମନ ଭୋଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗୁଣାତ୍ମକ ଶିକ୍ଷାର ଲକ୍ଷ୍ୟ ହେଉଛି ନିଜର ପରିଚୟ ସୃଷ୍ଟି କରିବା ବୋଲି ମୁଖ୍ୟ ବକ୍ତା ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷା ବିକାଶର ଚାବିକାଠି ଏବଂ ମା' ପ୍ରାଥମିକ ଶିକ୍ଷାର ଅନୁଷ୍ଠିଶାଳ ବୋଲି ମୁଖ୍ୟ ଅତିଥି ସାହୁ କହିଥିଲେ। ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଏ-୧ ଗ୍ରେଡରେ ପାସ କରିଥିବା ସ୍ୱୟଂଶ୍ରୀ ପ୍ରିୟଦର୍ଶିନୀଙ୍କୁ ମୁଖ୍ୟ ଅତିଥି ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିବା ବେଳେ ପୂର୍ବତନ ପ୍ରଧାନଶିକ୍ଷକ ବାସୁଦେବ ବେହେରା ୫ଶହ ଟଙ୍କା ପ୍ରଦାନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ସାହୁ ଧନ୍ୟବାଦ ଦେଇଥିଲେ।

## ୧୬ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

**କାକଟପୁର/ଅସ୍ତରଙ୍ଗ,୧୫।୧ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ ଦୀକ୍ଷିତ)**

ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଥାନା ଅଧୀନ ବାଲିଶିରିଆ ଗ୍ରାମର ଜଳେଶ୍ୱରୀ ମନ୍ଦିର ସାମ୍ନାରୁ ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ କାକଟପୁର ଥାନା ଅଞ୍ଚଳର ପ୍ରକାଶ ସାହୁ(୪୬)। ତାଙ୍କ ପାଖରୁ ପୋଲିସ ୧୬ କିଲୋ ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୧ ଲକ୍ଷ ୬୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏନେଇ ପୋଲିସ ୧୬୧/୨୩-୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ପ୍ରକାଶଙ୍କୁ ନିମାପଡ଼ା ଉପ-କାରାଗାରକୁ ପଠାଇ ଦିଆଯାଇଛି। ଚଢ଼ାଉରେ ଅବକାରୀ ଏଏସ୍ଆଇ ଜିତେନ୍ଦ୍ର ବେହେରା, ତପନ ପ୍ରଧାନ, ସ୍ୱାଗତିକା ଘେଡ଼େଇ ପ୍ରମୁଖ ସାମିଲ ଥିଲେ।

## ଅମଳ ଧାନ ଖାଇଦେଲେ ହାତୀପଲ

**ନିରାକାରପୁର,୧୫।୧(ମାନସ ଚନ୍ଦ୍ର ପଟ୍ଟନାୟକ)** ଟାଙ୍ଗୀ ବନାଞ୍ଚଳ ଅଧୀନ ଭୂଷଣ୍ଡପୁର, ନୂଆଗଡ, କମାଗୁରୁ, ଛଣଗିରି, ଓଳସିଂ, ଗୋଡିପଡା, ଜଙ୍କିଆ, ରାମେଶ୍ୱର, ଗୋଳବାଇ ନିରାକାରପୁର ଆଦି ପଞ୍ଚାୟତ ଅଞ୍ଚଳରେ ହାତୀଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ସନ୍ଧ୍ୟାହେଲେ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ରବିବାର ରାତିରେ ଖୋର୍ଦ୍ଧା ବ୍ଲକ ଓରବରସିଂ ପଞ୍ଚାୟତ ଅଧୀନ ତେନ୍ତୁଳିମୂଳ ଗ୍ରାମର ଅମଳ ହୋଇ ଖଳାରେ ଥିବା ୧୧୨ବସ୍ତା ଧାନକୁ ହାତୀପଲ ଖାଇବା ସହ ଦଳଚକଟି ନଷ୍ଟ କରିଦେଇଛନ୍ତି। ଏନେଇ ଚାଷୀ ହରି ବଳିୟାରସିଂହ, ରୋହିତ ଛୋଟରାୟ, ପ୍ରସନ୍ନ ବଳିୟାରସିଂହ, ତୋଫାନ ଶ୍ରୀଚନ୍ଦନ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାଶ କହିଛନ୍ତି, ଯେଉଁ ଚାଷୀଙ୍କ ହାତୀପଲ ଧାନ ଖାଇଛନ୍ତି ସେମାନେ କ୍ଷତିପୂରଣ ପାଇଁ ଅନଲାଇନ ମାଧ୍ୟମରେ ଆବେଦନ କରିବେ। ଏହା ପରେ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ସରକାରୀ ନିୟମଅନୁଯାୟୀ କ୍ଷତିପୂରଣ ଦିଆଯିବ। ଗତ ଦୁଇ ମାସ ମଧ୍ୟରେ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଚାଷୀ କ୍ଷତିପୂରଣ ପାଇଁ ଆବେଦନ କରିଥିଲେ। ବନବିଭାଗ ପକ୍ଷରୁ ତଦନ୍ତ ପରେ କ୍ଷତିପୂରଣ ଦିଆଯାଇଛି ବୋଲି ସେ କହିଛନ୍ତି।


ହାତୀପଲ ନଷ୍ଟ କରିଥିବା ଧାନ।

## ଶିକ୍ଷା, କ୍ରୀଡ଼ା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ

**ବୋଲଗଡ଼,୧୫।୧(ଦେବବ୍ରତ ହୋତା)** ବୋଲଗଡ଼ ବ୍ଲକ ଧଳାପଥର ନିକଟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଦୁଇଦିନ ଧରି ଦ୍ୱାଦଶ ବାର୍ଷିକ କ୍ରୀଡ଼ା ଉତ୍ସବ କଳାପଥର ଧଳାପଥର ଉଚ୍ଚବିଦ୍ୟାଳୟର ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ରଙ୍କ ଆବାହକତ୍ୱ ଓ ସଭାପତି ଭାବଗ୍ରାହୀ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ମହାପାତ୍ର ଶିକ୍ଷା ଓ କ୍ରୀଡ଼ା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଏବଂ ବିଦ୍ୟାର୍ଥୀଙ୍କ ଶାରିରୀକ ଓ ମାନସିକ ବିକାଶ କରିଥାଏ ବୋଲି କହିଥିଲେ। ସମ୍ପାଦିକା ଜୟନ୍ତୀ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷାଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷକ ରଞ୍ଜନ କୁମାର ସାହୁ, ଭବାନୀ ଶଙ୍କର ପ୍ରଧାନ, ଶିକ୍ଷୟିତ୍ରୀ ଶୁଭସ୍ମିତା ରାଉତ, ସୋନାଲି ପ୍ରଧାନ, ସ୍ନେହଲତା ସାହୁ, ରୋଜାଲିନ ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ସାହୁ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

## ମୋଟା ପ୍ରିମିୟର ଲିଗ୍ ଜିତିଲା ଖିଲାମୁଣ୍ଡା ୱାରିୟର୍ସ

**ନିରାକାରପୁର,୧୫।୧(ମାନସ ଚନ୍ଦ୍ର ପଟ୍ଟନାୟକ)** ଖୋର୍ଦ୍ଧା ଜିଲା ଗୋଡ଼ିପଡ଼ା ପଞ୍ଚାୟତ ଅନ୍ତର୍ଗତ ମୋଟା ଖେଳପଡ଼ିଆରେ ଚାଲିଥିବା ମୋଟା ପ୍ରିମିୟର ଲିଗ୍ ସିଜନ-୨ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଖିଲାମୁଣ୍ଡା ୱାରିୟର୍ସ ଚାମ୍ପିୟନ ହୋଇଛି। ସୋମବାର ଫାଇନାଲ ମ୍ୟାଚ୍ ମା'ଭଗବତୀ ଲାୟନ୍ସ ଓ ଖିଲାମୁଣ୍ଡା ୱାରିୟର୍ସ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଖିଲାମୁଣ୍ଡା ୱାରିୟର୍ସ ଟିମ୍ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୫ରନ ସଂଗ୍ରହ କରିଥିଲା। ଜବାବରେ ଭଗବତୀ ଲାୟନ୍ସ ଟିମ୍ ୧୧.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଖିଲାମୁଣ୍ଡା ୱାରିୟର୍ସ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ବିକାଶ ପଟ୍ଟନାୟକ ଓ ବିନାୟକ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ଚାମ୍ପିୟନ ଓ ରନରଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଯିଶୁ, ଉମେଶ, ଟିକୁନ, ପିଙ୍କୁ, ମିଟୁ, ଲାଲା, ଦୀପକ, ଅଖୁ, ସନ୍ତୁ, ଦୀପକ, କେଶବ, ରଞ୍ଜନ, ରଘୁ, ମାନିଆ, ପିଣ୍ଟୁ, ଟିକି, ଫକୁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳି ଏବଂ ଅନ୍ୟମାନେ।

## ମହମ୍ମଦ ସ୍ପୋର୍ଟ୍ସ ବାଲୁଗାଁ ଚାମ୍ପିୟନ

### ମହାବୀର କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ନିରାକାରପୁର,୧୫।୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନୂଆଗଡ ପଞ୍ଚାୟତ ହରିପୁର ଖେଳପଡ଼ିଆରେ ଚାଲିଥିବା ମହାବୀର କ୍ରିକେଟ କ୍ଲବ ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟରେ ମହମ୍ମଦ ସ୍ପୋର୍ଟ୍ସ ବାଲୁଗାଁ ଚାମ୍ପିୟନ ହୋଇଛି। ସୋମବାର ଫାଇନାଲ ମ୍ୟାଚ୍ ମହମ୍ମଦ ସ୍ପୋର୍ଟ୍ସ ବାଲୁଗାଁ ଓ ମହାବୀର କ୍ରିକେଟ କ୍ଲବ ହରିପୁର ମଧ୍ୟରେ ହୋଇଥିଲା। ଟସ୍ ଜିତି ମହମ୍ମଦ ସ୍ପୋର୍ଟ୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ବିନିମୟରେ ୧୩୫ ରନ ସଂଗ୍ରହ କରିଥିଲା। ଜବାବରେ ମହାବୀର କ୍ରିକେଟ କ୍ଲବ ୧୦.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ନ ପାରି ପରାଜିତ ହୋଇଥିଲା। ଫଳରେ ମହମ୍ମଦ ସ୍ପୋର୍ଟ୍ସ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ପ୍ରକାଶ ପ୍ରଧାନ ଓ ବଳଭଦ୍ର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅତିଥିଭାବେ ସ୍ଥାନୀୟ ସରପଞ୍ଚ ରଘୁ ମାଝୀ, ଗୀତାଞ୍ଜଳି ପାଟଶାଣୀ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନରଅପ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଉମାକାନ୍ତ ଶତପଥୀ, ଓମ୍‌ପ୍ରକାଶ ବେହେରା, ସୋମନାଥ ବେହେରା, ସୌମ୍ୟରଞ୍ଜନ ପ୍ରଧାନ, ଅନିଲ କୁମାର ପ୍ରଧାନ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

## ଜୟକୃଷ୍ଣ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବୋଲଗଡ଼,୧୫।୧(ଦେବବ୍ରତ ହୋତା)** ବୋଲଗଡ଼ ବ୍ଲକ ଅନ୍ତର୍ଗତ ମଣିକାଗୋଡ଼ା ଗ୍ରାମର ଦିବଂଗତ ସେନା କର୍ମଚାରୀ ଜୟକୃଷ୍ଣ ଦଳାଇଙ୍କ ସ୍ମୃତିରେ ଜୟକୃଷ୍ଣ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ହାଟସାହି ସ୍ଥିତ ହୀରାଧର ଖେଳପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ହାଟସାହିର ବେଲବାୟାଣୀ କ୍ରିକେଟ କ୍ଲବ (ବିସିସି) ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସୋମବାର ଦୁଇଟି ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ଉଦ୍‌ଘାଟନୀ ମ୍ୟାଚ୍ ବିରୁଡ଼ା କ୍ରିକେଟ କ୍ଲବ ଓ ମର୍ଦ୍ଦରାଜପୁର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିବା ବେଳେ ବିରୁଡା କ୍ଲବ ବିଜୟୀ ହୋଇଛି। ମୁଖ୍ୟ ଅତିଥିଭାବେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଯୋଗଦେଇ ଏହି ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ତ୍ରିନାଥ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ଅଜିତ ପଟ୍ଟନାୟକ, ଖବରଦାତା ଗଙ୍ଗାଧର ଦାସ, ଅକ୍ଷୟ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ସାଲୁଣି କ୍ରିକେଟ କ୍ଲବ ଓ କୁହାରା କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ସାଲୁଣୀ ଟିମ୍ ବିଜୟୀ ହୋଇଛି। ଜୟ ପ୍ରକାଶ ମହାପାତ୍ର, ପୁଷ୍ପ ରଞ୍ଜନ ବିଶ୍ୱାଳ, ଅଜିତ୍ କୁମାର ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ଅଭିମନ୍ୟୁ ଦଳାଇ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁଟୁ ଦଲେଇ, ଆଦିତ୍ୟ କୁମାର ପଟ୍ଟନାୟକଙ୍କ ସମେତ ବିସିସି ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।



## ପୂଜାପଣ୍ଡା ସେବାୟତଙ୍କ ପରଲୋକ

ସାକ୍ଷୀଗୋପାଳ,(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ) : ସାକ୍ଷୀଗୋପାଳ ମନ୍ଦିରର ବୟୋଜ୍ୟୋଷ୍ଠ ପୂଜାପଣ୍ଡା ସେବାୟତ ରଘୁନାଥ ମହାପାତ୍ରଙ୍କର ସୋମବାର ପରଲୋକ ଘଟିଛି। ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟ ଯୋଗୁ ସେ ରୋଗାକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ହେଲା ସେ ଠାକୁରଙ୍କ ସେବା କରୁଥିଲେ। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ସେବାୟତ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଥିଲା। ସାକ୍ଷୀଗୋପାଳଙ୍କ ରୋଷଚୁଲାରୁ ଅଗ୍ନି ସଂଗ୍ରହ କରାଯାଇ ସ୍ୱର୍ଗଦ୍ୱାର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଏକମାତ୍ର ପୁତ୍ର ବିଜୟ କୁମାର ମହାପାତ୍ର ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୬ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

**କାକଟପୁର/ଅସ୍ତରଙ୍ଗ/ନିମାପଡ଼ା , ୧୫ା୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ/ ବିଚିତ୍ରାନନ୍ଦ ସାହୁ):** ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଥାନା ଅଧୀନ ବାଲିଶିରିଆ ଗ୍ରାମର ଜଳେଶ୍ୱରୀ ମନ୍ଦିର ସାମ୍ନାରୁ ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ କାକଟପୁର ଥାନା ଅଞ୍ଚଳର ପ୍ରକାଶ ସାହୁ(୪୬)। ତାଙ୍କ ପାଖରୁ ପୋଲିସ ୧୬ କିଲୋ ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୧ ଲକ୍ଷ ୬୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏନେଇ ପୋଲିସ ୧୬୧/୨୩-୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ପ୍ରକାଶଙ୍କୁ ନିମାପଡ଼ା ଉପ-କାରାଗାରକୁ ପଠାଇ ଦିଆଯାଇଛି। ଚଢ଼ାଉରେ ଅବକାରୀ ଏଏସ୍ଆଇ ଜିତେନ୍ଦ୍ର ବେହେରା, ତପନ ପ୍ରଧାନ, ସ୍ୱାଗତିକା ଘେଡ଼େଇ ପ୍ରମୁଖ ସାମିଲ ଥିଲେ।

### ୨ ଫେରାର ଅଭିଯୁକ୍ତ ଗିରଫ

**ନିମାପଡ଼ା,୧୫ା୧(ବିଚିତ୍ରାନନ୍ଦ ସାହୁ):** ନିମାପଡ଼ା ପୋଲିସ ପକ୍ଷରୁ ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଧୀନ ଭିଲିଗ୍ରାମର ଦିବ୍ୟଜିତ୍ ପଲେଇ, ନୁଆରକରି ଗ୍ରାମର କାଳନ୍ଦୀ ଭୋଇ। ସେହିପରି ପୋଲିସ ଅଚାନକ ଚଢ଼ାଉ କରି ଗତ ସପ୍ତାହେ ମଧ୍ୟରେ ୧୦ ଜଣ ଫେରାର ଆସାମୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏହି ଫେରାର ଅଭିଯୁକ୍ତମାନେ ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ଥାଇ ପୋଲିସ ଆଖିରେ ଧୂଳିଦେଇ ବୁଲୁଥିଲେ। ପୁରୀ ଜିଲା ଏସ୍‌ପି ଡ. କନୱାର ବିଶାଳ ସିଂଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ପ୍ରଭାତ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇଆଇସି ବାମଦେବ ସ୍ୱାଇଁ ଏହି ଫେରାର ଅଭିଯୁକ୍ତଙ୍କୁ ଧରିବା ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଗକୁ ଏପରି ଚଢ଼ାଉ ଜାରି ରହିବ ବୋଲି ଆଇଆଇସି ସ୍ୱାଇଁ ସୂଚନା ଦେଇଛନ୍ତି।

### ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ, ବ୍ୟବସାୟୀ ଗିରଫ

**ନିମାପଡ଼ା,୧୫ା୧(ବିଚିତ୍ରାନନ୍ଦ ସାହୁ):** ନିମାପଡ଼ା ପୋଲିସ ସ୍ଥାନୀୟ ଥାନା ଅଧୀନ ଅରିଷଣ୍ଡ ପଞ୍ଚାୟତର ତାଳ ପଡ଼ିଆଠାରେ ସୋମବାର ଚଢ଼ାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ମୁରାରୀପୁର ଗ୍ରାମର ଦୁଃଶାସନ ସ୍ୱାଇଁ(୩୮)। ବ୍ୟବସାୟୀଙ୍କଠାରୁ ପୋଲିସ ୧୨ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଏନେଇ ପୋଲିସ ୨୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତାଳ ପଡ଼ିଆଠାରେ ଖୁଲମଖୁଲା ଭାବେ ବ୍ରାଉନସୁଗାର ବେପାର ଚାଲିଥିବା ଖବରପାଇ ଆଇଆଇସି ବାମଦେବ ସ୍ୱାଇଁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଚଢ଼ାଉ କରି ଦୁଃଶାସନଙ୍କୁ କାବୁ କରିଥିଲେ।

# ଶିକୁଳିରେ ବନ୍ଧାପଡ଼ିଛି ଜୀବନ

- ପରିବାରର ସମସ୍ତ ସଦସ୍ୟ ମାନସିକ ବିକୃତ
- ସହାୟତା ପାଇଁ ଜିଲା ପ୍ରଶାସନ ନିକଟରେ ଦାବି

**ଅସ୍ତରଙ୍ଗ, ୧୫ା୧(ପ୍ରଦୀପ୍ତ କୁମାର ଦୀକ୍ଷିତ):**



ଭେଣ୍ଡିଆ ପୁଅର ଗୋଡ଼ ଓ ହାତରେ ପଡ଼ିଛି ଶିକୁଳି। ବୃଦ୍ଧ ବୟସରେ ସେବା କରୁଛନ୍ତି ପରିବାର ଲୋକେ। ଦାଦା ତାଙ୍କୁ ଚାଲିବାରେ ସହଯୋଗ କରୁଛନ୍ତି। ଏହି ଦୃଶ୍ୟ ଦେଖିଲେ ଆଖିରେ ଲୁହ ଜକେଇ ଆସିବ। ଦାଦା ଦେବେନ୍ଦ୍ର ଲେଙ୍କାଙ୍କ ମୁଣ୍ଡରୁ ଝାଳ ପୋଛିବା ବଦଳରେ ପୁତୁରା ବଟକୃଷ୍ଣ ଲେଙ୍କା (୪୦) ମାନସିକ ବିକୃତ ଯୋଗୁ ଶିକୁଳିରେ ବନ୍ଧା ହୋଇରହିଛନ୍ତି। ଦାଦା ଦେବେନ୍ଦ୍ର କେତେ କ'ଣ ଭାବିଥିଲେ। ପୁତୁରା ବଟକୃଷ୍ଣ ବି. କମ୍ ପାଠ ପଢ଼ିଛନ୍ତି। ହେଲେ ଉଭୟ ଦାଦା ପୁତୁରାଙ୍କ ସ୍ୱପ୍ନ ଧୂଳିସାତ ହୋଇଯାଉଛି। ଏପଟେ ଦେବେନ୍ଦ୍ରଙ୍କ ଉପରେ ବୋଝ ଉପରେ ନଳିତାବିଡ଼ା ଭଳି ଭାଇ ରାଜକିଶୋର ଲେଙ୍କାଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ କାଞ୍ଚନ ବେୱା(୬୦), ଝିଅ ଡଲି (୩୫)ଓ ପୁଅ ବଟକୃଷ୍ଣ ମାନସିକ ବିକୃତ ହୋଇଥିବା ବେଳେ ଦେବେନ୍ଦ୍ର ସମସ୍ତଙ୍କ ସେବା କରିବାରେ ଲାଗିଛନ୍ତି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଆଳଙ୍ଗପୁର ପଞ୍ଚାୟତ ଅନ୍ତର୍ଗତ ବରପଦା ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ସରକାରଙ୍କ ବିଭିନ୍ନ ଯୋଜନା ଥିଲେ ମଧ୍ୟ ଏମାନଙ୍କ ପାଇଁ ଅପହଞ୍ଚ ପାଲଟିଛି। ଏ ନେଇ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତିଙ୍କୁ ଯୋଗାଯୋଗ କରିବାରେ କହିଛନ୍ତି, ଗଣମାଧ୍ୟମ ପ୍ରତିନିଙ୍କ ଠାରୁ ଏ ସମ୍ପର୍କରେ ଖବର ପାଇଲି। ଖୁବଶୀଘ୍ର ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ତଦାରଖ କରିବା ସହ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବି। ଅନ୍ୟପକ୍ଷରେ ଆଜକୁ ପନ୍ଦର ବର୍ଷ ହେବ ବଟକୃଷ୍ଣ, ଭଉଣୀ ଡଲି ଓ ମା କାଞ୍ଚନ ମାନସିକ ବିକୃତ ହୋଇ ଯନ୍ତ୍ରଣା ଭୋଗୁଥିବା ବେଳେ କେବେ ପ୍ରଶାସନ ନଜର ପଡୁଛି ତାହାକୁ ଅପେକ୍ଷା।

# ୧୧ ଜଣଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ




ଅତିଥିମାନେ ଶିକ୍ଷକଙ୍କୁ ସମ୍ମାନିତ କରୁଛନ୍ତି ।

**ସାକ୍ଷୀଗୋପାଳ, ୧୫ା୧(ଭରତ ରାଉତ):** ସତ୍ୟବାଦୀ ବ୍ଲକ ପେଣ୍ଠପଡ଼ା ଗ୍ରାମପଞ୍ଚାୟତ ଅଧୀନ କାଞ୍ଜିଆ ଗ୍ରାମର ରୁଦ୍ରାଣୀ ଯୁବକ ସଂଘ ପକ୍ଷରୁ ସତ୍ୟବାଦୀ କଲ୍ୟାଣ ମଣ୍ଡପରେ ଆଦର୍ଶ ଶିକ୍ଷକ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟ ରାଉତ, ସମ୍ମାନିତ ଅତିଥି ଭାବେ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଶିବାଶିଷ ଦାଶ ଏବଂ ମୁଖ୍ୟ ବକ୍ତା ଭାବେ ରୁଦ୍ରାଣୀ ଯୁବକ ସଂଘ ଉପଦେଷ୍ଟା କମିଟି ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଅଞ୍ଜନ କୁମାର ହୋତା ମଞ୍ଚ ପରିଚାଳନା କରିଥିଲେ। ସତ୍ୟବାଦୀର ବିଭିନ୍ନ ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ଓ ନିକଟ ଅତୀତରେ ଅବସର ନେଇଥିବା ୧୧ ଜଣ ଶିକ୍ଷକଙ୍କୁ ସଂଗଠନ ପକ୍ଷରୁ 'ଆଦର୍ଶ ଶିକ୍ଷକ ସମ୍ମାନ'ରେ ସମ୍ମାନିତ କରାଯାଇଛି। ସେମାନେ ହେଲେ ବସନ୍ତ କୁମାର ମିଶ୍ର, ପ୍ରଣବ କୁମାର ମିଶ୍ର, ବିଜୟ କୁମାର ପରିଡ଼ା, ଜିତେନ୍ଦ୍ର କୁମାର ମିଶ୍ର, ଶଙ୍କର କୁମାର ସୁବୁଦ୍ଧି, ମନୋରଞ୍ଜନ ମିଶ୍ର, ସୋମନାଥ ନନ୍ଦ, ପ୍ରହଲ୍ଲାଦ ଦାଶ, ଉମାଶଙ୍କର ମିଶ୍ର, ରବିନାରାୟଣ ମହାନ୍ତି ଏବଂ ଆଲୋକ କୁମାର ମିଶ୍ର। ଏହି ଅବସରରେ ଖବରଦାତା ଧୀରେନ୍ଦ୍ର ସେନାପତି, ତୁଷାର ରଞ୍ଜନ ନାୟକ, ସିଂହାରୀ ଆଲୋକ ଖୁଣ୍ଟିଆ ଏବଂ ଭରତ ରାଉତଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।

# ଦୃଢ଼ ଇଚ୍ଛାଶକ୍ତି ସର୍ବଦା ସଫଳତା ଆଣିଦିଏ




ପିପିଲି ଇନଫୋର୍ସ ଏକାଡେମୀର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଉଛି ।

**ପିପିଲି ଇନଫୋର୍ସ ଏକାଡେମୀର କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା**

**ପିପିଲି,୧୫ା୧(ଦୁର୍ଗାମାଧବ ମିଶ୍ର):** ରାଜ୍ୟ ସରକାରଙ୍କ ପୋଲିସ ଓ ଅଗ୍ନିଶମ ବିଭାଗରେ କୃତୀ ପିପିଲି ଇନଫୋର୍ସ ଏକାଡେମୀ ଛାତ୍ରଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ଏକାଡେମୀଠାରେ ଅନୁଷ୍ଠାନର ନିର୍ଦ୍ଦେଶକ ସରୋଜ ସ୍ୱାଇଁ ଏହି ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ପିପିଲି ପେସାଦାର ସାମ୍ବାଦିକ ସଂଘ ସଭାପତି ମନୋରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ଅଗ୍ନିଶମ ବିଭାଗ ଅଧିକାରୀ ଭଗବାନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ରଙ୍କୁ ବହୁ ପ୍ରଶଂସା କରି ଦୃଢ଼ ଇଚ୍ଛାଶକ୍ତି ଓ ପ୍ରଗାଢ଼ ନିଷ୍ଠା ସର୍ବଦା ସଫଳତା ଆଣିଦିଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଏକାଡେମୀରେ ପ୍ରଶିକ୍ଷଣ ପାଇ ପୋଲିସ ବିଭାଗର କୃତୀ ୨ଜଣ ଏସ୍ଆଇ ଓ ଅଗ୍ନିଶମ ବିଭାଗରେ କୃତୀ ୧୬ଜଣ ଛାତ୍ରଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ସାର୍ଟିଫିକେଟ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରଶିକ୍ଷକ ସିଦ୍ଧେଶ୍ୱର ବେହେରାଙ୍କ ସଭା ପରିଚାଳନାରେ ପ୍ରଶିକ୍ଷକ ଜ୍ୟୋତିପ୍ରକାଶ ସାହୁ, ପ୍ରଫୁଲ୍ଲ ସାହୁଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

## କଣାସରେ ଖୋଲିନି ସରକାରୀ ଧାନମଣ୍ଡି

### ଆନ୍ଧ୍ର ବେପାରୀ ମାଲାମାଲ

**କଣାସ,୧୫ା୧(ବିଭୂତି ଭୂଷଣ ତ୍ରିପାଠୀ):** ରାଜ୍ୟ ସରକାର ଚାଷୀଙ୍କଠାରୁ ଉଚିତ୍ ଦରରେ ଧାନକ୍ରୟ କରିବାକୁ ସବୁ ସ୍ଥାନରେ ଧାନମଣ୍ଡି ଖୋଲୁଥିବାବେଳେ କଣାସ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏପର୍ଯ୍ୟନ୍ତ ବ୍ଲକରେ ସରକାରୀ ଧାନମଣ୍ଡି ଖୋଲାଯାଇ ନ ଥିବାରୁ ଆନ୍ଧ୍ର ବେପାରୀଙ୍କୁ ଦଣ୍ଡିଆଙ୍କ ମାଧ୍ୟମରେ ଶାଗମାଛ ଦରରେ ଚାଷୀ ଧାନବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ୧୧ଟି ସେବା ସମବାୟ ସମିତି ମାଧ୍ୟମରେ ମଣ୍ଡି ଖୋଲି ଧାନକ୍ରୟ କରନ୍ତି। ହେଲେ ଏବେ ସୁଦ୍ଧା କୌଣସି ସେବା ସମବାୟ ସମିତି ଧାନମଣ୍ଡି ଖୋଲି ନ ଥିବା ଜଣାପଡ଼ିଛି। ତୁରନ୍ତ ଜିଲାପାଳ ଧାନମଣ୍ଡି ଖୋଲିବାକୁ ଚାଷୀ ଦାବି କରିଛନ୍ତି।

## ଜାହାନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ଉତ୍ସବରେ ମଞ୍ଚାସୀନ ଅତିଥି ।

**କାକଟପୁର,୧୫ା୧(ଶୁଭଦର୍ଶନ ମିଶ୍ର):** ଜାହାନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଶନିବାର କାଞ୍ଚନ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା, ଯୁବ ବ୍ୟାପାର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ଦିଲୀପ କୁମାର ଜେନା, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ହାସ୍ୟାଭିନେତା ଶଙ୍କର ପ୍ରଧାନ, ଜାହାନ ପବ୍ଲିକ ସ୍କୁଲର ନିର୍ଦ୍ଦେଶିକା ସୁମିତ୍ରା ଘୋଷ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ଉତ୍ତମ ଶୈକ୍ଷିକ ବାତାବରଣ ଉପରେ ଗୁରୁତ୍ୱାରୋପ କରିବା ସହ ସେମାନଙ୍କ ବୌଦ୍ଧିକ ବିକାଶ ପାଇଁ ଅଭିଭାବକମାନେ ଯତ୍ନଶୀଳ ହେବାକୁ ଆହ୍ୱାନ ଦେଇଥିଲେ। ବାର୍ଷିକ କ୍ରୀଡ଼ା ଏବଂ ବିଭିନ୍ନ ବର୍ଗରେ ପାରଦର୍ଶିତା ଲାଭ କରିଥିବା କୃତୀ ଶିକ୍ଷାର୍ଥୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ସତ୍ୟରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଆଶିଷ କୁମାର ସାହୁ, ଶିକ୍ଷୟିତ୍ରୀ ମଧୁସ୍ମିତା ପଡ଼ିଆରୀ, ମନୀଷା ମହାନ୍ତି, ଲୋପାମୁଦ୍ରା ପ୍ରିୟଦର୍ଶିନୀ, ଆସ୍‌ମା ଖାତୁନ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କ୍ଷୁଦ୍ର ନାଟକ 'ଜ୍ଞାନର ପରିସୀମା' ଉଚ୍ଚକୋଟୀର ହୋଇଥିଲା।

## ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ, ୪ ଆହତ

**ବଳଙ୍ଗା,୧୫ା୧(କେଦାରେଶ୍ୱର ନନ୍ଦ):** ପୂର୍ବବିବାଦକୁ କେନ୍ଦ୍ରକରି ସୋମବାର ପୂର୍ବାହ୍ନରେ ବଳଙ୍ଗା ଥାନା ଅଧୀନ ଗଣ୍ଡସାହି ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୪ଜଣ ଆହତ ହୋଇଛନ୍ତି। ଏ ନେଇ ଥାନାରେ ଉଭୟ ପକ୍ଷରୁ ଏତଲା କ୍ରମେ ପୋଲିସ ଦୁଇଟି ପୃଥକ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଗଣ୍ଡସାହି ଗ୍ରାମର ଫକିର ରାଉତ (୬୫)ଙ୍କ ଅଭିଯୋଗ ଅନୁଯାୟୀ, ସେ ଓ ତାଙ୍କ ପୁଅ ଘରେ ନ ଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ପରିବାର ଲୋକେ ବିଭିନ୍ନ ମାରଣାସ୍ତ୍ର ଧରି ଦୁଆର ସମ୍ମୁଖକୁ ଆସି ଗାଳିଗୁଲଜ କରିଥିଲେ। ଫକିରଙ୍କ ବୋଉ ଲକ୍ଷ୍ମୀପ୍ରିୟା ରାଉତ ଆସି ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଘୋଷାଡି ନେଇ ମାଡ଼ ମାରିଥିଲେ। ଏହି ସମୟରେ ପୁଅ ଗୋବିନ୍ଦ ଆସି ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ସେମାନେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପାଟି ଶୁଣି ପଡ଼ୋଶୀମାନେ ଆସିଯିବାରୁ ଅଭିଯୁକ୍ତମାନେ ଚାଲିଯାଇଥିଲେ। ପରେ ଗୋବିନ୍ଦଙ୍କୁ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ଫକିରଙ୍କ ପରିବାର ଲୋକେ ଅଭୟ ସ୍ୱାଇଁଙ୍କ ସ୍ତ୍ରୀ କବିତା ସ୍ୱାଇଁ ଓ ଝିଅ ଶିଶୁ ମୀତା ସ୍ୱାଇଁଙ୍କୁ ଆକ୍ରମଣ କରିଥିବା ଥାନାରେ ପାଲଟା ଅଭିଯୋଗ ହୋଇଛି। ଅଭୟ ଏ ନେଇ ଏତଲା ଦେଇଛନ୍ତି।

# ୫୬୦ ଦିବ୍ୟାଙ୍ଗ ଭୋଟ ଦେଇ ନ ପାରିବା ଆଶଙ୍କା

**ସ୍ୱତନ୍ତ୍ର ମତଦାନ କେନ୍ଦ୍ର ଖୋଲିବାକୁ ଦାବି**

**କଣାସ, ୧୫ା୧(ବିଭୂତି ଭୂଷଣ ତ୍ରିପାଠୀ):** ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ମତଦାନ କେନ୍ଦ୍ର କରା ନ ଗଲେ ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନର ୫୬୦ ଜଣ ଦିବ୍ୟାଙ୍ଗ ଭୋଟ ଦେଇ ନ ପାରିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ବାରମ୍ବାର ପୁରୀ ଜିଲା ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ସମ୍ପୃକ୍ତ ଦିବ୍ୟାଙ୍ଗଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ନୀଳାଚଳ ସେବା ପ୍ରତିଷ୍ଠାନର ଅନ୍ତେବାସୀଙ୍କ ସହିତ ୫୬୦ ଜଣ ଦିବ୍ୟାଙ୍ଗ ଭୋଟର ତାଲିକାରେ ସ୍ଥାନ ପାଇଛନ୍ତି। ମାତ୍ର ସେମାନଙ୍କୁ ଭୋଟ ଦେବା ପାଇଁ ଦେଢ଼କିଲୋ ମିଟର ଦୂର ବେଣାଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ରକୁ ଯିବାକୁ ପଡ଼ିବ। ଏହି ଦିବ୍ୟାଙ୍ଗ ଓ ଜରାଗ୍ରସ୍ତ ଭୋଟରଙ୍କୁ ଏତେ ଦୂର ନେବା ସହଜ କଥା ନୁହେଁ। ମାନସିକ ଅନଗ୍ରସର ଭୋଟର ବିଭିନ୍ନ ବିଶୃଙ୍ଖଳା ସୃଷ୍ଟି କରି ପକାଇଯିବାର ଆଶଙ୍କା ରହିଛି। ଅତୀତରେ ଏପରି ଘଟଣାର ନଜିର ରହିଛି। ତେଣୁ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରସ୍ଥ ସରକାରୀ ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ମତଦାନ କେନ୍ଦ୍ର କରିବା ପାଇଁ ଅନୁଷ୍ଠାନର ସାଧାରଣ ସମ୍ପାଦକ ଗତ ଅଗଷ୍ଟ ୧୫ରେ ପୁରୀ ଜିଲାପାଳ, ସତ୍ୟବାଦୀ ବିଧାୟକ, ଜିଲା ସାମାଜିକ ଅଧିକାରୀ, କଣାସ ବିଡିଓଙ୍କୁ ଜଣାଇଥିଲେ। ବିଡିଓ ସରଜମିନ ତଦନ୍ତ କରି ପତ୍ରାଙ୍କ ୧୯୫୯, ତା ୨୮।୮।୨୦୨୩ରିଖରେ ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ଭୋଟ କେନ୍ଦ୍ର କରିବା ପାଇଁ ପୁରୀ ଉପଜିଲାପାଳ ଓ ନିର୍ବାଚନ ଅଧିକାରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି କାରଣରୁ ସ୍ୱତନ୍ତ୍ର ମତଦାନ କେନ୍ଦ୍ର ଖୋଲାଯିବାକୁ ଡିସେମ୍ବର ୩୦ରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଚିଠି ଲେଖିଥିଲେ। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଗତ ୭ତାରିଖରେ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଭୋଟରଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ବେଣାଗାଁ ବିଦ୍ୟାଳୟରେ ୪ଟି ବୁଥ୍ କରାଯାଇଛି। ଫଳରେ ଭୋଟଦାନ ସମୟରେ ଏଠାରେ ଲୋକଙ୍କ ଗହଳି ଲାଗିରହୁଛି।

## ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ବ୍ଲକସ୍ତରୀୟ ବୈଠକ



**ଚାରିଛକ,୧୫ା୧(ଶିଶିର ସ୍ୱାଇଁ):** ନିମାପଡ଼ା ବ୍ଲକ ଅଧୀନ ଚାରିଛକ ନିକଟ ଓରପଟ ଜଗନ୍ନାଥ ମନ୍ଦିର ପରିସରରେ ସୋମବାର ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ନିମାପଡ଼ା ବ୍ଲକସ୍ତରୀୟ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମିତି ସଭାପତି ବଟକୃଷ୍ଣ ଓଝା, ସମ୍ପାଦକ ମନୋରଞ୍ଜନ ମହାରଣା ଓ ଯୁଗଳ କିଶୋର ମହାରଣା ପ୍ରମୁଖ ଯୋଗଦେଇଥିଲେ। ଗଙ୍ଗାଧର ଓଝା ବୈଠକ ପରିଚାଳନା କରିଥିଲେ। ସମିତି କିପରି ଉନ୍ନତି କରିବା ସହ ସମସ୍ତ ସରକାରୀ ଯୋଜନାର ଫାଇଦା ପାଇବେ, ଏନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଉପଦେଷ୍ଟା ସୌମେନ୍ଦ୍ର ମହାରଣା, ଯୁଗଳ କିଶୋର ମହାରଣା, କୃଷ୍ଣଚନ୍ଦ୍ର ମହାରଣା, ରତିକାନ୍ତ ଓଝାଙ୍କ ସହିତ ଶତାଧିକ ସଭ୍ୟ ଯୋଗଦେଇଥିଲେ।

# ଲକ୍ଷାଧିକ ଟଙ୍କାର ଡୋଜର ପାଇପ୍ ଜାଳିଦେଲେ ଦୁର୍ବୃତ୍ତ

**ଡେଲାଙ୍ଗ,୧୫ା୧(ରଶ୍ମିରଞ୍ଜନ ପ୍ରଧାନ):** ଲୁଣାନଦୀ ଖନନ କାର୍ଯ୍ୟ କରୁଥିବା ଡ୍ରେଜର ତଥା ନଦୀ ଖୋଳା ମେଶିନ ପାଇପ୍ ସୋମବାର ମଧ୍ୟାହ୍ନରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଏନେଇ ଖବର ପାଇ କଣାସ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଲକ୍ଷାଧିକ ଟଙ୍କାର ପାଇପ୍ ପୋଡ଼ି ପାଉଁଶ ହୋଇଯାଇଥିବା ନେଇ ଖନନ କାର୍ଯ୍ୟରେ ନିୟୋଜିତ କଲିକତାର ରିଚ୍ କମ୍ପାନୀ ପକ୍ଷରୁ କଣାସ ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଡେଲାଙ୍ଗ ବ୍ଲକର ଜୁଇଲୁଣ୍ଡାଠାରୁ ସାନ ମୁନିନ୍ଦା ପର୍ଯ୍ୟନ୍ତ ଲୁଣାନଦୀ ଖୋଳାଯାଉଛି। ନଦୀରେ କାମ କରୁଥିବା ଡ୍ରେଜର ମେଶିନ ଦ୍ୱାରା ମାଟି ଓ ପଙ୍କ ବାହାରକୁ ନିଷ୍କାସନ ପାଇଁ ୧୮ ଇଞ୍ଚିଆ ପାଇପ୍ ବ୍ୟବହାର ହୋଇଥାଏ। ଖନନ କାର୍ଯ୍ୟବେଳେ ଅଧିକ ୧୨ଟି ପାଇପ୍ ନଦୀକୂଳରେ ବ୍ୟବହାର ପାଇଁ ତ୍ରିପୁରି ନୂଆଗାଁ ଗ୍ରାମ ନିକଟରେ ରଖାଯାଇଥିଲା। ନଦୀପଠାରେ ଥିବା ୧୦ଟି ପାଇପ୍‌ରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଥିବାରୁ କମ୍ପାନୀର ଲକ୍ଷାଧିକ ଟଙ୍କାର ପାଇପ ପୋଡ଼ି ପାଉଁଶ ହୋଇଯାଇଛି। ନଦୀ ଖନନ ପାଇଁ ନୀଳାଚଳ କୃଷକ ମହାସଂଘ ଦୀର୍ଘଦିନ ଧରି ଆନ୍ଦୋଳନ କରିବା ପରେ ରାଜ୍ୟ ସରକାର ନଦୀ ଖନନ କରିବାକୁ ଅର୍ଥ ମଞ୍ଜୁର କରିଥିଲେ। ଚାଷୀଙ୍କ ସୁବିଧା ପାଇଁ କୃଷକ ସଂଗଠନ ନଦୀ ଖନନ କାର୍ଯ୍ୟକୁ ତଦାରଖ କରୁଛି । କମ୍ପାନୀର ଲକ୍ଷାଧିକ ଟଙ୍କାର ପାଇପ୍ ପୋଡ଼ିଯିବା ଦ୍ୱାରା କୃଷକ ମହାସଂଘ ସଭାପତି ଗୋପୀନାଥ ମିଶ୍ର ଦୁଃଖ ପ୍ରକାଶ କରିବା ସହିତ ଦୋଷ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।



# କ୍ରିକେଟ ଟୁର୍ନାମେଣ୍ଟରେ ରୟାଲ ଲିଜେଣ୍ଡ ଚାମ୍ପିୟନ

**ପିପିଲି, ୧୫ା୧(ପ୍ରଭାତ କୁମାର ମହାପାତ୍ର):** ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପିପିଲି ଆଞ୍ଚଳିକ ଶାଖା ପକ୍ଷରୁ ଆୟୋଜିତ ଦୁଇଦିନିଆ ପିପିଲି ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନୀୟ ଜବାହର ବିଦ୍ୟାପୀଠ ପଡ଼ିଆରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୪ଟି ଦଳର ଖେଳାଳିମାନେ ଭାଗନେଇ ୬ଟି ଲିଗ୍ ମ୍ୟାଚ ଖେଳିଥିଲେ। ଶେଷ ଦିବସରେ ଓଜିବି ଜାଗୁଆର ଓ ରୟାଲ ଲିଜେଣ୍ଡ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଓଜିବି ଜାଗୁଆରକୁ ହରାଇ ରୟାଲ ଲିଜେଣ୍ଡ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ବ୍ୟାଙ୍କ ସିନିୟର୍ ମ୍ୟାନେଜର ଅସିତ ଖଣ୍ଡାଇ, ସମ୍ମାନିତ ଅତିଥି ପିପିଲି ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ଆଞ୍ଚଳିକ ଶାଖା ପ୍ରବନ୍ଧକ ପଙ୍କଜ କୁମାର ଜୈନ, ବ୍ରାଞ୍ଚ ମ୍ୟାନେଜର ପ୍ରିୟରଞ୍ଜନ ରଥ, ଓଜିବି ଏମ୍ପ୍ଲୋୟିଜ୍ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ କୈବଲ୍ୟ ନାୟକ, ପୁରୀ ସ୍ୱର୍ଗଦ୍ୱାର ଶାଖା ମ୍ୟାନେଜର ପ୍ରଶାନ୍ତ ନନ୍ଦ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରୟାଲ ଲିଜେଣ୍ଡ ଟିମ୍‌କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କଠାରୁ କ୍ୟାପଟେନ ଭାସ୍କର ବେହେରା ଚାମ୍ପିୟନ ଟ୍ରଫି ଗ୍ରହଣ କରିଥିଲେ। ସେହିପରି ରନର୍ସ ଅପ୍ ଓଜିବି ଜାଗୁଆର ଟିମ୍ ତରଫରୁ କ୍ୟାପଟେନ ସୁଧାଂଶୁ ଶେଖର ସେଠୀ ଟ୍ରଫି ଗ୍ରହଣ କରିଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ ।





ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ସୋମବାର ସନ୍ଧ୍ୟାରେ ପୁରୀର ବିଭିନ୍ନ ସାହିରୁ ବାହାରିଥିବା ସାହିଯାତ ମେଢ଼।

# କଡ଼ା ସୁରକ୍ଷା ବଳୟରେ ଶ୍ରୀକ୍ଷେତ୍ର

## ସମୀକ୍ଷା କଲେ ଡିଜିପି | ୧୭ରେ ୪ସ୍ତରୀୟ ସୁରକ୍ଷା ବ୍ୟବସ୍ଥା

**ପୁରୀ, ୧୫।୧ (ଅଜିତ୍ ମହାନ୍ତି)**

ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏପରିକି ନେପାଳର ରାଜା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୁରୀ ସହର ଓ ଶ୍ରୀମନ୍ଦିର ଚାରିପାଖ ପୋଲିସ ଛାଉଣିରେ ପରିଣତ ହୋଇଛି। ସେହିପରି ସିସିଟିଭି ଓ ସ୍ପେଶାଲ ସ୍କ୍ୱାଡ୍ ନଜରରେ ଶ୍ରୀମନ୍ଦିର ଚାରିପାଖ ରହିବ। ସୋମବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅରୁଣ କୁମାର ଷଡ଼ଙ୍ଗୀ ପୁରୀ ଆସି ସମସ୍ତ କାର୍ଯ୍ୟ ଅନୁଧ୍ୟାନ କରିବା ସହ ପୋଲିସ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି।

ଡିଜିପି ଷଡ଼ଙ୍ଗୀ କହିଛନ୍ତି, ଲୋକାର୍ପଣ ଉତ୍ସବ ପାଇଁ ପୋଲିସ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସମସ୍ତ ସୁରକ୍ଷା ବ୍ୟବସ୍ଥା କେନ୍ଦ୍ରାଞ୍ଚଳ ଆଇଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଥିବା ବେଳେ ପୁରୀ ଏସ୍‌ପି ତଦାରଖ କରୁଛନ୍ତି। କିଛି ଦିନ ହେବ ସୁରକ୍ଷା ବଳୟ ମଧ୍ୟରେ ପୁରୀକୁ ରଖାଯାଇଛି। ପୁରୀ ସହର ସିକ୍ୟୁରିଟି ବ୍ଲାଙ୍କେଟ ମଧ୍ୟରେ ରହିଛି। ୧୭ ତାରିଖରେ ଚାରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଟ୍ରାଫିକ ବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଟ୍ରାଫିକ ସୁପରିଚାଳନା, ଭକ୍ତଙ୍କ ସୁରକ୍ଷା, ଭିଭିଆଇପିଙ୍କ ସୁରକ୍ଷା, ଭକ୍ତଙ୍କ ସୁବିଧା ଦର୍ଶନ ପାଇଁ ଆନୁସଙ୍ଗିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ବ୍ୟବସ୍ଥାରେ ୧୦୦ ଜଣ ସୁପରଭାଇଜିଂ ଅଧିକାରୀ, ୨୫୦ ସବ୍‌ଇନ୍ସପେକ୍ଟର ଏବଂ ଏଏସ୍‌ଆଇ ଅଧିକାରୀ, ୮୦ ପ୍ଲାଟୁନ ପୋଲିସ ଫୋର୍ସ ଓ ହୋମଗାର୍ଡ ମୁତୟନ ରହିବେ। ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ପାଇଁ ୪ଟି ବୋମା ନିଷ୍କ୍ରିୟକାରୀ ଦଳ ମୁତୟନ ହୋଇଛନ୍ତି। ୩ଟି କେ-ନାଇନ ଟିମ୍ କରାଯାଇଛି। ସୁରକ୍ଷା ବ୍ୟବସ୍ଥାରେ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯାଉଛି। ସିଂହଦ୍ୱାର ଥାନା ନିକଟରେ ପୋଲିସ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ବଡ଼ଦାଣ୍ଡ, ଶ୍ରୀମନ୍ଦିର ଭିତର ଓ ବାହାର, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ଯଜ୍ଞ ମଣ୍ଡପ, ମୁଖ୍ୟମନ୍ତ୍ରୀ ବସିବା ସ୍ଥାନକୁ ସିସିଟିଭି ନଜରରେ ରଖାଯାଇଛି। ଚେହେରା ଚିହ୍ନଟ ପ୍ରଣାଳୀ ଦ୍ୱାରା କୌଣସି ସନ୍ଦେହ ଉପୁଜିଲେ ସହଜରେ ତାଙ୍କ ଚେହେରା କ୍ୟାମେରା ଦ୍ୱାରା ରେକର୍ଡ ହୋଇ ଆପରାଧିକ କାର୍ଯ୍ୟକଳାପକୁ ଚିହ୍ନଟ କରାଯାଇପାରିବ। ଭକ୍ତଙ୍କ ପାଇଁ ଶ୍ରୀମନ୍ଦିରରେ ପୂର୍ବଭଳି ସୁରକ୍ଷା ବ୍ୟବସ୍ଥା ରହିବ। ମୁଖ୍ୟମନ୍ତ୍ରୀ କେଉଁ ମାର୍ଗ ଦେଇ ଆସିବେ ତାହାର ରୁଟ୍ ମ୍ୟାପ୍ ସରିଛି। ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଡିଜିପି ଷଡଙ୍ଗୀ ସୂଚନା ଦେଇଛନ୍ତି। ଡିଜିପି ପ୍ରଥମେ ହେଲିପ୍ୟାଡ, ମୁଖ୍ୟମନ୍ତ୍ରୀ ଓ ଭିଭିଆଇପିଙ୍କ ରୁଟ୍, ଶ୍ରୀସେତୁ, ଶ୍ରୀମାର୍ଗ, ଶ୍ରୀଜଗନ୍ନାଥ ପିଲିଗ୍ରିମ ସେଣ୍ଟର, ପାର୍କିଂସ୍ଥଳ, ଯଜ୍ଞସ୍ଥଳ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ମୁଖ୍ୟମନ୍ତ୍ରୀଙ୍କ ବସିବା ସ୍ଥାନ, ଫଳକ ଉନ୍ମୋଚନ ସ୍ଥାନର ଟିକିନିଖି ସମୀକ୍ଷା କରିଥିଲେ। ଏହି ସମୟରେ ଅତିରିକ୍ତ ଡିଜିପି ସଞ୍ଜୀବ ପଣ୍ଡା, ଆଇନ ଶୃଙ୍ଖଳା ଅତିରିକ୍ତ ଡିଜିପି ସଞ୍ଜୟ କୁମାର, କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂ, ଅଗ୍ନିଶମ ଡିଜି ସାର୍ଥକ କୁମାର ଷଡଙ୍ଗୀ, ଏସ୍‌ପି ଡ. କନୱର ବିଶାଲ ସିଂ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।



ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ପୋଲିସ ବ୍ୟବସ୍ଥାର ସମୀକ୍ଷା କରୁଛନ୍ତି।

# ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବ୍ୟବହିତ ପୂର୍ବରୁ ସୋମବାର ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ପୁରୀଠାରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

**ପୁରୀ, ୧୫।୧ (ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବ୍ୟବହିତ ପୂର୍ବରୁ ସୋମବାର ସନ୍ଧ୍ୟାରେ ୫-ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପୁରୀ ଆସି କାର୍ଯ୍ୟର ସମୀକ୍ଷା କରିବା ସହ ବିଭିନ୍ନ ଅଧିକାରୀମାନଙ୍କ ସହିତ ଏକ ବୈଠକରେ ଆଲୋଚନା କରିଛନ୍ତି। ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପରଠାରୁ ପାଣ୍ଡିଆନ ଅଧିକାଂଶ ସମୟରେ ପୁରୀ ଆସି ପ୍ରତ୍ୟକ୍ଷ ଭାବେ କାର୍ଯ୍ୟର ସମୀକ୍ଷା କରୁଛନ୍ତି। ରବିବାର ମଧ୍ୟ ସେ ପୁରୀ ଆସି ପ୍ରକଳ୍ପ ଓ ଲୋକାର୍ପଣ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଥିଲେ। ସୋମବାର ପ୍ରକଳ୍ପ ସ୍ଥଳ ଓ ଯଜ୍ଞସ୍ଥଳକୁ ଯାଇ ପାଣ୍ଡିଆନ୍ ବିଭିନ୍ନ କାର୍ଯ୍ୟ ଅନୁଧ୍ୟାନ

### ସଫଳ ରୂପାୟନ ଉପରେ ଗୁରୁତ୍ୱ

କରିବା ପରେ ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ରଞ୍ଜନ କୁମାର ଦାଶ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ସଫଳ କରିବା ନେଇ ଆଲୋଚନା ହୋଇଥିଲା। ଏନେଇ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶ୍ରୀକ୍ଷେତ୍ର ତଥା ଶ୍ରୀମନ୍ଦିରକୁ ବିଶ୍ୱ ଦରବାରରେ ଯଥାକ୍ରମେ ଶ୍ରେଷ୍ଠ ସହର ଓ ଶ୍ରେଷ୍ଠ ମନ୍ଦିର ଭାବେ ପ୍ରତିଷ୍ଠିତ କରାଯିବା ନେଇ ଆଲୋଚନା କରାଯାଇଥିଲା। ସେହିପରି ଭକ୍ତଙ୍କ ସୁବିଧା, ଶୃଙ୍ଖଳିତ ଦର୍ଶନ ଓ ସମସ୍ତ କାର୍ଯ୍ୟର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା ହୋଇଥିଲା। ସମସ୍ତ କାର୍ଯ୍ୟକୁ ସଫଳତାର ସମ୍ପନ୍ନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପାଣ୍ଡିଆନ୍ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଶ୍ରଦ୍ଧାଳୁ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ ପାଣ୍ଡିଆନ୍ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



'ଲେଜର ଶୋ' ଦେଖିବାକୁ ଲୋକଙ୍କ ଭିଡ଼।




ପୁରୀ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପୂର୍ବରୁ ମ୍ୟୁନିସିପାଲିଟି ମାର୍କେଟ କୋଠାରେ 'ଲେଜର ଶୋ' ମାଧ୍ୟମରେ କାଞ୍ଚି ଅଭିଯାନର ଦୃଶ୍ୟ ପରିବେଷଣ କରାଯାଉଛି।

**ଫୁରସତ୍**



# ଅଯୋଧ୍ୟାରେ ଜାଗା କିଣିଲେ ବିଗ୍ ବି

**ମୁମ୍ବାଇ**

ଶ୍ରୀରାମ ମନ୍ଦିର ପ୍ରତିଷ୍ଠାକୁ ନେଇ ଅଯୋଧ୍ୟା ନଗରୀ ଚଳଚଞ୍ଚଳ ହୋଇଉଠିଛି। ଏହି ଅବସରରେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିରଠାରୁ ଅଳ୍ପ କିଛି ଦୂରରେ ମେଗାଷ୍ଟାର ଅମିତାଭ ବଚ୍ଚନ ଏକ ଜାଗା କିଣିଛନ୍ତି, ଯାହା ଦଶହଜାର ବର୍ଗଫୁଟର ହେବ ବୋଲି କୁହାଯାଉଛି। ଜମି କିଣିବା ପରେ ଅମିତାଭ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି। ମୁମ୍ବାଇରେ ରହୁଥିବା ବିଗ୍ ବି' ନିଜ ଜନ୍ମସ୍ଥାନ ଉତ୍ତର ପ୍ରଦେଶକୁ ଫେରିପାରନ୍ତି ବୋଲି କୁହାଯାଉଛି। ରିପୋର୍ଟ ମୁତାବକ, ଏହି ପ୍ଲଟର ମୂଲ୍ୟ ୧୪.୫ କୋଟି ଟଙ୍କା ହେବ। ଏହା ଅଯୋଧ୍ୟାର ଦ ସରଯୁରେ ଥିବା ସାତତାରକା ଏନ୍‌କ୍ଲେଭରେ ରହିଛି। ମୁମ୍ବାଇସ୍ଥିତ ହାଉସ ଅଫ୍ ଅଭିନନ୍ଦନ ଲୋଢା ସହାୟତାରେ ଅମିତାଭ ଏହି ଜାଗା କିଣିଛନ୍ତି। ଅଯୋଧ୍ୟାରେ ଜାଗା କିଣିବା ପରେ ଘର ନିର୍ମାଣ କରିବାକୁ ଯାଉଥିବାରୁ ସେ ବେଶ୍ ଉତ୍ସାହିତ ବୋଲି କହିଛନ୍ତି। ତେବେ ଆସନ୍ତା ୨୨ ତାରିଖରେ ଶ୍ରୀରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହେଉଥିବାରୁ ସମାରୋହରେ ଯୋଗେ ଦେବାକୁ ଅମିତାଭଙ୍କୁ ନିମନ୍ତ୍ରଣ ରହିଛି।

# ପଶ୍ଚିମଘାଟରେ ଦୁର୍ଲଭ ନୀଳ ରଙ୍ଗର ପ୍ରଜାପତି

**ଚେନ୍ନାଇ**

ପ୍ରକୃତି ସବୁବେଳେ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ନିକଟରେ ତାମିଲନାଡୁ ମଦୁରାଇସ୍ଥିତ ଶ୍ରୀଭିଲିପୁଥୁର ମେଗାମଲାଇ ଟାଇଗର ରିଜର୍ଭ ମେଗାମଲାଇ ଡିଭିଜନରେ ସିଲଭରଲାଇନ ପ୍ରଜାପତିର ଏକ ନୂଆ ପ୍ରଜାତି ସନ୍ଧାନ କରାଯାଇଛି। ଯାହା ଦୀର୍ଘ ୩୩ ବର୍ଷ ପରେ ପଶ୍ଚିମଘାଟରେ ପ୍ରଜାପତିଙ୍କ ଏକ ନୂଆ ପ୍ରଜାତି। ବୈଜ୍ଞାନିକମାନେ ଏହି ପ୍ରଜାପତିର ବୈଜ୍ଞାନିକ ନାମ 'ସିଗାରିଟିଜ୍ ମେଘାମଲାଇନ୍‌ସିସ୍' ରଖିଛନ୍ତି। ରାଜ୍ୟର ପର୍ଯ୍ୟାବରଣ, ଜଳବାୟୁ ପରିବର୍ତ୍ତନ ଏବଂ ବନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁପ୍ରିୟା ସାହୁ ଏକ ବୟାନରେ କହିଛନ୍ତି, ଏହି ନୂଆ ପ୍ରଜାତି ପ୍ରଜାପତିର ନାମ ମେଗାମଲାଇ ନାମରେ ରଖାଯାଇଛି। ଯାହାର ଇଂଲିଶ ବନାନ କ୍ଲାଉଡ ମାଉଣ୍ଟେନ'। ଆଇଏଏସ୍ ଅଫିସର ସାହୁ ଏହି ପ୍ରଜାପତିର ଫଟୋ ନିକଟରେ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ବନ ବିଭାଗର ଅଧିକାରୀ କହିଛନ୍ତି, ଏହା 'ଏଣ୍ଟାମନ' ନାମକ ଏକ ପତ୍ରିକାରେ ପ୍ରକାଶ ପାଇଛି। ବୈଜ୍ଞାନିକଙ୍କ ଏହି ସନ୍ଧାନ ସହ ପଶ୍ଚିମଘାଟରେ ପ୍ରଜାପତିଙ୍କ ପ୍ରଜାତି ସଂଖ୍ୟା ୩୩୭ରେ ପହଞ୍ଚିଛି। ଯେଉଁଥିରେ ୪୦ ସ୍ଥାନୀୟ ପ୍ରଜାତିର ପ୍ରଜାପତି ସାମିଲ ଅଛନ୍ତି,ଯାହାର ରଙ୍ଗ ଅତ୍ୟନ୍ତ ଉଜ୍ଜ୍ୱଳ ନୀଳ।






# ସବୁଠୁ ଉଚ୍ଚରେ ଥିବା ଏଟିଏମ୍

**ଇସଲାମାବାଦ୍:** ଯେତେବେଳେ ପଡ଼ୋଶୀ ଦେଶ ପାକିସ୍ତାନର କଥା ଆସେ, ସେତେବେଳେ ସେଠାରେ ଚାଲୁଥିବା ରାଜନୀତି, ଆତଙ୍କବାଦୀଙ୍କ ଚର୍ଚ୍ଚା ହୁଏ। ହେଲେ ବି ପାକିସ୍ତାନ ଏକ ଖାସ କାରଣ ପାଇଁ ପ୍ରସିଦ୍ଧ। ତେବେ ବିଶ୍ୱର ସବୁଠୁ ଉଚ୍ଚରେ ଏକ ଏଟିଏମ୍ ଏବଂ ସବୁଠୁ ଲମ୍ବା ଆମ୍ବୁଲାନ୍ସ ଚେନ ମଧ୍ୟ ପାକିସ୍ତାନରେ ରହିଛି। ଚାଇନା- ପାକିସ୍ତାନ ସୀମାରେ ୧୫,୩୯୬ ଫୁଟ ଉଚ୍ଚରେ ଥିବା ଖୁଞ୍ଜେରବ ପାଖରେ ଏହାକୁ ଲଗାଯାଇଛି। ଏହି ସ୍ଥାନ ଗିଲ୍‌ଗିଟ- ବେଲୁଚିସ୍ତାନରେ ଆସେ। ଏଠାରେ ସବୁବେଳେ ପାହାଡ଼ ବରଫରେ ଢାଙ୍କିହୋଇ ରହିଥାଏ। ଏଟିଏମ୍ ଏତେ ଉଚ୍ଚରେ ଥିବାରୁ ଏହାକୁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରାଯାଇଛି। ଏଥିସହ ବିଶ୍ୱର ସବୁଠୁ ବଡ଼ ସଂଖ୍ୟକ ଭଲ୍ୟୁଣ୍ଟିୟର ଆମ୍ବୁଲାନ୍ସ ସେବା ଏଠାରେ ମିଳିଥାଏ। ଇଦ୍ଧି ଫାଉଣ୍ଡେସନ ଏହାର ସଞ୍ଚାଳନ କରିଥାଏ। ପାକିସ୍ତାନ ପାଖରେ ପ୍ରାୟ ୧୮୦୦ ଆମ୍ବୁଲାନ୍ସ ରହିଛି। ଏହା ପ୍ରତି ସମୟରେ ଲୋକଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ରହିଥାଏ।

## ନିର୍ବାଚନ ପୂର୍ବରୁ ମେଣ୍ଟ କରିବିନି ବିଏସ୍‌ପି

ଲୋକ ସଭା ନିର୍ବାଚନ ପୂର୍ବରୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପ୍ରାକ୍ ନିର୍ବାଚନୀ ମେଣ୍ଟ କରିବ ନାହିଁ ବୋଲି ଏହାର ଅଧକ୍ଷା ମାୟାବତୀ ସୋମବାର କହିଛନ୍ତି। ତେବେ ଭୋଟ ପରେ ମେଣ୍ଟ ପାଇଁ ସେ ବିକଳ୍ପ ଖୋଲା ରଖିଥିବା ସୂଚନା ଦେଇଛନ୍ତି। ରାଜନୀତିରୁ ଅବସର ସମ୍ପର୍କିତ ଖବରକୁ ସେ ଖଣ୍ଡନ କରିଛନ୍ତି। ବିଏସ୍‌ପି ଏକାକୀ ନିର୍ବାଚନ ଲଢ଼ିବ ବୋଲି ମାୟାବତୀ ସ୍ପଷ୍ଟ କରିଦେଇଛନ୍ତି।



**ସଂକ୍ଷେପରେ**

## ଆମେରିକାରେ ୨ ଭାରତୀୟ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ହାଇଦ୍ରାବାଦ,୧୫।୧

ଆମେରିକାରେ ୨ ଜଣ ଭାରତୀୟ ଛାତ୍ରଙ୍କ ମୃତଦେହ ମିଳିଛି। ସେମାନେ ହେଲେ ତେଲଙ୍ଗାନା ୱାନାପର୍ଥୀ ଅଞ୍ଚଳର ଜି. ଦିନେଶ(୨୨) ଏବଂ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମର ନିକେଶ (୨୧)। ଦୁଇ ସପ୍ତାହ ପୂର୍ବରୁ ସେମାନେ ଆମେରିକା ଯାଇଥିଲେ। ସେମାନେ ରହୁଥିବା କନେକ୍ଟିକଟ୍‌ଘରୁ ମୃତଦେହ ମିଳିଥିବାବେଳେ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ଡିସେମ୍ବର ୨୮ରେ ଦିନେଶ କନେକ୍ଟିକଟ୍‌ର ହାର୍ଟଫୋର୍ଡକୁ ଯାଇଥିବାବେଳେ ଏହାର କିଛିଦିନ ପରେ ନିକେଶ ତାଙ୍କ ପାଖରେ ପହଞ୍ଚିଥିଲେ ବୋଲି ଦିନେଶଙ୍କ ପରିବାର ଲୋକେ କହିଛନ୍ତି। ଉଭୟ ଗୋଟିଏ ରୁମ୍‌ରେ ରହୁଥିଲେ। ମୃତଦେହ ଫେରାଇ ଆଣିବା ଲାଗି ଦିନେଶଙ୍କ ପରିବାର କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଜି. କିଶନ ରେଡ୍ଡୀ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀଙ୍କ ସହାୟତା ଲୋଡ଼ିଛନ୍ତି।

## ଟୁ-ଫିଙ୍ଗର ଟେଷ୍ଟକୁ ନେଇ ଡାକ୍ତରଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

ଶିମ୍‌ଲା,୧୫।୧

ବଳାତ୍କାରର ଶିକାର ହୋଇଥିବା ଜଣେ ନାବାଳିକାଙ୍କ ଟୁ-ଫିଙ୍ଗର ଟେଷ୍ଟ କରିଥିବା ପାଲାମପୁର ସିଭିଲ୍ ହସ୍ପିଟାଲର ଡାକ୍ତରମାନଙ୍କୁ ହିମାଚଳପ୍ରଦେଶ ହାଇକୋର୍ଟ ଭର୍ତ୍ସନା କରିଛନ୍ତି। ଡାକ୍ତରଙ୍କ ତ୍ରୁଟି ପାଇଁ ରାଜ୍ୟ ସରକାର ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇନର ଉଲ୍ଲଂଘନ ପାଇଁ ଦାୟୀ ଡାକ୍ତରମାନଙ୍କ ବିରୋଧରେ ତଦନ୍ତ ପାଇଁ ଜଷ୍ଟିସ୍ ତର୍ଲୋକ ସିଂ ଚୌହାନ ଏବଂ ସତ୍ୟେନ୍ ବୈଦ୍ୟଙ୍କ ଖଣ୍ଡପୀଠ ସରକାରଙ୍କୁ କହିଛନ୍ତି। ନାବାଳିକା ବଳାତ୍କାର ମାମଲାରେ ମେଡିକୋ-ଲିଗାଲ କେସ୍ ରିପୋର୍ଟର କୌଣସି ଅର୍ଥ ନାହିଁ। ଟୁ-ଫିଙ୍ଗର ଟେଷ୍ଟ କରାଇ ନାବାଳିକା ପୀଡ଼ିତାଙ୍କ ବ୍ୟକ୍ତିଗତ ଗୋପନୀୟତାର ଉଲ୍ଲଂଘନ କରାଯାଇଥିବାରୁ ଖଣ୍ଡପୀଠ ଡାକ୍ତରମାନଙ୍କୁ ସମାଲୋଚନା କରିଥିଲେ।

## ଉପରାଷ୍ଟ୍ରପତି ପ୍ରାର୍ଥିତ୍ୱ ଲାଗି ନିକି ହାଲି ଅନାଗ୍ରହୀ

ୱାଶିଂଟନ,୧୫।୧

ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅଧୀନରେ ରିପବ୍ଲିକାନ ଦଳର ଉପରାଷ୍ଟ୍ରପତି ପ୍ରାର୍ଥିତ୍ୱ ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅନ୍ୟତମ ରାଷ୍ଟ୍ରପତି ପ୍ରାର୍ଥିତ୍ୱ ଆଶାୟୀ ନିକି ହାଲି ଏବଂ ବିବେକ ରାମସ୍ୱାମୀ ଆଗ୍ରହୀ ନ ଥିବା ଜଣାପଡ଼ିଛି।



ନିକି ପରବର୍ତ୍ତୀ ରାଷ୍ଟ୍ରପତି ହେବା ପାଇଁ ଲଢ଼େଇ ଜାରି ରଖିବେ ଏବଂ ସେ ବିଜୟୀ ହେବାକୁ ହକ୍‌ଦାର ବୋଲି କହିଛନ୍ତି। ସୋମବାର ଲୋୱାରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ବରୁ ନିକି ଉପରୋକ୍ତ ସୂଚନା ଦେଇଛନ୍ତି। ଉକ୍ତ ବୈଠକ ପରେ ରିପବ୍ଲିକାନ ଏବଂ ଡେମୋକ୍ରାଟମାନେ ନଭେମ୍ବର ନିର୍ବାଚନ ପାଇଁ ସେମାନଙ୍କ ରାଷ୍ଟ୍ରପତି ପ୍ରାର୍ଥୀ ଚୟନ ଆରମ୍ଭ କରିବେ। ସେହିପରି ଅନ୍ୟତମ ରାଷ୍ଟ୍ରପତି ଆଶାୟୀ ପ୍ରାର୍ଥୀ ରାମସ୍ୱାମୀଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଟ୍ରମ୍ପ ନିଜ ସାଙ୍ଗରେ ରଖିବା ଖବରକୁ ତାଙ୍କ ଉପଦେଷ୍ଟା ଖଣ୍ଡନ କରିଛନ୍ତି। ଭାରତୀୟ ଆମେରିକୀୟ ଆଶାୟୀ ପ୍ରାର୍ଥୀ ରାମସ୍ୱାମୀଙ୍କୁ ଟ୍ରମ୍ପ ସର୍ବସାଧାରଣରେ ସମାଲୋଚନା କରିଥିଲେ ବୋଲି ସେ କହିଛନ୍ତି।

# ବିମାନ ବାତିଲ କରିପାରିବେ ଏୟାରଲାଇନ୍ସ

### ଏସ୍‌ଓପି ଜାରି କଲା ଡିଜିସିଏ

ନୂଆଦିଲ୍ଲୀ,୧୫।୧

ଘନ କୁହୁଡ଼ି ଯୋଗୁ ରବିବାର ଦିଲ୍ଲୀ ଏୟାରପୋର୍ଟରେ ବିଶୃଙ୍ଖଳିତ ସ୍ଥିତି ଉପୁଜିଥିଲା। ଆଗାମୀ ଦିନରେ ଏଭଳି ସ୍ଥିତିର ମୁକାବିଲା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ସୋମବାର ଗାଇଡ୍‌ଲାଇନ ଜାରି କରିଛି। ଉକ୍ତ ଷ୍ଟାଣ୍ଡାର୍ଡ ଅପରେଟିଂ ପୋସିଜିଓର (ଏସ୍‌ଓପି) ଅନୁଯାୟୀ ଖରାପ ପାଗ ଯୋଗୁ ବିମାନ ୩ ଘଣ୍ଟାରୁ ଅଧିକ ବିଳମ୍ବ ହୋଇଥିଲେ କିମ୍ବା ବିଳମ୍ବ ହେବାକୁ ଥିଲେ, ଏୟାରଲାଇନ୍ସ ଏହାକୁ ବାତିଲ କରିପାରିବେ। ଫଳରେ ବିମାନ ବିଳମ୍ବ ଯୋଗୁ ଅଟକି ରହୁଥିବା ଯାତ୍ରୀମାନେ ଉପକୃତ ହୋଇପାରିବେ। ସମସ୍ତ ଏୟାରଲାଇନ୍ସ ତୁରନ୍ତ ଉକ୍ତ ଏସ୍‌ଓପି ଅନୁପାଳନ କରିବାକୁ ଡିଜିସିଏ କହିଛି। ତେବେ ଏୟାରଲାଇନ୍ସ ନିୟନ୍ତ୍ରଣ ବାହାରେ କୌଣସି ଅସ୍ୱାଭାବିକ ସ୍ଥିତିରେ ଉକ୍ତ ଏସ୍‌ଓପି ଲାଗୁ ହେବନାହିଁ।

ଏସ୍‌ଓପି ଅନୁଯାୟୀ ଏୟାରଲାଇନ୍ସ ଗୁଡ଼ିକ ବିମାନ ବିଳମ୍ବ ସମ୍ପର୍କରେ ଠିକ୍ ସମୟର ସୂଚନା ଦେବେ, ଯାହାକୁ ସେମାନଙ୍କ ୱେବ୍‌ସାଇଟରେ ପ୍ରକାଶ କରାଯିବ। ବିଳମ୍ବ ଯୋଗୁ ପ୍ରଭାବିତ ହେବାକୁ ଥିବା ଯାତ୍ରୀମାନଙ୍କୁ ଏସ୍‌ଏମ୍‌ଏସ୍ କିମ୍ବା ହ୍ୱାଟ୍ସଆପ୍ ଏବଂ ଇମେଲ୍ ଜରିଆରେ ଆଗୁଆ ସୂଚନା ଦେବେ। ଅଧିକ ସମୟ ବିଳମ୍ବ ପାଇଁ ବିମାନ ବନ୍ଦରରେ ଅପେକ୍ଷା କରିଥିବା ଯାତ୍ରୀମାନଙ୍କ ନିମନ୍ତେ ସୂଚନାକୁ ସଂଶୋଧନ କରିବେ। ଏୟାରପୋର୍ଟରେ ଥିବା ଏୟାରଲାଇନ୍ସ କର୍ମଚାରୀମାନେ ଯାତ୍ରୀମାନଙ୍କୁ ସମ୍ବେଦନଶୀଳତାର ସହ କ୍ରମାଗତ ଭାବେ ଯୋଗାଯୋଗ ରକ୍ଷା କରିବେ। ଫଳରେ ଦୀର୍ଘ ସମୟ ବିଳମ୍ବ ଯୋଗୁ ବିମାନ ଭିତରେ ଅଟକି ରହି ଅସୁବିଧାର ସମ୍ମୁଖୀନ ହେଉଥିବା ଯାତ୍ରୀ ଉପକୃତ ହୋଇପାରିବେ। ଗତ କିଛିଦିନଦ ହେଲା ଦିଲ୍ଲୀରେ ଘନ କୁହୁଡ଼ି ଯୋଗୁ ବିମାନ ଚଳାଚଳରେ ଅସୁବିଧା ହୋଇଥିବାରୁ ଏୟାର ଇଣ୍ଡିଆ ଏକ ବିବୃତି ଜରିଆରେ ଦୁଃଖପ୍ରକାଶ କରିଛି।



### ବିମାନ ବିଳମ୍ବ ପାଇଁ ପାଇଲଟ୍‌ଙ୍କୁ ମାଡ଼

ଦିଲ୍ଲୀ ଏୟାରପୋର୍ଟରେ ବିମାନ ଉଡ଼ାଣରେ ବିଳମ୍ବକୁ ନେଇ ଇଣ୍ଡିଗୋ ବିମାନର ପାଇଲଟ୍‌ଙ୍କୁ ଜଣେ ଯାତ୍ରୀ ମାଡ଼ ମାରିଛନ୍ତି। ଆକ୍ରମଣକାରୀ ଯାତ୍ରୀଙ୍କୁ ଗିରଫ କରାଯାଇଛି। ରବିବାର ଏହି ଘଟଣା ଘଟିଥିବାବେଳେ ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗୋଆ ଯିବାକୁ ଥିବା ବିମାନ ବିଳମ୍ବ ହେବ ବୋଲି ପାଇଲଟ୍ ଘୋଷଣା କରୁଥିବାବେଳେ ସାହିଲ କଟାରିୟା ନାମକ ଯାତ୍ରୀ ତାଙ୍କୁ ମାଡ଼ ମାରିଥିଲେ। ରବିବାର ଘନ କୁହୁଡ଼ି ଯୋଗୁ ଦିଲ୍ଲୀ ଏୟାରପୋର୍ଟରେ ଅନେକ ବିମାନର ଉଡ଼ାଣରେ ବିଳମ୍ବ ହୋଇଥିଲା। କେତେକ ବିମାନକୁ ବାତିଲ ମଧ୍ୟ କରାଯାଇଥିଲା। ପ୍ରାୟ ୧୩ ଘଣ୍ଟାର ବିଳମ୍ବ ପରେ ସନ୍ଧ୍ୟା ୬ଟାରେ ଗୋଆ ଯିବାକୁ ଥିବା ବିମାନଟି ଦିଲ୍ଲୀ ଛାଡ଼ିଥିଲା।

ଦୀର୍ଘ ସମୟ ବିମାନ ଭିତରେ ବସି ରହିଲୁଣି। ଯଦି ବିମାନ ଉଡ଼ାଣ ନ କରୁଛି, ତେବେ ଆମକୁ ବାହାରକୁ ଯିବାକୁ ଦିଆଯାଉ ବୋଲି କଟାରିୟା କହୁଥିବା ଭାଇରାଲ ଭିଡିଓରେ ଶୁଣାଯାଇଛି। ଅନ୍ୟ ଏକ ଭିଡିଓ କ୍ଲିପ୍‌ରେ ସେ ତାଙ୍କର ଆଚରଣ ପାଇଁ କ୍ଷମା ମାଗିବା ସତ୍ତ୍ୱେ ସୁରକ୍ଷା କର୍ମୀମାନେ ତାଙ୍କୁ ବିମାନରୁ ବାହାରକୁ ନେଉଥିବା ଦେଖାଯାଇଛି। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ପୋଲିସରେ ଦାଏର ହୋଇଥିବା ଏତଲା ଅନୁଯାୟୀ ଗୋଆ ଯିବାକୁ ଥିବା ୬ଇ ୨୧୭୫ ବିମାନର କୋ-ପାଇଲଟ୍ ଅନୁପ କୁମାରଙ୍କୁ କଟାରିୟା ମାଡ଼ ମାରିବା ସହ ଦୁର୍ବ୍ୟବହାର କରିଥିଲେ ଏବଂ ବିମାନ ଭିତରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ବିଶୃଙ୍ଖଳିତ ଯାତ୍ରୀଙ୍କ ଆଚରଣ ଗ୍ରହଣୀୟ ନୁହେଁ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି। ଆଇନର ବ୍ୟବସ୍ଥା ଅନୁଯାୟୀ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## ଆନ୍ଧ୍ର କଂଗ୍ରେସ ସଭାପତିଙ୍କ ଇସ୍ତଫା

### ଶର୍ମିଳା ନେଇପାରନ୍ତି ଦାୟିତ୍ୱ



ଗିଡୁଗୁ ରୁଦ୍ର ରାଜୁ

ଅମରାବତୀ,୧୫।୧

ଆନ୍ଧ୍ରପ୍ରଦେଶ କଂଗ୍ରେସ ସଭାପତି ପଦରୁ ଗିଡୁଗୁ ରୁଦ୍ର ରାଜୁ ଇସ୍ତଫା ଦେଇଛନ୍ତି। ନିକଟରେ କଂଗ୍ରେସରେ ଯୋଗଦେଇଥିବା ୱାଇ.ଏସ୍. ଶର୍ମିଳାଙ୍କୁ ପ୍ରଦେଶ କଂଗ୍ରେସ ସଭାପତି ଭାବେ ନିଯୁକ୍ତି ମିଳିପାରେ ବୋଲି କୁହାଯାଉଛି। ଖୁବ୍‌ଶୀଘ୍ର ଏନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ ଭଉଣୀ ଶର୍ମିଳା କିଛିଦିନ ପୂର୍ବରୁ ତାଙ୍କ ଦଳ ୱାଇଏସ୍‌ଆର୍ ତେଲଙ୍ଗାନା କଂଗ୍ରେସ ପାର୍ଟିକୁ କଂଗ୍ରେସ ଦଳରେ ସାମିଲ କରାଇଥିଲେ। ଶର୍ମିଳାଙ୍କ ଦଳ ତେଲଙ୍ଗାନା ବିଧାନସଭା ନିର୍ବାଚନ ଲଢ଼ି ନ ଥିଲା।



କଂଗ୍ରେସର ଭାରତ ଯୋଡୋ ନ୍ୟାୟ ଯାତ୍ରା ଅବସରରେ ମଣିପୁରର ଇମ୍ଫାଲ ୱେଷ୍ଟ ଜିଲାରେ ରାହୁଲ ଗାନ୍ଧୀଙ୍କ ସହ ସ୍ଥାନୀୟ ମହିଳା ସମର୍ଥକ।

## ଆଦିବାସୀ କଲ୍ୟାଣ ଯୋଜନା: ଲକ୍ଷେ ଲୋକଙ୍କୁ ପ୍ରଥମ କିସ୍ତି ସହାୟତା

ନୂଆଦିଲ୍ଲୀ,୧୫।୧

ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ୍-ଜନମନ) ଯୋଜନାରେ ଗ୍ରାମୀଣ ଗୃହ ଯୋଜନାରେ ଦେଶର ଲକ୍ଷେ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପ୍ରଥମ କିସ୍ତିରେ ୫୪୦ କୋଟି ଟଙ୍କା ପଠାଇଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ସେ ଏହି ସହାୟତା ପଠାଇଥିଲେ। ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ସମସ୍ତଙ୍କ ପାଖରେ ପହଞ୍ଚିପାରିଲେ ଦେଶର ବିକାଶ ହୋଇପାରିବ। ଦେଶର ଦୁର୍ଗମ ଅଞ୍ଚଳରେ ରହୁଥିବା ପ୍ରତ୍ୟେକଙ୍କ ପାଖରେ ଯୋଜନାର ସୁବିଧା ପହଞ୍ଚାଇବା ତାଙ୍କ ଗ୍ୟାରେଣ୍ଟି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଗତ ୧୦ ବର୍ଷ ମଧ୍ୟରେ ଆଦିବାସୀମାନଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନାର ବଜେଟ ପରିମାଣ ୫ ଗୁଣ ବଢ଼ିଛି। ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରବୃତ୍ତି ୨.୫ ପ୍ରତିଶତ ବୃଦ୍ଧି ପାଇଛି। ୫୦୦ରୁ ଉର୍ଦ୍ଧ୍ୱ ଏକଲବ୍ୟ ମଡେଲ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ମୋଦି କହିଥିଲେ।

## ଆମେରିକା ଯୁଦ୍ଧଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼

ଜେରୁଜେଲମ,୧୫।୧

ଲୋହିତ ସାଗରରେ ଥିବା ଆମେରିକାର ଏକ ଯୁଦ୍ଧଜାହାଜକୁ ୟେମେନ୍‌ର ହୋଉଥି ବିଦ୍ରୋହୀମାନେ କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ତେବେ ଆମେରିକାର ଲଢ଼ୁଆ ବିମାନ ଏହାକୁ ଖସାଇ ଦେଇଥିଲା। ଗାଜା ଷ୍ଟ୍ରିପ୍‌ରେ ହମାସ ଆତଙ୍କବାଦୀଙ୍କ ବିରୋଧରେ ଇସ୍ରାଏଲ୍ ଯୁଦ୍ଧ ଚଳାଇଥିବାବେଳେ ଲୋହିତ ସାଗରରେ ଇରାନ ସମର୍ଥିତ ହୋଉଥି ବିଦ୍ରୋହୀମାନେ ବିଭିନ୍ନ ଜାହାଜକୁ ଟାର୍ଗେଟ କରି ଆକ୍ରମଣ ଜାରି ରଖିଛନ୍ତି। ଫଳରେ ଅନ୍ତର୍ଜାତୀୟ ବାଣିଜ୍ୟ ପ୍ରଭାବିତ ହୋଇଛି। ଆମେରିକା ଯୁଦ୍ଧଜାହାଜ ଉପରେ ହୋଉଥି ଆତଙ୍କବାଦୀଙ୍କର ଏହା ପ୍ରଥମ ଆକ୍ରମଣ। ଗତ ଶୁକ୍ରବାର ଆମେରିକା ଓ ଏହାର ମିତ୍ର ରାଷ୍ଟ୍ର ହୋଉଥି ଉପରେ ଆକ୍ରମଣ କରିଥିଲା। ଏସିଆ ଏବଂ ମଧ୍ୟପ୍ରାଚ୍ୟର ରାଷ୍ଟ୍ରଗୁଡ଼ିକ ମଧ୍ୟରେ ବାଣିଜ୍ୟ କାରବାର ପାଇଁ ଲୋହିତ ସାଗର ଗୁରୁତ୍ୱପୂର୍ଣ୍ଣ କରିଡର ହୋଇଥିବାବେଳେ ହୋଉଥି ଆତଙ୍କବାଦୀମାନେ ଏହାକୁ ଟାର୍ଗେଟ କରି କିଛିସପ୍ତାହ ହେଲା ଆକ୍ରମଣ ଜାରି ରଖିଛନ୍ତି।

## ପୁଟିନ୍‌ଙ୍କ ସହ କଥାହେଲେ ମୋଦି



ଭ୍ଲାଡିମିର ପୁଟିନ୍



ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ,୧୫।୧(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ଏହି ଅବସରରେ ସେ ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ବ୍ରିକ୍ସରେ ରୁଷିଆର ଅଧ୍ୟକ୍ଷତାକୁ ଭାରତର ସମର୍ଥନ ନେଇ ପ୍ରତିଶ୍ରୁତି ଦେଇଥିଲେ। ଦୁଇ ଦେଶ ମଧ୍ୟରେ ସ୍ୱତନ୍ତ୍ର ରଣନୀତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ପାଇଁ ଭବିଷ୍ୟତ ପଦକ୍ଷେପର କାର୍ଯ୍ୟଯୋଜନା ଉପରେ ଉଭୟ ନେତା ଆଲୋଚନା କରିଥିଲେ। ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗ ଉପରେ ଉଭୟ ମତ ବିନିମୟ କରିଥିଲେ ବୋଲି ମୋଦି କହିଛନ୍ତି। ଗତ ମାସରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ରୁଷିଆ ଗସ୍ତରେ ଯାଇଥିବାବେଳେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ନିର୍ମାଣ ସାଙ୍ଗକୁ ସାମରିକ ଏବଂ ପ୍ରଯୁକ୍ତିଗତ ସହଯୋଗ ବଢ଼ାଇବା ପାଇଁ ଉଭୟ ଦେଶ ନିଷ୍ପତ୍ତି ନେଇଥିଲେ।

## ରାମମନ୍ଦିରରେ ସ୍ଥାପନ ହେବ ଯୋଗୀରାଜଙ୍କ ନିର୍ମିତ ମୂର୍ତ୍ତି

ଅଯୋଧ୍ୟା,୧୫।୧

ଆସନ୍ତା ୨୨ ତାରିଖରେ ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରେ କର୍ଣ୍ଣାଟକର ଖ୍ୟାତନାମା କାରିଗର ଅରୁନ୍ ଯୋଗୀରାଜଙ୍କ ନିର୍ମିତ ମୂର୍ତ୍ତି ସ୍ଥାପନ କରାଯିବ ବୋଲି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ଭଗବାନ ଶ୍ରୀରାମଙ୍କ ଶ୍ରୀବିଗ୍ରହ ଭାବେ ଯୋଗୀରାଜଙ୍କ ଦ୍ୱାରା କ୍ରିଷ୍ଣଶିଳାରେ ନିର୍ମିତ ହୋଇଥିବା ମୂର୍ତ୍ତିକୁ ଚୟନ କରାଯାଇଛି ବୋଲି ମନ୍ଦିର ଟ୍ରଷ୍ଟ ଏକ୍ସ'ରେ ପୋଷ୍ଟ କରିଛି। ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ପାଇଁ ଯୋଗୀରାଜଙ୍କ ମୂର୍ତ୍ତିକୁ ଚୟନ କରାଯାଇଥିବା ନେଇ ବରିଷ୍ଠ ଭାଜପା ନେତା ବି.ଏସ୍. ୟେଦୁରପ୍ପା ପୂର୍ବରୁ ସୂଚନା ଦେଇଥିବାବେଳେ ଟ୍ରଷ୍ଟ ଏହାକୁ ଖଣ୍ଡନ କରିଥିଲା। ମୂର୍ତ୍ତି ଚୟନ ଚୂଡ଼ାନ୍ତ ହୋଇ ନ ଥିବା ଟ୍ରଷ୍ଟ ମୁଖ୍ୟ ଚମ୍ପତି ରାୟ କହିଥିଲେ। ରାମମନ୍ଦିର ଗର୍ଭଗୃହରେ ସ୍ଥାପନ ଲାଗି ୩ଟି ମୂର୍ତ୍ତି ନିର୍ମାଣ କରାଯାଇଥିବାବେଳେ ସେଥିରୁ ଯୋଗୀରାଜଙ୍କ ନିର୍ମିତ ମୂର୍ତ୍ତିକୁ ଟ୍ରଷ୍ଟ ଚୟନ କରିଛି। ଏହାକୁ ୧୭ ତାରିଖରେ ମନ୍ଦିରକୁ ନିଆଯିବ। ବର୍ତ୍ତମାନର ରାମଲାଲା ମୂର୍ତ୍ତିକୁ ମଧ୍ୟ ନୂଆ ମନ୍ଦିର ଗର୍ଭଗୃହରେ ରଖାଯିବ ବୋଲି ରାୟ ଘୋଷଣା କରିଛନ୍ତି। ମହୀଶୂରର ଯୋଗୀରାଜଙ୍କ ୫ ପିଢ଼ି ମୂର୍ତ୍ତି ନିର୍ମାଣ ସହ ସମ୍ପୃକ୍ତ। ସେ ବାପାଙ୍କ ଦ୍ୱାରା ପ୍ରଭାବିତ ହୋଇ ଅତି କମ୍ ବୟସରୁ ମୂର୍ତ୍ତି ଗଢ଼ାକୁ ନିଜକୁ ନିୟୋଜିତ କରିଥିଲେ। ଏମ୍‌ବିଏ କରିବା ପରେ ସେ କିଛିଦିନ ପାଇଁ କର୍ପୋରେଟ୍ ସେକ୍ଟରରେ କାମ କରିଥିଲେ ମଧ୍ୟ ମୂର୍ତ୍ତି ଗଢ଼ିବା ତାଙ୍କର ନିଶା ଥିଲା। ୨୦୦୮ରେ ସେ ଚାକିରି ଛାଡ଼ି ମୂର୍ତ୍ତି ନିର୍ମାଣକୁ ପେସା କରିଥିଲେ। ଏହା ପରଠାରୁ ସେ ଅନେକ ମୂର୍ତ୍ତି ନିର୍ମାଣ କରି ପ୍ରସିଦ୍ଧି ଲାଭ କରିଛନ୍ତି। ଇଣ୍ଡିଆ ଗେଟ୍‌ର ଅମର ଯବାନ ଜ୍ୟୋତି ନିକଟରେ ୩୦ ଫୁଟ୍ ଉଚ୍ଚର ସୁଭାଷ ବୋଷ ମୂର୍ତ୍ତି ତାଙ୍କର କୃତି। ଏହା ବ୍ୟତୀତ ସେ ଅନେକ ମୂର୍ତ୍ତି ନିର୍ମାଣ କରି ଯଶ ଅର୍ଜନ କରିଛନ୍ତି।



ଅରୁନ୍ ଯୋଗୀରାଜଙ୍କ ନିର୍ମିତ ରାମଲାଲାଙ୍କ ମୂର୍ତ୍ତି

## ମହାରାଷ୍ଟ୍ର ବାଚସ୍ପତିଙ୍କ ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟ ଗଲେ ଉଦ୍ଧବ

ନୂଆଦିଲ୍ଲୀ,୧୫।୧

ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ନରୱେକର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀକୁ ପ୍ରକୃତ ଶିବସେନା ଭାବେ ସ୍ୱୀକୃତି ଦେବା ପରେ ଏହା ବିରୋଧରେ ଶିବସେନାର ଉଦ୍ଧବ ଠାକ୍‌ରେ ଗୋଷ୍ଠୀ ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୨୨ରେ ବିଦ୍ରୋହ କରି ଦଳରେ ବିଭାଜନ ସୃଷ୍ଟି କରିଥିବା ଶିନ୍ଦେ ଗୋଷ୍ଠୀର ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଆବେଦନକୁ ବାଚସ୍ପତି ଖାରଜ କରିଦେଇଥିବାରୁ ଏହାକୁ ମଧ୍ୟ ଶିବସେନା (ୟୁବିଟି) ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଛି।

୨୦୨୨ ଜୁନ୍‌ରେ ଶିବସେନାରେ ବିଭାଜନ ପରେ ଶିନ୍ଦେଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ପ୍ରକୃତ ଶିବସେନା ବୋଲି ନରୱେକର ଗତ ସପ୍ତାହରେ ନିଷ୍ପତ୍ତି ଶୁଣାଇଥିଲେ। ତାଙ୍କ ଗୋଷ୍ଠୀର ୧୬ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଠାକ୍‌ରେ ଗୋଷ୍ଠୀଙ୍କ ଆବେଦନକୁ ବାଚସ୍ପତି ଖାରଜ କରିଦେଇଥିଲେ। ୨୦୨୨ ଜୁନ୍ ୨୧ରେ ଦଳ ବିଭାଜିତ ହେବା ବେଳକୁ ଶିବସେନା(ୟୁବିଟି)ର ସୁନୀଲ ପ୍ରଭୁ ହୁଇପ୍ କ୍ଷମତା ହରାଇଥିଲେ ଏବଂ ଶିନ୍ଦେ ଗୋଷ୍ଠୀର ବିଧାୟକ ଭରତ ଗୋଗାୱାଲେ ହୁଇପ୍ ହୋଇଥିଲେ ବୋଲି ବାଚସ୍ପତି କହିଥିଲେ।

# ଏଆଇ ଯୋଗୁ ୪୦% ନିଯୁକ୍ତି ପ୍ରଭାବିତ ହେବ

### ଆଇଏମ୍‌ଏଫ୍ ରିପୋର୍ଟ

ନୂଆଦିଲ୍ଲୀ,୧୫।୧

କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ଯୋଗୁ ନିଯୁକ୍ତି କ୍ଷେତ୍ର ଗୁରୁତର ପ୍ରଭାବିତ ହେବ ବୋଲି ପୂର୍ବରୁ ଅଭିଯୋଗ ହୋଇଆସୁଛି। ଏବେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ମଧ୍ୟ ଉକ୍ତ ଅଭିଯୋଗକୁ ସତ୍ୟ ବୋଲି ଗ୍ରହଣ କରିଛି। ଏଆଇ ଏବେ ସାରା ବିଶ୍ୱକୁ କବଳିତ କରିଥିବାବେଳେ ଉଭୟ ଉତ୍ସାହ ଏବଂ ଆଶଙ୍କା ସୃଷ୍ଟି କରିଛି। ବିଶ୍ୱ ଅର୍ଥନୀତିରେ ଏହାର ସମ୍ଭାବ୍ୟ ପ୍ରଭାବ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କରିବାର ଆବଶ୍ୟକତା ରହିଛି ବୋଲି ଆଇଏମ୍‌ଏଫ୍‌ର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜିଓର୍ଜିଏଭା ଏକ ବ୍ଲଗ୍‌ରେ ପୋଷ୍ଟ କରିଛନ୍ତି।



କ୍ରିଷ୍ଟାଲିନା ଜିଓର୍ଜିଏଭା

ବିଶ୍ୱ ଶ୍ରମ ବଜାର ଉପରେ ଏଆଇର ପ୍ରଭାବ ସମ୍ପର୍କରେ ଆଇଏମ୍‌ଏଫ୍ ଅନୁଧ୍ୟାନ କରୁଛି। ଏଆଇ ଯୋଗୁ ଅନେକ ଲୋକ ଚାକିରି ହରାଇପାରନ୍ତି ବୋଲି ବିଭିନ୍ନ ଅଧ୍ୟୟନରେ ପୂର୍ବାନୁମାନ କରାଯାଇଥିଲା। ଏଆଇ ଅନେକ କ୍ଷେତ୍ରରେ ମାନବ କାର୍ଯ୍ୟ ପୂରଣ କରିପାରୁଛି। ଆଇଏମ୍‌ଏଫ୍ ଏମ୍‌ଡିଙ୍କ କହିବା ଅନୁଯାୟୀ ଏଆଇ ପାଇଁ ବିଶ୍ୱ ନିଯୁକ୍ତିର ୪୦ ପ୍ରତିଶତ ପ୍ରଭାବିତ ହେବ। ପୂର୍ବରୁ ଦେଖାଯାଇଛି ଯେ ଅଟୋମେଶନ ଏବଂ ସୂଚନା ପ୍ରଯୁକ୍ତି ନିୟମିତ କାର୍ଯ୍ୟକୁ ପ୍ରଭାବିତ କରିଥିଲା। କିନ୍ତୁ ଏହା ବାଦ୍ ଏଆଇ ଉଚ୍ଚ କୌଶଳଗତ କାର୍ଯ୍ୟକୁ ପ୍ରଭାବିତ କରିବା ପାଇଁ ସମର୍ଥ ବୋଲି ଜିଓର୍ଜିଏଭା କହିଛନ୍ତି। ତେଣୁ ଅଗ୍ରଗତି କରୁଥିବା ଅର୍ଥନୀତି ଏଆଇ ପାଇଁ ବଡ଼ ବିପଦର ସମ୍ମୁଖୀନ କରିବାକୁ ଯାଉଛି। ତେବେ ଏଆଇ ସୃଷ୍ଟି କରିବାକୁ ଥିବା ଅଧିକ ସୁଯୋଗ ବର୍ଦ୍ଧିତ ବଜାର ଓ ଅର୍ଥନୀତିକୁ ଏହା ତୁଳନାରେ ଅଧିକ ଲାଭ ଦେଇପାରିବ।

ଆଇଏମ୍‌ଏଫ୍‌ର ଅନୁଧ୍ୟାନ ଅନୁଯାୟୀ ଅଗ୍ରଗତି କରୁଥିବା ଅର୍ଥନୀତିରେ ୬୦ ପ୍ରତିଶତ ନିଯୁକ୍ତି ଏଆଇ ଦ୍ୱାରା ପ୍ରଭାବିତ ହୋଇପାରେ। ତେବେ ଏଆଇ ସାମିଲ ହେବା ଫଳରେ ସମ୍ପୃକ୍ତ ସଂସ୍ଥା ଲାଭବାନ ହେବ ଏବଂ ଉତ୍ପାଦନ ବୃଦ୍ଧି ପାଇବ। ଏଆଇ ଉପଯୋଗ କରାଗଲେ ମାନବ ଦ୍ୱାରା ପରିଚାଳିତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏହା ସମ୍ପାଦନ କରିବ। ଫଳରେ ଶ୍ରମ ଚାହିଦା ହ୍ରାସ ପାଇବା ସହ ମଜୁରୀ ହ୍ରାସ ପାଇବ ଏବଂ କମ୍ ଲୋକଙ୍କୁ ନିଯୁକ୍ତି ଦିଆଯିବ। କେତେକ ପଦବୀ ସମ୍ପୂର୍ଣ୍ଣ ଲୋପ ପାଇପାରେ ବୋଲି ଆଇଏମ୍‌ଏଫ୍ ରିପୋର୍ଟରେ କୁହାଯାଇଛି। ନିକଟରେ ଅର୍ଥନୀତିରେ ବିକଶିତ ହେଉଥିବା ଏବଂ କମ୍ ଆୟକାରୀ ଦେଶଗୁଡ଼ିକରେ ଏଆଇର ଉପଯୋଗ ଯୋଗୁ ଯଥାକ୍ରମେ ୪୦ ଏବଂ ୨୬ ପ୍ରତିଶତ ନିଯୁକ୍ତି ହ୍ରାସ ପାଇବା ଆଶା କରାଯାଉଛି। ଅନ୍ୟପକ୍ଷରେ ଏଭଳି ଅଧିକାଂଶ ଦେଶରେ ଏଆଇ ବ୍ୟବହାରକୁ ନିୟନ୍ତ୍ରଣ କରିବା ଲାଗି ଭିତ୍ତିଭୂମି ଏବଂ ଦକ୍ଷ ଶ୍ରମଶକ୍ତି ନାହିଁ। ଫଳରେ ଏହି ଦେଶଗୁଡ଼ିକରେ ପ୍ରଯୁକ୍ତି ଅସମାନତା ବଢ଼ାଇବ ବୋଲି ଜିଓର୍ଜିଏଭା କହିଛନ୍ତି। ତେଣୁ ଶ୍ରମିକ କର୍ମଚାରୀମାନଙ୍କ ଅସୁବିଧାକୁ ଦୂର କରିବା ପାଇଁ ଦେଶଗୁଡ଼ିକ ବିସ୍ତୃତ ସାମାଜିକ ନିରାପତ୍ତା ନେଟ୍ ସ୍ଥାପନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନେବା ଜରୁରୀ ବୋଲି ସେ କହିଛନ୍ତି।

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** କ୍ରମାଗତ ୫ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୭୫୯ (୭୫୯.୪୯) ପଏଣ୍ଟ ବଢି ୭୩,୩୨୮ (୭୩,୩୨୭.୯୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ ୨୦୩ (୨୦୨.୯୦) ପଏଣ୍ଟ ବୃଦ୍ଧି ଘଟି ୨୨,୦୯୭ (୨୨,୦୯୭.୪୫) ଅଙ୍କରେ କାରବାର ବନ୍ଦ କରିଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ପ୍ରିନ୍ସ

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କେମେନ ଏସ୍ଇ ସହ କାବିଲର ଐତିହାସିକ ଚୁକ୍ତିନାମା

ଭୁବନେଶ୍ୱର,୧୫।୧ (ଅଭୟ ଦାଶ)



ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନ ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ୍ ବା କାବିଲ ଏବଂ ଆର୍ଜେଣ୍ଟିନାର କାଟାମାର୍କା ପ୍ରଦେଶ ସରକାରଙ୍କ ଅଧୀନ କେମେନ ଏସ୍ଇ ମଧ୍ୟରେ ସୋମବାର ଏକ ଐତିହାସିକ ଚୁକ୍ତିନାମା କାଟାମାର୍କାଠାରେ ସ୍ୱାକ୍ଷରିତ ହୋଇଯାଇଛି। କାଟାମାର୍କାର ଗଭର୍ନର ଏଲ୍ଆସି. ରଲ ଜଲିଲ, ଭାଇସ ଗଭର୍ନର ଇଂ ରୁବେନ ଡସୋ, କାଟାମାର୍କା ପ୍ରଦେଶର ଖଣି ମନ୍ତ୍ରୀ ମାରସେଲୋ ମାରୁଆ ଏବଂ ଆର୍ଜେଣ୍ଟିନାରେ ଭାରତର ରାଷ୍ଟ୍ରଦୂତ ଦିନେଶ ଭାଟିଆଙ୍କ ଉପସ୍ଥିତିରେ ଉପରୋକ୍ତ ଚୁକ୍ତିନାମା ବା ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଏବଂ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ସଚିବ ଭି.ଏଲ୍. କାନ୍ଥାରାଓ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଭିଡିଓ କନଫରେନସ ମାଧ୍ୟମରେ ଉପସ୍ଥିତ ଥିଲେ।

ଏହି ଅବସରରେ ନାଲ୍କୋ ସିଏମ୍ଡି ତଥା କାବିଲର ଚେୟାରମ୍ୟାନ ଶ୍ରୀଧର ପାତ୍ର ଏବଂ ନାଲକୋର ବାଣିଜ୍ୟିକ ନିର୍ଦ୍ଦେଶକ ତଥା କାବିଲର ସିଇଓ ସଦାଶିବ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଏ ନେଇ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, ଉଭୟ ଭାରତ ଓ ଆର୍ଜେଣ୍ଟିନା ପାଇଁ ଏହା ଏକ ଐତିହାସିକ ଦିନ ହୋଇଥିଲାବେଳେ କାବିଲ ଏବଂ କେମେନ ମଧ୍ୟରେ ହୋଇଥିବା ବୁଝାମଣା ଦ୍ୱାରା ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କରେ ଆଉ ଏକ ନୂତନ ଅଧ୍ୟାୟ ଯୋଡି ହୋଇଛି। ଉକ୍ତ ବୁଝାମଣା ଦ୍ୱାରା ଉଭୟ ଶକ୍ତି କ୍ଷେତ୍ର ଏବଂ ଭାରତର ବିଭିନ୍ନ ଶିଳ୍ପରେ ବ୍ୟବହୃତ ଅତ୍ୟାବଶ୍ୟକ ଖଣିଜ ପଦାର୍ଥଗୁଡିକର ବିବିଧ ଓ ଦୀର୍ଘସ୍ଥାୟୀ ଯୋଗାଣ ଶୃଙ୍ଖଳ ନିଶ୍ଚିତ କରିବ । କୌଣସି ଭାରତୀୟ ସରକାରୀ କମ୍ପାନୀ ବିଦେଶରେ ଲିଥିୟମ ଅନୁସନ୍ଧାନ ଏବଂ ଉତ୍ତୋଳନ କ୍ଷେତ୍ରରେ କାର୍ଯ୍ୟ କରିବାରେ ଏହା ସର୍ବପ୍ରଥମ ପ୍ରକଳ୍ପ ଭାବେ ବିବେଚିତ ହୋଇଛି। ଆର୍ଜେଣ୍ଟିନାର କାଟାମାର୍କା ପ୍ରଦେଶରେ ୧୫,୭୦୩ ହେକ୍ଟର ପରିମିତ କ୍ଷେତ୍ରରେ କାବିଲ ପକ୍ଷରୁ ୫ଟି ଲିଥିୟମ ଖଣି ଯଥା କର୍ଡ଼ାଡେରା-୧, କର୍ଡ଼ାଡେରା-୭, କର୍ଡ଼ାଡେରା-୮, କାଟିଓ ୨୦୨୨-୦୧୮୧୦୧୩୨ ଏବଂ କର୍ଡ଼ାଡେରା-୬ର ଅନୁସନ୍ଧାନ ଏବଂ ବିକାଶର ପ୍ରକ୍ରିୟା ଆରମ୍ଭ କରିବା ସହିତ କାବିଲ ଆର୍ଜେଣ୍ଟିନାର କାଟାମାର୍କାରେ କମ୍ପାନୀର ଏକ ଶାଖା କାର୍ଯ୍ୟାଳୟ ସ୍ଥାପନ କରିବ ବୋଲି ଜଣାପଡିଛି। ଉକ୍ତ ପ୍ରକଳ୍ପର ସମୁଦାୟ ବ୍ୟୟ ୨୦୦କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଉକ୍ତ ବୁଝାମଣା ଦ୍ୱାରା କାବିଲକୁ ୫ଟି ଖଣିଜ ବ୍ଲକର ଅବଧାରଣା ମୂଲ୍ୟାଙ୍କନ ଏବଂ ଅନୁସନ୍ଧାନ ପାଇଁ ସ୍ୱତନ୍ତ୍ର ଅଧିକାର ତଥା ଅନୁମୋଦନ ମିଳିପାରିଛି, ଯାହା ଦ୍ୱାରା ପରବର୍ତ୍ତୀ ସମୟରେ ଖଣିଜ ପଦାର୍ଥର ସ୍ଥିତି ଅନୁସାରେ ଲିଥିୟମର ଉତ୍ତୋଳନ ଓ ବାଣିଜ୍ୟିକ କାରବାର କରାଯାଇପାରିବ। ଏହି ପ୍ରୟାସ ଭାରତ ନିମନ୍ତେ ଲିଥିୟମର ଆବଶ୍ୟକତାକୁ ପୂରଣ କରିବା ଦିଗରେ ତଥା ବ୍ରାଇନ ଲିଥିୟମର ଅନୁସନ୍ଧାନ ଓ ଉତ୍ତୋଳନ କ୍ଷେତ୍ରରେ ଜ୍ଞାନକୌଶଳ ଓ ପରିଚାଳନା ଅଭିଜ୍ଞତା ବିନିଯୋଗ ତଥା ବୃଦ୍ଧି କରିବାରେ ସହାୟକ ହେବ। ବିଶ୍ୱରେ କ୍ରିଟିକାଲ ମିନେରାଲ ଅନୁସନ୍ଧାନ ଦିଗରେ କାର୍ଯ୍ୟ କରିବା ପାଇଁ ଭାରତର ୩ ସରକାରୀ ଉଦ୍ୟୋଗ ଯେପରି, ନାଲକୋ, ହିନ୍ଦୁସ୍ତାନ କପର ଲିମିଟେଡ୍ ଏବଂ ମିନେରାଲ ଏକ୍ସପ୍ଲୋରେସନ କମ୍ପାନୀ ଲିମିଟେଡ୍ର ମିଳିତ ସହଯୋଗରେ କାବିଲର ଗଠନ କରାଯାଇଛି ଏବଂ ନବରତ୍ନ ନାଲକୋ ଏଥିରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି ।

## ଜେଏଫ୍ଏସ୍ର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୧୫।୧

ଜିଓ ଫାଇନାନ୍ସିଆଲ ସର୍ଭିସ (ଜେଏଫ୍ଏସ୍)ର ନିର୍ଦ୍ଦେଶକ ମଣ୍ଡଳୀର ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୨୦୨୩-୨୪ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଚଳିତ ଆର୍ଥିକ ବର୍ଷର ଅକ୍ଟୋବରରୁ ଡିସେମ୍ବର ଶେଷ ସୁଦ୍ଧା କମ୍ପାନୀର ମୋଟ ଲାଭ ୨୯୪ (୨୯୩.୮୨) କୋଟି ଟଙ୍କାରେ ପହଞ୍ଚିଛି।

**CLASSIFIED DISPLAY**

TARIFF — MORE SPACE ' SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଜନ୍ମଦିନର ଶୁଭେଚ୍ଛା**



**ଆୟୁଷ ଅଂଶୁମାନ ପାଢ଼ୀ (ପ୍ରିନ୍ସ)**

ଲୋଧାଚୂଆ, ରଣପୁର, ନୟାଗଡ଼

ଆଜି ତୋର ୧୧ତମ ଜନ୍ମଦିନ ଶୁଭ ଅବସରରେ ଆମ୍ଭେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୋର ଜୀବନ ସୁଖମୟ, ଦୀର୍ଘାୟୁ ଓ ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବାବା, ମାମା, ବଡ଼ବାବା, ବଡ଼ମାମା, ମାମୁ, ମାଇଁ, ଅଜା, ଆଇ ଓ ପରିବାରବର୍ଗ।

ଧ-୭୫୧୦୦

**Hurry up... Hurry up... Hurry up...**

**B.Ed**

**Only @89,000/-**

**IMMEDIATELY CONTACT**

**B.Ed COUNSELLING CENTER BHUBANESWAR**

**7606962458**
**8908210843**
**9124391142**
**8908210443**

**କୃତିତ୍ୱ**



ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ଏବଂ ଉଦ୍ଭିଦ ବିଜ୍ଞାନ ବିଭାଗରେ ସିନିଅର ଡେମୋନଷ୍ଟ୍ରେଟର ଭାବେ କାର୍ଯ୍ୟରତ ଶ୍ରୀଯୁକ୍ତ ସହଦେବ ପରିଡ଼ା ଓ ଶ୍ରୀମତୀ ସଂଗୀତା ସାମନ୍ତରାୟଙ୍କ କନିଷ୍ଠ କନ୍ୟା ଅତସୀ ଅପରାଜିତା ସର୍ବଭାରତୀୟ Geoscientist Grade-A ପରୀକ୍ଷାରେ ସାଧାରଣବର୍ଗର ୧୯୦ ଜଣଙ୍କ ମଧ୍ୟରେ ୧୦୦ Rank ରଖି ଓଡ଼ିଶାରୁ ଏକମାତ୍ର ଛାତ୍ରୀ ଭାବେ ପ୍ରଥମ ପଦକ୍ଷେପରେ ଯୋଗ୍ୟତା ଅର୍ଜନ କରିବା ସହିତ Geological Survey of Indiaରେ ଯୋଗଦେବା ନିମନ୍ତେ ମନୋନୀତ ହୋଇଛନ୍ତି। ଅତସୀ ଅପରାଜିତା ଚଳିତ ବର୍ଷ BHU ବିଶ୍ୱବିଦ୍ୟାଳୟରୁ ଭୂତତ୍ତ୍ୱ ବିଜ୍ଞାନରେ ସ୍ନାତକୋତ୍ତରରେ ଉତ୍ତୀର୍ଣ୍ଣ ହେବାର କିଛି ମାସ ମଧ୍ୟରେ ଏଭଳି ଗୌରବ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ପିତା, ମାତା, ପୂଜ୍ୟ ଗୁରୁମା ଓ ଗୁରୁଜୀ ତଥା ଗୁରୁଜନମାନଙ୍କୁ ଶ୍ରେୟ ଦେଇଛନ୍ତି। ଏଥିପାଇଁ ନିମାପଡ଼ା ଅଞ୍ଚଳବାସୀ କୃତଜ୍ଞତା ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଧ-୨୨୮୪

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କାନାରା ବ୍ୟାଙ୍କ ପକ୍ଷରୁ ଏମ୍ଏସ୍ଏମ୍ଇ ଆଉଟ୍ରିଚ ପ୍ରୋଗ୍ରାମ

ଭୁବନେଶ୍ୱର,୧୫।୧



କାନାରା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ବା ଏମ୍ଏସ୍ଏମ୍ଇ ଆଉଟରିଚ ପ୍ରୋଗ୍ରାମ (କାର୍ଯ୍ୟକ୍ରମ) ନିକଟରେ ଆୟୋଜିତ ହୋଇଯାଇଛି। ଏପରିକି ବ୍ୟାଙ୍କର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦରଙ୍କ ବଳିଷ୍ଠ ମାର୍ଗଦର୍ଶନରେ ବ୍ୟାଙ୍କର ସମସ୍ତ କ୍ଷେତ୍ରୀୟ କାର୍ଯ୍ୟାଳୟ ଯଥା ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଏବଂ ଭଦ୍ରକଠାରେ ମଧ 'ଏମ୍ଏସ୍ଏମ୍ଇ ଆଉଟ୍ରିଚ' ପ୍ରୋଗାମ (କାର୍ଯ୍ୟକ୍ରମ) ଆୟୋଜନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବ ଭୁବନେଶ୍ୱରଠାରେ କରାଯାଇଥିବାବେଳେ ଭୁବନେଶ୍ୱର ମଣ୍ଡଳର ଉପ-ମହାପ୍ରବନ୍ଧକ ପି. ଠାକୁର ନାୟକ ଏବଂ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ-୧ର କ୍ଷେତ୍ରୀୟ ମୁଖ୍ୟ ତଥା ସହାୟକ ମହାପ୍ରବନ୍ଧକ ମହାମାୟା ପ୍ରସାଦ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ଏମ୍ଏସ୍ଏମ୍ଇ ଗ୍ରାହକ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ ମଞ୍ଚେଶ୍ୱର ଔଦ୍ୟୋଗିକ କ୍ଷେତ୍ରର ଅଧ୍ୟକ୍ଷ ପ୍ରମୋଦ କୁମାର ଦାଶ ଏବଂ ଓଡ଼ିଶା ପ୍ଲାଷ୍ଟିକ ପାଇପ୍ସ ମାନୁଫାକ୍ଚରିଂ ଆସୋସିଏଶନ୍ର ସଚିବ ନିକୁଞ୍ଜ ଛୋଟରାୟ ମଧ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ରିଲାଏନ୍ସ ରିଟେଲର ନୂତନ ଅଭିଯାନ

ଭୁବନେଶ୍ୱର,୧୫।୧

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ରିଲାଏନ୍ସ ଗ୍ରୁପର ଅଗ୍ରଣୀ ସଂସ୍ଥା ରିଲାଏନ୍ସ ରିଟେଲର ନୂତନ ଅଭିଯାନ' ଭୁଲ ନା ଯାନା ପ୍ଲାଷ୍ଟିକ ବୋତଲ ଲୋଟାନା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ରିଲାଏନ୍ସ ରିଟେଲ ଓ କୋକାକୋଲା ଇଣ୍ଡିଆର ମିଳିତ ସହଯୋଗରେ ଏକ ଅଭିନବ ପଦକ୍ଷେପ ପିଇଟି କଲେକ୍ସନ ଆଣ୍ଡ ରିସ୍ଲାଇକ୍ଲିଂ ଇନ୍ଟାଇଟେଭି ଆରମ୍ଭ ହୋଇଛି। ବିଶେଷକରି ରିଲାଏନ୍ସ ରିଟେଲର ସମସ୍ତ ଆଉଟଲେଟ ପରିସରରେ ଏକ ସ୍ୱତନ୍ତ୍ର ରିଜର୍ଭ ଭେଣ୍ଡିଂ ମେଶିନ ସ୍ଥାପନ କରାଯାଇଛି। ଉକ୍ତ ମେଶିନ ଜରିଆରେ ୫ଲକ୍ଷ ପିଇଟି ବଟଲ୍ସ ୨୦୨୫ ସୁଦ୍ଧା ସଂଗ୍ରହ କରାଯିବ ବୋଲି ଉଭୟ ସଂସ୍ଥା ପକ୍ଷରୁ ଆକଳନ କରାଯାଇଛି। ଏ ସମ୍ପର୍କରେ ରିଲାଏନ୍ସ ରିଟେଲ ଲିମିଟେଡର ସିଇଓ (ଗ୍ରୋସେରି ରିଟେଲ) ଦାମୋଦର ମଲ କହିଛନ୍ତି, ଆମେ ପ୍ରତିଦିନ ବ୍ୟବହାର କରୁଥିବା ପ୍ଲାଷ୍ଟିକ ଉତ୍ପାଦଗୁଡିକୁ ଭେଣ୍ଡିଂ ମେଶିନ ଜରିଆରେ ସଂଗ୍ରହ କରାଯାଉଥିବା ବୋତଲଗୁଡିକ ରିସାଇକ୍ଲିଂ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଏହି ଅଭିଯାନ ଆମର ଦିଲ୍ଲୀ ଓ ମୁମ୍ବାଇ ଠାରେ ଅବସ୍ଥିତ ୩୬ଟି ରିଲାଏନ୍ସ ରିଟେଲ ଜରିଆରେ ପିଇଟି ସଂଗ୍ରହ କରାଯିବ। ପରବର୍ତ୍ତୀ ସମୟରେ ଏହି ଅଭିଯାନ ଦେଶର ସମସ୍ତ ରିଲାଏନ୍ସ ଆଉଟଲେଟରେ ଆରମ୍ଭ କରାଯିବ ବୋଲି ମଲ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

**Classified Everyday**

**0674-2580101, 2549949**

**ମନେ ପଡ଼ନ୍ତି**

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ଶ୍ୟାମ ସୁନ୍ଦର ମଲ୍ଲିକ**

ପିତା: ୰ଅକ୍ରୁର ମଲ୍ଲିକ

ସା: ଶୁରଡ଼ିହ, ନନ୍ଦିପୁର, ଜିଲ୍ଲା: ଯାଜପୁର

ଆବିର୍ଭାବ: ୧୦।୦୧।୧୯୨୫
ତିରୋଧାନ: ୩୧।୧୨।୨୦୧୯

ଆପଣ ଆମକୁ ଛାଡ଼ିଯିବାର ଛଅ ବର୍ଷରୁ ଅଧିକ ବିତିଗଲାଣି। ଆମକୁ ମଣିଷ କରିବା ପାଇଁ ଜୀବନରେ ନେଇଥିବା କଷ୍ଟ ସବୁଦିନ ଅଭୁଲା ରହିବ। ଆପଣଙ୍କ ଆତ୍ମା ଶାନ୍ତି ପାଉ, ଆଜିର ଏହି ଷଷ୍ଠ ଶ୍ରାଦ୍ଧବାର୍ଷିକୀରେ ଭଗବାନଙ୍କ ନିକଟରେ ଏତିକି କାମନା ।

ଶୋକସନ୍ତପ୍ତ ପରିବାରବର୍ଗ ।

ଧ-୨୨୭୮

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରଣତି ଦୀକ୍ଷିତ**

ଆବିର୍ଭାବ-୦୭।୦୪।୧୯୬୨
ତିରୋଧାନ- ୦୬।୦୧।୨୦୨୪

ସ୍ୱାମୀ, ପୁଅ, ତୁଷାର ରଞ୍ଜନ ଦୀକ୍ଷିତ, ମିହିର ରଞ୍ଜନ ଦୀକ୍ଷିତ, ସମୀର ରଞ୍ଜନ ଦୀକ୍ଷିତ, ସଲିଳ ରଞ୍ଜନ ଦୀକ୍ଷିତ, ଝିଅ: ତୃପ୍ତି ରାଣୀ ଦୀକ୍ଷିତ, ଜ୍ୱାଇଁ: କେଦାର ନାଥ ପାଢ଼ୀ, ଶ୍ରୀକାନ୍ତ କୁମାର ମିଶ୍ର, ଭଣଜା: ଦେବରାଜ ଦୀକ୍ଷିତ, ତପନ କୁମାର ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, ଭାଇ, ଭାଉଜ, ପୁତୁରା, ଝିଆରୀ, ନାତି, ନାତୁଣୀ, ଦିଅର, ଭାଉଜ, ଯା, ନଣନ୍ଦ, ଦେଢ଼ଶୁର, ଶୋକସନ୍ତପ୍ତ ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।

ଧ-୨୨୮୩

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ଆଇଓବିର ରାଜଭାଷା ସଂଗୋଷ୍ଠୀ କାର୍ଯ୍ୟକ୍ରମ



ନୂଆଦିଲ୍ଲୀ,୧୫।୧

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି)ର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଦେଶକୁ ଏକ ସୂତ୍ରରେ ବାନ୍ଧି ରଖୁଛି ହିନ୍ଦୀ' ବିଷୟବସ୍ତୁ ଶୀର୍ଷକ (ସମ୍ପର୍କିତ) ରାଜଭାଷା ସଂଗୋଷ୍ଠୀ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ୟୁନାଇଟେଡ୍ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ପ୍ରବନ୍ଧକ ସାଇବ ପାତ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ସେହିଭଳି ପାତ୍ର ସମସ୍ତଙ୍କୁ ସମ୍ବୋଧନ କରି କହିଥିଲେ, ଦେଶକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାରେ ହିନ୍ଦୀ ସବୁଠାରୁ ସମର୍ଥ ଭାଷା ହୋଇଥିବାବେଳେ ସାଂସ୍କୃତିକ ଏବଂ ଧାର୍ମିକ ରୂପରେ ମଧ ବିବିଧତା ଥିବା ଏହି ଦେଶରେ ହିନ୍ଦୀ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି। ପ୍ରତ୍ୟେକ ନାଗରିକ ହିନ୍ଦୀ ଭାଷାର ଗୁରୁତ୍ୱକୁ ଅନୁଭବ କରିବା ଉଚିତ ବୋଲି ପାତ୍ର କହିଥିଲେ। ଆଇଓବି ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ମନୀଷ କୁମାର ହିନ୍ଦୀ ଭାଷାକୁ ଏକ ଭାବନାତ୍ମକ ଭାଷା କହିଥିବାବେଳେ ଉକ୍ତ ଭାଷା ସହଜରେ ହୃଦୟକୁ ଛୁଇଁ ଯାଇଥାଏ ବୋଲି ସେ କହିଥିଲେ। ବିଶ୍ୱରେ ଭାରତୀୟ ସଂସ୍କୃତିର ପ୍ରଚାର, ପ୍ରସାର କରିବାରେ ହିନ୍ଦୀ ଭାଷା ସବୁଠାରୁ ଉତ୍ତମ ମାଧ୍ୟମ ବୋଲି ମଧ ସେ କହିଥିଲେ। ମୁଖ୍ୟ ପ୍ରବନ୍ଧକ ଆଶିଷ ଠାକୁର ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସନ୍ଦେଶ ଶୁଣାଇଥିଲେ। କ୍ଷେତ୍ରୀୟ ମୁଖ୍ୟ ମନୀଷ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ରାଜଭାଷା ଅଧିକାରୀ ପ୍ରତିଭା ବହିଦାର ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**REAL ESTATE**



**SALE**

Duplex sale at Bhubaneswar @ 57 lakhs only. Contact: 9777433701.
D-75294

**FOR RENT**



**3BR Apartment in Kharvela Nagar, Unit-3, Bhubaneswar. Senior Officers from Central & State Govt./Public Sector/Multinational Companies and Banks may contact: 9861447371 (Between 10.30AM- 5.30PM).**
D-75510

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Body massage by experience, good looking therapist @999/-, (Bhubaneswar). 9078484455.** D-2282

Positively health benefits SPA expert therapist at Nayapalli. Contact: 7846814019. D-75187

Spa Kerala body Massage best Therapist @699/- Bhubaneswar. kajal-9337672475. D-2252

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Newly open SPA positively health benefits (expert therapist). Contact: 9124527170. D-75188

Newly open health benefits SPA special offer @ 999 Bapujinagar. 8018429809. D-75189

Refreshments Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473. D-2235

**LEGAL NOTICE**

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ (ଶ୍ରୀ ଶିବନାରାୟଣ ନନ୍ଦ), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର- ୧୦୩୧/୨୦୨୧

ନୋଟିସ

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀମତୀ ଅନିତା ସାମଲ .....ବାଦୀ

ବନାମ

ଶ୍ରୀମତୀ ଗୀତାଞ୍ଜଳି ମହାପାତ୍ର ଏବଂ ଅନ୍ୟମାନେ .....ପ୍ରତିବାଦୀମାନେ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା- (୧) ପ୍ରତିବାଦୀ ନଂ.-୩, ଗୀତାଞ୍ଜଳି ସୁବୁଦ୍ଧି, ପିତା: ଭାସ୍କର ସୁବୁଦ୍ଧି, ଗ୍ରାମ/ପୋଷ୍ଟ: ଅନ୍ଧାରୁଆ, ଥାନା-ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, (୨) ପ୍ରତିବାଦୀ ନଂ.-୪, ଭୋବନୀ ସୁବୁଦ୍ଧି, ପିତା- ଜଗନ୍ନାଥ ସୁବୁଦ୍ଧି, ଗ୍ରାମ/ପୋଷ୍ଟ: ଅନ୍ଧାରୁଆ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, (୩) ପ୍ରତିବାଦୀ ନଂ.-୫, ନକୁଳ ସୁବୁଦ୍ଧି, ପିତା: ଶ୍ୟାମ ସୁବୁଦ୍ଧି, ଗ୍ରାମ/ପୋଷ୍ଟ: ଅନ୍ଧାରୁଆ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, (୪) ପ୍ରତିବାଦୀ ନଂ.-୬, ବିଶ୍ୱଜିତ ବେଉରିଆ, ପିତା: ରମେଶ ଚନ୍ଦ୍ର ବେଉରିଆ, ବା: ପ୍ଲଟ୍ ନମ୍ବର- ୪୪/୯୬୧, ଜଗନ୍ନାଥ ନଗର, ଥାନା: ସହିଦନଗର, ଜିଲ୍ଲା: ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ଼ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି।

ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୨୨।୦୧।୨୦୨୪ରିଖ ଅପରାହ୍ନ ୦୨.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ମୌଜା: ଅନ୍ଧାରୁଆ

ସାବକ

ଖାତା ନମ୍ବର: ୪୫୨, ପ୍ଲଟ୍ ନମ୍ବର: ୧୯୨୩, କିସମ: ଶାରଦ ତିନି, ରକବା: ଏ.୧.୨୭୫ଡି., ସ୍ଥଳରୁ ଏ୦.୨୧୩ଡି., ସ୍ୱତ୍ୱ: ସ୍ଥିତିବାନ୍

ହାଲ୍

ଖାତା ନମ୍ବର: ୧୬୪୨, ପ୍ଲଟ୍ ନମ୍ବର: ୪୩୫୮, କିସମ: ଶାରଦ ଅଣଜଳସେଚିତ ତିନି, ରକବା: ଏ୦.୫୧୨ଡି., ସ୍ଥଳରୁ ଏ୦.୨୧୩ଡି., ସ୍ୱତ୍ୱ: ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ। ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା. ୧୦।୦୧।୨୦୨୪, ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୨୨୭୭

## ଏସ୍ପ୍ଲାନେଡ ମଲ୍ରେ ସଡ଼କ ସୁରକ୍ଷା ସପ୍ତାହ

ଭୁବନେଶ୍ୱର,୧୫।୧

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଭୁବନେଶ୍ୱର ନେକ୍ସସ୍ ଏସ୍ପ୍ଲାନେଡ୍ ମଲ୍ ପରିସରରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏପରିକି ରାପିଡୋ, ମ୍ୟାଡ୍ ବାଇକର୍ ଏବଂ ଏସ୍ପ୍ଲାନେଡ ମଲ୍ର ମିଳିତ ସହଯୋଗରେ ଉକ୍ତ ସପ୍ତାହ ମଲ ପରିସରରେ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର-କଟକ କମିଶନରେଟ ପୋଲିସର ସହକାରୀ ପୋଲିସ କମିଶନର ଜୟନ୍ତ ଦୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାପିଡୋ, ମ୍ୟାଡ୍ ବାଇକର୍ ଏବଂ ଏସ୍ପ୍ଲାନେଡ ମଲର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଅଧିବେଶନର ଆୟୋଜନ ହୋଇଥିଲାବେଳେ ସଡ଼କ ନିରାପତ୍ତାର ଗୁରୁତ୍ୱ ଏବଂ ବିଭିନ୍ନ ନିୟମ ପାଳନ କରିବା କେତେ ମହତ୍ ତାହା ଉପରେ ନିମନ୍ତ୍ରିତ ଅତିଥିମାନେ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ଅଧିବେଶନରେ ସାମିଲ ହୋଇଥିବା ଗ୍ରାହକମାନଙ୍କୁ ସୁରକ୍ଷା ବ୍ୟବସ୍ଥା ଆଦି ଅତିଥିଙ୍କ ସହ ପରିଦର୍ଶନ ସହିତ ସଚେତନତା ପତ୍ର ବାଣ୍ଟିଥିଲେ। ଏପରିକି ଗ୍ରାହକଙ୍କ ଯୋଗଦାନ କାର୍ଯ୍ୟକଳାପ ସଭାକୁ ଅଧିକ ଆକର୍ଷିତ କରିଥିଲାବେଳେ ସଡ଼କ ସୁରକ୍ଷା ଉପରେ ସାଧାରଣ ସଚେତନତା ପ୍ରଶ୍ନ ପଚରାଯାଇଥିଲା ଏବଂ ବିଜେତା ଗ୍ରାହକମାନଙ୍କୁ ରାପିଡୋ ପକ୍ଷରୁ ହେଲ୍ମେଟ୍ ଏବଂ ଟି-ଶାର୍ଟ ସହିତ ସମ୍ମାନିତ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ନେକ୍ସସ୍ ଏସ୍ପ୍ଲାନେଡ୍ ମଲ୍ରେ ଏକ ମେଗା ବାଇକ ରାଲିର ଆୟୋଜନ କରାଯାଇଥିଲା। ଉକ୍ତ ବାଇକ ରାଲିରେ ୩୦ ବାଇକ୍ ଚାଳକଙ୍କ ସହ ଅନ୍ୟମାନେ ମଧ ହୋଇଥିଲେ।

**ସଂକ୍ଷେପରେ**

## ବିଷ ପିଇ ୨ ଜଣଙ୍କ ମୃତ୍ୟୁ

ପାଟଣା,୧୫।୧
(ବୀର କିଶୋରଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳରେ ପୃଥକ ଘଟଣା କ୍ରମେ ୨ଜଣ ବ୍ୟକ୍ତି ବିଷ ପିଇ ସୋମବାର ଆତ୍ମହତ୍ୟା କରିଛନ୍ତି। ୨ ମୃତକ ହେଲେ ପାଟଣା ଥାନା ମାଧପୁର ଗ୍ରାମର ନିରଞ୍ଜନ ମୁଣ୍ଡା(୨୯) ଓ ଟଭାସରୁଆ ଗ୍ରାମର ଶଙ୍କର୍ଷଣ ମୁଣ୍ଡା (୪୮)। ରବିବାର କୌଣସି କାରଣରୁ ଉଭୟ ପାରିବାରିକ କଳହ ପରେ ବିଷ ପିଇ ଗୁରୁତର ହୋଇଥିଲେ। ଉଭୟଙ୍କ ପରିବାର ଲୋକେ ପ୍ରଥମେ ଦୁହିଁଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସେମାନଙ୍କ ମୃତ୍ୟୁ ହୋଇଛି। ପାଟଣା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ୨ ପୃଥକ ମାମଲା(ନଂ.୩ ଓ ୪ /୨୪)ରୁଜୁ ହୋଇଥିବା ଥାନା ଅଧିକାରୀ ବିବସ୍ ପ୍ରଧାନ କହିଛନ୍ତି।

## ବାବା ଆଖଣ୍ଡଳମଣିଙ୍କୁ ମକର ଚାଉଳ, ପୋଡ଼ପିଠା ଭୋଗ ଲାଗି

ଚାନ୍ଦବାଲି, ୧୫।୧(କିଷାନ ପାତ୍ର)

ମକର ସଂକାନ୍ତି ପାଇଁ ଭଦ୍ରକ ଜିଲା ଆଖଣ୍ଡଳମଣି ପୀଠ ଉତ୍ସବମୁଖର ହୋଇଥିଲା। ବିରଜା ପଞ୍ଜିକା ଅନୁଯାୟୀ ମାଘ ମାସର ପ୍ରଥମ ସୋମବାର ଥିବାରୁ ଦୈନିକ ନୀତିକାନ୍ତି ଅନୁଯାୟୀ ଭୋର ୪ଟାରେ ଦ୍ୱାରଫିଟା ନୀତି ସମ୍ପନ୍ନ କରାଯାଇଥିଲା। ସକାଳ ୫ଟାରେ ନୂଆ ମକର ଚାଉଳ ଓ ପୋଡ଼ପିଠା ଭୋଗ ଲାଗି କରାଯାଇଛି। ଦର୍ଶନ ନିମନ୍ତେ ଭକ୍ତଙ୍କ ପାଇଁ ଧାଡ଼ି ବ୍ୟବସ୍ଥା କରାଯାଇଥିବା ବେଳେ ବେଢ଼ାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବସ୍ଷ୍ଟାଣ୍ଡଠାରୁ ମନ୍ଦିର ଓ ପୀଠ ଚତୁଃପାର୍ଶ୍ୱରେ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଥିଲା। ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ସକାଳ ୫ଟାରୁ ରାତି ୧୦ ଯାଏ ମନ୍ଦିର ସାହଣ ମେଲା କରାଯାଇଥିବା ବେଳେ ଅପରାହ୍ନ ୪ଟାରେ ବାବା ଆଖଣ୍ଡଳମଣି ବଡ଼ସିଂହାର ବେଶରେ ଦର୍ଶନ ଦେଇଥିଲେ।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ବୈପାରିଗୁଡା,୧୫।୧
(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡା ଥାନା ଓ କୁନ୍ଦୁରା ବ୍ଲକ ଅନ୍ତର୍ଗତ ଘଷର୍ଡା ଗ୍ରାମ ନିକଟରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ତେବେ ପରିବାର ଲୋକେ ଏହାକୁ ନେଇ ହତ୍ୟା ଅଭିଯୋଗ ଆଣିଛନ୍ତି। ତାଙ୍କ ଝିଅକୁ କେହି ହତ୍ୟା କରି ଏପରି ଅବସ୍ଥାରେ ଝୁଲାଇ ଦେଇଥିବା ସେମାନେ କହିଛନ୍ତି। ଖବରରୁ ଜଣାପଡିଛି, ସମ୍ପୃକ୍ତା ଯୁବତୀ ଜଣକ ହେଲେ ଗୋରୀ ମାଝି(୧୯)। ପୂର୍ବରୁ ମାଆବାପାଙ୍କୁ ହରାଇଥିବା ଗୋରୀଙ୍କ ଅନ୍ୟ ୨ ଭଉଣୀ ଏବଂ ସାନଭାଇ ଅଛନ୍ତି। ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ପ୍ରାୟ ୧ ବର୍ଷ ହେଲା ଜୟପୁର ସହରରେ ଜଣକ ଘରେ ରହି କାମ କରୁଥିଲେ। ଗତ କିଛି ଦିନ ତଳେ ସେ ଘରକୁ ଫେରିଥିଲେ। ତେବେ ଉକ୍ତ ଘଟଣାକୁ ନେଇ ପରିବାର ଓ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରି ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ବ୍ୟବସ୍ଥା କରୁଥିବା ପ୍ରକାଶ କରିଛି। ଏକ ଅପମୃତ୍ୟୁ ମାମଲା (୧୩/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଛି। ଏ ସମ୍ପର୍କରେ ତଦନ୍ତ ଅଧିକାରୀ ବିଭୁ ପ୍ରସାଦ ଶବରଙ୍କୁ ପଚାରିବାରୁ ସେ କହିଲେ ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହାକୁ ଭିତ୍ତି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ପଶ୍ଚିମବଙ୍ଗ ୨୪ ପ୍ରଗଣା ଜିଲା ସାଗରଦ୍ୱୀପର ଗଙ୍ଗା ଓ ସାଗର ସଙ୍ଗମସ୍ଥଳରେ ମକରସଂକ୍ରାନ୍ତି ଅବସରରେ ଶ୍ରଦ୍ଧାଳୁ ବୁଡ଼ ପକାଉଛନ୍ତି।

# ଗଙ୍ଗାସାଗରରେ ବୁଡ଼ ପକାଇଲେ କୋଟିଏରୁ ଅଧିକ

ଭୋଗରାଇ, ୧୫।୧
(ପ୍ରଦୀପ ଦାସ)

ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ସାଗରଦ୍ୱୀପର ଗଙ୍ଗା ଓ ସାଗର ସଙ୍ଗମସ୍ଥଳରେ ମକରସଂକ୍ରାନ୍ତି ଅବସରରେ ଦୁଇଦିନରେ ୧କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ କଡ଼ା ନିରାପତ୍ତା ମଧ୍ୟରେ ମକର ବୁଡ଼ ଦେଇଛନ୍ତି। ମଙ୍ଗଳବାର ପୁଣି ୧ ଲକ୍ଷ ତୀର୍ଥ ଯାତ୍ରୀ ଗଙ୍ଗସାଗରକୁ ଆସିବା ନିମନ୍ତେ ବିଭିନ୍ନ ସ୍ଥାନରେ ଅପେକ୍ଷାରତ ଅଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ହିନ୍ଦୁଶାସ୍ତ୍ର ଅନୁଯାୟୀ ମକର ସଂକ୍ରାନ୍ତିରେ ଗଙ୍ଗାସାଗରରେ ମକରବୁଡ ଦେଲେ ପୁଣ୍ୟ ଫଳ ମିଳିଥାଏ ବୋଲି ପୁରାଣରୁ ଅଦ୍ୟାବଧି କଥିତ ରହିଛି। ଏଥିନିମନ୍ତେ ସୋମବାର ନିଶିବସାନରୁ ଲକ୍ଷାଧିକ ଦେଶବିଦେଶର ତୀର୍ଥଯାତ୍ରୀ ଏଠାରେ ଗଙ୍ଗା ମା'କୁ ସ୍ମରଣ କରି ମକରବୁଡ଼ ଦେଇ ସୂର୍ଯ୍ୟପୂଜା କରିବା ସହିତ ମହାତପସ୍ୱୀ କପିଳ ମୁନି ମନ୍ଦିରରେ ପୂଜାର୍ଚ୍ଚନା କରି ଗଙ୍ଗା ମାକୁ ଜୟ, କପିଳମୁନିଙ୍କୁ ଜୟ ଧ୍ୱନି ଦେଇ ଘରବାହୁଡ଼ା ହୋଇଛନ୍ତି। ୪ କି. ମି. ବ୍ୟାପ୍ତ ପରିଧି ମଧ୍ୟରେ ପ୍ରସିଦ୍ଧ ମେଳା ଜନସମୁଦ୍ରରେ ପରିଣତ ହୋଇଥିବା ବେଳେ ବହୁ ସାଧୁ ସନ୍ନ୍ୟାସୀଙ୍କ ସମବେତ ଓ ଧର୍ମ ଗୁରୁ, ଦଳଦଳ ଧାର୍ମିକ ଅନୁଷ୍ଠାନ ସଂକୀର୍ତ୍ତନ ଦଳଙ୍କ କୀର୍ତ୍ତନ, ପ୍ରବଚନ ଏବଂ ଝାଲି, ଘଣ୍ଟା, ବାଦ୍ୟରେ ସମଗ୍ର ପରିବେଶ ମୁଖରିତ ହୋଇଛି। ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟଜଳ, ବିଦ୍ୟୁତ, ଯାତ୍ରୀ ପରିବହନ ସେବା ଓ ଶୌଚାଗାର ନିମନ୍ତେ ଗୁରୁତ୍ୱ ଦିଆଯାଇଥିବା ବେଳେ ଗୁରୁତର ରୋଗୀଙ୍କୁ ଏୟାରଲିଫ୍ଟ ଯୋଗେ କୋଲକାତା ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଉଛି। ଭାରତ ପ୍ରସିଦ୍ଧ ଗଙ୍ଗାସାଗର ମେଳାକୁ ଜାତୀୟ ମେଳା ଘୋଷଣା କରିବାକୁ ପଶ୍ଚିମବଙ୍ଗ ସରକାର ଓ ବହୁ ଧର୍ମଗୁରୁମାନଙ୍କ ପକ୍ଷରୁ ଦାବି ହୋଇଛି। ବାଲେଶ୍ୱର ଜିଲା ସମୁଦ୍ରକୂଳ ଉଦୟପୁର, ତାଳସାରୀ, କୀର୍ତ୍ତନିଆ, ଚୌମୁଖ, ଡଗରା ସହିତ ସୁବର୍ଣ୍ଣରେଖା ନଦୀକୂଳରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ ପକାଇଛନ୍ତି।

# ପରିକ୍ରମା ପ୍ରକଳ୍ପ ଦେଖିବାକୁ ସବୁ ପଞ୍ଚାୟତରୁ ବସ୍

ଭୁବନେଶ୍ୱର, ୧୫।୧(ସୁନିତ୍ ମିଶ୍ର)

### ଜିଲାପାଳଙ୍କୁ ଚିଠି ଲେଖିଲେ ଲୋହାନି

ରାଜ୍ୟ ସରକାର ଜଗନ୍ନାଥ ମନ୍ଦିରର ପରିକ୍ରମା ପ୍ରକଳ୍ପକୁ ଆସନ୍ତା ୧୭ ତାରିଖରେ ଉଦ୍‌ଘାଟନ କରିବେ। ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ସମାରୋହକୁ ସରକାରଙ୍କ ତରଫରୁ ରାଜ୍ୟବ୍ୟାପୀ ପାଳନ କରିବା ଲାଗି ଘୋଷଣା କରାଯାଇଥିବା ବେଳେ ରାଜ୍ୟର ସବୁ ଜିଲାରୁ ହଜାର ହଜାର ଲୋକଙ୍କୁ ଏହିଦିନ ପୁରୀ ଆଣିବା ପାଇଁ ମଧ ବ୍ୟବସ୍ଥା କରାଯାଇଛି। ତେବେ ପ୍ରତ୍ୟେକ ବ୍ଲକରୁ ଆସିବାକୁ ଥିବା ଲୋକଙ୍କ ଲାଗି କିପରି ସବୁ ପ୍ରକାର ବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ସେମାନେ ସୁରୁଖୁରୁରେ ପୁରୀରେ ପହଞ୍ଚିବେ ସେଥିନେଇ ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। କିପରି ଜିଲାରୁ ପୁରୀକୁ ଆସିବାକୁ ଥିବା ଲୋକଙ୍କ ଖାଇବା ବ୍ୟବସ୍ଥାଠାରୁ ବସ୍‌ରେ ବସିବା ଦାୟିତ୍ୱ ସେସବୁ କଥା ନେଇ ପଞ୍ଚାୟତିରାଜ ବିଭାଗ ସଚିବ ସୁଶୀଲ କୁମାର ଲୋହାନି ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

ଲୋହାନି ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଆସନ୍ତା ୧୭ରେ ପରିକ୍ରମା ପ୍ରକଳ୍ପ ଦେଖିବା ଲାଗି ପଞ୍ଚାୟତ, ବ୍ଲକ ଏବଂ ମ୍ୟୁନିସିପାଲିଟିରୁ ଲୋକମାନେ ଆସିବେ। ଏହି ପ୍ରକଳ୍ପ ଦେଖିକି ପୁରୀରୁ ଭଲରେ ଶ୍ରଦ୍ଧାଳୁମାନେ ଫେରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଶ୍ରଦ୍ଧାଳୁଙ୍କ ପାଇଁ ଭଲରେ ରହଣି ବ୍ୟବସ୍ଥା କରାଯାଇଛି। ଯାତ୍ରୀଙ୍କୁ ଧରି ବସ୍ ଛାଡ଼ିବା ପରେ ସେମାନଙ୍କୁ ପରବର୍ତ୍ତୀ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯିବ। ବାଟରେ ମଧ୍ୟାହ୍ନଭୋଜନ କରିବା ପରେ ସେହି ଯାତ୍ରୀମାନେ କେଉଁଠାରେ ରହିବେ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ଜଣାଯିବ। ଜିଲାପାଳମାନେ ୪୦ରୁ ୫୦ସିଟ୍ ବିଶିଷ୍ଟ ବସ୍ ରିକ୍ୟୁଜିଶନ କରିବେ। ଜିଲାରୁ ଜଣଙ୍କୁ ନୋଡାଲ ଅଧିକାରୀ ଭାବେ ରଖାଯିବ, ଯିଏ ସବୁ କଥାର ସମନ୍ୱୟ ରକ୍ଷା କରିବେ। ସବୁ ବସ୍‌ରେ ଜଣେ ଅଧିକାରୀ ରହିବେ। ଯାତ୍ରା ଆରମ୍ଭ ପୂର୍ବରୁ ନିଜ କାର୍ଯ୍ୟକ୍ରମ ସମ୍ପର୍କରେ ଖୋର୍ଦ୍ଧା ଓ ପୁରୀ ଜିଲାପାଳ ଏବଂ ପଞ୍ଚାୟତିରାଜ ବିଭାଗକୁ ଜଣାଇବେ। ସେଠାର ଜିଲାପାଳଙ୍କ ସହ ମଧ୍ୟାହ୍ନ ଭୋଜନ ସମ୍ପର୍କରେ ଯୋଗାଯୋଗ କରିବେ। ଜିଲାସ୍ତରରେ ଏକ କଣ୍ଟ୍ରୋଲ ରୁମ୍ ରହିବ ଯେଉଁଠାରୁ ସବୁକିଛି ସାହାଯ୍ୟ ନେଇହେବ। ସହଜ ଯାତ୍ରା ଲାଗି ସବୁ ଗ୍ରାମପଞ୍ଚାୟତକୁ ଅର୍ଥ ପଠାଇ ଦିଆଯାଇଛି। ସହରାଞ୍ଚଳରୁ ଆସିବାକୁ ଥିବା ଲୋକଙ୍କ ଲାଗି ଅର୍ଥ ପୌରସଂସ୍ଥାର ଅଧିକାରୀଙ୍କୁ ଦିଆଯାଇସାରିଛି। ଶ୍ରଦ୍ଧାଳୁଙ୍କ ପାଇଁ ରାତ୍ର ଭୋଜନ ଏବଂ ସକାଳ ଜଳଖିଆ ଖୋର୍ଦ୍ଧାଠାରେ କରିବେ ଏଥିଲାଗି ସେଠାର ଜିଲାପାଳଙ୍କୁ କୁହାଯାଇଛି। ଏହି କାର୍ଯ୍ୟକ୍ରମ ଲାଗି ସମସ୍ତ ଜିଲାପାଳ ସହଯୋଗ କରିବାକୁ ଲୋହାନି ଚିଠିରେ କହିଛନ୍ତି।

# ଆରମ୍ଭ ହେଲା ବରୁଣେଶ୍ୱର ମେଳା

ବିଞ୍ଝାରପୁର,୧୫।୧
(ରାମକୃଷ୍ଣ ଦାସ)


ବରୁଣେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଧୀନ ଅରେଇସ୍ଥିତ ପ୍ରସିଦ୍ଧ ଶୈବକ୍ଷେତ୍ର ବାବା ବରୁଣେଶ୍ୱରଙ୍କ ପୀଠରେ ସୋମବାର ପବିତ୍ର ମକର ସଂକ୍ରାନ୍ତୀ ଠାରୁ ଆରମ୍ଭ ହୋଇଛି ବରୁଣେଶ୍ୱର ମେଳା। ରାଜ୍ୟ ପ୍ରସିଦ୍ଧ ଏହି ମେଳା ୯ଦିନ ପର୍ଯ୍ୟନ୍ତ ଚାଲିବ। ଆଜି ବାବାଙ୍କ ଦର୍ଶନ ପାଇଁ ପ୍ରଭାତରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା। ଭୋର ୩.୩୦ ମିନିଟରେ ବାବଙ୍କ ବଡ଼ସିଂହାର ବେଶ କରାଯାଇ ମଙ୍ଗଳ ଆଳତୀ ଓ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସକାଳୁ ବାବାଙ୍କ ଦର୍ଶନ ପାଇଁ ବାଚସ୍ପତି ପ୍ରମିଳା ମଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀତା ଦାସ, ସରପଞ୍ଚ ସ୍ମୃତି ସମୀକ୍ଷା ମଲିକ, ସମାଜିକ କର୍ମୀ କୈଳାସ ସେଠୀ, ରବିନ୍ଦ୍ର କୁମାର ପରିଡ଼ା, ବଟକୃଷ୍ଣ ନାୟକ, ରାଧାକାନ୍ତ ନାୟକଙ୍କ ସମେତ ଲକ୍ଷାଧିକ ଶ୍ରଦ୍ଧାଳୁ ବରୁଣେଶ୍ୱରଙ୍କ ଦର୍ଶନ କରିଥିଲେ।

# ଦୁଇ ସପ୍ତାହରେ ଗିରଫ ହେଲେଣି ୫ ସରକାରୀ ବାବୁ

ଭୁବନେଶ୍ୱର,୧୫।୧
(ସତ୍ୟଜିତ୍ ରାଉତ)

### ଭିଜିଲାନ୍ସ ଜାଲ

ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଭିଜିଲାନ୍ସ ଜାଲରେ ଧରାପଡୁଛନ୍ତି। ଚଳିତ ବର୍ଷ ଆରମ୍ଭରୁ ଏଭଳି ବାବୁଙ୍କ ଉପରେ ଭିଜିଲାନ୍ସ କଡ଼ା ନଜର ରଖିଛି। ଜାନୁଆରୀ ମାସର ୨ ସପ୍ତାହରେ ୫ ଅଧିକାରୀଙ୍କୁ ଗିରଫକରି କଡ଼ା ଚେତାବନୀ ଦେଇଛି। ଗିରଫ ହୋଇ ଜେଲ ଯାଇଥିବା ଅଧିକାରୀଙ୍କ ମଧ୍ୟରେ ଫରେଷ୍ଟ ଗାର୍ଡ, ରାଜସ୍ୱ ନିରୀକ୍ଷକ, ଏଏସ୍ଆଇ, ଏମ୍‌ଭିଆଇ ଓ ଟ୍ରାଫିକ୍ ଇନ୍ସପେକ୍ଟର ରହିଛନ୍ତି। ରିପୋର୍ଟ ଅନୁଯାୟୀ, ନବରଙ୍ଗପୁର ଜିଲା ଜଗନ୍ନାଥପୁର ବିଟ୍ ଫରେଷ୍ଟ ଗାର୍ଡ ବିନାୟକ ଚନ୍ଦ୍ର ସୋରୀ ଜାନୁଆରୀ ୪ରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ବାଇକରେ ୧ ଲକ୍ଷ ୫୩ ହଜାର ଟଙ୍କା ନେଇ ଖାଡିଗଡ଼ାରୁ ଜଗନ୍ନାଥପୁର ଯାଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। କେନ୍ଦୁଝର ଜିଲା ବିଲେଇପଦା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ମୀର ମହମ୍ମଦ ଖାନ୍ ଜଣେ ବ୍ୟକ୍ତିଙ୍କ ମ୍ୟୁଟେଶନ କେସ୍‌ର ତଦନ୍ତ ରିପୋର୍ଟ ଓ ଜମିପଟ୍ଟା କରାଇଦେବାକୁ ୨୦ ହଜାର ଲାଞ୍ଚ ନେଉଥିବାବେଳେ ଜାନୁଆରୀ ୬ରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ସେହିପରି ଗତ ଜାନୁଆରୀ ୮ରେ ଜୟପୁର ଟାଉନ ଥାନା ଏଏସ୍ଆଇ ଅନିଲ କୁମାର ନାୟକ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ଜଣେ ବ୍ୟକ୍ତିଙ୍କ ଗାଡ଼ି ମୁକୁଳାଇବାକୁ ଏଏସ୍ଆଇ ଅନିଲ ୫ ହଜାର ଟଙ୍କା ନେବାବେଳେ ଗିରଫ ହୋଇଥିଲେ।

ଅନ୍ୟପକ୍ଷରେ ନୟାଗଡ଼ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ର ମୋଟର ଭେଇକିଲ୍ ଇନ୍ସପେକ୍ଟର (ଏମ୍‌ଭିଆଇ) ପଞ୍ଚାନନ ବେହେରା ଭିଜିଲାନ୍ସ ସ୍କାନରକୁ ଆସିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜାନୁଆରୀ ୯ରେ ଭିଜିଲାନ୍ସ ପଞ୍ଚାନନଙ୍କ ଘର ସମେତ ୭ଟି ସ୍ଥାନରେ ଚଢ଼ାଉକରି ୩୧ ପ୍ଲଟ୍, ଏକାଧିକ କୋଠା ସମେତ ଅନ୍ୟାନ୍ୟ ସମ୍ପତ୍ତି ଠାବ କରିଥିଲା। ପରେ ପଞ୍ଚାନନଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିପରି ତାଳଚେର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ର ଓଏମ୍‌ଭିଡି ଟ୍ରାଫିକ୍ ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ବେହେରା ୧୧ଲକ୍ଷ ୧୯ହଜାର ୧୫୦ଟଙ୍କା ନେଇ ଅନ୍ତରଙ୍ଗସ୍ଥିତ ଘରକୁ ନେଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଗତ ୧୧ ତାରିଖ ରାତିରେ ଗିରଫ ହୋଇଥିଲେ। ଏପରିକି ଯାଞ୍ଚବେଳେ ଦୁଇଟି ଘରୁ ଆଉ ୧୩.୮୦ଲକ୍ଷ ଟଙ୍କା ମିଳିଥିଲା। ସୂଚନାଯୋଗ୍ୟ, ଗତବର୍ଷ ଅର୍ଥାତ୍ ୨୦୨୩ରେ ଭିଜିଲାନ୍ସ ୧୬୬ଜଣ ବାବୁଙ୍କୁ ଗିରଫ କରିଥିବାବେଳେ ଚଳିତବର୍ଷ ବ୍ୟାପକ କାର୍ଯ୍ୟାନୁଷ୍ଠାନ ନେବାକୁ ଯୋଜନା କରିଛି।

## ପୋଲ ତଳକୁ ଖସିଲା ବାଇକ୍, ବାଳିକା ମୃତ

ପାଣିକୋଇଲି,୧୫।୧
(ବିକାଶ କୁମାର ମଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ମାଧପୁର ନିକଟରେ ସୋମବାର ଷଠିପୁର ତଥା ଆଖପାଖରେ କାମ କରୁଥିବା ଜଣେ ଆଦିବାସୀ ଯୁବକ ଜଣେ ୫ ବର୍ଷର ଝିଅକୁ ବାଇକ୍ ଆଗରେ ବସାଇ ମକର ମେଳା ଦେଖିବାକୁ ଯାଉଥିବା ବେଳେ ଦୁର୍ଘଟଣା ଘଟିଛି। ବାଇକ୍ (ନଂ.ଓଆର ୨୨ଡ଼ି୩୪୦୬)ଟି ଭାରସାମ୍ୟ ହରାଇ ପୋଲ ବାଡ଼ାରେ ପିଟି ହୋଇ ୩୦ ଫୁଟ୍ ତଳକୁ ଖସି ପଡ଼ିଥିଲା। ବାଇକ୍ ଚଳାଉଥିବା ଯୁବକ ମୃତ୍ୟୁମୁଖରୁ ରକ୍ଷାପାଇ ଯାଇଥିବା ବେଳେ ବାଇକ୍ ସହିତ ଆଗରେ ବସିଥିବା ଝିଅଟି ପୋଲ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ସେହି ଝିଅକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କିନ୍ତୁ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ତଦନ୍ତ ଚଳାଇଛି।

## ଘର ପୋଡ଼ି ଜେଲ ଗଲେ ବାପା

ନୟାଗଡ଼/ ରଣପୁର,୧୫।୧
(ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ଘରପୋଡ଼ି ଅଭିଯୋଗରେ ନୟାଗଡ଼ ଜିଲା ରଣପୁର ଥାନାର ରାଜସୁନାଖଳା ଫାଣ୍ଡି ପୋଲିସ ରାଜସୁନାଖଳା ମଥୁରାସାହିର ଶରତ ରାଉତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶରତ ଘରେ ନିଆଁ ଲଗାଇ ଦେବାରୁ ପୁଅ ତପନଙ୍କର ବାଇକ୍ ସମେତ ଘରର ଆସବାବପତ୍ର ପୋଡି ଯାଇଥିଲା। ପାରିବାରିକ କଳହକୁ ନେଇ ଶରତ ପୁଅଙ୍କ ମଧ୍ୟରେ ବିବାଦ ଘଟି ବାପା ଘର ପୋଡ଼ି ଦେଇଥିଲେ। ପୁଅଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୭/୨୪ରେ ମାମଲା ରୁଜୁ କରି ବାପାଙ୍କୁ ଗିରଫ କରିଥିଲା।

## ଗାଡ଼ି ଧକ୍କାରେ ଶିଶୁ ମୃତ

ଦଶପଲ୍ଲା ୧୫।୧
(ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ବାଣିଗୋଛା ଥାନାଠାରେ ସୋମବାର ଏକ ଗାଡ଼ି ଧକ୍କାରେ ଜଣେ ଶିଶୁଙ୍କର ମୃତ୍ୟୁ ଘଟିଛି। ମୃତା ନାବାଳିକା ଜଣଙ୍କ ଥାନା ବୁରୁପାଲି ଗ୍ରାମର ସୁମନ୍ତ ନାୟକଙ୍କ ଝିଅ ଗାୟତ୍ରୀ(୩)। ସକାଳେ ବାଣିଗୋଛା ମନ୍ଦିରକୁ ବାପାଙ୍କ ସହ ଯାଇ ଫେରୁଥିବା ବେଳେ ରାସ୍ତା ପାର ବେଳେ ଏକ ଭ୍ୟାନ ଧକ୍କା ଦେଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଚିକିତ୍ସା ନିମନ୍ତେ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଗର୍ଭବତୀଙ୍କୁ ଗୁରୁତର ଅବସ୍ଥାରେ ଫେରାଇଲେ

ଦାରିଙ୍ଗବାଡି /ବ୍ରାହ୍ମଣୀଗାଁ,୧୫।୧
(ଅରୁଣ ସାହୁ /ମନୋରଞ୍ଜନ ରଣା )



ଦାରିଙ୍ଗବାଡି ବ୍ଲକର ଦୁର୍ଗମ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର କିମ୍ବା ଷ୍ଟାଫନର୍ସ ନଥିବାରୁ ଗୁରୁତର ଅବସ୍ଥାରେ ସୋମବାର ଜଣେ ଗର୍ଭବତୀଙ୍କୁ ଫେରାଇଦେଇଥିବା ଅଭିଯୋଗ ହୋଇଛି। ସରାମୂଳୀ ପଞ୍ଚାୟତ ଅନ୍ତର୍ଗତ ବଡ଼ଗାଁ ଗ୍ରାମର ସୁବଳ ପାଟମାଝୀଙ୍କର ସ୍ତ୍ରୀ ସୁଶୀଳା ଗର୍ଭବତୀ ଥିଲେ। ପ୍ରସବ ସମୟ ପାଖ ହେବାରୁ ତାଙ୍କୁ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ମା' ଗୃହରେ ଆଣି ରଖାଯାଇଥିଲା। ସୋମବାର ପୂର୍ବାହ୍ନରେ ପ୍ରସବ ଯନ୍ତ୍ରଣା ଆରମ୍ଭ ହେବାରୁ ତାଙ୍କୁ ସ୍ଥାନୀୟ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର କିମ୍ବା ଷ୍ଟାଫନର୍ସ ନଥିବାରୁ ସମସ୍ୟା ଦେଖାଦେଇଥିଲା। ଗୋଟିଏ ପଟେ ସ୍ୱାସ୍ଥ୍ୟ ବିଗିଡ଼ିବାରେ ଲାଗିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ କେହି ନଥିବାରୁ ପ୍ରାଥମିକ ଚିକିତ୍ସା ମିଳିନଥିଲା ବରଂ ଦାୟିତ୍ୱରେ ଥିବା ଆୟୁଷ ଡାକ୍ତର ତାଙ୍କୁ ଅନ୍ୟତ୍ର ଯିବାକୁ ପରାମର୍ଶ ଦେଇଥିଲେ। ଫଳରେ ମହିଳା ଓ ତାଙ୍କ ପରିବାରର ଚିନ୍ତା ବଢ଼ିଯାଇଥିଲେ। ବ୍ରାହ୍ମଣୀଗାଁରୁ ଦାରିଙ୍ଗବାଡି ପ୍ରାୟ ୪୦ କିମି ଦୂରତା ହୋଇଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଦାରିଙ୍ଗବାଡି ସ୍ଥାନାନ୍ତରତ କରିବା ପରିବାର ପାଇଁ ଚିନ୍ତାଜନକ ପରିସ୍ଥିତି ହୋଇଥିଲା ସାଥିରେ ଆଶା କର୍ମୀ ମଧ ଅନୁପସ୍ଥିତ ଯୋଗୁ ଗର୍ଭବତୀ ମହିଳାଙ୍କ ପରିସ୍ଥିତି ସମ୍ପୂର୍ଣ୍ଣ ଜଟିଳ ହୋଇପଡ଼ିଥିଲା। ପରେ ପରିବାର ଲୋକ ମହିଳାଙ୍କୁ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ ସେଠାରେ ଏବେ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି। ବ୍ରାହ୍ମଣୀଗାଁରେ ଡାକ୍ତର ଓ ଷ୍ଟାଫ ନର୍ସ ଅନୁପସ୍ଥିତି ସମ୍ପର୍କରେ ପଚାରିବାରୁ ଡାକ୍ତର ଛୁଟିରେ ରହିଥିବା ବେଳେ ଷ୍ଟାଫନର୍ସ କାହିଁକି ସ୍ୱାସ୍ଥ୍ୟକେନ୍ଦ୍ର ଆସିନାହାନ୍ତି ତାହା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗଞ୍ଜାମ, ଗଜପତି, ରାୟଗଡ଼ା ଓ କନ୍ଧମାଳ ଜିଲା ସୀମାନ୍ତ ଅଞ୍ଚଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଟି ଥିବାରୁ ଅଞ୍ଚଳର ୧୫ ପଞ୍ଚାୟତର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଉପରେ ନିର୍ଭର କରିଥାନ୍ତି, ବିଶେଷ କରି ଗର୍ଭବତୀଙ୍କ କ୍ଷେତ୍ରରେ ଏହା ସହାୟକ ହୋଇପାରିଛି। ଏପରିସ୍ଥଳେ ଆବଶ୍ୟକୀୟ ଡାକ୍ତର ଓ ନର୍ସଙ୍କ ଅଭାବରୁ ନିଯୁକ୍ତି ପାଇଥିବା ଡାକ୍ତର ଛୁଟି ଓ ନର୍ସ ଙ୍କ ଅନୁପସ୍ଥିତିରେ ଜରୁରୀ କାଳିନ ପରିସ୍ଥିତିରେ ଗର୍ଭବତୀ ମହିଳା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
**ବିଶେଷ ସୂଚନା**
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଶିବଶକ୍ତି ନଗର, ଅଟଳାଗଡ଼ା, ପଞ୍ଚମୁଖୀ ବିହାର, ସାମପୁର ଗ୍ରାମ ଓ ଦୁର୍ଗାମାଧବ ନଗରରେ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ କଳାହାଣ୍ଡି
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KALAHANDI
BHAWANIPATNA, PIN-766001
email-eemikldbpt@gmail.com
No.A-
Letter No. Date:......01.2024
2nd Corrigendum Notice Vide TCN No.11/2023-24
Corrigendum Notice for TCN No. SE MID BPT-11/2023-24 for following modification as details given below

| Sl. No. | Sl. No. as per Notice | Name of the Work | Remarks |
|---|---|---|---|
| 1. | 8 | Improvement of Karkata MIP in Lanjigarh Block of Kalahandi District under Improvement of Tanks & MIPs scheme for the year 2023-24 | These two nos. of Tender work are hereby cancelled due to some technical issues |
| 2 | 9 | Improvement of Dalikupa MIP in Lanjigarh Block of Kalahandi District under Improvement of Tanks & MIPs scheme for the year 2023-24 | |

All other terms and conditions remain unchanged.
Sd./- Jagannath Mallik
Superintending Engineer, M.I. Division, Kalahandi, Bhawanipatna
OIPR-32035/11/0017/2324

OFFICE OF THE
PR. CHIEF COMMISSIONER OF INCOME TAX, ODISHA, BHUBANESWAR
Aayakar Bhawan, Rajaswa Vihar, Bhubaneswar, PIN - 751007
EMPANELMENT OF SPECIAL PUBLIC PROSECUTOR (SPP) FOR INCOME TAX DEPARTMENT, ODISHA REGION
The Office of the Pr. Chief Commissioner of Income Tax, Bhubaneswar invites applications from eligible advocates for empanelment as Special Public Prosecutors (SPP) to represent the Department before the Courts of Session and its subordinate Courts in terms of CBDT Instruction No. 02/2023 Dated: 30.11.2023 issued in F. No. 279/Misc./M-77/2011-ITJ.
2. The proforma of application, eligibility criteria and other terms & conditions for empanelment as SPP may be obtained from the O/o. the Pr. Chief Commissioner of Income Tax, Aayakar Sahayata Kendra, Ground Floor, Aayakar Bhawan, Rajaswa Vihar, Bhubaneswar - 751007 from 15.01.2024 to 31.01.2024 during office hours only or may be downloaded from the official website of the Department i.e. **www.incometaxindia.gov.in**.
3. The advocates desirous of and eligible for the post may send their completed applications in the prescribed proforma only through Speed Post/Registered Post to the following address:
**The Pr. Chief Commissioner of Income Tax, Aayakar Bhawan, Rajaswa Vihar, Bhubaneswar - 751007; or through E-mail to: bhubaneswar.pccit@incometax.gov.in**
4. Canvassing in any form shall constitute a disqualification.
5. All the existing Special Public Prosecutors empanelled in the Income Tax Department, Odisha region will have to apply afresh in respnse to this advertisement.
6. The applications received earlier to this advertisement or received after the last date are liable to be rejected.
7. Applications received through any mode other than Speed Post/Registered Post/E-mail shall also be summarily rejected.
8. Applications submitted in a format other than the prescribed proforma or having deficiencies in any respect are also be rejected.
9. The last date for receipt of application is **05.02.2024**.
Sd./- Dy. Commissioner of Income Tax (Hqrs.) (Admn. & Vig.)
O/o. the Pr. Chief Commissioner of Income Tax, Odisha, Bhubaneswar

# ବିଜେଡିରେ ୪, ଭାଜପାରେ ୨, କଂଗ୍ରେସରେ ଜଣେ

ସାଲେପୁର,୧୫।୧ (ଅରବିନ୍ଦ ଭୂୟାଁ)

## ସାଲେପୁର-ଟାଙ୍ଗୀ ବିଧାନସଭା ନିର୍ବାଚନମଣ୍ଡଳୀ



କଟକ ଜିଲା ସାଲେପୁର-ଟାଙ୍ଗୀ ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ଓ ଅଣକଂଗ୍ରେସ ରାଜନୀତି ପାଇଁ ଚର୍ଚ୍ଚାରେ ରହିଆସିଛି। ନିକଟ ଅତୀତକୁ ଦେଖିଲେ ୨୦୦୦, ୨୦୦୪ ଓ ୨୦୦୯ରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ଜିତିଥିଲେ। ପରେ ୨୦୧୯ରେ ବିଜେଡି ହାତକୁ ଏହି ନିର୍ବାଚନମଣ୍ଡଳୀ ଫେରିଥିଲା। ଆଗାମୀ ନିର୍ବାଚନରେ କେଉଁ ପ୍ରାର୍ଥୀଙ୍କୁ ଭୋଟର ପସନ୍ଦ କରୁଛନ୍ତି ତାହାକୁ ନେଇ ନିର୍ବାଚନମଣ୍ଡଳୀରେ ଚୁପୁରଚାପର ଆରମ୍ଭ ହୋଇଗଲାଣି।

ଟାଙ୍ଗୀ ବ୍ଲକର ୧୩ ଓ ସାଲେପୁର ବ୍ଲକର ୩୫ ଗ୍ରାମପଞ୍ଚାୟତକୁ ନେଇ ସାଲେପୁର-ଟାଙ୍ଗୀ ନିର୍ବାଚନମଣ୍ଡଳୀ। ୨୦୨୪ ସାଧାରଣ ନିର୍ବାଚନକୁ ନେଇ ଏଠାରୁ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଦଳୀୟ ଟିକେଟ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି। ବିଜେଡିରେ ଆଶାୟୀଙ୍କ ସଂଖ୍ୟା ବଢୁଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ମହିଳା ରହିଛନ୍ତି। ୨୦୧୪ ନିର୍ବାଚନରେ ସାଲେପୁର ବିଧାନସଭା ଆସନରୁ ବିଜେଡିରୁ ଲଢ଼ିବା ପାଇଁ ପ୍ରଶାନ୍ତ ବେହେରା ସୁଯୋଗ ପାଇଥିଲେ। ମାତ୍ର ୨ ହଜାର ଭୋଟରେ ପରାଜିତ ହୋଇଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀ ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ଏହି ସମୟରେ ଅନେକ ଦଳୀୟ ପ୍ରାର୍ଥୀଙ୍କୁ ସେ ବିଜୟୀ କରାଇଥିଲେ। ସେଥିପାଇଁ ୨୦୧୯ରେ ତାଙ୍କୁ ଏଠାରୁ ପୁଣି ଦଳ ପକ୍ଷରୁ ଲଢ଼ିବା ପାଇଁ ସୁଯୋଗ ଦିଆଯାଇଥିଲା ଓ ସେ ବିଜୟୀ ହୋଇଥିଲେ। ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ତାଙ୍କ ନେତୃତ୍ୱରେ ଦଳ ଭଲ ପ୍ରଦର୍ଶନ କରିଥିବାରୁ ସେ ଆଗାମୀ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ହେବାକୁ ଆଶା ରଖିଛନ୍ତି। ହେଲେ ଯୁବ ବିଜେଡି ମୁଖପାତ୍ର ତଥା ରାଜ୍ୟ ଯୁବ ବିଜେଡି ଉପସଭାପତି ଅପୂର୍ବା ଅପରୂପା, ଯୁବ ସାମାଜିକ କର୍ମୀ ବିଶ୍ୱରଞ୍ଜନ ଖଟାଇ ଓ ହିମାଂଶୁ କୁମାର ମହାନ୍ତି ଦଳୀୟ ପ୍ରାର୍ଥୀ ହେବା ଲାଗି ଲବି କରୁଥିବାରୁ ପ୍ରଶାନ୍ତ ବେହେରା ଚିନ୍ତାରେ ଅଛନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ବିଜେଡି ପ୍ରତିଷ୍ଠା ଦିବସରେ ବିଧାୟକ ସାଲେପୁର ହାଇସ୍କୁଲ ପଡ଼ିଆରେ ବୈଠକ କରିଥିବା ବେଳେ ହିମାଂଶୁ ପୀର ବଜାର ପଡ଼ିଆରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଅପୂର୍ବା ସେହି ଦିନ ସାଲେପୁର ବଜାରରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ପରେ ସ୍ଥାନୀୟ ଡାକ୍ତରଖାନାରେ ଫଳ ବଣ୍ଟନ କରିଥିଲେ। ଏହିଭଳି ଭାବେ ବିଜେଡି ନେତାମାନେ ନିଜସ୍ୱ ସଙ୍ଗଠନ ଚଳାଇ ରଖିଥିବାରୁ କେଉଁ ଆଶାୟୀଙ୍କୁ ଦଳୀୟ କର୍ତ୍ତୃପକ୍ଷ ବିଶ୍ୱାସକୁ ନେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

ବିଜେଡି ପରି ଭାଜପାରେ ମଧ୍ୟ ଏକାଧିକ ଆଶାୟୀ। ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଥିବା ପୂର୍ବତନ ବିଧାୟକ ତଥା ଭାଜପା କଟକ ଜିଲା ସଭାପତି ପ୍ରକାଶ ବେହେରା ଘର ଘର ବୁଲି ପ୍ରଧାନମନ୍ତ୍ରୀଙ୍କ ବିକାଶର ବାର୍ତ୍ତା ପହଞ୍ଚାଇବାରେ ଲାଗିଛନ୍ତି। ୨୦୧୯ ନିର୍ବାଚନରେ ମିଥ୍ୟା ପ୍ରଚାର କରି ଭୋଟରଙ୍କୁ ଭୁଆଁ ବୁଲାଇ ବିଜେଡି ଏହି ଆସନକୁ ଅକ୍ତିଆର କରିଥିଲା ବୋଲି ପ୍ରକାଶ ଅଭିଯୋଗ ଆଣିଛନ୍ତି। ତାଙ୍କ ସମର୍ଥକମାନେ କହୁଛନ୍ତି, ପ୍ରକାଶ ଦଳୀୟ ପ୍ରାର୍ଥୀ ହେଲେ ଆସନ୍ତା ନିର୍ବାଚନରେ ଭୋଟର ମିଥ୍ୟା ପ୍ରଚାରର ଉପଯୁକ୍ତ ଜବାବ ଦେଇ ତାଙ୍କୁ ଜିତାଇବେ। ତେବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଆଧାର କରି ସାଲେପୁର ନିର୍ବାଚନମଣ୍ଡଳୀରେ ଭାଜପାରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ଯୁବନେତା ରଶ୍ମିରଞ୍ଜନ ଲେଙ୍କା ସଙ୍ଗଠନକୁ ମଜଭୁତ କରିବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳୁଛି। ସାଲେପୁର ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବାବେଳେ ଏଠାରେ ଶୀତଳଭଣ୍ଡାରର ବ୍ୟବସ୍ଥା ନାହିଁ। ଚାଷୀମାନେ ଚାଷରୁ ମୁହଁ ଫେରାଉଥିବାରୁ ସାଲେପୁର ଓ ଟାଙ୍ଗୀରେ ୨ଟି ଶୀତଳଭଣ୍ଡାର ସ୍ଥାପନର ଆବଶ୍ୟକତା ରହିଛି। ଦଳୀୟ ଟିକେଟ ପାଇଲେ ଏହି ପ୍ରସଙ୍ଗକୁ ନେଇ ସେ ଭୋଟରଙ୍କ ପାଖକୁ ଯିବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଫଳରେ ପ୍ରକାଶଙ୍କ ପାଇଁ ରଶ୍ମିରଞ୍ଜନ ବାଧକ ସାଜିଲେଣି ବୋଲି କୁହାଯାଉଛି।

କଂଗ୍ରେସ ନେତା ଇଂ.ଆକିବ୍ ଖାଁ କଂଗ୍ରେସ ସଙ୍ଗଠନର ମଙ୍ଗ ଧରିଛନ୍ତି। ଖାଁଙ୍କ ସମର୍ଥକମାନେ କହୁଛନ୍ତି ଯେ, ତାଙ୍କ ନେତା ଦଳୀୟ ଟିକେଟ ପାଇବେ। ଅନ୍ୟପକ୍ଷରେ ଚର୍ଚ୍ଚା ହେଉଛି ଯେ, ପ୍ରକାଶ ଗତ ନିର୍ବାଚନରେ ଭାଜପାରେ ଯୋଗଦେବା ବେଳେ ତାଙ୍କର ଅନେକ କଂଗ୍ରେସ ଅନୁଗତ ଓ କର୍ମୀଙ୍କୁ ନେଇ ଚାଲିଯାଇଥିଲେ। ଫଳରେ ଦଳରେ ଅନ୍ୟ କେହି ଆଶାୟୀ ଏ ଯାଏ ଉଭା ହୋଇ ନ ଥିବା କୁହାଯାଉଛି।

# ଜଣେ ସୁଶ୍ରୀ, ଆଉ ଜଣେ ବାବା

ନିମାପଡ଼ା, ୧୫।୧
(ରଞ୍ଜନ କୁମାର ପଟ୍ଟନାୟକ)

## ନିମାପଡ଼ା ରାଜନୀତି



ସୁଶ୍ରୀ ରୋଜାଲିନ ନାୟକ



ବାବା ଅରୁଣ ସାହୁ

ନିର୍ବାଚନ ଯେତେ ପାଖେଇ ଆସୁଛି କିଏ କେଉଁଠାରେ ପ୍ରାର୍ଥୀ ହେଉଛନ୍ତି ତାହା ଜାଣିବା ଲାଗି ଭୋଟରଙ୍କ ମଧ୍ୟରେ ଉତ୍ସୁକତା ଦେଖାଦେଉଛି । ଏହି କ୍ରମରେ ନିମାପଡ଼ା ନିର୍ବାଚନମଣ୍ଡଳୀ କଥା ଦେଖିଲେ ଏବେ ବିଜେଡିରୁ ବିଧାୟକ ଅଛନ୍ତି ସମୀର ରଞ୍ଜନ ଦାଶ। ତାଙ୍କ ସହ ଅନ୍ୟ କେତେଜଣ ବିଜେଡି ଟିକେଟ ପାଇବା ପାଇଁ ଲବିରେ ଥିବା ଚର୍ଚ୍ଚା ହେଉଛି। ଅନୁରୂପ ଭାବେ ଭାଜପା ଓ କଂଗ୍ରେସରେ ଏକାଧିକ ଆଶାୟୀ । ତେବେ କିଛି ଏମିତି ବ୍ୟକ୍ତିତ୍ୱ ବର୍ତ୍ତମାନ ନଜରକୁ ଆସୁଛନ୍ତି, ସେମାନଙ୍କ ପଛରେ ଦଳୀୟ ଷ୍ଟାମ୍ପ ନ ଥିଲେ ମଧ୍ୟ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି କହି ବୁଲିଲେଣି। ସେଥିମଧ୍ୟରୁ ଜଣେ ସୁଶ୍ରୀ ଥିବା ବେଳେ ଆଉ ଜଣେ ବାବା ଉଭା ହୋଇଛନ୍ତି।

ଓଡ଼ିଶାର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ପ୍ରାଣକୃଷ୍ଣ ନାୟକଙ୍କ ଝିଅ ସୁଶ୍ରୀ ରୋଜାଲିନ ନାୟକ କୌଣସି ଦଳୀୟ ଟିକେଟ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ଚାହୁଁଥିବା ବେଳେ ଅନ୍ୟଜଣକ ସିଦ୍ଧ ମହାବୀର ସାଧକ ଭାବେ ପରିଚିତ ବାବା ଅରୁଣ ସାହୁ ଦଳରେ ବିଶ୍ୱାସ ନ କରି ସ୍ୱାଧୀନ ଲଢ଼ିବେ ବୋଲି କହୁଛନ୍ତି । ଉଭୟେ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼। ରୋଜାଲିନ ଉଚ୍ଚଶିକ୍ଷିତା ଓ ପାଇଲଟ ଟ୍ରେନିଂ ନେଇଥିଲେ ମଧ୍ୟ ରାଜନୀତିରେ କ୍ୟାରିୟର କରିବାକୁ ଇଚ୍ଛା ପ୍ରକଟ କରିଛନ୍ତି। ସେଥିପାଇଁ ସେ ବର୍ତ୍ତମାନ ନିମାପଡ଼ା ଅଞ୍ଚଳରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନନ୍ଦିଘୋଷ ଫାଉଣ୍ଡେଶନ' ସହଯୋଗରେ ଅସହାୟଙ୍କୁ ସହାୟତା କରୁଥିବା ଦେଖିବାକୁ ମିଳୁଛି । ସମସ୍ତ ପ୍ରକାର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଜନସାଧାରଣଙ୍କ ନିକଟତର ହେବାର ସୁଯୋଗକୁ ସେ ହାତଛଡ଼ା କରୁନାହାନ୍ତି। ପୁଣି ଆଲୋଚନା ହେଉଛି ସୁଶ୍ରୀ ରୋଜାଲିନ ଉଭୟ ଭାଜପା ଏବଂ ବିଜେଡି ସହିତ ସମାନ୍ତରାଳ ସମ୍ପର୍କରେ ରହିଛନ୍ତି । ଯେଉଁଠୁ ସୁଯୋଗ ମିଳିବ ସେଥିରୁ ସେ ପ୍ରାର୍ଥୀ ହେବେ ବୋଲି ତାଙ୍କ ସହ ବୁଲୁଥିବା ବ୍ୟକ୍ତିମାନେ କହୁଛନ୍ତି।

ବାବା ଅରୁଣ ସାହୁ ନୂଆକରି ରାଜନୀତିରେ ପାଦ ଥାପୁଛନ୍ତି । ଅନ୍ୟ ଆଶାୟୀମାନେ ଅଭିନନ୍ଦନ, ବଡ଼ବଡ଼ ତୋରଣ ଲଗାଇ ନିଜକୁ ପ୍ରୋଜେକ୍ଟ କରୁଥିବା ବେଳେ ତାଙ୍କ ପ୍ରଚାର ଶୈଳୀ ଅନ୍ୟମାନଙ୍କ ଠାରୁ ଅଲଗା । ଗାଁଗଣ୍ଡାଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଜନସାଧାରଣଙ୍କ ନିକଟତର ହେବାକୁ ସେ ପ୍ରଚେଷ୍ଟା କରୁଛନ୍ତି। ଆସନ୍ତା ୨୨ ତାରିଖରୁ ଆଧ୍ୟାତ୍ମିକ ପରିକ୍ରମା ମାଧ୍ୟମରେ ସେ ନିର୍ବାଚନମଣ୍ଡଳୀ ବୁଲିବେ ବୋଲି ସୂଚନା ଦେଲେଣି । ଉଦ୍ଦେଶ୍ୟ ହେଉଛି ନିଜ ଗ୍ରାମରେ ପ୍ରଭୁ ରାମଙ୍କ ମନ୍ଦିର ପ୍ରତିଷ୍ଠା କରିବା ସହିତ ଜନସାଧାରଣଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ କରିବା । ବାବା ଅରୁଣ କୌଣସି ରାଜନୈତିକ ଦଳରୁ ପ୍ରାର୍ଥୀ ହେବେ ନାହିଁ ବୋଲି ସିଧାସଳଖ କହୁଛନ୍ତି । ସ୍ୱାଧୀନ ଭାବେ ଲଢ଼ିବେ । କାରଣ ସ୍ୱାର୍ଥ ନ୍ୱେଷୀ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସେ ରାଜନୀତି କରିବେ ବୋଲି କହୁଛନ୍ତି ।

# ପୁରୀ ଜିଲା ପାଇଁ ୪ ବିଜେଡି ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,୧୫।୧
(ଅନିଲଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଜିଲା ବିଧାନସଭା ଆସନ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ସୋମବାର ବିଜେଡି ପକ୍ଷରୁ ଏ ନେଇ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପ୍ରମୋଦ କୁମାର ସାମଲଙ୍କୁ ସତ୍ୟବାଦୀ ଓ ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିବା ବେଳେ କାଶୀନାଥ ରଣାଙ୍କୁ ପୁରୀ ଓ କାକଟପୁର, ପ୍ରତାପ ଚନ୍ଦ୍ର ମଲ୍ଲିକଙ୍କୁ ପିପିଲି ଏବଂ ଭୂପେଶ ଚନ୍ଦ୍ର ପ୍ରଧାନଙ୍କୁ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି।

# ମନ୍ଦିର ସଫେଇ କଲେ ମନମୋହନ

ଭୁବନେଶ୍ୱର, ୧୫।୧(ସୁନିତ୍ ମିଶ୍ର)

ଆସନ୍ତା ୨୨ରେ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାନୁୟାରୀ ୧୪ରୁ ୨୨ ପର୍ଯ୍ୟନ୍ତ ସବୁ ମନ୍ଦିର ଓ ତୀର୍ଥ ସ୍ଥାନକୁ ସ୍ୱଚ୍ଛ ରଖିବା ପାଇଁ 'ଶ୍ରମଦାନ' କାର୍ଯ୍ୟକ୍ରମ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ସୋମବାର ରାଜଧାନୀ ସ୍ଥିତ ରାମମନ୍ଦିର ପରିସରରେ ଅନୁଷ୍ଠିତ 'ସ୍ୱଚ୍ଛ ତୀର୍ଥ ଅଭିଯାନ'ରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ମନ୍ଦିରରେ ଝାଡୁ, ପୋଛା ମାରି 'ଶ୍ରମଦାନ' କରିଛନ୍ତି। ସେହିପରି ଆସନ୍ତା ୨୨ରେ 'ରାମ ଜ୍ୟୋତି ପ୍ରଜ୍ୱଳନ' କରି ଦୀପାବଳି ଉତ୍ସବ ପାଳନ କରିବାକୁ ରାଜ୍ୟବାସୀଙ୍କୁ ମନମୋହନ ନିବେଦନ କରିଛନ୍ତି। ପ୍ରତ୍ୟେକ ଗାଁରେ ବର୍ତ୍ତମାନ ମୋଦି ଗ୍ୟାରେଣ୍ଟି ପହଞ୍ଚାଇବା ପାଇଁ ଭାଜପା ପକ୍ଷରୁ 'କାନ୍ଥ ଲିଖନ' ଅଭିଯାନ ଆରମ୍ଭ ହୋଇଛି। ସେହିକ୍ରମରେ ଭୁବନେଶ୍ୱର ସାଙ୍ଗଠନିକ ଜିଲା ଏକାମ୍ର ନିର୍ବାଚନମଣ୍ଡଳୀ ୱାର୍ଡ ନମ୍ବର ୫୫ଠାରେ 'କାନ୍ଥ ଲିଖନ' କାର୍ଯ୍ୟକ୍ରମରେ ଯୋଗ ଦେବା ସହ ମନମୋହନ ପଦ୍ମ ଚିହ୍ନ ଆଙ୍କିଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି ଯେ, 'କାନ୍ଥ ଲିଖନ' ଅଭିଯାନ ମାଧ୍ୟମରେ ଦେଶବାସୀଙ୍କୁ ପୁଣିଥରେ ମୋଦି ସରକାରଙ୍କୁ ଶାସନକୁ ଆଣିବା ପାଇଁ ମନମୋହନ ନିବେଦନ କରିଛନ୍ତି। 'କାନ୍ଥ ଲିଖନ' ଅଭିଯାନକୁ ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ସଫଳ କରିବାକୁ ମନମୋହନ କହିଛନ୍ତି।

## ରାଜ୍ୟ ଖବର

# ଜିଲା ବଣିକ ସଂଘ ସଭାପତିଙ୍କ ସନ୍ଦେହଜନକ ମୃତ୍ୟୁ

ବଲାଙ୍ଗୀର, ୧୫।୧
(ବୀରେନ୍ଦ୍ର କୁମାର ଝାଙ୍କର)

- ରେଳଧାରଣା କଡ଼ରୁ ମିଳିଲା ମୃତଦେହ
- ରାତି ୧୧ଟାରୁ ଘରୁ ଚାଲିଆସିଥିଲେ
- ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ବଣିକ ସଂଘ



ତ୍ରିପୁରାରୀ ପାଣିଗ୍ରାହୀ।

ସୁନା ଅଳଙ୍କାର ବ୍ୟବସାୟୀ, ରାଧିକା ଜୁଏଲର୍ସର ମାଲିକ ତଥା ଜିଲା ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ (୬୦)ଙ୍କ ମୃତଦେହ ସୋମବାର ସକାଳୁ ବଲାଙ୍ଗୀର ରେଳଷ୍ଟେଶନ୍ ନିକଟ ବିଜାଖମନ ପୋଲ ପାଖ ରେଳଧାରଣା କଡରୁ ଉଦ୍ଧାର ହୋଇଛି। ଏକ ଅପମୃତ୍ୟୁ ମାମଲା (୩/୨୪) ରୁଜୁକରି ରେଳବାଇ ଥାନା ପୋଲିସ ତଦନ୍ତ ଜାରି ରଖିଛି। କିଭଳି ପରିସ୍ଥିତିରେ ପାଣିଗ୍ରାହୀଙ୍କ ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇ ନ ଥିବାରୁ ମୃତ୍ୟୁକୁ ନେଇ ନାନା କଥା ଶୁଣାଯାଉଛି। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟାକଲା ପରେ ରେଳଧାରଣା କଡରେ ପକାଇ ଦେଇଛି ତାହା ଜଣାପଡିନାହିଁ। ଅନ୍ୟପଟେ ସେ କୌଣସି ଟ୍ରେନରୁ ତଳକୁ ପଡିଯାଇଥିବା ନେଇ ସନ୍ଦେହ କରାଯାଉଥିବାରୁ ତାଙ୍କ ମୃତ୍ୟୁ ରହସ୍ୟଜନକ ହୋଇପଡିଛି।

ଜଣେ ବିଶିଷ୍ଟ ବ୍ୟବସାୟୀ ଭାବେ ପାଣିଗ୍ରାହୀ ପରିଚିତ ଥିଲେ। ସୁନା ଅଳଙ୍କାର, ରିଏଲ ଇଷ୍ଟେଟ ବ୍ୟବସାୟ ସହ ସେ ସମ୍ପୃକ୍ତ ଥିଲେ। ତାଙ୍କ ସ୍ତ୍ରୀ, ଗୋଟିଏ ପୁଅ ଓ ଝିଅ ଅଛନ୍ତି। ବ୍ୟବସାୟଗତ ଦୃଷ୍ଟିରୁ ତାଙ୍କୁ କେହି ହତ୍ୟା କରିଥାଇପାରେ ନା ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ତାହା ସ୍ପଷ୍ଟ ହୋଇନାହିଁ। ରେଳବାଇ ପୋଲିସ ଥାନା ଅଧିକାରୀ ପ୍ରବୀଣ କୁଅଁରଙ୍କ କହିବା ମୁତାବକ ସୋମବାର ସକାଳୁ ପାଟ୍ରୋଲିଂ ଟିମ୍ ରେଳଧାରଣା କଡରେ ଏକ ମୃତଦେହ ମିଳିଥିବା ରିପୋର୍ଟ କରିଥିଲେ। ମୃତଦେହ ବ୍ୟବସାୟୀ ପାଣିଗ୍ରାହୀଙ୍କର ବୋଲି ପରେ ଚିହ୍ନଟ ହୋଇଥିଲା। ପ୍ରାରମ୍ଭିକ ତଦନ୍ତରୁ ସେ ଟ୍ରେନ୍‌ରୁ ଖସି ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି କୁଅଁର କହିଥିଲେ। ମୃତଦେହ ପଡିଥିବା ସ୍ଥାନର ପାରିପାର୍ଶ୍ୱିକ ସ୍ଥିତି, ମୃତଦେହରେ ହୋଇଥିବା କ୍ଷତଚିହ୍ନ ଏବଂ ବ୍ୟବସାୟିକ ଦିଗକୁ ଦୃଷ୍ଟିରେ ରଖି କେହି ତାଙ୍କୁ ହତ୍ୟା କରିଥାଇପାରେ ବୋଲି ସନ୍ଦେହ ସୃଷ୍ଟି ହୋଇଛି। ଜିଲା ବଣିକ ସଂଘ ଉପସଭାପତି କିଶୋର କୁମାର ରଥ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଅନ୍ୟପଟେ ତାଙ୍କ ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି। ଆର୍‌ଟିଓ ଅଫିସ ଏବଂ ଉପଜିଲାପାଳ ଅଫିସରେ ସେ କିରାଣି ଭାବେ କାମ କରୁଥିଲେ। ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ରାଧିକା ଜୁଏଲର୍ସ ଅଳଙ୍କାର ଦୋକାନ କରିଥିଲେ। ସେ ଦୀର୍ଘବର୍ଷ ହେଲା ଜିଲା ବଣିକ ସଂଘ ସଭାପତି ଦାୟିତ୍ୱରେ ରହିଆସିଥିଲେ। ରାତିରେ ବିଭୂତିପଡା ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି, ବ୍ୟବସାୟୀ, ବିଭିନ୍ନ ସଙ୍ଗଠନ ସଦସ୍ୟ ଏବଂ ରାଜନେତା ଗଭୀର ଶୋକ ପ୍ରକାଶ କରିଛନ୍ତି।

# ହାଇୱା ଧକ୍କାରେ ଶଳା, ଭିଣୋଇ ମୃତ

ଲହୁଣୀପଡ଼ା,୧୫।୧(ଦଶରଥୀ ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା କଲେଇପୋଷ ବରସୁଆଁ ପୂର୍ତ୍ତ ବିଭାଗ ରାସ୍ତା ଦଲମକୁଚା ଗ୍ରାମ ନିକଟରେ ରବିବାର ବିଳମ୍ବିତ ରାତିରେ ହାଇୱା ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଭିରାମ ମୁଣ୍ଡା(୩୫) ଓ ଅମିତ ଟପ୍ପୋ (୨୨)। ଉଭୟ ସମ୍ପର୍କରେ ଶଳା ଭିଣୋଇ ବୋଲି ଜଣାପଡିଛି। ଲହୁଣୀପଡ଼ା ଥାନା ଖଣ୍ଡାଧାର ନିକଟସ୍ଥ ତାଳବାହାଲି ଗ୍ରାମର ଅଭିରାମ ଟେନ୍‌ସା ସି ଜୋନରେ ରହୁଥିବା ଜୀବନଙ୍କ ଝିଅକୁ ବିବାହ କରିଥିଲେ। ଅମିତ ଭିଣୋଇ ଅଭିରାମଙ୍କ ଘରକୁ ଆସିଥିଲେ। ରବିବାର ରାତିରେ ଅଭିରାମ ଓ ଅମିତ ଏକ ବାଇକ୍‌ରେ ଟେନ୍‌ସାକୁ ଯାଉଥିବାବେଳେ ଦଲମକୁଚା ଗ୍ରାମ ନିକଟରେ ଓଡ଼ି- ୧୪ଏବି -୧୪୯୭ ଲୁହାପଥର ବୋଝେଇ ହାଇୱା ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ହିଁ ଉଭୟଙ୍କର ମୃତ୍ୟୁ ଘଟିଥିଲା।



ବରଗଡ଼ ଧନୁଯାତ୍ରା ପାଇଁ ସୋମବାର ବାହାରିଥିବା ସାଂସ୍କୃତିକ ଶୋଭାଯାତ୍ରାରେ ଏକ ଲୋକନୃତ୍ୟ ଦଳ କଳା ପ୍ରଦର୍ଶନ କରୁଛନ୍ତି। ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ପକ୍ଷରୁ ବିଗତବର୍ଷ ଭଳି ଏଥର ମଧ୍ୟ ସାଂସ୍କୃତିକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ଏହି କ୍ରମରେ ଗାନ୍ଧୀ ଛକ କଲ୍ୟାଣ ମଣ୍ଡପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଏକାଠି ହୋଇଥିଲେ । ପରେ ସେମାନେ ଶୋଭାଯାତ୍ରାରେ ବାହାରିଥିଲେ ।

# 'ଯୁବଗୋଷ୍ଠୀଙ୍କ ସୁଧାରରେ ହିଁ ସମାଜ ସୁଧୁରିବ'



କଟକ,୧୫।୧ (କାର୍ତ୍ତିକ ସାହୁ)

## ମଜଲିସ୍ ଖୁଦ୍ଦାମୁଲ ଅହମଦୀୟା ଯୁବ ସଙ୍ଗଠନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ମଜଲିସ ଖୁଦ୍ଦାମୁଲ ଅହମଦୀୟା ଯୁବ ସଙ୍ଗଠନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସୋମବାର ମଙ୍ଗଳାବାଗସ୍ଥିତ ଅହମଦୀୟା ମୁସଲିମ ମିଶନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମଜଲିସ ଅନସାରୁଲ୍ଲା ପୂର୍ବଭାରତର ଉପସଭାପତି ସଫାରତ ଅହମଦ ଖାନ୍ ଯୋଗଦେଇ କହିଲେ, ଯୁବଗୋଷ୍ଠୀଙ୍କ ସୁଧାରରେ ହିଁ ସମାଜରେ ସୁଧାର ଆସିପାରିବ। ଯୁବକମାନଙ୍କୁ ଏବେ ଶିକ୍ଷା କ୍ଷେତ୍ରରେ ଭଲ ସୁଯୋଗ ମିଳୁଛି। ସେମାନେ ଭଲ ପାଠ ପଢ଼ି ଭଲ ସମାଜ ଗଢ଼ିବା ଉଚିତ୍। ମୁଖ୍ୟ ବକ୍ତା ଭାବେ ମୌଲାନା ଫଜଲ ହକ ଖାନ୍ ଯୋଗଦେଇ କହିଥିଲେ, ଯୁବକମାନଙ୍କୁ ନିଜ ବାର୍ଷିକ କାର୍ଯ୍ୟକ୍ରମ ବ୍ୟତୀତ ଭଲ ସମାଜ ଗଢ଼ିବା ପାଇଁ ଧର୍ମକର୍ମରେ ଆଗେଇବା ଆବଶ୍ୟକ। ମାନବ ସେବା ଓ ପରୋପକାରୀ ହେବା ପାଇଁ ଯୁବକମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଙ୍ଗଠନର କଟକ ଜିଲା ସଭାପତି ଶଫାକତ ଅଲ୍ଲୀ ଯୋଗଦେଇ କହିଥିଲେ, ଆଞ୍ଚଳିକ ଯୁବ ସଙ୍ଗଠନର ବିକାଶ କ୍ଷେତ୍ରରେ କେନ୍ଦ୍ରୀୟ ଯୁବ ସଙ୍ଗଠନର ବିଶେଷ ସାହାଯ୍ୟ ଓ ସହଯୋଗ ରହିଲେ ଯୁବକମାନେ ଭଲ ଦକ୍ଷତା ଏବଂ ପ୍ରତିଭା ପ୍ରଦର୍ଶନ କରିପାରିବେ। ଅନ୍ୟତମ ସମ୍ମାନିତ ଅତିଥି ସଙ୍ଗଠନର ଖୋର୍ଦ୍ଧା ଓ ନୟାଗଡ଼ ଜିଲା ସଭାପତି ତବରେଜ ଅହମଦ ଖାନ୍ କହିଲେ, ଉତ୍ତମ ସମାଜ ଗଢ଼ିବାରେ ଯୁବକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯୁବକମାନେ ଶୃଙ୍ଖଳିତ ହୋଇ ଭଲ କର୍ମ କରିବା ଦରକାର। ବୈଠକରେ ସଙ୍ଗଠନର ପୂର୍ବଭାରତ ଉପସଭାପତି ସୟଦ ଅକିଲ ଅହମଦ ପୌରୋହିତ୍ୟ କରି କହିଲେ, ମା' ବାପାମାନେ ସନ୍ତାନର ଉପଯୁକ୍ତ ଯତ୍ନ ନେଲେ ପିଲାଟି ଦିନରୁ ତାଙ୍କର ଚିନ୍ତାଧାରା ଭଲ ହେବ। ଏବେ ଆମେ ପାଶ୍ଚାତ୍ୟ ଜଗତର ସଭ୍ୟତାକୁ ଆପଣାଇବା ଦ୍ୱାରା ସନ୍ତାନମାନଙ୍କ ଉପରେ କୁପ୍ରଭାବ ପଡୁଛି। ଫଳରେ ଆମର ସଭ୍ୟତା, ସଂସ୍କୃତି, ଶିଷ୍ଟାଚାର, ଗୁରୁଭକ୍ତି ତଥା ଭାରତ ବର୍ଷର ଐତିହ୍ୟକୁ ଆମେ ଭୁଲି ଯାଉଛେ। ଆମମାନଙ୍କ ମଧ୍ୟରେ ମାନବିକତା ଓ ଏକାଗ୍ରତା ରହିବା ଉଚିତ୍। ସଙ୍ଗଠନର ବାଲେଶ୍ୱର ଜିଲା ସଭାପତି ସିଦ୍ଦିକ ଖାଁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସୟଦ ୟହିଆ ଅହମଦ ପ୍ରାରମ୍ଭରେ କୋରାନ ପାଠ କରିଥିଲେ।

ଏହି ବୈଠକରେ କଟକ ଜିଲାର ତାଳବରକୋଟ, କରଡ଼ାପଲ୍ଲୀ, ଗୁଣ୍ଡିଚାପଡ଼ା, ପଙ୍କାଳ, କୋଟପଲ୍ଲା, ସୁଙ୍ଗୁଡ଼ା, ନୟାଗଡ଼ ଜିଲାର କେରଙ୍ଗ, ମହମୁଦାବାଦ, ପଙ୍ଗାରସିଂ, ଭୁବନେଶ୍ୱର, ଓ.ଏସ୍.ଏ.ପି, ଖୋର୍ଦ୍ଧା, ବାଲେଶ୍ୱର ଜିଲାର ସୋରୋ, ଭଦ୍ରକ ଏବଂ ବାଲେଶ୍ୱର ସଙ୍ଗଠନର ଯୁବ ସଭାପତି ଓ ଯୁବକର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମୁଖତାର ଅହମଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଲେଶ୍ୱରର ନାବାଳିକା କଟକ ଷ୍ଟେଶନରୁ ଉଦ୍ଧାର

କଟକ,୧୫।୧ (କାର୍ତ୍ତିକ ସାହୁ)

କଟକ ଆର୍‌ପିଏଫ୍‌ର ମେରି ସହେଲି ଟିମ୍ ଦ୍ୱାରା ଉଦ୍ଧାର ନାବାଳିକାଙ୍କୁ ତାଙ୍କ ପରିବାରକୁ ସୋମବାର ହସ୍ତାନ୍ତର କରାଯାଇଛି। ନାବାଳିକାଙ୍କ ବୟସ ୧୫ ହୋଇଥିବାବେଳେ ସେ ବାଲେଶ୍ୱର ଅଙ୍ଗାରଗଡ଼ିଆ ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନାନୁସାରେ, ରବିବାର ରାତିରେ ସାନ୍ତ୍ରାଗାଛି-ତିରୁପତି ଏକ୍ସପ୍ରେସ୍ ଟ୍ରେନ୍‌ର କୋଚ୍ ନଂ- ଏସ୍ ୫ରେ ନାବାଳିକା ଜଣକ ଏକୁଟିଆ ବସିଥିବାର ମେରି ସହେଲି ଟିମ୍ ଜାଣିବାକୁ ପାଇଥିଲେ। ମେରି ସହେଲି ଟିମ୍ ତାଙ୍କର ପରିଚୟ ଓ ଯାତ୍ରା ବିଷୟରେ ପଚାରିବାରୁ ସେ କୌଣସି ତଥ୍ୟ ଦେବାକୁ ମନା କରିଦେଇଥିଲେ। ପ୍ରାଥମିକ ଅବସ୍ଥାରେ ମେରି ସହେଲି ଟିମ୍ ଜାଣିପାରିଥିଲେ ଯେ, ନାବାଳିକା ଜଣକ ଏକ ଭଲ ପରିବାରର ବୋଲି। ତେଣୁ ସେମାନେ ତାଙ୍କୁ ଅଧିକ ପଚରାଉଚରା ପାଇଁ କଟକ ରେଳଷ୍ଟେଶନରେ ଓହ୍ଲାଇ ମହିଳା ଓ ଶିଶୁ ସହାୟତା ଡେସ୍କକୁ ଆଣିଥିଲେ। ସେଠାରେ ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ ଭାବେ ତାଙ୍କୁ ପଚାରିବାରୁ ସେ ନିଜର ପରିଚୟ ଦେଇଥିଲେ। ନାବାଳିକ ଜଣକ ଏକାଦଶ ଶ୍ରେଣୀରେ ପଢ଼ନ୍ତି। ତେବେ ପାଠପଢ଼ା ଚାପ ହେତୁ ସେ ଘରୁ ରାଗି ପଳାଇ ଆସିଥିଲେ। ମେରି ସହେଲି ଟିମ୍ ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ସହ ଯୋଗାଯୋଗ କରି ଜଣାଇଥିଲେ। ଏଥିସହ ଚାଇଲ୍ଡ ଲାଇନ୍‌କୁ ତାଙ୍କୁ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ କଟକରେ ପହଞ୍ଚିବା ପରେ ଚାଇଲ୍ଡ ଲାଇନ୍ ନାବାଳିକାଙ୍କୁ ହସ୍ତାନ୍ତର କରିଥିଲେ।

# ଗିଜର ବ୍ୟବହାର କରୁଥିଲେ..



**ବର୍ତ୍ତମାନ ଥଣ୍ଡାପାଗ ହୋଇଥିବାରୁ ଉଷୁମପାଣିରେ ଗାଧେଇବା ପାଇଁ ଅନେକେ ବାଥ୍‌ରୁମ୍‌ରେ ଗିଜର ବ୍ୟବହାର କରୁଛନ୍ତି। ହେଲେ ଆପଣ ଜାଣନ୍ତି କି ଏହାକୁ ବ୍ୟବହାର କରିବା ସମୟରେ କେବେ କେବେ ବିଭିନ୍ନ ଦୁର୍ଘଟଣା ଏମିତିକି ଜୀବନହାନି ହେବା ଆଶଙ୍କା ରହିଛି। ତେଣୁ ଏହାକୁ ବ୍ୟବହାର କରିବା ବେଳେ ସୁରକ୍ଷା ଦୃଷ୍ଟିରୁ କେଉଁ ସବୁ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ ଜାଣିରଖନ୍ତୁ ...**

■ ଅଧିକ ସମୟ ଗିଜର ଅନ୍ ରଖନ୍ତୁ ନାହିଁ। ନ ହେଲେ ଫାଟିଯିବାର ଆଶଙ୍କା ରହିଛି।

■ ଗିଜର ଅନ୍ ରଖି ଗାଧାନ୍ତୁ ନାହିଁ। କାରଣ କେବେ କେବେ ଲିକେଜ୍ ହେବା ଯୋଗୁ କରେଣ୍ଟ ଲାଗି ପ୍ରାଣହାନି ହେବାର ନଜିର ରହିଛି। ତେଣୁ ଗାଧୋଇବାର କିଛି ସମୟ ପୂର୍ବରୁ ଗିଜର ଅନ୍ କରନ୍ତୁ ଏବଂ ଗାଧେଇବା ପୂର୍ବରୁ ସୁଇଚ୍ ଅଫ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ।

■ ବର୍ତ୍ତମାନ ଅଧିକାଂଶ ଗିଜରରେ ଅଟୋମେଟିକ୍ କଟ୍ ଅଫ୍ ଅପ୍ସନ ରହୁଛି। ଏହାଦ୍ୱାରା ପାଣି ଗରମ ହୋଇଗଲେ ଅଟୋମେଟିକ୍ ଅଫ୍ ହୋଇଯାଉଥିବାରୁ ସୁଇଚ୍ ବନ୍ଦ କରିବାରେ ସୁବିଧା ହୋଇଥାଏ। ହେଲେ ପୁରୁଣା ଗିଜରରେ ଏହି ଅପ୍ସନ ନ ଥିବାରୁ କେତେ ଗରମ ହେଲା ଜଣା ପଡ଼େନାହିଁ। ତେଣୁ ଅନ୍ ହେବାର କିଛି ସମୟ ପରେ ସୁଇଚ୍ ଅଫ୍ କରି ଗାଧାନ୍ତୁ।

■ ଅନେକେ ବାଥ୍‌ରୁମ୍‌ରେ ଇଲେକ୍ଟ୍ରିକ ବଦଳରେ ଗ୍ୟାସ୍ ଗିଜର ବ୍ୟବହାର କରୁଛନ୍ତି। ଏହାଦ୍ୱାରା ଅଧିକ ଗରମ ହୋଇଗଲେ ଫାଟି ଗ୍ୟାସ୍ ଲିକ୍ ହେବା ଆଶଙ୍କା ଥାଏ। କେବଳ ଏତିକି ନୁହେଁ , ଏଥିରୁ ନିର୍ଗତ ହେଉଥିବା ଗ୍ୟାସ୍ ଯୋଗୁ କେବେ କେବେ ଶ୍ୱାସରୁଦ୍ଧ ହୋଇ ମଧ୍ୟ ଜୀବନ ପ୍ରତି ବିପଦ ରହିଛି।

■ ଯଦି ଗ୍ୟାସ୍ ଗିଜର ବ୍ୟବହାର କରୁଛନ୍ତି ତେବେ ବାଥ୍‌ରୁମ୍‌ର ଭେଣ୍ଟିଲେଶନ ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନଦିଅନ୍ତୁ।

# ଶାଲ୍ ଫ୍ୟାଶନ

**ଶୀତଦିନେ କେବଳ ଶୀତରୁ ସୁରକ୍ଷା ପାଇଁ ନୁହେଁ ଶାଲ୍ ବ୍ୟବହାର କରିବା ଏବେ ଅଧିକାଂଶ ଯୁବତୀ ଓ ମହିଳାଙ୍କ ପାଇଁ ଫ୍ୟାଶନ ପାଲଟିଛି। ଯଦି ଆପଣ ବି ଶାଲ୍‌କୁ ନିଜ ଫ୍ୟାଶନରେ ସାମିଲ କରିବାକୁ ଚାହାନ୍ତି ତେବେ ଜାଣିରଖନ୍ତୁ ଟିପ୍ସ...**



⏭ କଶ୍ମୀରୀ ଶାଲ୍‌ର ବର୍ଡର ହିଁ ତାକୁ ଆଟ୍ରାକ୍ଟିଭ୍ କରିଥାଏ। ଏହାକୁ ଯେକୌଣସି ଏଥ୍‌ନିକ୍ ଡ୍ରେସ୍ ସହ ଟିମ୍‌ଅପ୍ କରିପାରିବେ। ଖାସ୍‌କରି ଶାଢ଼ି ସହ କ୍ୟାରି କରନ୍ତୁ, କ୍ଲାସିକ୍ ଲୁକ୍ ପାଇବେ।

⏭ ବୁଲିବାକୁ ଯାଉଥିଲେ ଫ୍ଲୋରାଲ୍ ଶାଲ୍ କ୍ୟାରି କରନ୍ତୁ। ବ୍ରାଇଟ୍ କଲର ଏବଂ ଫ୍ଲୋରାଲ୍ ପ୍ରିଣ୍ଟ ଥିବା ଏହି ଶାଲ୍‌କୁ ଜିନ୍ସ କିମ୍ବା କୁର୍ତ୍ତି ସହ ଟିମ୍‌ଅପ୍ କରି ପିନ୍ଧିପାରିବେ। ଏହା ଦେଖିବାକୁ କଲର୍‌ଫୁଲ୍ ହୋଇଥିବାରୁ ଏଥିରେ ଫଟୋଶୁଟ୍ କଲେ ସୁନ୍ଦର ଲାଗିବେ।

⏭ ପଶ୍‌ମିନା ଶାଲ୍ ଦେଖିବାକୁ ବହୁତ ସୁନ୍ଦର। ଏଥିରେ ହୋଇଥିବା ଫ୍ଲୋରାଲ୍ ଆର୍ଟ ଯୋଗୁ ଶାଲ୍‌ଟି ଆକର୍ଷଣୀୟ ଦେଖାଯାଏ। ଏହି ଶାଲ୍‌ର ବିଭିନ୍ନ ଭେରାଇଟି ଓ ଡିଜାଇନ୍ ମାର୍କେଟ୍‌ରେ ଉପଲବ୍ଧ। ଶାଲୱାର୍ ସୁଟ୍‌ରେ ଏହି ଶାଲ୍‌କୁ କ୍ୟାରି କରିପାରିବେ।

⏭ ଷ୍ଟ୍ରିପ୍ ଡିଜାଇନ ଶାଲ୍‌ର ଅନେକ ଭେରାଇଟି ଏବେ ମାର୍କେଟ୍‌ରେ ଉପଲବ୍ଧ। ଏହି ଶାଲ୍‌କୁ ଜିନ୍ସ ସହ କ୍ୟାରି କରନ୍ତୁ ଷ୍ଟାଇଲିଶ୍ ଦେଖାଯିବେ।

⏭ ଶାଲ୍‌ରେ ବେଲ୍ଟ ବ୍ୟବହାର କରି ଡିଫରେଣ୍ଟ ଲୁକ୍ ପାଇପାରିବେ। ଯେକୌଣସି ୱେଷ୍ଟର୍ନ କିମ୍ବା ଟ୍ରାଡିଶନାଲ୍ ଡ୍ରେସ୍‌ରେ ଶାଲ୍‌କୁ କହୁଣି ଯାଏଁ ରଖି ନିଜ ବେଲ୍ଟ ବାନ୍ଧି ନିଅନ୍ତୁ, ଦେଖିବେ ଟ୍ରେଣ୍ଡି ଲାଗିବେ।

⏭ ଶାଲ୍‌କୁ ଆପଣ ସ୍ରଗ୍ ଭାବରେ ମଧ୍ୟ ବ୍ୟବହାର କରିପାରିବେ। ସ୍ରଗ୍ ପିନ୍ଧିବା ଷ୍ଟାଇଲ୍ ଯାହା କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏ ନାହିଁ। ତେଣୁ ଏହାକୁ ଟ୍ରାଏକରି ଆପଣ ଷ୍ଟାଇଲିଶ୍ ଦେଖାଯିବେ।

# ସଂକଳ୍ପ ନିଜ ପାଇଁ



ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଭିତରେ ଅଧିକାଂଶ ମହିଳା ନିଜ ଯତ୍ନ ନେବାକୁ ଭୁଲିଯାଆନ୍ତି। ଫଳରେ ସେମାନଙ୍କୁ ଅଳ୍ପ ବୟସରୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ସେଥିରୁ ଦୂରେଇ ରହି ଏକ ସୁସ୍ଥ ଜୀବନ ଜିଇଁବା ଲାଗି ଜୀବନଶୈଳୀରେ ପରିବର୍ତ୍ତନ କରିବା ସହ କେତେକ କଥା ପ୍ରତି ଦୃଷ୍ଟିଦେବା ନିହାତି ଆବଶ୍ୟକ...

**ହେଲ୍‌ଦି ବ୍ରେକ୍‌ଫାଷ୍ଟ:** ଘର ହେଉ କିମ୍ବା ଏହା ସହ ଜବ୍ ଆଦି କାର୍ଯ୍ୟବ୍ୟସ୍ତତା ଭିତରେ ସକାଳ ଜଳଖିଆ ନ ଖାଇବା ଅନେକ ମହିଳାଙ୍କଠାରେ ଏକ ବଦଭ୍ୟାସରେ ପରିଣତ ହୋଇଥିବା ଦେଖିବାକୁ ମିଳୁଛି। ହେଲେ ବ୍ରେକ୍‌ଫାଷ୍ଟ ନ କରିବା ଦ୍ୱାରା ଦୀର୍ଘସମୟ ପେଟ ଖାଲି ରହି ଗ୍ୟାସ୍, ଏସିଡିଟି ଆଦି ସମସ୍ୟା ଦେଖାଦେଇଥାଏ। ତା'ଛଡ଼ା ପେଟ ଖାଲିଥିବାରୁ ପରବର୍ତ୍ତୀ ସମୟରେ ଆବଶ୍ୟକଠାରୁ ଅଧିକ ଖାଦ୍ୟ ଖାଇ ହୋଇଯିବା କାରଣରୁ ମେଦବହୁଳତା ଦେଖାଦେଇଥାଏ। ଆମେରିକାନ୍ ମେଡିକାଲ ଆସୋସିଏଶନ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବ୍ରେକ୍‌ଫାଷ୍ଟ ନ କରିବା ଦ୍ୱାରା ରକ୍ତଚାପ, ହୃଦ୍‌ରୋଗ ଏବଂ ହୃଦ୍‌ଘାତର ଆଶଙ୍କା ୨୭% ବୃଦ୍ଧି କରିଥାଏ। ତେଣୁ ପ୍ରତିଦିନ ସକାଳ ସମୟରେ ଫାଷ୍ଟଫୁଡ୍, ଜଙ୍କ୍‌ଫୁଡ୍ ଆଦି ବଦଳରେ ଭଲ ଜଳଖିଆ ଖାଇବା ନିହାତି ଆବଶ୍ୟକ। ପ୍ରତିଦିନ ଏପରି ଖାଦ୍ୟାଭ୍ୟାସ ଶରୀରକୁ ଶକ୍ତି ଯୋଗାଇଥାଏ। ଏହାଦ୍ୱାରା ସାରା ଦିନ ଆକ୍ଟିଭ୍, ଏନର୍ଜେଟିକ୍ ଏବଂ ଫ୍ରେଶ୍ ଲାଗିଥାଏ।

**ଯୋଗ, ବ୍ୟାୟାମ:** ବର୍ତ୍ତମାନ ଅନେକ ମହିଳାଙ୍କଠାରେ ଉପୁଜୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହେଉଛି ମେଦବହୁଳତା ସାଙ୍ଗକୁ ଶାରୀରିକ ପରିଶ୍ରମର ଅଭାବ। ଏହା ଦୂରକରିବା ଲାଗି ପ୍ରତିଦିନ ଏକ୍ସରସାଇଜ୍ କରିବା ନିହାତି ଆବଶ୍ୟକ। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ ଏବଂ ସୁସ୍ଥ ରଖିଥାଏ। ସମସ୍ତ କାମ ବାଦ୍ ନିଜ ପାଇଁ କିଛି ସମୟ ବାହାର କରନ୍ତୁ। ଆରମ୍ଭ ଦିନଗୁଡ଼ିକରେ ଛାତ ଉପରେ କିମ୍ବା ନିକଟସ୍ଥ ପାର୍କ, ରାସ୍ତାକଡ଼ ଅବା ଅନ୍ୟ କୌଣସି ଖୋଲା ସ୍ଥାନରେ ଚାଲନ୍ତୁ। ମର୍ନିଂ ୱାକ୍ କରିବା ଦ୍ୱାରା ମହିଳାମାନଙ୍କଠାରେ ଇଷ୍ଟ୍ରୋଜେନ୍ ହର୍‌ମୋନ୍ କ୍ଷରଣ ଠିକ୍ ଭାବେ ହୋଇଥାଏ। ଏହାଦ୍ୱାରା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଏହା ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ମାଂସପେଶୀ ଏବଂ ହାଡ଼ ମଜଭୁତ ରଖେ। ମାସିକ ଋତୁସ୍ରାବ ଠିକ୍ ଭାବେ ହେବା ସହ ପ୍ରଜନନ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରେ। ପ୍ରତିଦିନ କିଛି ସମୟ ଏକ୍ସରସାଇଜ୍ କଲେ ଡୋପାମାଇନ୍ ହର୍‌ମୋନ୍ କ୍ଷରଣ ହୋଇଥାଏ।

**ପରିବାରର ସମସ୍ତ ଦାୟିତ୍ୱ ଥାଏ ନାରୀ ହାତରେ। ଆଉ ପୁଣି କେବେ ଘର ସହ ବି ତୁଲେଇବାକୁ ହୁଏ ଅଫିସ୍ କାମ। ଏମିତିରେ ସେ ଭୁଲିଯାଏ ନେବାକୁ ନିଜର ଯତ୍ନ, ଯେଉଁଥିପାଇଁ ଅଳ୍ପ ବୟସରେ ଆରମ୍ଭ ହୋଇଯାଏ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟା। ତେଣୁ ଏସବୁଠାରୁ ଦୂରେଇ ରହିବା ଲାଗି ଲୋଡ଼ା ଦୃଢ଼ ସଂକଳ୍ପ– ନିଜ ପାଇଁ କିଛି ସମୟ...**







## ଏମାନେ କ'ଣ କରନ୍ତି



ଝରଣା

**ଝରଣା ମହାପାତ୍ର**(କର୍ମଜୀବୀ, ବାସୁଦେବପୁର)– ଜଣେ କର୍ମଜୀବୀ ଭାବେ ମୋତେ ଉଭୟ ଘର ଏବଂ ଅଫିସ୍ କାମକୁ ସମାନ ଭାବେ ଗୁରୁତ୍ୱ ଦେବାକୁ ପଡିଥାଏ। କାମ ଭିତରେ ନିଜ ପ୍ରତି ଅବହେଳା ହୋଇଯାଏ। ଖାଇବା, ପିଇବା, ଶୋଇବା ଆଦିର ସମୟ ଠିକ୍ ରହେନାହିଁ। ଫଳରେ ବେଳେ ବେଳେ ଥକା ଲାଗିବା, ଗ୍ୟାସ୍ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦିଏ। ତେଣୁ ଏଥର ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବାକୁ ନୂଆ ବର୍ଷରେ ମନସ୍ଥ କରିଛି। କାରଣ ସ୍ୱାସ୍ଥ୍ୟ ହିଁ ସମ୍ପଦ। ତେଣୁ ଏହାର ସୁରକ୍ଷା କରିବା ଆମ ଦାୟିତ୍ୱ।



ସୋନାଲି

**ସୋନାଲି ଦାସ**(ଗୃହିଣୀ, ଫୁଲନଖରା, କଟକ)– କର୍ମଜଞ୍ଜାଳ ଭିତରେ ନିଜ ପାଇଁ କିଛି ସମୟ ବାହାର କରିବା ବହୁତ କଷ୍ଟ। ହେଲେ କେବଳ କାମ କରି ନିଜ ସ୍ୱାସ୍ଥ୍ୟକୁ ଅଣଦେଖା କରିବା ଆଦୌ ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। କାରଣ ଶରୀର ସୁସ୍ଥ ରହିଲେ ହିଁ ଯେକୌଣସି କାର୍ଯ୍ୟ କରିବାକୁ ଆଗ୍ରହ ବଢ଼ିବ ଓ ଶକ୍ତି ମିଳିବ। ତେଣୁ ଚଳିତ ବର୍ଷ ଆରମ୍ଭରୁ ସମୟରେ ଖାଇବା, ଶୋଇବା ସହ ଯୋଗ କରିବା ଉପରେ ବିଶେଷ ଧ୍ୟାନ ଦେଉଛି। ଯୋଗ ମୋତେ ନା କେବଳ ଶାରୀରିକ ସ୍ତରରେ ଫିଟ୍ ରଖଛି ବରଂ ମାନସିକ ଶାନ୍ତି ଦେଉଛି।

ଏହି ହର୍‌ମୋନ୍‌କୁ ହାପି ହର୍‌ମୋନ ବୋଲି ମଧ୍ୟ କୁହାଯାଇଥାଏ ; ଯାହା ଷ୍ଟ୍ରେସ୍, ଡିପ୍ରେଶନ୍ ଭଳି ସମସ୍ୟା ଦୂରକରି ମଣିଷକୁ ଖୁସି ରଖିବାରେ ସାହାଯ୍ୟ କରିଥାଏ।

**ଖାଆନ୍ତୁ ସନ୍ତୁଳିତ ଆହାର :** ଅଧିକାଂଶ ମହିଳା ପରିବାରର ସମସ୍ତ ସଦସ୍ୟଙ୍କୁ ଖାଇବାକୁ ଦେବା ପରେ ନିଜେ ଖାଆନ୍ତି। ଏମିତିରେ କେବେ ବିଳମ୍ବ ତ କେବେ ଖାଦ୍ୟ ସରି ମଧ୍ୟ ଯାଇଥାଏ। ତେଣୁ ଏପରି ନ କରି ଠିକ୍ ସମୟରେ ଖାଆନ୍ତୁ। ସର୍ବଦା ପେଟ ପୂରା ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ବିଶେଷ କରି ତଟକା ପନିପରିବା ଜାତୀୟ ଖାଦ୍ୟ ଅଧିକ ଖାଆନ୍ତୁ। ବାହାରକୁ ଯିବା ବେଳେ ଫାଷ୍ଟ ଫୁଡ୍, ଜଙ୍କ୍ ଫୁଡ୍ ଆଦି ଯଥା ସମ୍ଭବ କମ୍ ଖାଆନ୍ତୁ।

**ରୁହନ୍ତୁ ଟେନ୍‌ସନ ଫ୍ରି:** ଅନେକ ମହିଳା ବିଭିନ୍ନ କଥାକୁ ନେଇ ହେଉ କିମ୍ବା କେହି କେହି ପାରିବାରିକ ପରିସ୍ଥିତି, ସ୍ୱାମୀଙ୍କ ସହ ଝଗଡ଼ା, ଆର୍ଥିକ ପରିସ୍ଥିତି ଚାପ ଆଦି ଭଳି ଅନେକ କାରଣକୁ ନେଇ ଟେନ୍‌ସନ ବା ଉଦାସ ରହୁଥିବା ଦେଖିବାକୁ ମିଳୁଛି। ହେଲେ ଅଧିକ ଦିନ ଏହି ଟେନ୍‌ସନ ମନରେ ରହିବା, କାହା ଆଗରେ ପ୍ରକାଶ ନ କରି ମନ ଭିତରେ ଚାପି ରଖିବା ଦ୍ୱାରା ତାହା ଡିପ୍ରେଶନର ରୂପ ନେଇଥାଏ। ତେଣୁ କୌଣସି କଥା ମନକୁ ଭାରାକ୍ରାନ୍ତ କରୁଥିଲେ ଦୀର୍ଘଦିନ ଚାପି ନ ରଖି କୌଣସି ବିଶ୍ୱସ୍ତଙ୍କ ନିକଟରେ ପ୍ରକାଶ କରନ୍ତୁ, ମନ ହାଲୁକା ହୋଇଯିବ। ତା'ଛଡା କିଛି ସମୟ ବାହାର କରି ପ୍ରତିଦିନ ପ୍ରାଣାୟମ, ଧ୍ୟାନ କରନ୍ତୁ। ମନପସନ୍ଦର ମ୍ୟୁଜିକ୍ ଶୁଣନ୍ତୁ। କେବେ କେବେ ସମୟ ବାହାର କରି ବୁଲିବାକୁ ଯାଆନ୍ତୁ।

**ଶୋଇବା ସମୟ ଠିକ୍ ରଖନ୍ତୁ:** ଘର କାମ ସାରି ବିଳମ୍ବରେ ଖାଇବା ଏବଂ ଶୋଇବା ଅଭ୍ୟାସ ହିଁ ଗ୍ୟାସ, ବଦହଜମୀ, ମେଦବହୁଳତା ଭଳି ସମସ୍ୟାର ମୁଖ୍ୟ କାରଣ। ତା'ଛଡା ରାତିରେ ଠିକ୍ ଭାବେ ନ ଶୋଇଲେ ବା ପର୍ଯ୍ୟାପ୍ତ ନିଦ ନ ହେଲେ ଥକା ଲାଗିବା ସହ ମାନସିକ ସ୍ତରରେ ମଧ୍ୟ ଏହାର ବିଶେଷ ପ୍ରଭାବ ପଡିଥାଏ। ସମସ୍ତ କାର୍ଯ୍ୟ ବାଦ୍ ପ୍ରତିଦିନ ଶୋଇବା ଲାଗି ଅତିକମ୍‌ରେ ୬ ରୁ ୭ ଘଣ୍ଟାର ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରନ୍ତୁ। ଶୋଇବା ପୂର୍ବରୁ ଏକ ଗ୍ଲାସ୍ ଉଷୁମ କ୍ଷୀର ପିଇଲେ ଆପଣଙ୍କ ସମସ୍ୟାରୁ ଉପଶମ ମିଳିପାରିବ।

ସୌନ୍ଦର୍ଯ୍ୟ

# ୱିଣ୍ଟର ଫେସ୍ ପ୍ୟାକ୍



**ଶୀତଦିନେ ପାଗ ଥଣ୍ଡା ଥିବାରୁ ଅନେକଙ୍କ ସ୍କିନ୍ ଡ୍ରାଏ ହୋଇଯାଏ। ଏମିତିରେ ତ୍ୱଚାର ସୁରକ୍ଷା ସହ ସୁନ୍ଦର କରିବା ଲାଗି ବିଭିନ୍ନ ଘରୋଇ ଫେସ୍ ପ୍ୟାକ୍ ବେଶ୍ ଲାଭଦାୟକ। ଜାଣିରଖନ୍ତୁ ଏହାକୁ ପ୍ରସ୍ତୁତ କରିବା ଏବଂ ଲଗାଇବାର ଉପାୟ...**



▸ ୧ ଚାମଚ ମହୁରେ ୧ ଚାମଚ ଗୋଲାପଜଳ ଭଲଭାବେ ମିଶାଇଦିଅନ୍ତୁ। ଏହାକୁ ମୁହଁ ଏବଂ ବେକରେ ଭଲ ଭାବେ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ। ୧୦ ମିନିଟ୍ ରଖିବା ପରେ ପାଣିରେ ଭଲ ଭାବେ ଧୋଇ ଦିଅନ୍ତୁ। ଶୀତଦିନେ ପ୍ରତିଦିନ ଏହି ପ୍ୟାକ୍ ଲଗାଇଲେ ତ୍ୱଚା ଗ୍ଲୋ କରିବ ଏବଂ ଡ୍ରାଏ ହେବା ସମସ୍ୟା ଆଦୌ ଦେଖାଦେବ ନାହିଁ।

▸ ଶୀତଦିନେ ପ୍ରାକୃତିକ ଉପାୟରେ ତ୍ୱଚାକୁ ମଶ୍ଚରାଇଜ୍ ଏବଂ ଉଜ୍ଜ୍ୱଳ ରଖିବା ଲାଗି ନଡ଼ିଆ ଫେସ୍‌ପ୍ୟାକ୍ ଖୁବ୍ ଭଲ ଉପାୟ। ଏଥିପାଇଁ ଏକ ନଡ଼ିଆକୁ ଭଲ ଭାବେ କୋରି ଏହାକୁ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ୨୦ ମିନିଟ୍ ରଖନ୍ତୁ। ପରେ ଏହାକୁ ପାଣିରେ ଧୋଇଦିଅନ୍ତୁ। ଏହି ପ୍ୟାକ୍‌ର ବେଷ୍ଟ ରେଜଲ୍ଟ ପାଇବା ଲାଗି ପ୍ରତିଦିନ କିମ୍ବା ସପ୍ତାହରେ ଅତି କମ୍‌ରେ ୪ ଦିନ ଲଗାନ୍ତୁ।

▸ ପାଚିଲା ଅମୃତଭଣ୍ଡା ପେଷ୍ଟ ୨ଚାମଚ ନେଇ ସେଥିରେ କ୍ଷୀର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଭଲ ଭାବେ ମୁହଁ ଏବଂ ବେକରେ ଲଗାନ୍ତୁ। ଶୁଖିଯିବା ପରେ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ୩ ଥର ଏହି ପ୍ୟାକ୍ ଲଗାଇଲେ ତ୍ୱଚା ସଫ୍ଟ, ଗ୍ଲୋଇଂ ହେବା ସହ ଗୋରା ମଧ୍ୟ ଲାଗିବ।

▸ ୧ ଚାମଚ ଅରୁଆ ଚାଉଳ, ୧ ଚାମଚ ଓଟ୍ସ ନେଇ ଗ୍ରାଇଣ୍ଡିଂ କରିଦିଅନ୍ତୁ। ସେଥିରେ ୧ ଚାମଚ ମହୁ ଏବଂ ଗୋଲାପଜଳ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୨୦ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏହା ତ୍ୱଚାକୁ ମଶ୍ଚରାଇଜ୍ ରଖିବା ସହ ଟ୍ୟାନ୍ ଫ୍ରି ରଖିବା ଏବଂ ସ୍କିନ୍‌ଟୋନ୍ ବଢ଼ାଇବାରେ ସାହାଯ୍ୟ କରିଥାଏ। ଶୀତଦିନେ ସପ୍ତାହରେ ଥରେ ଏହି ପ୍ୟାକ୍ ଲଗାଇଲେ ସୁଫଳ ପାଇପାରିବେ।

ଖାଦ୍ୟରୁଚି

# ବ୍ରେଡ୍ କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ:** ୮ଟି ବ୍ରେଡ୍ ସ୍ଲାଇସ୍, ୨ଟି ବଡ଼ ସାଇଜ୍‌ର ସିଝା ଆଳୁ, ଅଧା କପ୍ ଗ୍ରୀନ୍ ମଟର ସିଝା, ୧ କପ୍ ଲେଖାଏ ଛୋଟ କଟାହୋଇଥିବା ବନ୍ଧାକୋବି ଓ ଗାଜର, ୧/୨ କପ୍ ଶୁଖିଲା ବ୍ରେଡ୍ କ୍ରମ୍ବ, ଛୋଟ ଛୋଟ କଟାହୋଇଥିବା ଗୋଟିଏ ବଡ଼ ପିଆଜ, ଛୋଟ ଛୋଟ କଟାହୋଇଥିବା ୧–୨ଟି କଞ୍ଚାଲଙ୍କା, ୧ ଚାମଚ ଅଦା ଛେଚା, ଅଧା ଚାମଚ ଗରମ ମସଲା, ୨ ଚାମଚ ଲେମ୍ବୁରସ, ୫–୬ ଚାମଚ ତେଲ, ୪ଟି ଚିଜ୍ କ୍ୟୁବ୍, ଟମାଟୋ ସସ୍, ପାଣି, ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ ପ୍ୟାନ୍ ବସାଇ ମଧ୍ୟମ ଆଞ୍ଚରେ ଗରମ କରନ୍ତୁ। କଟା ପିଆଜ ପକାଇ ଅଳ୍ପ ବ୍ରାଉନ୍ ହେବା ଯାଏ ଭାଜନ୍ତୁ। ସେଥିରେ ଅଦା, ଲଙ୍କା ପକାଇ ଭାଜନ୍ତୁ। ସେଥିରେ କଟା ଗାଜର, ବନ୍ଧାକୋବି, ସିଝା ମଟର ଏବଂ ଗରମ ମସଲା ପକାଇ ଅଳ୍ପ ସମୟ ଭାଜନ୍ତୁ। ଚୁଲା ବନ୍ଦକରି ଥଣ୍ଡାହେବାକୁ ଛାଡ଼ନ୍ତୁ। ବର୍ତ୍ତମାନ ଏକ ପାତ୍ରରେ ସିଝା ଆଳୁକୁ ଚକଟି ଦିଅନ୍ତୁ। ବ୍ରେଡ୍‌କୁ ପାଣିରେ ବୁଡ଼ାଇ ଭଲଭାବେ ଚିପୁଡ଼ି ଆଳୁରେ ମିଶାନ୍ତୁ। ସେଥିରେ ଭଜା ହୋଇଥିବା ପରିବା, ବ୍ରେଡ୍ କ୍ରମ୍ବ, ଲେମ୍ବୁରସ ଏବଂ ସ୍ୱାଦାନୁସାରେ ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ଛୋଟ ଛୋଟ ଗୁଳାକରି ହାତରେ ଅଳ୍ପ ଚାପି ବରା ଭଳି କରିଦିଅନ୍ତୁ। ଏକ ଥାଳିରେ ଅଧା କପ୍ ବ୍ରେଡ୍ କ୍ରମ୍ବ ନେଇ ଏଥିରେ ପ୍ରସ୍ତୁତ ହୋଇଥିବା ଗୁଳାକୁ ଭଲ ଭାବେ ଲଗାଇ ଦିଅନ୍ତୁ। ପ୍ୟାନ୍‌ରେ ତେଲ ଗରମକରି ସେଥିରେ ଏହି ଗୁଳାଗୁଡ଼ିକୁ ଭାଜି ଦିଅନ୍ତୁ। ବ୍ରାଉନ୍ କଲର ହୋଇଗଲେ ଏହାକୁ ପ୍ଲେଟ୍‌ରେ କାଢ଼ି ଏହା ଉପରେ ଚିଜ୍ ଏବଂ ଟମାଟୋ ସସ୍ ପକାନ୍ତୁ। ପ୍ରସ୍ତୁତ ହୋଇଗଲା ବ୍ରେଡ୍ କଟ୍‌ଲେଟ୍, ଏହାକୁ ଷ୍ଟାର୍ଟର କିମ୍ବା ସନ୍ଧ୍ୟାରେ ଚା' ସହ ଖାଇବାର ମଜା ନିଅନ୍ତୁ।



